

ଆସିବ 'ବାବର୍ଚି'ର ରିମେକ୍
▶ପୃଷ୍ଠା ୧୬ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-231 ♦BHUBANESWAR ♦THURSDAY ♦15 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୧ ♦ଭୁବନେଶ୍ୱର ♦ଗୁରୁବାର ♦୧୫ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦

# ଗଞ୍ଜାମରେ 'ବିକାଶ' ବର୍ଷା

## ୩୯୫୨ କୋଟିର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

- ଗୋପାଳପୁରରେ ଗ୍ରୀନ୍ ଆମୋନିଆ ଓ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପର ଶିଳାନ୍ୟାସ
- ଆମୋନିଆ ପ୍ରକଳ୍ପରେ ୨୭୦୦୦ କୋଟି ନିବେଶ, ୪୦୦୦ ଯୁବକଙ୍କୁ ନିଯୁକ୍ତି
- ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ନିମନ୍ତେ ବ୍ୟୟ ହେବ ୮୦୦୦ କୋଟି ଟଙ୍କା
- ଶୀତଳାପଲ୍ଲୀରେ ୨୦୦ ଶଯ୍ୟାର ସୁପର ସ୍ପେସିଆଲିଟି ହସ୍‌ପିଟାଲ୍ ଲୋକାର୍ପିତ
- ଶେରଗଡ ଗ୍ରାମପଞ୍ଚାୟତକୁ ଏନ୍‌ଏସି ମାନ୍ୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



■ ବ୍ରହ୍ମପୁର/ଭୁବନେଶ୍ୱର, ୧୪।୨ (ସମିସ): ରାଜ୍ୟର ପ୍ରତିଟି ଜିଲ୍ଲାର ସମବିକାଶ ତଥା ରୂପାନ୍ତରୀକରଣ ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାୱାରୀ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ଏହିକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବା ସହିତ ଅନେକ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ହିଞ୍ଜିଳି-ଶେରଗଡ଼ରେ ୧୮୧.୭୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବା ସହିତ ୧୩୬.୭୮ କୋଟି ଟଙ୍କାର ୮ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପରେ ଶୀତଳାପଲ୍ଲୀଠାରେ ୬୩୯.୮୧ କୋଟି ଟଙ୍କା ମୂଲ୍ୟର ୨୪ ଟି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୨୯୯୪ କୋଟି ଟଙ୍କାର ୫୪ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଶେରଗଡ ଅଞ୍ଚଳବାସୀଙ୍କୁ ମୁଖ୍ୟମନ୍ତ୍ରୀ ବସନ୍ତ ପଞ୍ଚମୀର ଉପହାର ସ୍ୱରୂପ ସମ୍ପୃକ୍ତ ଅଞ୍ଚଳକୁ ଏନ୍‌ଏସି ଘୋଷଣା କରିଛନ୍ତି।

ଶେରଗଡଠାରେ ଏକ ସମାବେଶରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ '୫-ଟି' ଉପକ୍ରମରେ ରୂପାନ୍ତର ଅଭିଯାନର ଭିତ୍ତି ପ୍ରଥମେ ହିଞ୍ଜିଳି-ଶେରଗଡରୁ ହିଁ ଆରମ୍ଭ ହୋଇଥିଲା। ମା'ତାରାତାରିଣୀ ପୀଠର ଉନ୍ନତି ସହିତ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟ ଏଠାରୁ ଆରମ୍ଭ ହୋଇଥିଲା। ଏହିସବୁ ରୂପାନ୍ତର କାର୍ଯ୍ୟ ଆଜି ଦେଶବିଦେଶକୁ ଆକର୍ଷିତ କରୁଛି । ଆଜି ହାଇସ୍କୁଲ ରୂପାନ୍ତର କାର୍ଯ୍ୟ ଶେଷହୋଇ ସାରା ରାଜ୍ୟରେ ୮୦୦୦ରୁ ଅଧିକ ହାଇସ୍କୁଲ ରୂପାନ୍ତରିତ ହୋଇଛି। ପିଲାମାନଙ୍କ ଖୁସି ଓ ଲୋକଙ୍କ ଖୁସି ଦେଖି ସେ ବି ▶ପୃଷ୍ଠା-୧୩

### ମୁଖ୍ୟମନ୍ତ୍ରୀଙ୍କ ସଭାରେ ଜନତାଙ୍କୁ କାର୍ତ୍ତିକଙ୍କ ୭ଟି ପ୍ରଶ୍ନ

## ଶତକଡ଼ା ଶହେ ପାସ୍

■ ବ୍ରହ୍ମପୁର, ୧୪।୨ (ସମିସ): ଆଜି ଗଞ୍ଜାମର ଶେରଗଡ ଓ ଶୀତଳାପଲ୍ଲୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ବିକାଶମୂଳକ ଯୋଜନାର ଶୁଭ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମାବେଶରେ ସାଧାରଣ ଲୋକଙ୍କ ହିତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ପଚାରିଥିବା ୭ଟିର ପ୍ରଶ୍ନର ଉତ୍ତର ଅତ୍ୟନ୍ତ ଉତ୍ସାହ ଓ ସହଜରେ ଦେଇଛନ୍ତି ସ୍ଥାନୀୟ ଜନସାଧାରଣ। କାର୍ତ୍ତିକଙ୍କ ଏହି ପରୀକ୍ଷାରେ ଗଞ୍ଜାମ ଜନସାଧାରଣ ଶହେରୁ ଶହେ ନମ୍ବର ସହ ଶତକଡ଼ା ୧୦୦ ପାସ୍ କରିଛନ୍ତି। ଉତ୍ସାହର ସହ ସବୁ ପ୍ରଶ୍ନର ଉତ୍ତର ଦେଇ ଉପସ୍ଥିତ ଜନତା ▶ପୃଷ୍ଠା-୧୩



- 'ମମତା', 'ଲକ୍ଷ୍ମୀ', 'ନୂଆ-ଓ', 'ମିଶନଶକ୍ତି' ସଂକ୍ରାନ୍ତରେ ପ୍ରଶ୍ନ
- ବିଏସ୍‌କେୱାଇ ଚିକିତ୍ସା, ମଧୁବାବୁ ପେନ୍‌ସନ, 'ସ୍ୱୟମ୍' ନେଇ ପ୍ରଶ୍ନ
- ଉତ୍ସାହ ଏବଂ ସହଜ ଭାବେ ଉପସ୍ଥିତ ଜନତା ଦେଲେ ଉତ୍ତର

# ବଢ଼ିଲା କଳାକାର, ବୁଣାକାର ଓ କାରିଗରଙ୍କ ସହାୟତା ରାଶି

## ଏଣିକି ମାସକୁ ୨୦୦୦, ୮୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ୨୫୦୦

### ଉପକୃତ ହେବେ ରାଜ୍ୟର ୮୦ ହଜାର କଳାକାର

■ ଭୁବନେଶ୍ୱର, ୧୪।୨ (ସମିସ): ରାଜ୍ୟରେ କଳା ଏବଂ କଳାକାରଙ୍କ ସ୍ୱାର୍ଥରେ କ୍ରମାଗତ ଭାବେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରି ଆସୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲୋକକଳା ରାଜ୍ୟର ଅସ୍ମିତା ହୋଇଥିବା ବେଳେ କଳାକାରମାନେ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସୁଛନ୍ତି। ଅତଏବ କଳାକାରମାନଙ୍କ ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ବୁଧବାର "ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା"ରେ କଳାକାରଙ୍କ ସହାୟତା ରାଶି ବୃଦ୍ଧି ଘୋଷଣା କରିଛନ୍ତି। ନୂଆ ଘୋଷଣା ଅନୁଯାୟୀ ଏହି ଯୋଜନାର ହିତାଧିକାରୀମାନେ ଏବେ ମାସକୁ ୧୨୦୦ ପରିବର୍ତ୍ତେ ୨୦୦୦ ଟଙ୍କା ସହାୟତା ପାଇବେ। ୮୦ ବର୍ଷରୁ ଅଧିକ ବୟସର କଳାକାରମାନେ ମାସକୁ ୨୫୦୦ ଟଙ୍କା ଲେଖାଏ ସହାୟତା ପାଇବେ। ଏହାଦ୍ୱାରା ରାଜ୍ୟର ୮୦ ହଜାର କଳାକାର ଉପକୃତ ହେବେ ବୋଲି ଜଣାପଡ଼ିଛି। ପୂର୍ବରୁ ଏହି ଯୋଜନାର ୫୦ ହଜାର କଳାକାରଙ୍କୁ ମାସିକ ୧୨୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଥିଲା। ମାତ୍ର ବର୍ତ୍ତମାନ ଏହି ଯୋଜନାର ଧାର୍ଯ୍ୟ ▶ପୃଷ୍ଠା-୧୩

- ଚଳିତ ମାସ ୨୦ରୁ ୨୫ ମଧ୍ୟରେ ମିଳିବ ବର୍ଦ୍ଧିତ ସହାୟତା
- '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ଆସିଥିଲା ଅନୁରୋଧ ଓ ପ୍ରସ୍ତାବ

### ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଆରମ୍ଭ

**ଖୁବ୍‌ଶୀଘ୍ର ନୂଆ ହିତାଧିକାରୀ ଚୟନ କରାଯାଇ ସହାୟତା ପ୍ରଦାନ କରାଯିବ**

■ ଭୁବନେଶ୍ୱର, ୧୪।୨ (ସମିସ): ରାଜ୍ୟର ବରିଷ୍ଠ ବୁଣାକାର ଓ ହସ୍ତ ଶିଳ୍ପ କାରିଗରଙ୍କୁ ଖୁସି ଖବର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବରିଷ୍ଠ ବୁଣାକାର ଓ ହସ୍ତ ଶିଳ୍ପ କାରିଗରଙ୍କ ସୁରକ୍ଷା ଓ କଲ୍ୟାଣ ଉପରେ ଗୁରୁତ୍ୱକୁ ଦୃଷ୍ଟିରେ ରଖି 'ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା' ଆରମ୍ଭ କରିଛନ୍ତି। ଏହି ଯୋଜନାରେ ୪୦ ବର୍ଷରୁ ୮୦ ବର୍ଷ ବୟସ ମଧ୍ୟରେ ଥିବା ମହିଳା ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ, ହସ୍ତଶିଳ୍ପ କାରିଗର, ଏବଂ ୫୦ ରୁ ୮୦ ବର୍ଷ ବୟସ ମଧ୍ୟରେ ଥିବା ପୁରୁଷ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ମାନଙ୍କୁ ମାସିକ ୨୦୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ସେହିପରି ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ▶ପୃଷ୍ଠା-୧୩

Sri Shankara
CANCER FOUNDATION

ବାଗ୍‌ଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ
୭୫୦ ଶଯ୍ୟା ବିଶିଷ୍ଟ ବିସ୍ତୃତ କର୍କଟ ହସ୍ପିଟାଲ

ଆରୋଗ୍ୟ ପାଇଁ ସମର୍ପିତ,
ଆଶା ଦ୍ୱାରା ଅନୁପ୍ରାଣିତ



ଶ୍ରୀ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର
ଙ୍କ ଦ୍ୱାରା

ଦେଶବାସୀଙ୍କ ସେବାରେ
ଲୋକାର୍ପିତ

୧୫ ଫେବୃୟାରୀ ୨୦୨୪
ଅପରାହ୍ନ : ୪.୩୦

ଠିକଣା:
ଇନ୍‌ଫୋ ଭ୍ୟାଲି, ବଡ଼ ରଘୁନାଥପୁର, ଚଣ୍ଡିହେଟା, ଓଡ଼ିଶା

ଇମେଲ୍ - contact@bagchishankara.org
ମୋବାଇଲ୍ - 0674-6799999

www.shankaracancerhospital.org

ମିଳିତ ଭାବରେ, ଆମେ ଆରୋଗ୍ୟ ପାଇଁ ଚେଷ୍ଟା କରୁ। ଏକତ୍ର ଆମେ ପ୍ରତିହତ କରିବା। ବାଗ୍‌ଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ। ଯେଉଁଠାରେ ଆଶା ବାସ୍ତବରେ ପରିଣତ ହୁଏ!

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-231 ◆BHUBANESWAR ◆THURSDAY ◆15 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୧ ◆ଭୁବନେଶ୍ୱର ◆ଗୁରୁବାର ◆୧୫ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦


## ପୁଣି ୩୫ ଡିଗ୍ରୀ ଛୁଇଁଲା ତାପମାତ୍ରା

**୨ ଦିନ ପରେ ଆହୁରି ବଢ଼ିବ**

■ **ଭୁବନେଶ୍ୱର, ୧୪।୨ (ସମିସ):** ଫେବୃଆରୀରେ ପୁଣି ୩୫ ଡିଗ୍ରୀ ଛୁଇଁଲା ତାପମାତ୍ରା। ଗତ କିଛିଦିନ ତଳେ ଲଗାତାର ତାପମାତ୍ରା ୩୫ ଡିଗ୍ରୀ ଛୁଇଁଥିବା ବେଳେ ଏଥିରେ ବ୍ରେକ୍ ଲାଗିଥିଲା। ମାତ୍ର ବୁଧବାର ପୁଣି ରାଜ୍ୟର ଦୁଇଟି ସହରରେ ତାପମାତ୍ରା ୩୫ ଡିଗ୍ରୀ ଛୁଇଁଛି। ଟିଟିଲାଗଡ଼ ଓ ଭବାନୀପାଟଣାରେ ତାପମାତ୍ରା ୩୫ ଡିଗ୍ରୀ ଛୁଇଁଥିବା ବେଳେ ଏଠାରେ ସ୍ୱାଭାବିକ ତୁଳନାରେ ତାପମାତ୍ରା ପ୍ରାୟ ୨ରୁ ୩ଡିଗ୍ରୀ ଅଧିକ ରହିଥିବା ଜଣାପଡ଼ିଛି। ବର୍ତ୍ତମାନ ରାଜ୍ୟକୁ ପ୍ରବାହିତ ହେଉଥିବା ଶୁଷ୍କ ଓ ଥଣ୍ଡା ବାୟୁ ଆସୁ ନ ଥିବା ବେଳେ ନିର୍ମଳ ଆକାଶ ଯୋଗୁଁ ସିଧା ପୃଥିବୀ ଉପରେ ସୂର୍ଯ୍ୟକିରଣ ପଡ଼ୁଛି। ଏଥିପାଇଁ ଖରାଟିଆ ପାଗ ସହ ତାପମାତ୍ରା ଅଧିକ ରହୁଛି। ଅନ୍ୟପଟେ ବର୍ତ୍ତମାନ କିଛି ସ୍ଥାନରେ ପ୍ରବଳ ଖରା ଲାଗି ରହିଥିଲେ ମଧ୍ୟ କିଛି କିଛି ସ୍ଥାନରେ କୋହଲା ପାଗ ମଧ୍ୟ ଲାଗିରହିଛି। ଉପକୂଳ ଓଡ଼ିଶା ସମେତ କେନ୍ଦ୍ରୀୟ ଓଡ଼ିଶାରେ ପାଗ ଶୁଖିଲା ସହ ପ୍ରବଳ ଖରା ଅନୁଭୂତ ହେଉଥିବା ବେଳେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ମେଘୁଆ ପାଗ ସହ ହାଲୁକା ବର୍ଷା ଆଶଙ୍କା ରହୁଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟରେ ଲାଗିରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଉପକୂଳରେ ସୃଷ୍ଟି ହୋଇଥିବା ଗୁରୁଚାପ ବଳୟ ସହ ବାୟୁମଣ୍ଡଳର ଉପରିଭାଗରେ ଥିବା ନିମ୍ନ ଚାପରେଖା ପ୍ରଭାବରେ ▸ପୃଷ୍ଠା-୧୩






### ସମ୍ବଲପୁର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା

# ୫୮ କୋଟିର ୧୩୪୭ ପ୍ରକଳ୍ପକୁ ମଞ୍ଜୁରୀପତ୍ର

■ **ଭୁବନେଶ୍ୱର, ୧୪।୨ (ସମିସ):** ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ସମ୍ବଲପୁର ଜିଲ୍ଲା ନିମନ୍ତେ ୫୮ କୋଟି ବ୍ୟୟ ଅଟକଳର ୧୩୪୭ଟି ପ୍ରକଳ୍ପ ପାଇଁ ମଞ୍ଜୁରୀପତ୍ର ଆଜି ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ। ସମ୍ବଲପୁରର ରେମେଡ ପଡିଆ, କୁଚିଣ୍ଡା କଲେଜ ପଡିଆ, ଯୁଯୁମରା ହକି ପଡିଆ, ରେଢାଖୋଲ ଏବଂ ବିଶାଲଖିଣ୍ଡା ପଡିଆରେ ପ୍ରକଳ୍ପ ମଞ୍ଜୁରୀପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ସବୁ କାର୍ଯ୍ୟକ୍ରମରେ ଯଥାକ୍ରମେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ରୀତା ସାହୁ, ପ୍ରଫୁଲ୍ଲ ମଲ୍ଲିକ ଏବଂ ଟୁକୁନି ସାହୁ ଉପସ୍ଥିତ ଥିବାବେଳେ ଭିଡିଓ କନଫରେନସିଂ ଜରିଆରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଯୋଗ ଦେଇଛନ୍ତି।

ଗତ ଜାନୁଆରୀ ୧୨ ଓ ୧୩ ତାରିଖରେ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଲୋକଙ୍କ ଠାରୁ ଦରଖାସ୍ତ ଗ୍ରହଣ କରିଥିଲେ। ଏହି ଦରଖାସ୍ତ ମଧ୍ୟରେ ଥିବା ଧାର୍ମିକ ଅନୁଷ୍ଠାନ ରୂପାନ୍ତରଣ ପ୍ରସ୍ତାବ, ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପ୍ରସ୍ତାବ ନେଇ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ସମସ୍ତ ଦରଖାସ୍ତର ସମୀକ୍ଷା କରି ଆଜି ୧୩୪୭ଟି କାର୍ଯ୍ୟର ମଞ୍ଜୁରୀ

**'୫-ଟି' ଅଧ୍ୟକ୍ଷଙ୍କ ଗସ୍ତର ମାସେ ମଧ୍ୟରେ ପ୍ରକଳ୍ପର କାର୍ଯ୍ୟାଦେଶ**

ଆଦେଶ ବଣ୍ଟନ କରାଯାଇଛି। ବିଭିନ୍ନ ଅଞ୍ଚଳକୁ ମିଳିଥିବା ପ୍ରକଳ୍ପ ମଞ୍ଜୁରୀପତ୍ର ପାଇଁ ବିଭିନ୍ନ ଅଞ୍ଚଳବାସୀ ଭିସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ପ୍ରକଳ୍ପ ମଞ୍ଜୁରୀ ବିତରଣ ବେଳେ ସମସ୍ତେ ଗଦଗଦ୍ ହୋଇ ପୂର୍ବରୁ ଏଭଳି କେବେ ହୋଇନଥିବା ପ୍ରକାଶ କରିବା ସହ ସମ୍ବଲପୁର ପାଇଁ ଏତେ ସଂଖ୍ୟକ ପ୍ରକଳ୍ପ ପୂର୍ବରୁ କେବେ ମଞ୍ଜୁରୀ ହୋଇନଥିବା ମଧ୍ୟ ଲୋକେ ମତବ୍ୟକ୍ତ କରିଛନ୍ତି।

## ପ୍ରବଞ୍ଚକ ନେତାଙ୍କୁ ପାଣ୍ଡିଆନଙ୍କ ପ୍ରହାର



■ **ଭୁବନେଶ୍ୱର,୧୪।୨(ସମିସ):** ନିର୍ବାଚନ ଦୁନ୍ଦୁଭି ବାଜିନାହିଁ, ମାତ୍ର ରାଜ୍ୟରେ ଆରମ୍ଭ ହୋଇଗଲାଣି ନିର୍ବାଚନ ପରିବେଶ। ଗାଁ ଗାଁରେ ବିଭିନ୍ନ ଦଳର ନେତା ବୁଲିବା ଆରମ୍ଭ କଲେଣି । ଏହି ସମୟରେ ନିର୍ବାଚନ ପ୍ରବଞ୍ଚକମାନଙ୍କୁ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କରିଛନ୍ତି ପ୍ରଚଣ୍ଡ ପ୍ରହାର। ମାତ୍ର ମାସକ ମଧ୍ୟରେ ସମ୍ବଲପୁର ଜିଲ୍ଲାର ଜନସାଧାରଣଙ୍କ ପ୍ରସ୍ତାବ ଅନୁସାରେ ୫୮ କୋଟି ଟଙ୍କାର ୧୩୪୭ ପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ ଅବସରରେ ଶ୍ରୀ ପାଣ୍ଡିଆନ ଭୋଟ ବେଳେ ବଡ଼ବଡ଼ ପ୍ରତିଶ୍ରୁତି ଦେଉଥିବା ନେତାମାନଙ୍କ ମୁହଁରୁ ମୁଖା ଖୋଲିଛନ୍ତି। ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଭୋଟ ପାଇଁ ଏବେ ଗାଁ ଗାଁରେ ଅନ୍ୟ ▸ପୃଷ୍ଠା-୧୩

- **ଅନ୍ୟ ଦଳ ନେତାଙ୍କୁ ଦରଖାସ୍ତ ଦେଇ ଦେଖନ୍ତୁ, କେତେ ଦିନରେ ସମାଧାନ ହେଉଛି**
- **ସବୁଠୁ କମ୍ ସମୟରେ ଦରଖାସ୍ତ ଉପରେ ମୁଖ୍ୟମନ୍ତ୍ରୀ ନେଉଛନ୍ତି ପଦକ୍ଷେପ**
- **୫ରୁ ୧୦ ଦିନ ଭିତରେ ଦରଖାସ୍ତର ସମାଧାନ କରୁଛନ୍ତି ମୁଖ୍ୟମନ୍ତ୍ରୀ**
- **ମୁଖ୍ୟମନ୍ତ୍ରୀଙ୍କୁ ହୃଦୟର ସହିତ ଆଶୀର୍ବାଦ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ**

## ରାଜ୍ୟସଭା ଯିବେ ଅଶ୍ୱିନୀ ବୈଷ୍ଣବ

### ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଜେଡିର ସମର୍ଥନ

■ **ଭୁବନେଶ୍ୱର, ୧୪।୨ (ସମିସ):** ରାଜ୍ୟସଭା ତୃତୀୟ ଆସନକୁ ନେଇ କିଛି ଦିନ ହେବ ଲାଗି ରହିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦ୍ୱିତୀୟ ଥର ପାଇଁ ଓଡ଼ିଶାରୁ ରାଜ୍ୟସଭା ପ୍ରାର୍ଥୀ ହୋଇଛନ୍ତି। ବିଜେପି କେନ୍ଦ୍ରୀୟ ନିର୍ବାଚନ ସମିତି ଅଶ୍ୱିନୀ ବୈଷ୍ଣବଙ୍କ ନାଁ ଘୋଷଣା କରିଛି। ଅନ୍ୟପକ୍ଷରେ ରେଳ ଓ ଟେଲିକମ୍ ବିକାଶ କ୍ଷେତ୍ରରେ ରାଜ୍ୟର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶାସକ ବିଜୁ ଜନତା ଦଳ ଶ୍ରୀ ବୈଷ୍ଣବଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ ଦେବାକୁ ଘୋଷଣା କରିଛି । ଶ୍ରୀ ବୈଷ୍ଣବ ଆସନ୍ତାକାଲି ତାଙ୍କର ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ସୂଚନା ମିଳିଛି । ରାଜ୍ୟରେ ଖାଲି ହେଉଥିବା ୩ଟି ରାଜ୍ୟସଭା ଆସନ ପାଇଁ ବିଜେଡିର ଦୁଇ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ତୃତୀୟ ପ୍ରାର୍ଥୀ କିଏ ହେବ ତାକୁ ନେଇ କଳ୍ପନା ଜଳ୍ପନା ଜାରିରହିଥିଲା। ଅଶ୍ୱିନୀଙ୍କ ନାମ ଘୋଷଣା ପରେ ଏହାର ଅବସାନ ଘଟିଛି । ୨୦୨୧ ମସିହା ଜୁଲାଇ ମାସରେ ମୋଦୀ ସରକାରଙ୍କ କ୍ୟାବିନେଟ୍ ଅଦଳବଦଳରେ ଅଶ୍ୱିନୀ ବୈଷ୍ଣବଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲା। ଏଥିରେ ସେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏଥିସହ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ରେଳ ତଥା ଇଲେକଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଥିଲା। ରାଜ୍ୟରେ ରେଳ ସଂଯୋଗ, ରେଳ ଷ୍ଟେସନର ଆଧୁନିକୀକରଣ, ୫-ଜି ସେବା ଆଦି ବିଭିନ୍ନ ପ୍ରସଙ୍ଗରେ ଶ୍ରୀ ବୈଷ୍ଣବଙ୍କ ଯୋଗଦାନ ଥିବା କୁହାଯାଉଛି। ଏସବୁକୁ ଦୃଷ୍ଟିରେ ରଖି ଶ୍ରୀ ବୈଷ୍ଣବଙ୍କୁ ବିଜେଡି ସମର୍ଥନ ଦେଇଥିବା କୁହାଯାଉଛି। ବିଜୟ ପାଇଁ ଶ୍ରୀ ବୈଷ୍ଣବଙ୍କୁ ବିଧାନସଭାରେ ମୋଟ ୩୭ ବିଧାୟକଙ୍କ ସମର୍ଥନର ଆବଶ୍ୟକତା ରହିଛି। ବିଧାନସଭାରେ ବିଜେପିର ମାତ୍ର ୨୨ଜଣ ବିଧାୟକ ଅଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ବିଧାୟକଙ୍କ ସମର୍ଥନ ପରେ ଶ୍ରୀ ବୈଷ୍ଣବ ସହଜରେ ରାଜ୍ୟସଭାକୁ ଯାଇପାରିବେ।



## ଅନୁକୂଳ ହେଲା ରଥକାଠ



■ **ପୁରୀ, ୧୪।୨ (ସମିସ):** ଚଳିତବର୍ଷର ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ମହାପ୍ରଭୁଙ୍କ ନିମନ୍ତେ ତିଆରି ହେବ ତିନିରଥ। ତେଣୁ ପରମ୍ପରା ଅନୁଯାୟୀ, ବୁଧବାର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ ହୋଇଛି। ରଥଖଳାରେ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯାଇଛି। ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥକାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ▸ପୃଷ୍ଠା-୧୩

## ଆଜିଠୁ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା

■ **ଭୁବନେଶ୍ୱର, ୧୪।୨ (ସମିସ):** ଗୁରୁବାର ଠାରୁ ଆରମ୍ଭ ହେଉଛି କେନ୍ଦ୍ରିୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ)ର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା। ଏଥିପାଇଁ ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭାରତ ସମେତ ୨୬ଟି ଦେଶରେ ସମୁଦାୟ ୩୯ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଉଭୟ ପରୀକ୍ଷା ସକାଳ ୧୦.୩୦ରୁ ଆରମ୍ଭ ହେବ। ଦଶମ ଶ୍ରେଣୀ ପରୀକ୍ଷା ମାର୍ଚ୍ଚ ୧୩ ତାରିଖରେ ଶେଷ ହେଉଥିବାବେଳେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଏପ୍ରିଲ ୨ ତାରିଖରେ ଶେଷ ହେବ। ପରୀକ୍ଷା କେନ୍ଦ୍ର ମଧ୍ୟରେ ଦୂରତା ଓ ଯାତାୟତ ସୁବିଧାକୁ ଦୃଷ୍ଟିରେ ରଖି ସକାଳ ୧୦ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ଛାତ୍ରଛାତ୍ରୀଙ୍କୁ କୁହାଯାଇଛି। ୧୦ଟା ପରେ ପହଞ୍ଚିଲେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ଅନୁମତି ଦିଆଯିବ ନାହିଁ ବୋଲି ବୋର୍ଡ ସୂଚନା ଦେଇଛି। ଦିଲ୍ଲୀରେ ଯାତାୟତରେ ସାମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ▸ପୃଷ୍ଠା-୧୩

**ଭାରସାମ୍ୟ ହରାଇ ଖୁଣ୍ଟକୁ ପିଟି ଓଲଟିଲା ବସ୍**

## କଣ୍ଡକ୍ଟର୍ ମୃତ, ୧୬ ଆହତ



**ଏସ୍‌ସିବିରେ ଭର୍ତ୍ତିହେଲେ ଆହତ: ଚିକିତ୍ସା ଦାୟିତ୍ୱରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍**

■ **କଟକ/ଫୁଲନଖରା,୧୪।୨(ସମିସ):** ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସ 'ଚନ୍ଦନ' (ଓଆର୍୦୫ଏଜେ୭୪୫୫) ୧୬ନମ୍ବର ଜାତୀୟ ରାଜପଥର ଗୋପାଳପୁର ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ବସ୍‌ରେ ୩୫ରୁ ଅଧିକ ଯାତ୍ରୀ ଥିଲେ। ଗୋପାଳପୁର ଓଭର୍‌ବ୍ରିଜ ପରେ ଦ୍ରୁତଗତିରେ ଆସୁଥିବା ବସ୍‌ଟି ଜଣେ ସାଇକଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇଥିଲା। ଏହା ପରେ ବସ୍‌ଟି ଇଲେକ୍ଟ୍ରିକ୍ ଖୁଣ୍ଟରେ ପିଟି ହୋଇ ଡିଭାଇଡର୍‌ରେ ଉପରେ ଓଲଟି ପଡିଥିଲା। ତେବେ ବସ୍ ଚାପାରେ କଣ୍ଡକ୍ଟରଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ମୃତ୍ୟୁବରଣ କରିଥିବା କଣ୍ଡକ୍ଟର ଜଣଙ୍କ ହେଉଛନ୍ତି, ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଧା ଅଞ୍ଚଳର ପ୍ରକାଶ ସ୍ୱାଇଁ(୩୦)। ଦୁର୍ଘଟଣାରେ ୧୬ରୁ ଅଧିକ ବସଯାତ୍ରୀ ଆହତ ହୋଇଥିବା ବେଳେ ଏସସିବି ମେଡିକାଲରେ ୧୨ଜଣଙ୍କୁ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣ ମହିଳା ଓ ୯ ଜଣ ପୁରୁଷ ରହିଛନ୍ତି। ଆହତମାନେ ହେଲେ, ଯସିମ୍ ଖାନ୍ (୨୬), ରିତା ନାୟକ(୨୭), ତପନକୁମାର ସୂତାର(୫୫), ଜୟନ୍ତୀ ସୂତାର(୪୭), ମହେଶ୍ୱେତା ଭୋଳ (୩୮), ଅରବିନ୍ଦ ମହାନ୍ତି(୧୯), ଅମୂଲ୍ୟ ସାମଲ(୫୫), ସୌମ୍ୟରଞ୍ଜନ ସାହୁ(୩୦), ଦୀପକ କୁମାର ସାମଲ(୩୨), ଜନ୍ମେଜୟ ସାହୁ(୨୮), ରଞ୍ଜନ କୁମାର ବାରିକ(୨୬) ଓ ରାକେଶ କୁମାର ବାରିକ(୨୮)। ବୁଧବାର ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଏହି ଦୁର୍ଘଟଣା ଘଟିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ବସ୍‌ଟି ଦ୍ରୁତ ଗତିରେ ଆସୁଥିବା ବେଳେ ଜଣେ ▸ପୃଷ୍ଠା-୧୩

### ଲୋକକଥା



ସରକାର କେତେ ତତ୍ପର ସତରେ
ରାଇଜବାସୀଙ୍କ ପାଇଁ,
ଚାଟ-ପାଠ ପାଇଁ ବୃତ୍ତି ଦଉଛନ୍ତି
ଭତ୍ତା ତ ମାଆଙ୍କୁ ଦେଇ !
ସବୁ ବର୍ଗଙ୍କୁ ଛୁଇଁ,
ମନ ଜାଣି ଧନ ଯାଚି ଦଉଚନ୍ତି
ବିକାଶ ରଥ ଗଡ଼େଇ !!

## 'ମମତା'ରେ ୬୦ ଲକ୍ଷରୁ ଅଧିକ ମହିଳା ଉପକୃତ: ବିଜେଡି

■ **ଭୁବନେଶ୍ୱର, ୧୪।୨ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଗତ ୨୪ ବର୍ଷ ଧରି ଓଡ଼ିଶାରେ ମହିଳାଙ୍କ ବିକାଶ ଓ ସଶକ୍ତୀକରଣ ପାଇଁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି। ମିଶନ ଶକ୍ତି ମାଧ୍ୟମରେ ୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରାଯାଇଛି। ମମତା ଯୋଜନାରେ ୬୦ ଲକ୍ଷରୁ ଅଧିକ ଗର୍ଭବତୀ ମହିଳା ଓ ମା' ଉପକୃତ ହୋଇଥିବା ବେଳେ ବିଜେଡି ସରକାର ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏପର୍ଯ୍ୟନ୍ତ ପ୍ରାୟ ୨୯୦୦ କୋଟି ଟଙ୍କା ପ୍ରଦାନ କରିଛି ବୋଲି ବିଜେଡି ପ୍ରବକ୍ତା ଇପ୍ସିତା ସାହୁ ଓ ସୋଫିଆ ଆଲାମ କହିଛନ୍ତି। ବୁଧବାର ଦଳର ଦୁଇ ମୁଖପାତ୍ର ଶଙ୍ଖ ଭବନଠାରେ



**ମହିଳା ସଶକ୍ତୀକରଣକୁ ନବୀନ ସରକାରଙ୍କ ପ୍ରାଥମିକତା**

**'ମମତା' ସହାୟତା ବାବଦରେ ଦିଆଗଲାଣି ୨୯୦୦ କୋଟି**

**ଯୋଜନାରେ ଅର୍ଥରାଶି ବୃଦ୍ଧି ଏକ ଐତିହାସିକ ନିଷ୍ପତ୍ତି**

**କେନ୍ଦ୍ର ସରକାର ଆପଣେଇଛନ୍ତି 'ମମତା' ମଡେଲ୍**

ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଓଡ଼ିଶାର କୋଟି କୋଟି ମହିଳାଙ୍କ ସଶକ୍ତୀକରଣକୁ ନେଇ ଏଭଳି ଏକ ଐତିହାସିକ ନିଷ୍ପତ୍ତି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଥିବା ସରକାର ମମତା ଯୋଜନା ସହାୟତାକୁ ୫ ହଜାରରୁ ୧୦ ହଜାର ଟଙ୍କାକୁ ଦ୍ୱିଗୁଣିତ କରିଛନ୍ତି। ଏହା ଓଡ଼ିଶାର ଲକ୍ଷ ଲକ୍ଷ ମା' ଓ ରାଜ୍ୟର କୋଟି କୋଟି ମହିଳାଙ୍କ ପ୍ରତି ବିଜେଡି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ବର୍ତ୍ତମାନ ମମତା ଯୋଜନା ଅଧୀନରେ ଥିବା ମା'ମାନଙ୍କୁ ଦୁଇଟି କିସ୍ତିରେ ୫୦୦୦ ଟଙ୍କା ମିଳୁଛି। ଏବେ ସେମାନଙ୍କୁ ୬୦୦୦ ଓ ୪୦୦୦ ଟଙ୍କାର ଦୁଇଟି କିସ୍ତିରେ ମୋଟ୍ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ୨୦୨୩ ଅଗଷ୍ଟରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ବର୍ଦ୍ଧିତ ସହାୟତା ପ୍ରଦାନ କରାଯିବ ଏବଂ ୨୦୨୩ ଅଗଷ୍ଟରୁ ଆଜି ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଫେବୃଆରୀ ୨୦ରୁ ୨୫ତାରିଖ ମଧ୍ୟରେ ଅର୍ଥ ଦିଆଯିବ ବୋଲି ସେମାନେ କହିଛନ୍ତି। ▸ପୃଷ୍ଠା-୧୩

**ପୂର୍ବଶତ୍ରୁତାରୁ ଆଠଗଡ଼ରେ ଗୋଷ୍ଠୀ ସଂଘର୍ଷ**

## ଟ୍ରାକ୍ଟର ଚଢ଼ାଇ ଯୁବକଙ୍କୁ ହତ୍ୟା

■ **ଆଠଗଡ଼, ୧୪।୨ (ସମିସ):** ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଖୁଣ୍ଟୁଣୀ ଥାନା ରାଧାକୃଷ୍ଣପୁର ଗ୍ରାମରେ ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇଛି। ଗଣ୍ଡଗୋଳରେ ଜଣେ ବ୍ୟକ୍ତିଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା କରାଯାଇଛି। ଏହି ଘଟଣା ଘଟିବା ପରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତର କୁକୁଡ଼ା ଫାର୍ମ ଓ ୪ଟି ଗାଡ଼ିରେ ନିଆଁ ଲଗାଇ ଜାଳିଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ବୁଧବାର କୁଲାଇଲୋ ପଞ୍ଚାୟତ ରାଧାକୃଷ୍ଣପୁର ଗ୍ରାମ (ଅଡାଳ)ର ବ୍ରଜବନ୍ଧୁ ସ୍ୱାଇଁଙ୍କ ପୁଅର ତଳଗଡ଼ସ୍ଥିତ ଶିବ ମନ୍ଦିରରେ ମୁଦିପିନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରୁ ଫେରିବା

**ଅଭିଯୁକ୍ତର ୪ ଗାଡ଼ିକୁ ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ**

**ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା; ପୁଲିସ ମୁତୟନ**

ବେଳେ ଗାଁ ସ୍କୁଲ ପାଖ କଲଭର୍ଟ ନିକଟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗୋଟିଏ ଗୋଷ୍ଠୀର ନିରାକାର ସ୍ୱାଇଁ ଅପର ▸ପୃଷ୍ଠା-୧୩

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-231 ◆BHUBANESWAR ◆THURSDAY ◆15 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୧ ◆ଭୁବନେଶ୍ୱର ◆ଗୁରୁବାର ◆୧୫ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦




**ଆବୁ ଧାବିରେ ପ୍ରଥମ ହିନ୍ଦୁ ମନ୍ଦିର ଉଦ୍‌ଘାଟନ**

▶ଦେଶବିଦେଶ ପୃଷ୍ଠାରେ




# ବିକାଶ ପଥରେ ସମର୍ପିତ ଦ୍ୱିତୀୟ ପର୍ଯ୍ୟାୟ ଅନୁଦାନ

## 'ଉଦାର ଓ ମହାନ ମୁଖ୍ୟମନ୍ତ୍ରୀଙ୍କୁ ଲୋକ ଭଲ ପାଉଛନ୍ତି'





**ସମ୍ବଲପୁର/ଯୁଯୁମୁରା,୧୪।୨(ସମିସ)**

ଆଜି ଅପରାହ୍ନ ୪ଟା ଯୁଯୁମୁରା ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ଏକ କାର୍ଯ୍ୟକ୍ରମ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ହୋଇଯାଇଛି। ସମ୍ବଲପୁର ଜିଲ୍ଲା ସଂସଦୀୟ କ୍ଷେତ୍ରର ଚାରିଗୋଟି ବିଧାନସଭା କ୍ଷେତ୍ର ସମ୍ବଲପୁର, ରେଙ୍ଗାଲି, କୁଚିଣ୍ଡା ଏବଂ ରେଢାଖୋଲକୁ ଦେଇଥିବା ଧର୍ମାନୁଷ୍ଠାନ ମାନଙ୍କର ଅନୁଦାନ ବାବଦରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବିସ୍ତୃତ ଭାବରେ କହିଥିଲେ। ଯୁଯୁମୁରାରେ ପୂର୍ବତନମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ତାଙ୍କ ଅଭିଭାଷଣରେ ମୁଖ୍ୟମନ୍ତ୍ରୀଙ୍କ ଉଦାରତା ତଥା ଓଡ଼ିଶାବାସୀଙ୍କ ପାଇଁ କରିଥିବା ଯୋଜନା ମାନ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ଜିଲ୍ଲାର ଅନ୍ୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନି ସାହୁ, ମନ୍ତ୍ରୀ ରିତା ସାହୁ, ମନ୍ତ୍ରୀ ନିରଞ୍ଜନ ପୂଜାରୀ ମଧ୍ୟ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ସଭାକୁ ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ପରିଚାଳନା କରିଥିଲେ। ୫-ଟି ଅଧ୍ୟକ୍ଷ ସମଲେଇ ପରିଯୋଜନା ବାବଦରେ ଲୋକଙ୍କୁ ପଚାରି ବୁଝିଥିଲେ। ଲୋକଙ୍କ ଉତ୍ତର ଶୁଣି ବହୁତ୍ ଖୁସି ବ୍ୟକ୍ତ କରିଥିଲେ। ପରେ ଯାଜପୁର ବିଧାୟକ ତଥା ବିଜେଡ଼ି ସାଂଗଠାନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ମଧ୍ୟ ଭିଡ଼ିଓ କନଫରେନସିଂରେ ଆସି ସମସ୍ତ ସମ୍ବଲପୁରବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ରହିଥିବା ଅଗାଢ଼ ଭଲ ପାଇବା ପାଇଁ ଧନ୍ୟବାଦ୍ ଜଣାଇଥିଲେ। ସମ୍ବଲପୁର ପାଇଁ ଆଗକୁ ଆହୁରି ଅନେକ କାର୍ଯ୍ୟକ୍ରମ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରିଶେଷରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସମ୍ବଲପୁର ଓ ରେଢାଖୋଲ ନିର୍ବାଚନ ପାଇଁ ଦେଇଥିବା ଅନୁଦାନ ପାଇଁ କୃତଜ୍ଞତା ଜଣାଇଥିଲେ।






## ଭିସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା



**କୁଚିଣ୍ଡା, ୧୪।୨(ସମିସ):** କୁଚିଣ୍ଡା ମହାବିଦ୍ୟାଳୟ ଖେଳପଡ଼ିଆରେ ଅପରାହ୍ନରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁଡ଼ାଏ ପ୍ରକଳ୍ପ ପାଇଁ ଦେଉଥିବା ଅନୁଦାନ ରାଶି ଘୋଷଣା କରିଥିଲେ। ଶ୍ରୀ ପାଣ୍ଡିଆନ କିଛିଦିନ ପୂର୍ବରୁ ଆସି ଅଞ୍ଚଳର ଜନସାଧାରଣଙ୍କ ଠାରୁ ଅଭିଯୋଗ ଗ୍ରହଣ କରି ମଠ, ମନ୍ଦିର, ମସଜିଦ ଓ ଚର୍ଚ୍ଚ ଆଦି ଧର୍ମାନୁଷ୍ଠାନର ଉନ୍ନତି ପାଇଁ ଅନୁଦାନ ରାଶି ମଞ୍ଜୁର କରିବା ସହ ଅଞ୍ଚଳର ବିକାଶ ପାଇଁ ଅନେକ ଗୁଡ଼ାଏ ପ୍ରକଳ୍ପରେ ଦେଉଥିବା ଅନୁଦାନ ରାଶିର ଘୋଷଣା କରିଥିଲେ। ମଞ୍ଜୁର ହୋଇଥିବା ୪ଜଣଙ୍କ ସହିତ ଭିସି ମାଧ୍ୟମରେ ବାର୍ତ୍ତାଳାପ କରି ସେମାନେ କେତେ ଖୁସି ଅଛନ୍ତି ପଚାରି ବୁଝିଥିଲେ। ଆଗାମୀ ଦିନରେ ଯଦି ପୁଣିଥରେ ନବୀନ ବାବୁ ଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ଅବସ୍ଥାପିତ କରାଇଲେ ବିକାଶର ଧାରା ଜାରି ରହିବ ବୋଲି କହିବା ସହିତ ନବୀନ ସରକାର ଲୋକଙ୍କ ସରକାର, ଲୋକେ ଯାହା କହିବେ ମୁଖ୍ୟମନ୍ତ୍ରୀ ତାହା ପୂରଣ କରନ୍ତି ବୋଲି ଭିସି ମାଧ୍ୟମରେ ଶ୍ରୀ ପାଣ୍ଡିଆନ କହିଥିଲେ। ଏହି ଅବସରରେ ହସ୍ତତନ୍ତ ବୟନ ଶିଳ୍ପ ମନ୍ତ୍ରୀ ତଥା ବିଜେପୁର ବିଧାୟକ ରିତା ସାହୁ ଉପସ୍ଥିତ ରହି ଧନ୍ୟବାଦ ପ୍ରଦାନ କରିଥିଲେ। ଭିସି ମାଧ୍ୟମରେ ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସଞ୍ଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ପଟେଲ, ବିଧାୟକ କିଶୋର ଚନ୍ଦ୍ର ନାଏକ, କୁଚିଣ୍ଡା ଉପଜିଲ୍ଲାପାଳ ହେମସାଗର ଭୋଇ, ବିଡ଼ିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, ଏସଡ଼ିପିଓ ଅମିତାଭ ପଣ୍ଡା, ଆଇଆଇସି ଦିଲ୍ଲୀପ ସ୍ୱାଇଁ, ବ୍ଲକ ଚେୟାରମ୍ୟାନ ଭୁବନେଶ୍ୱର କିସାନ, ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଜମନକିରା, ବାମରା ଓ କୁଚିଣ୍ଡାର ସମସ୍ତ ଜିଲ୍ଲାପରିଷଦ ସଭ୍ୟସଭ୍ୟାଙ୍କ ସହିତ ମିଶନ ଶକ୍ତି, ଏସ୍‌ଏଚ୍‌ଜି ମା'ମାନେ ବହୁ ସଂଖ୍ୟାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଅଶେଷ ଧନ୍ୟବାଦ ଦେବା ସହ ଦୀର୍ଘାୟୁ କାମନା କରିଥିଲେ।



## ରେମେଡ ପଡ଼ିଆରେ ସିଦ୍ଧାର୍ଥ ଦାସଙ୍କ ବିଶାଳ ଶୋଭାଯାତ୍ରା

**ସମ୍ବଲପୁର, ୧୪।୨(ସମିସ):** ସମ୍ବଲପୁର ମହାନଗରର ୩୪ଟି ୱାର୍ଡ଼ରେ ୨୮୩ ଟି ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରୁ ୧୨କୋଟି ୧୧ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଥିବାରୁ ସମ୍ବଲପୁରବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଜି ରେମେଡ଼ରେ ଅନୁଷ୍ଠିତ ସାଧାରଣ ସଭାରେ ୧୦ହଜାରରୁ ଅଧିକ ଜନସମାଗମ ହୋଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ତଥା 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ସମ୍ବଲପୁର ଜିଲ୍ଲା ସମ୍ପାଦକ ଇଂ. ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ ହଜାର ହଜାର ଲୋକ ଏକତ୍ରିତ ହୋଇ ରାଜ୍ୟର ସର୍ବପ୍ରିୟ ନେତା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମାନ୍ୟବର ୫-ଟି ଓ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଅଶେଷ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ସାଧରଣ ସଂପାଦକ ସିଦ୍ଧାର୍ଥ ଦାସଙ୍କ




ସହ ସମ୍ବଲପୁର ଜିଲ୍ଲା ବିଜେଡି ଉପସଭାପତି ଅଶୋକ ମହାକୁର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସୁଶାନ୍ତ ପାଣିଗ୍ରାହୀ, ଦିଲୀପ ଦାଶ, ସୀତାକାନ୍ତ ପଣ୍ଡା, ତାପସ ପଲେଇ, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ମିତାଲି ସାହୁ, ମହିଳା ବିଜେଡି ଜିଲ୍ଲା ଉପସଭାନେତ୍ରୀ ସୁବର୍ଣ୍ଣ ନାୟକ, ସବିତା ପଣ୍ଡା, ସ୍ପେସିଆଲ ଡେଭେଲପମେଣ୍ଟ କାଉନ୍ସିଲ ଉପାଧ୍ୟକ୍ଷ ରାଖୀ ମୁଣ୍ଡା, ନାସିର ଫରାଜ, ବିଜେଡି ନେତା ଲିଙ୍ଗରାଜ ତ୍ରିପାଠୀ, ଯୁବନେତା ଭରତ ସୁନା, ଯୁବ ବିଜେଡି ଜିଲ୍ଲା ସମ୍ପାଦକ ଇଂ.ଦୀନେଶ ସେଠ, ଇଂ.ନିଶିଥ ଆକାଶ, ମୁକେଶ ପ୍ରଧାନ, ବନମାଳୀ ନାଗ, ନରେଶ ଭରଦ୍ୱାଜ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଭିମନ୍ୟୁ ରାଉତ, ସୁଧୀର ପାଣିଗ୍ରାହୀ, ରାଜା ପଟ୍ଟନାୟକ, ଜୟନାରାୟଣ ନାଗ, ଗୌରାଙ୍ଗ ପାଣ୍ଡେ, ଗୋପାଳ ମିଶ୍ର, ଧରତୀ ଛତ୍ରପାଲ, ତେଜରାମ ଭୋଇ, ପପୁ ଦାନୀ, ସୌଦାମିନୀ ବେହେରା, ଦିଲେଶ୍ୱରୀ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ପ୍ରସନ୍ନ ଆଚାର୍ଯ୍ୟଙ୍କ ବାହାମ ଏବଂ ଡଙ୍ଗରପଡ଼ା ଗସ୍ତ



**ସମ୍ବଲପୁର, ୧୪।୨(ସମିସ):** ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଆଜି ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ଯୁଯୁମୁରା ବ୍ଲକ ଅନ୍ତର୍ଗତ ବାହାମ ଏବଂ ଡଙ୍ଗରପଡ଼ା ପଞ୍ଚାୟତ ଗସ୍ତ କରିଥିଲେ। ଏହି ଅବସରରେ ଶ୍ରୀ ଆଚାର୍ଯ୍ୟ ପଞ୍ଚାୟତର ପଡ଼ିଆବାହାଲ, ପ୍ରଧାନପାଲି କଦଳିମୁଣ୍ଡା, ପଟୁଆବାହାଲ ଆଦି ଗ୍ରାମ ଗସ୍ତ କରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଡଙ୍ଗରପଡ଼ା ପଞ୍ଚାୟତର ଡଙ୍ଗରପଡ଼ା ସରସ୍ୱତୀ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ କରି ସମବେତ ଗ୍ରାମବାସୀଙ୍କୁ ପ୍ରଶଂସା କରିଥିଲେ। ସଭାରେ ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଡଙ୍ଗରପଡ଼ା ସରପଞ୍ଚ ଅୟସକାନ୍ତ ପଣ୍ଡା, ବାହାମ ସମିତି ସଭ୍ୟ ପ୍ରଫୁଲ୍ଲ ମଗର, କୁକୁଡ଼ାପାଲି ସରପଞ୍ଚ ଗୀତାଞ୍ଜଳି ଦେହୁରୀ, ବିଜେଡି ପଞ୍ଚାୟତ ସଭାପତି ପ୍ରତାପ ନାୟକ, ବାହାମ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ହରିହର ନାୟକ, ବରିଷ୍ଠ ବିଜେଡି ନେତା ଆଶୁତୋଷ ପଣ୍ଡା, ସମାଜସେବୀ ଦିଲୀପ ପଣ୍ଡା ପ୍ରମୁଖ ମଂଚାସୀନ ଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମକୁ ସିଲୁ ଶୁକ୍ଳା, ରାଜେଶ ପଣ୍ଡା, ଦୟାସାଗର ପ୍ରଧାନ, ଇସମାଇଲ ଆଜାଦ ବଡେଇ, ରାଜକୁମାର ସାହୁ, କୈଳାଶ ନାଥ, ମାନ ଭଞ୍ଜନ ସିଂହ, ସନ୍ତୋଷ ଲୁହା, ସୁମନ୍ତ ବେସନ, ଅରୂପାନନ୍ଦ ସିଂହ, ହେମନ୍ତ ବେସନ ପ୍ରମୁଖ ସଫଳ ଆୟୋଜନ କରିଥିଲେ।

## ମାନେଶ୍ୱର କଲେଜରେ ଭାଷା, ସାହିତ୍ୟ ପ୍ରତିଯୋଗିତା



**ମାନେଶ୍ୱର, ୧୪।୨(ସମିସ):** ମାନେଶ୍ୱରର ସ୍ଥିତ ମାନ୍ଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତିନିଦିନ ବ୍ୟାପୀ ଚାଲିଥିବା ଓଡ଼ିଆ ଭାଷା, ସାହିତ୍ୟ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ଏବଂ ଶ୍ରୀମନ୍ଦିର ପରିକଳ୍ପନା ପ୍ରକଳ୍ପର ଉଦ୍‌ଘାଟନ ପରିପ୍ରେକ୍ଷୀରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଘାଟନୀ ଦିବସରେ ପାର୍ବତୀ ଗିରି କଲେଜର ଓଡ଼ିଆ ଅଧ୍ୟାପକ ଡା. ଗୋବିନ୍ଦ ମହାରଣା, ମା' ଝାଡ଼େଶ୍ୱରୀ କଲେଜର ଓଡ଼ିଆ ଅଧ୍ୟାପକ ଡା. ସିଦ୍ଧାର୍ଥ ପଣ୍ଡା ଅତିଥି ଭାବରେ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ବୀର ସୁରେନ୍ଦ୍ର ସାଏ ଯୁକ୍ତଦୁଇ ବିଜ୍ଞାନ ଅନୁଷ୍ଠାନର ଡା. ସ୍ୱର୍ଣ୍ଣ ପ୍ରକାଶ ପଣ୍ଡା ଅତିଥି ହୋଇଥିଲେ। ଉଦ୍‌ଯାପନୀ ଦିବସରେ ବିଶିଷ୍ଟ ଶିକ୍ଷାବିତ୍ ଡ. ଶ୍ୟାମ ସୁନ୍ଦର ଧର ମୁଖ୍ୟ ଅତିଥି ଥିଲେ। ଏ ଅବସରରେ ଅୟୋଜିତ ପ୍ରବନ୍ଧ, ଗଳ୍ପ, କବିତା, ଭାଷା ଜ୍ଞାନ, ସାଧାରଣ ଜ୍ଞାନ, ହସ୍ତାକ୍ଷର, ଫଟୋଗ୍ରାଫି, ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସ୍ୱରୂପ ଅର୍ଥ ରାଶି ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ସତ୍ୟନାରାୟଣ ଠାକୁର ସଂଯୋଜନା କରିଥିଲାବେଳେ ଅଧ୍ୟକ୍ଷ ଗଣ୍ଡା ରାମ ଘଡିଏଲ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ଚୌଧୁରୀ, ଅଧ୍ୟାପକ ଧର୍ମେନ୍ଦ୍ର କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ।

### ଶିକ୍ଷିତ ବ୍ୟକ୍ତି ଠକେଇର ଶିକାର

## ଅନ୍‌ଲାଇନ କ୍ଲାସ୍ ଆଳରେ ୧୧ ଲକ୍ଷ ନେଇ ଉଭାନ୍

**ସମ୍ବଲପୁର, ୧୪।୨(ସମିସ):** ଆଜି ଦିନରେ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ସଚେତନ କଲେ ମଧ୍ୟ ଲୋକମାନେ ଠକେଇର ଶିକାର ହେଉଛନ୍ତି। ଅପରାଧ ରୋକିବାକୁ ଯେତେ ପଦକ୍ଷେପ ଓ ସଚେତନ କରାଯାଉଛି ଅପରାଧୀମାନେ ତାହାଠାରୁ ଅଧିକ ସତର୍କତା ସହ ଠକେଇ କରୁଛନ୍ତି। ଠକେଇର ଶିକାରରେ ଶିକ୍ଷିତ ଲୋକମାନଙ୍କ ସଂଖ୍ୟା ଅଧିକ ରହୁଛି। ସମ୍ବଲପୁର ସାଇବର ଥାନାରେ ଏଭଳି ବଡ଼ ଠକେଇ ହୋଇଥିବା ନେଇ ଏଫ୍‌ସିଆଇରେ କାମ କରୁଥିବା ରାଜେନ୍ଦ୍ର ବାରିକ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ମୁଦିପଡ଼ା ଦେଉଳବନ୍ଧ ନିବାସୀ ରାଜେନ୍ଦ୍ର ଟଙ୍କା ବିନିଯୋଗ କରିବା ପାଇଁ ପ୍ରଥମେ ଅନ୍‌ଲାଇନରେ ଶିଖିବା ପାଇଁ ଯୋଡ଼ି ହୋଇଥିଲେ। ପରେ ଉକ୍ତ ସଂସ୍ଥା ଟାଙ୍କା ବିନିଯୋଗ କରି ସହଜ ଓ ସ୍ୱୀକୃତି ଭବେ ଅଧିକ ଟଙ୍କା ଲାଭ ପାଇବେ ସେ ନେଇ ବୁଝାଇଥିଲେ। ବ୍ଲାକ୍‌ଷ୍ଟୋନ୍ ନାମକ ଏକ ଆପ୍‌ରେ ପର୍ଯ୍ୟାୟ କ୍ରମେ ଟଙ୍କା ବିନଯୋଗ କରିଥିଲେ। ଗତବର୍ଷ ଡିସେମ୍ବରରେ 'ମୁକେଶ ମେହେତା ଆର୍ଥିକ ବିନିଯୋଗ କ୍ଲାସ୍‌ରୁମ(ଭିଆଇପି-୨୧)' ନାମକ ଏକ ହ୍ୱାଟସ୍‌ଗ୍ରୁପ୍‌ରେ ସୋସିଆଲ ମିଡ଼ିଆ ସାହାଯ୍ୟରେ ସେ ଯୋଡ଼ି ହୋଇଥିଲେ। ଯେଉଁଥିରେ ଷ୍ଟକ ମାର୍କେଟ ବିଷୟରେ କ୍ଲାସ କରୁଥିଲେ। ପରେ ଏକ ଲିଙ୍କ ଦେଇ ସେଥିରେ ଟଙ୍କା ବିନିଯୋଗ କରିବା ସଂସ୍ଥା ପକ୍ଷରୁ କୁହାଯାଇଥିଲା। ବ୍ଲାକ୍‌ଷ୍ଟୋନ୍ ଆପ୍‌ରେ କେତେଟଙ୍କା, କେତେ ସମୟ ପାଇଁ, କେଉଁଠି ବିନିଯୋଗ କରିଲେ ଅଧିକ ଲାଭ ମିଳିବ ସେନେଇ ଉଦାହରଣ ଦେଇ ପରାମର୍ଶ ଦେଇଥିଲେ। ରାଜେନ୍ଦ୍ର ମଧ୍ୟ ଅଧିକ ଟଙ୍କା ରୋଜଗାର ହେବା ଆଶାରେ ଟଙ୍କା ବିନିଯୋଗ କରିଥିଲେ। ୨୦୨୪ ଜାନୁଆରୀ ମାସ ୧୮ ଓ ୧୯ତାରିଖରେ ପ୍ରଥମେ ୨୦ ହଜାର ଓ ୧୦ ହଜାର ଟଙ୍କା ବ୍ୟାଙ୍କ ଖାତା ନଂ.୫୦୬୦୫୨୦୦୧୪ରେ ଜମା କରିଥିଲେ। ଜାନୁଆରୀ ୧୮ରୁ ଫେବୃଆରୀ ୧୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟକ୍ରମେ ରାଜେନ୍ଦ୍ର ୧୧ ଲକ୍ଷ ୧୦ ହଜାର ଟଙ୍କା ବ୍ଲାକଷ୍ଟୋନ ଆପ୍‌ରେ ବିନିଯୋଗ କରିଥିବା ଅଭିଯୋଗ କରିଛନ୍ତି। ଆପିଓରେ ଆହୁରି ଅଧିକ ଟଙ୍କା ନିବେଶ କଲା ପରେ ୨୦ ଲକ୍ଷ ଟଙ୍କା ମିଳିବ ବୋଲି ରାଜେନ୍ଦ୍ରଙ୍କୁ ସ୍ୱପ୍ନ ଦେଖାଇଥିଲେ। ନହେଲେ ପୂର୍ବ ଟଙ୍କା ଫ୍ରିଜ ହୋଇଯିବ ବୋଲି ବାହାନ କରିଥିଲେ। ଶେଷରେ ଆପ୍‌ରେ ରାଜେନ୍ଦ୍ରଙ୍କ ଏକାଉଣ୍ଟ ଫ୍ରିଜ ହୋଇଯାଇଥିଲା। ଆପ୍‌ରେ ଦିଆଯାଇଥିବା ମୋବାଇଲ ନମ୍ବରେଟି ଭୁଲ ଅଟେ ବୋଲି ସେ ଅଭିଯୋଗ କରିଛନ୍ତି।

## ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ରେଙ୍ଗାଲି, ୧୪।୨ (ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗୁରୁପାଲି ଗ୍ରାମରେ ଏକ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ରେଙ୍ଗାଲି ପୁଲିସକୁ ଖବର ଦେଇଥିଲେ। ରେଙ୍ଗାଲି ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## ଭୀମଭୋଇ କଲେଜରେ ସଚେତନତା କର୍ମଶାଳା

**ରେଢ଼ାଖୋଲ, ୧୪।୨(ସମିସ):** ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ୧୦ଟି ମୁଖ୍ୟ ସମୀକରଣ ବିଷୟରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଅରୁଣ କୁମାର ସାସନି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ସନ୍ତୋଷ କୁମାର ଦାସ, ଗଙ୍ଗାଧର ମେହେର, ବିଶ୍ୱ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡ଼. ପ୍ରସନ୍ନ କୁମାର ମିଶ୍ର, ଡ଼. ସତିଶ କୁମାର ପଟେଲ, ଡ଼. ଜିତେନ କୁମାର ମିଶ୍ର ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେହିପରି ପୂର୍ବାହ୍ନରେ କଲେଜରେ ଯୁବ ରେଡକ୍ରସ୍ ଏବଂ ରେଡ ରିବନ୍ କ୍ଲବ ପକ୍ଷରୁ ଏଚ୍‌ଆଇଭି ଏଡ୍‌ସ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ସନ୍ତୋଷ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଯୁବକ ମାନଙ୍କର ଭୂମିକା, ରକ୍ତଦାନ, ଚକ୍ଷୁଦାନ ଓ ଅଙ୍ଗଦାନର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଯୁବ ରେଡକ୍ରସ୍ ଉପଦେଷ୍ଟା ତଥା ଜିଲ୍ଲା ସଂଯୋଜକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ମାନଙ୍କ ସମେତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।







Skilled in ODISHA

**ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା-୨୦୨୩-୨୪**

**ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀଙ୍କ ଆନୁକୂଲ୍ୟରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, କଟକଙ୍କ ଦ୍ୱାରା ଜିଲ୍ଲା ପ୍ରଶାସନ କଟକଙ୍କ ସହଯୋଗରେ ଆସନ୍ତା **ତା.୧୬.୦୨.୨୦୨୪ରିଖ (ଶୁକ୍ରବାର)** ଦିନ ବାଙ୍କୀ ବ୍ଲକ୍ କଚେରୀ ପଡ଼ିଆ, ବାଙ୍କୀ ଓ **ତା.୧୭.୦୨.୨୦୨୪ରିଖ (ଶନିବାର)** ଦିନ ନିଶ୍ଚିନ୍ତ କୋଇଲି ବ୍ଲକ୍ ନିକଟ ପଡିଆଠାରେ ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା ଆୟୋଜନ କରାଯାଉଛି । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ କେତେକ ନିଯୁକ୍ତି ଦାତାମାନେ ଯୋଗଦେବେ। ନିଯୁକ୍ତ ଦାତାଙ୍କ ମଧ୍ୟରୁ କେତେକ ନିଯୁକ୍ତିଦାତା ସିଧାସଳଖ ନିଯୁକ୍ତି ଦେବେ ଓ ଆଉ କେତେକ ନିଯୁକ୍ତି ଭିତ୍ତିକ ତାଲିମ୍ ପରେ ନିଯୁକ୍ତି ଦେବାପାଇଁ ବ୍ୟବସ୍ଥା ରହିଛି ।

ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳରେ ଥିବା ପଞ୍ଚମ ଶ୍ରେଣୀଠାରୁ +୩ ପାସ୍, ଆଇ.ଟି.ଆଇ. ଓ ଡିପ୍ଲୋମା ପାସ୍ କରିଥିବା ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ଇଚ୍ଛୁକ ଥିବା ପ୍ରାର୍ଥୀ / ପ୍ରାର୍ଥିନୀମାନେ ଅଂଶଗ୍ରହଣ କରିପାରିବେ।

ଏଣୁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାରକାର୍ଡ ଓ ନିଜର ପାସ୍‌ପୋର୍ଟ ଫଟୋ ସହିତ ଉକ୍ତ ନିଯୁକ୍ତି ମେଳାରେ **ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୩ ଘଟିକା** ମଧ୍ୟରେ ଯୋଗଦେଇ ନିଯୁକ୍ତିର ସୁଯୋଗ ନେବାକୁ ଅନୁରୋଧ।

**ପ୍ରକାଶ ଥାଉକି : ଏହି ସୁଯୋଗ ସରକାରୀ ଚାକିରୀ ନିମନ୍ତେ ଉଦ୍ଦିଷ୍ଟ ନୁହେଁ।**

ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ, କଟକ | ଜିଲ୍ଲା ପ୍ରଶାସନ, କଟକ

**ଯୋଗାଯୋଗ: ୦୬୭୧-୨୩୬୦୦୭୭**



ଶ୍ରେଷ୍ଠ ୧୦୦ରେ ସୁମିତ୍ ନାଗଲ


▶ପୃଷ୍ଠା ୧୯ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-231 ♦BHUBANESWAR ♦THURSDAY ♦15 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୧ ♦ଭୁବନେଶ୍ୱର ♦ଗୁରୁବାର ♦୧୫ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦



DSPL-654

ODISHA NEW OPPORTUNITIES | 5T | ଆମ ଓଡ଼ିଶା ନବୀନ ଓଡ଼ିଶା

" ଶିଳ୍ପାୟନ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବା ଆମର ଲକ୍ଷ୍ୟ । ଏହି ସବୁ ନୂତନ ଶିଳ୍ପ ହେବା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ ଏବଂ ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ଏକ ଶିଳ୍ପ ଶକ୍ତି ଭାବେ ଗଢି ଉଠିବ "

(Naveen Patnaik)
Chief Minister, Odisha





## ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଖୋର୍ଦ୍ଧା ଜିଲ୍ଲାରେ ନୂତନ ଶିଳ୍ପ ପାର୍କର ଶୁଭାରମ୍ଭ

### ମୁଣ୍ଡମ୍ୱା ରେ ନୂତନ ଫୁଡ ପାର୍କ ର ଉଦଘାଟନ

SriChakra Poly Plast India Private Limited | Chemco Plastic Industries Pvt. Ltd. | Shrijay Foils Limited | IDVB Recycling Operations Pvt Ltd. | Indopet Polyplast Pvt. Ltd. | Maa Tarini Roller Flour Mills LLP | Rajshree Polypack Limited | Shiv Shakti Processed Foods Pvt ltd | Kishlay Foods Pvt Ltd |Anadrone Systems Pvt Ltd

୧,୧୬୦ କୋଟି ଟଙ୍କାର ପୁଞ୍ଜି ନିବେଶ

୧,୯୦୦ ଯୁବ ବର୍ଗଙ୍କୁ କର୍ମ ନିଯୁକ୍ତି

### କାଳିବେଟିରେ ଶିଳ୍ପ ପାର୍କ ର ଶିଳାନ୍ୟାସ

Berger Paints India Limited

୧,୪୬୦ କୋଟି ଟଙ୍କାର ପୁଞ୍ଜି ନିବେଶ

୧,୫୦୦ ଯୁବ ବର୍ଗଙ୍କୁ କର୍ମ ନିଯୁକ୍ତି

୧୫ ଫେବୃଆରୀ ୨୦୨୪ । ଖୋର୍ଦ୍ଧା

COME. JOIN THE JUGGERNAUT.

OIPR-14005/13/0048/2324

ScarecrowM&CSaatchi/2024/Feb

Email us at: info@investodisha.org
For any queries or inquiries give a missed call on: 01732351348
Please visit http://www.investodisha.gov.in/
Follow us on @investInOdisha /InvestOdisha

# ବରଗଡ଼ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ 'କିଣ୍ଡର୍ କସ୍ମସ୍'

**ବରଗଡ଼, ୧୪।୨(ସମିସ)**

ବରଗଡ଼ସ୍ଥିତ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ ସରସ୍ୱତୀ ପୂଜା ଅବସରରେ ପ୍ରାକ୍ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଶାର ସର୍ବପ୍ରଥମ ସ୍କୁଲ୍ ଭାବରେ "କିଣ୍ଡର୍ କସ୍ମସ୍" ପ୍ରକଳ୍ପ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ସରିତାଞ୍ଜଳୀ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରିଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଭୁକ୍ତ ରାଉରକେଲା ଶାଖାର ହେଡ୍ ଅଫ୍ ସ୍କୁଲସ୍ ମିନାକ୍ଷୀ ଦାସଙ୍କ ମାର୍ଗଦର୍ଶନ ତଥା ତତ୍ତ୍ୱାବଧାନରେ ସଫଳତାର ସହ କିଣ୍ଡର୍ କସ୍ମସ୍ ଉଦ୍‌ଘାଟିତ ହୋଇଯାଇଛି ଏବଂ ନିଜ ଅଭିଭାଷଣରେ ଏହା ପ୍ରାକ୍ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଇଁ ଅପୂର୍ବ ସଫଳତା ଆଣିପାରିବ ବୋଲି ମତବ୍ୟକ୍ତ କରିଥିଲେ। କ୍ରିଷ୍ଣା ବିକାଶ ଗ୍ରୁପର ଅଧ୍ୟକ୍ଷ ଡି ମୁରଲୀ କ୍ରିଷ୍ଣା ନିଜର ଅଭିଭାଷଣରେ ଛାତ୍ରଛାତ୍ରୀ ପ୍ରକୃତି ସହିତ ଜଡ଼ିତ ହେବେ, ଜୀବନର ମହତ୍ୱକୁ ଅନୁଭୂତି ମାଧ୍ୟମରେ ଜ୍ଞାନ ଆହରଣ, ସୃଜନାତ୍ମକ ଚିନ୍ତାଧାରାର ବିକାଶ ହୋଇପାରିବ ବୋଲି ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ। କ୍ରିଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ନିଜର ଭାଷଣରେ କିଣ୍ଡର୍ କସ୍ମସ୍‌ର ପ୍ରତ୍ୟକ୍ଷ ଅନୁଭୂତି ଦ୍ୱାରା ପ୍ରାକ୍ ପ୍ରାଥମିକ ଶିକ୍ଷାଦାନ ପ୍ରଣାଳୀ ଆହୁରି ଉତ୍କୃଷ୍ଟ ହୋଇପାରିବ ବୋଲି ମତପୋଷଣ କରିଥିଲେ।





କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ତଥା ସଂସ୍କୃତି, ଇତିହାସ ବିଷୟରେ ଜ୍ଞାନଲାଭ କରିପାରିବେ ବୋଲି କହିଥିଲେ। ଏହି ସମାରୋହରେ ଅଭିଭାବକମାନେ ଯୋଗଦାନ କରି କିଣ୍ଡର୍ କସ୍ମସ୍‌କୁ ଅବଲୋକନ କରିବା ସହିତ ଏହି ନୂତନ ଶିକ୍ଷା ଉପକରଣ ପ୍ରଣାଳୀର ଭୂୟସୀ ପ୍ରଶଂସା କରିବା ସହିତ ପ୍ରାକ୍ ପ୍ରାଥମିକ ଶିକ୍ଷାଦାନରେ ଏହି ନୂତନ ପ୍ରଣାଳୀର ପ୍ରୟୋଗ ପ୍ରତି ବିଶେଷ ଭାବରେ ଆକୃଷ୍ଟ ହୋଇଥିଲେ। ଏହି କିଣ୍ଡର୍ କସ୍ମସ୍ ଶିକ୍ଷାଦାନ ପ୍ରଣାଳୀରେ ପ୍ଲେ-ଜୋନ୍, ଶୈକ୍ଷିକ ଟଏ ମ୍ୟୁଜିୟମ୍, ଏନିମଲ୍ ହେବିଟ୍ୟାଟ୍, ପପେଟ୍ ଥିଏଟର୍, ଏନ୍ଭିଏଣ୍ଟ କଲ୍‌ଚର୍, ଲାଇଫ୍ ସ୍କିଲ୍ ଷ୍ଟୁଡିଓ, ମଣ୍ଟେସରୀ ଲ୍ୟାବ୍, ନଲେଜ୍ ସେଣ୍ଟର୍ (ଲାଇବ୍ରେରୀ), ଉଦ୍ଭିଦ ଗବେଷଣା କେନ୍ଦ୍ର ଆଦି ଶିକ୍ଷାଦାନ ମାଧ୍ୟମଗୁଡ଼ିକ ଅନ୍ତର୍ଭୁକ୍ତ ରହିଛି। ପ୍ରାକ୍ ପ୍ରାଥମିକ ସ୍ତରୀୟ ଶିକ୍ଷାଦାନ ପ୍ରଣାଳୀକୁ ଆହୁରି ଉତ୍କୃଷ୍ଟ କରିବା ପାଇଁ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ପରିଚାଳନା ମଣ୍ଡଳୀ ଏହି କିଣ୍ଡର୍ କସ୍ମସ୍‌ରେ ଜୀବଜନ୍ତୁ ଯଥା-ଠେକୁଆ, ହଂସ, କଇଁଛ, ମାଛ, ବିଭିନ୍ନ ରଙ୍ଗବେରଙ୍ଗର ପକ୍ଷୀଗୁଡ଼ିକୁ ଜୀବନ୍ତ ଭାବରେ ପ୍ରଦର୍ଶନ କରାଯାଇଛି। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଟ୍ରଷ୍ଟି ରାମ ତୁଳସୀ, ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ (ସିନିୟର୍ ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଢ଼ିଲା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ରାଶି

**ସରକାରଙ୍କୁ ଧନ୍ୟବାଦ ଜଣାଇଲା କଳାକାର ମହାସଂଘ**

**ବରଗଡ଼, ୧୩।୨(ସମିସ):** ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ରାଶିକୁ ୧୨ ଶହ ଟଙ୍କାରୁ ୨ ହଜାର ପର୍ଯ୍ୟନ୍ତ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ କଳାକାରଙ୍କ ପାଇଁ ଉକ୍ତ ସହାୟତା ରାଶିକୁ ୨୫ ଶହ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ସମଗ୍ର ରାଜ୍ୟରେ କଳାକାରମାନଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ପୂର୍ବରୁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କଠାରେ କଳାକାର ସହାୟତା ରାଶି ୧୨ ଶହରୁ ୨ ଦୁଇ ହଜାର ବୃଦ୍ଧି ପାଇଁ ଦାବି କରିବା ସହ ଆହୁରି ଏକ ଲକ୍ଷ କଳାକାରଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ଅନୁରୋଧ କରିଥିଲା। ତେବେ ପୂର୍ବରୁ ୫୦ ହଜାର କଳାକାରଙ୍କ ସମେତ ଆହୁରି ୩୦ ହଜାର କଳାକାର ଏହି ଯୋଜନାରେ ସାମିଲ ପାଇଁ ସରକାର ଘୋଷଣା କରି ଆଜି ସହାୟତା ରାଶି ବୃଦ୍ଧି କରି କଳାକାରଙ୍କ ଦାବି ପୂରଣ କରି ଐତିହାସିକ ପଦକ୍ଷେପ ନେଇଛନ୍ତି ବୋଲି ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ତରଫରୁ ଅଧ୍ୟକ୍ଷ ଚୈତନ୍ୟ ପାଇକ ଓ ସମ୍ପାଦକ ଗୋପବନ୍ଧୁ ପୁରୋହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ମଧ୍ୟ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

## ପ୍ରଦର୍ଶନୀ କ୍ରିକେଟ ମ୍ୟାଚ

**ପଦ୍ମପୁର, ୧୪।୨ (ସମିସ):** ପଦ୍ମପୁର ଉପଖଣ୍ଡ ଦୁବୁଲାବାହାଲଠାରେ ଶିକ୍ଷକ ଏକାଦଶ ଓ ଦୁବୁଲାବାହାଲ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁବୁଲାବାହାଲ ଏକାଦଶ ବିଜୟୀ ହୋଇଥିଲେ। ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଅଜିତ ରାୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବରେ ସମ୍ବର୍ଦ୍ଧିତ କରିଥିଲେ। ବାଚସ୍ପତି, ଗାର୍ଗବ ଖେଳ ପରିଚାଳନା କରିଥିବା ବେଳେ ସୁଶାନ୍ତ ମହାନନ୍ଦ ସ୍କୋରର ଥିଲେ। ପରମେଶ୍ୱର, ବିଭୂତି, ଭୀମ, ମାଗିରାମ, ଶିକୁନ, ପ୍ରତାପ ସହଯୋଗ କରିଥିଲେ। ଜିତେନ ବଢେଇ ଧନ୍ୟବାଦ ଦେଇଥିଲେ।

## 'ନୂଆଁ ମନ୍ ନୂଆଁ ସପନ୍' କାର୍ଯ୍ୟକ୍ରମ



**ପଦ୍ମପୁର, ୧୪।୨ (ସମିସ):** ପଦ୍ମପୁର ଆଦର୍ଶ ଥାନା ଇଚ୍ଛାପାଲି ଓ ଲମ୍ବରଜୁନା ଠାରେ ନୂଆଁମନ ନୂଆଁ ସପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଝାଞ୍ଜ ପାହାଡ ପାଦଦେଶରେ ଥିବା ଆଦିବାସୀ ବହୁଳ ଗ୍ରାମରେ ପୁଲିସ ପକ୍ଷରୁ ସଚେତନ କରାଯାଇଥିଲା। ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଭୂତି ଭୂଷଣ ଭୋଇ, ଥାନାଧିକାରୀ ମମତା ନାଏକ ଓ ସହକର୍ମୀ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରି ପୁରସ୍କୃତ ହୋଇଥିଲେ। ଅସହାୟ ବୃଦ୍ଧବୃଦ୍ଧା, ଗରିବମାନଙ୍କୁ ଶୀତବସ୍ତ୍ର, ପୋଷାକ ଆଦି ବଣ୍ଟନ କରାଯାଇଥିଲା।

**ନିଖୋଜ ଶିଶୁ ଉଦ୍ଧାର ପ୍ରସଙ୍ଗ**

## ବରଗଡ଼ ଏସପିଙ୍କୁ ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୪।୨(ସମିସ):** ନିଖୋଜ ଶିଶୁ କନ୍ୟାର ଉଦ୍ଧାର ପ୍ରସଂଗରେ ବରଗଡ଼ ପୁଲିସର ନିଷ୍କ୍ରିୟତା ଅଭିଯୋଗରେ ଦାୟର ମାମଲାର ଶୁଣାଣି କରି ହାଇକୋର୍ଟ ବରଗଡ଼ ଏସପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏସପି ଘଟଣାର ଯାଞ୍ଚ କରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ରିପୋର୍ଟ ଦାଖଲ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଲକ୍ଷ୍ମୀ ସାହୁଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଜଷ୍ଟିସ ଚିତ୍ତରଞ୍ଜନ ଦାଶ।ଜଣେ ଶିଶୁ ନିଖୋଜ ଥିବା ସତ୍ତ୍ୱେ ଏହି ମାମଲାରେ ବରଗଡ଼ ଥାନାରେ କେବଳ ଆଇପିସିର ଦଫା ୪୯୮-କ ଓ ୩୪ରେ ଏକ ଏତଲା ପଞ୍ଜୀକରଣ କରାଯାଇଥିବା ବେଳେ ପୁଲିସ ଉଦ୍ଧାର ପାଇଁ ଉଦ୍ୟମ ନକରିବା ଘଟଣାକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ସମଗ୍ର ମାମଲାକୁ ବରଗଡ଼ ଏସପି ଅନୁଧ୍ୟାନ କରି ରିପୋର୍ଟ ଦେବେ ବୋଲି ହାଇକୋର୍ଟ କହିଛନ୍ତି। ମାର୍ଚ୍ଚ ୧୧କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ସ୍ୱାମୀଙ୍କ ସହିତ ଆବେଦନକାରୀଙ୍କ ମନାନ୍ତର ଓ ନିର୍ଯ୍ୟାତନା ନେଇ ଅଭିଯୋଗ ମଧ୍ୟ ରହିଥିଲା। କନ୍ୟା ସନ୍ତାନକୁ ସାଙ୍ଗରେ ନେଇ ସ୍ୱାମୀ କେଉଁ ଆଡେ ପଳାଇଥିଲେ। ସ୍ୱାମୀ ଓ କନ୍ୟା ବିଷୟରେ ଆବେଦନକାରୀ ସୂଚନା ନପାଇ ଉଭୟଙ୍କ ନିଖୋଜ ହେବା ନେଇ ଆବେଦନକାରୀ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ପୁଲିସ କିନ୍ତୁ ନିଖୋଜ ବ୍ୟକ୍ତିଙ୍କ ଉଦ୍ଧାର ପାଇଁ କୌଣସି ପଦକ୍ଷେପ ନେଇ ନଥିବା ଅଭିଯୋଗ ହୋଇଥିଲା। ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପଦ୍ମପୁର ଜିଲ୍ଲା ଗଠନ ଆନ୍ଦୋଳନରେ ଶୌଣ୍ଡିକ ସମାଜ ସାମିଲ

**ପଦ୍ମପୁର, ୧୪।୨(ସମିସ):** ପଦ୍ମପୁରକୁ ଜିଲ୍ଲା ମାନ୍ୟତା ସଂକ୍ରାନ୍ତ ବିଜ୍ଞପ୍ତି ଦାବିରେ ପଦ୍ମପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣା ଚାଲିଛି। ବୁଧବାର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଏହି ଧାରଣାର ୧୪ତମ ଦିନରେ ରାଜବୋଡାସମ୍ବର ଶୌଣ୍ଡିକ ସମାଜର ନେତୃମଣ୍ଡଳୀ ଓ ସଦସ୍ୟମାନେ ସମର୍ଥନ ଜଣାଇଛନ୍ତି। ଏହାସହ ଉପଖଣ୍ଡର ଏହି ବର୍ଗର ଲୋକମାନେ ଜିଲ୍ଲା ଆନ୍ଦୋଳନରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି। ଧାରଣାରେ ସଭାପତି ଅମୁଲ୍ୟ କିଶୋର ସାହୁ, ସମ୍ପାଦକ ଜୟକୃଷ୍ଣ ବେହେରା, ପ୍ରଫୁଲ୍ଲ ବେହେରା, ଆନନ୍ଦ ବେହେରା, ତୁଳାରାମ ବେହେରା, କୃଷ୍ଣଚନ୍ଦ୍ର ବେହେରା, ନବୀନ ବେହେରା, ହରେକୃଷ୍ଣ ବେହେରା, ଲିଙ୍ଗରାଜ ବେହେରା, ବୀରେନ୍ଦ୍ର ବେହେରା ସମେତ ମିଳିତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ସାମିଲ ହୋଇଥିଲେ।




## ଜିଲ୍ଲା ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରିଣୀ

**ବରଗଡ଼, ୧୪।୨(ସମିସ):** ଜିଲ୍ଲା ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରମୋଦ ଝାଙ୍କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ସଂଘର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ସେହିପରି ବ୍ଲକ ସଂଘ ଗୁଡିକର କାର୍ଯ୍ୟ ଉପରେ ସମ୍ପାଦକ ଗୋବିନ୍ଦ ଦାଶ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ କେଦାର ମିଶ୍ର, ଉପଦେଷ୍ଟା ଗୌରଚନ୍ଦ୍ର କର, ଭାରତ ଦାଶ, ପ୍ରସନ୍ନ ପ୍ରଧାନ, ପବିତ୍ର ସରାଫ, ଦେବୀ ପଟ୍ଟନାୟକ, ସ୍ୱାଧୀନ ମହାରଣା, ମଙ୍ଗଲୁ ଭୋଇ, ଚନ୍ଦ୍ରଶେଖର ସାହୁଙ୍କ ସମେତ ବହୁ ସଦସ୍ୟ ବୈଠକରେ ଯୋଗ ଦେଇଥିଲେ। ଲମ୍ବୋଦର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକମାଳ ଜେଏନ୍‌ଭିରେ ଚାରା ରୋପଣ

**ପାଇକମାଳ, ୧୪।୨ (ସମିସ):** ପାଇକମାଳ ଜବାହାର ନବୋଦୟ ବିଦ୍ୟାଳୟରେ ସରସ୍ୱତୀ ପୂଜା ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅଧ୍ୟାପକ ଡ. ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମହାମାୟା ପବ୍ଲିକ ସ୍କୁଲ, ଲୋଡମାଲଠାରେ ସରସ୍ୱତୀ ପୂଜା ଉପଲକ୍ଷେ ଚାରା ରୋପଣ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅକ୍ଷୟ ଦାସଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ବିଭିନ ପ୍ରକାର ଚାରା ରୋପଣ କରିଥିଲେ।





ବୁଧବାର ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶ୍ରୀପଞ୍ଚମୀ ତଥା ବାଗଦେବୀ ସରସ୍ୱତୀଙ୍କ ପୂଜନୋତ୍ସବ ଅବସରରେ ଶିଶୁମାନଙ୍କୁ ଖଡ଼ି ଛୁଆଁଇବା ସହ ପ୍ରଥମ କରି ସ୍କୁଲ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ

**ବରଗଡ଼, ୧୪।୨(ସମିସ):** ହିନ୍ଦୀ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବସନ୍ତ ପଞ୍ଚମୀ ତିଥିରେ ବାଗଦେବୀ ମାତା ସରସ୍ୱତୀ ଦେବୀଙ୍କ ପୂଜା ତଥା ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପଙ୍କଜିନୀ ଗୁରୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ମହାରାଜା କଂସ ଅଭିନେତା ହୃଷୀକେଶ ଭୋଇ, ସମ୍ମାନିତ ଅତିଥି ଭାବେ ମହାମନ୍ତ୍ରୀ ନନ୍ଦିଘୋଷ ମହାପାତ୍ର, ବିଶିଷ୍ଟ ସମାଜସେବୀ ତଥା ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ନାତୁଣୀ ନିହାରିକା ଗିରି, ଏଚିଭର୍ସ ହେଲ୍ପିଙ୍ଗ ଫାଉଣ୍ଡେସନର ସଭାପତି ଦିବାକର ମାଝି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବରିଷ୍ଠ ଶିକ୍ଷକ ଅରବିନ୍ଦ ଗୁପ୍ତା ଓ ସହଯୋଗ କରିଥିଲେ ଅରୁଣା ସାହୁ, ଦିଲେଶ୍ୱରୀ ମଟୱାନୀ, ସୁନିତା ପଣ୍ଡା, ପଲକ ମଟୱାନୀ, ଅଭିଲାଷା ଗୁପ୍ତା। ବିଦ୍ୟାଳୟ ପ୍ରବନ୍ଧନ କମିଟିର ସଦସ୍ୟା ସବିତା ପ୍ରସାଦ, ନୁତନ ଦେବୀ, ସୋନାଦେବୀ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକଳ୍ପ ପରିବାରର ପ୍ରତିଷ୍ଠା ଦିବସ ଓ ବଳିଦାନ ଦିବସ ପାଳିତ

**ବରଗଡ଼, ୧୪।୨(ସମିସ):** ବିଜୁ ପଟ୍ଟନାୟକ ଟାଉନ ହଲଠାରେ ବଳିଦାନ ଦିବସ ତଥା ସଂକଳ୍ପ ପରିବାରର ଚତୁର୍ଥ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୬୬ ୟୁନିଟ ରକ୍ତ ସଂଗ୍ରହ କରି ସହିଦ ବୀର ଯବାନ ମାନଙ୍କ ସ୍ମୃତିରେ ସମର୍ପିତ କରାଯାଇଥିଲା। ରକ୍ତଦାନ ଶିବିରକୁ ସମ୍ବଲପୁର ସିଆରପିଏଫର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଶାନ୍ତ ସାହୁ ଉଦଘାଟନ କରିଥିଲେ। ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ ସୁରେଶ ପୂଝାରୀ, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ, ବିପ୍ଳବୀ କବି ନିତୀଶ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବରଗଡର କେନସର ସରଭାଇଭର ମାନଙ୍କ ଦ୍ୱାରା ଗଠିତ 'ଫାଇଟର୍ସ ଗ୍ରୁପ୍' ଏବଂ ସମ୍ବଲପୁର ଜିଲ୍ଲା ହୀରାକୁଦର 'ଶିକ୍ଷାର ଚାଟଶାଳୀ'କୁ ସଂକଳ୍ପ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ସହିଦ ଯବାନମାନଙ୍କୁ ମନେପକାଇବାକୁ ଯାଇ ସଂକଳ୍ପ ପରିବାର ବଳିଦାନ ଦିବସ ପାଳନ କରୁଥିବାରୁ ଏହା ହିଁ ଦେଶର ସହିଦ ଯବାନ ମାନଙ୍କ ପାଇଁ ପ୍ରକୃତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ବୋଲି ସିଆରପିଏଫ ଅଧିକାରୀ ସୁଶାନ୍ତ ସାହୁ କହିଥିଲେ। ସଂକଳ୍ପ ପରିବାରର ସଦସ୍ୟ ମଧୁସୂଦନ ମେହେର ଅତିଥି ପରିଚୟ ଦେଇଥିବା ବେଳେ ବିକାଶ ଅଗ୍ରୱାଲ ସଭା ପରିଚାଳନା କରିଥିଲେ। ସମ୍ପାଦକ ଜି.ରମେଶ ଧନ୍ୟବାଦ ଅର୍ପଣ କରିଥିଲେ।



**ଭେଡେନ ପ୍ରିମିୟର ଲିଗ କ୍ରିକେଟ**

## କ୍ରେଜି ଷ୍ଟ୍ରାଇକର ଓ ପାୱାର ହିଟର ଭେଡେନ ବିଜୟୀ

**ଭେଡେନ, ୧୪।୨(ସମିସ)**

ଭେଡେନସ୍ଥିତ ରଣଜିତା ମିନି ଷ୍ଟାଡିୟମଠାରେ ଏଫ.ସି କ୍ଲବ ଆନୁକୂଲ୍ୟରେ ୭ତମ ଭେଡେନ ପ୍ରିମିୟର ଲିଗ(ବିପିଏଲ) କ୍ରିକେଟ ପ୍ରତିଯୋଗିତା ଦ୍ୱିତୀୟ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ କ୍ରେଜି ଷ୍ଟ୍ରାଇକର ଓ ସାନଭି ଇଲେଭେନ ମଧ୍ୟରେ କ୍ରେଜି ଷ୍ଟ୍ରାଇକର ଦଳ ବିଜୟୀ ହୋଇଥିଲା। କ୍ରେଜି ଷ୍ଟ୍ରାଇକର ଦଳର ଲିଙ୍କନ ନାଏକ ମ୍ୟାନ ଅଫ ଦି ମ୍ୟାଚ ଭାବରେ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ପାୱାର ହିଟର ଭେଡେନ ଓ ଗ୍ରୀନ ଗେଲେକସି ମଧ୍ୟରେ ପାୱାର ହିଟର ଭେଡେନ ବିଜୟୀ ହୋଇଥିଲା। ଦଳର ରିଙ୍କୁ ସୁରଜାଲ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ପ୍ରସନ୍ନ ଦାଶ, ପ୍ରଶାନ୍ତ ବେହେରା, ସୁନୀଲ ଅଦାବର ଖେଳ ପରିଚାଳନା କରିଥିବାବେଳେ ସ୍କୋରର ଥିଲେ ସୁଜୟ ମେହେର, ସୂର୍ଯ୍ୟକୁମାର ଦେହରି, ଏମଡି ଅତିକ। ଧାରାବିବରଣି ସଞ୍ଜୟ ମେହେର, ଲିପୁନ ବେହେରା, କିଶୋର ପଧାନ ପ୍ରଦାନ କରିଥିଲେ। ଦେବାନନ ବେହେରା, ତୋଷବନ୍ତ ବେହେରା, ଓ ଗୌର ଦେହେରି ଯୋଗଦାନ କରିଥିଲେ।



# ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୧୪।୨(ସମିସ):** ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ବରିଷ୍ଠ ଓଏଏସ୍ ଗଙ୍ଗାଧର ନାୟକଙ୍କୁ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆର୍ସି)ଙ୍କ ସଚିବ ଭାବେ ବଦଳି କରାଯାଇଛି। ବୁଧବାର ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଓଏଏସ୍ସ୍ତରରେ ଅଦଳବଦଳ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ଜାରୀ ବିଜ୍ଞପ୍ତି ଅନୁସାରେ, ଓଡ଼ିଶା ମାନବାଧିକାର କମିଶନଙ୍କ ସଚିବ ଭାବେ ବରିଷ୍ଠ ଓଏଏସ୍ ସୁଦର୍ଶନ ପରିଡ଼ାଙ୍କ ପୂର୍ବ ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଛି। ଏହାବ୍ୟତୀତ ନୂଆପଡ଼ା ଉପଜିଲ୍ଲାପାଳ ସୁବାସଚନ୍ଦ୍ର ରାଇତିଆଙ୍କୁ ନୂଆପଡ଼ାର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ବୌଦ୍ଧ ଉପଜିଲ୍ଲାପାଳ ରବୀନ୍ଦ୍ରନାଥ କହଁରଙ୍କୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଥିବା ବେଳେ କାଶୀନଗର ବିଡିଓ ଅନୁପ ପଣ୍ଡାଙ୍କୁ ବୌଦ୍ଧ ଉପଜିଲ୍ଲାପାଳ ଓ ଟେଷ୍ଟବୁକ୍ ପ୍ରଡକ୍ସନ ଆଣ୍ଡ ମାର୍କେଟିଂ ପର୍ସୋନାଲ ଅଫିସର ଯୋଗେନ୍ଦ୍ର ମାଝୀଙ୍କୁ ନୂଆପଡ଼ା ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ପଶ୍ଚିମଓଡ଼ିଶା ବିକାଶ ପରିଷଦର ଓଏସଡି ରବୀନ୍ଦ୍ର କୁମାର ପଟେଲଙ୍କୁ ଗଞ୍ଜାମ ଜିଲ୍ଲା ସହରାଞ୍ଚଳ ବିକାଶ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି ହୋଇଥିବା ବିଭାଗ ପକ୍ଷରୁ ଜାରୀ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

# ‘୫-ଟି’ ଅଧ୍ୟକ୍ଷଙ୍କୁ ଭେଟିଲେ ରାଜ୍ୟ ହାଉସିଂ ବୋର୍ଡ ସଦସ୍ୟ

**ପଦ୍ମପୁର, ୧୪।୨ (ସମିସ)**

ପଦ୍ମପୁରର ପରିଚିତ ଚେହେରା ତଥା ବିଜେଡି ନେତା ପ୍ରୀତମ ମେହେର ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସମୟରେ ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ଓ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଶ୍ରୀ ମେହେର ବର୍ତ୍ତମାନ ରାଜ୍ୟ ହାଉସିଂ ବୋର୍ଡ ସଦସ୍ୟ, ପଦ୍ମପୁର ସେବା ସମବାୟ ସମିତିର ସଭାପତି, ଲାୟନ୍ସ କ୍ଲବ୍ ଅଧ୍ୟକ୍ଷ



ଅଛନ୍ତି। ପୂର୍ବରୁ ବିଜ୍ଞାପିତ ଅଞ୍ଚଳ ପରିଷଦର ଦୁଇଥର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିଥିଲେ। ୫-ଟି ଅଧ୍ୟକ୍ଷଙ୍କ ସହ ସାକ୍ଷାତ ସମୟରେ ବରଗଡ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ସୁଶୀଳା ଭୋଇ, ପଦ୍ମପୁର ବ୍ଲକ ବିଜେଡି ସଭାପତି ପରମାନନ୍ଦ ସାହା, ଜମଲା ସେବା ସମବାୟ ସମିତି ସଭାପତି ଗଣେଶ ଅଗ୍ରୱାଲ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବୀରେନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଏହି ସାକ୍ଷାତ ସୌଜନ୍ୟମୁଳକ ହୋଇଥିଲେ ସୁଦ୍ଧା ରାଜନୈତିକ ମହଲରେ ଚହଳ ପକାଇଛି।

## ଦେବଗଡ଼ ଜିଲ୍ଲା ପୁଲିସରେ ଅଦଳବଦଳ

**ଦେବଗଡ଼, ୧୪।୨(ସମିସ):** ଦେବଗଡ଼ ଜିଲ୍ଲାରେ ନୂତନ ଏସ୍ପି ଭାବେ ରାମ ପ୍ରସାଦ ସାହୁ ଯୋଗ ଦେବା ପରେ ବୁଧବାର ଜିଲ୍ଲାର ବିଭିନ୍ନ ଥାନର ଇନ୍ସପେକ୍ଟର ଓ ସବ୍ ଇନ୍ସପେକ୍ଟରଙ୍କ ଅଦଳବଦଳ ହୋଇଛି। ରିଆମାଳ ଥାନା ଆଇଆଇସି ସରସ୍ୱତୀ ଟୁଡୁଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ପୁଲିସ ମୁଖ୍ୟାଳୟରେ ଅବସ୍ଥାପିତ ଥିବା ଇନ୍ସପେକ୍ଟର ସତ୍ୟବ୍ରତ ରାଉତଙ୍କୁ ରିଆମାଳ ଥାନା ଆଇଆଇସି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ପୁଲିସ ମୁଖ୍ୟାଳୟରେ ଥିବା ସବ୍ ଇନ୍ସପେକ୍ଟର ବିଦ୍ୟୁଲତା ନାୟକଙ୍କୁ ଦେବଗଡ଼ ଥାନା ଓ ନିବେଦିତା ପ୍ରିୟଦର୍ଶିନୀଙ୍କୁ ଦେବଗଡ଼ ଥାନା ସହ ପୁଲିସ ମୁଖ୍ୟାଳୟ ଡିସିଆରବିକୁ ବଦଳି କରାଯାଇଛି। କୁଣ୍ଢେଇଗୋଳା ଥାନାରେ ଥିବା ସବ୍ ଇନ୍ସପେକ୍ଟର ବିନୟ କେରକେଟାଙ୍କୁ ଖଇରପାଲି ଫାଣ୍ଡି ଇନଚାର୍ଜ ଭାବେ ବଦଳି କରାଯଇଥିବା ବେଳେ ପୁଲିସ ମୁଖ୍ୟାଳୟ ଡିସିଆରବିରେ ଥିବା ସବ ଇନ୍ସପେକ୍ଟର ମନୋଜ ସାହୁଙ୍କୁ କୁଣ୍ଢେଇଗୋଳା ଥାନା, କୁଣ୍ଢେଇଗୋଳା ଥାନାରେ ଥିବା ସବ୍ ଇନ୍ସପେକ୍ଟର ନୀଳକଣ୍ଠ ପାତ୍ରଙ୍କୁ ରିଆମାଳ ଥାନା, ଦେବଗଡ଼ ଥାନାରେ ଥିବା ସବ୍ ଇନ୍ସପେକ୍ଟର ସନାତନ ମହାରଣାଙ୍କୁ କୁଣ୍ଢେଇଗୋଳା ଥାନା, ଦେବଗଡ଼ ଥାନରେ ଥିବା ଏଏସ୍ଆଇ କମଳ ଲୋଚନ ସାମଲଙ୍କୁ ଲଇମୁରା ଥାନା ଓ ପୁଲିସ ମୁଖ୍ୟାଳୟରେ ଥିବା ଏଏସଆଇ ରଞ୍ଜିତ ରାଉତଙ୍କୁ ପୁଲିସ ମୁଖ୍ୟାଳୟ ଡିଆଇବି ଦପ୍ତରକୁ ବଦଳି କରାଯାଇଛି।

## ଖୁଣ୍ଟଲିପାଲି ଶିଶୁ ମନ୍ଦିରରେ ସରସ୍ୱତୀ ପୂଜା

**ଥୁଆପାଲି, ୧୪।୨(ସମିସ):** ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା ଓ ବିଦ୍ୟାରମ୍ଭ ସଂସ୍କାର ପାଳିତ ହୋଇଯାଇଛି। ପ୍ରଥମେ ଗ୍ରନ୍ଥ ଶୋଭାଯାତ୍ରା



ପାଇଁ ଖୁଣ୍ଟୁଲିପାଲିଠାରେ ଥିବା ବିନ୍ଧ୍ୟବାସିନୀ ମନ୍ଦିର ଯାଇ ସେଠାରେ ଗ୍ରନ୍ଥ ପୂଜା ପୂର୍ବକ ବିଦ୍ୟାଳୟକୁ ଆସିଥିଲେ। ଶିଶୁ ବାଟିକା ବିଭାଗର ଅଭିଭାବକ ଶିବ ଅଦାବର ଓ ଧର୍ମପତ୍ନୀ ତପସ୍ୱିନୀ ଅଦାବର କର୍ତ୍ତା ଥିଲେ। ପୂଜା ସହ ହୋମ ଏବଂ ଆଳତି କରାଯାଇଥିଲା। ଅଷ୍ଟମ ଶ୍ରେଣୀର ଭାଇ ସୋହନ ପତି କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ପଣ୍ଡିତ ବଂଶୀଧର ଆଚାର୍ଯ୍ୟ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରାଚୀର ପତ୍ରିକା ବାଗ ବାଦିନୀ ଉନ୍ମୋଚନ ହେଇଥିଲା।

## ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା ଶିବିର

**ଦେବଗଡ୍ଡ, ୧୪।୨(ସମିସ):** ଦେବଗଡ଼ ଜିଲ୍ଲା ବାରକୋଟ ପଞ୍ଚାୟତ ସମିତି ଅଧୀନ କେଲଡା, ଦଣ୍ଡାସିଂହା, କଣ୍ଟାପାଲି ଓ ଝରାକଣ୍ଡଲ ପଞ୍ଚାୟତ ମୁଖ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ କେଲଡା ସରପଞ୍ଚ ରଞ୍ଜନ ସେଠୀ, ଦଣ୍ଡାସିଂହା ସରପଞ୍ଚ କ୍ଷୀରୋଦିନୀ ପ୍ରଧାନ, କଣ୍ଟାପାଲି ସରପଞ୍ଚ ତପସ୍ୱିନୀ ଶବର, ଝରାକଣ୍ଡଲ ସରପଞ୍ଚ ଗୌରୀ କିସାନ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ବୁଝାଇ ଥିଲେ। ସେହିପରି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ବୁଝାଇବା ସହ ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ମିଶନ ଶକ୍ତି ସଭ୍ୟା ଓ ଜନସାଧାରଣଙ୍କୁ ପଞ୍ଚାୟତର ଉନ୍ନତି ମୂଳକ ପ୍ରକଳ୍ପ ସମ୍ବଳିତ ଲିଫ୍ ଲେଟ୍ ବଣ୍ଟନ କରାଯିବା ସହ ବ୍ଲକର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ସମ୍ବଳିତ ଏକ ଭିଡିଓ ଫିଲ୍ମ ପ୍ରଦର୍ଶିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ସ୍ଥାନୀୟ ସାଂସ୍କୃତିକ ଦଳ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଥିଲା। ଜନସାଧାରଣଙ୍କଠାରୁ ୧୦୩ ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ ହୋଇଥିଲା। ନିର୍ବାହୀ ଅଧିକାରୀ ସଞ୍ଜୟ ବେହେରା, ନୀଳକଣ୍ଠ ପ୍ରଧାନ, ଜଗବନ୍ଧୁ ପ୍ରଧାନ, କିଶୋର ପ୍ରଧାନ, ପର୍ଯ୍ୟବେକ୍ଷଣ ଅଧିକାରୀ ସୁଜନ ସାହୁ, ସୁମତି ପ୍ରଧାନ, ସୁଶାନ୍ତ ନାୟକ, ଲବଣୀ କାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ଯାପିତ

**ବରଗଡ଼, ୧୪।୨(ସମିସ):** ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଗୋଟିଏ ମାସ ବ୍ୟାପୀ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦଧିବାମନ ଦାଶ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ସଂଯୋଜକ ତଥା ଟ୍ରଷ୍ଟ ଫଣ୍ଡ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତୁଲଚନ୍ଦ୍ର ତ୍ରିପାଠୀ ଯୋଗ ଦେଇଥିଲେ। ହିନ୍ଦୀ ବିଭାଗର ପ୍ରାଧ୍ୟାପିକା ରଞ୍ଜିତା ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହ ସଂଯୋଜିକା ଆଲପନା ରାୟ ଚୌଧୁରୀ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ଝରଣା, ନିକିତା, ଜ୍ୟୋସ୍ନା, ପୁଷ୍ପାଞ୍ଜଳି, ଶ୍ରଦ୍ଧା ଓ ସଙ୍ଗୀତା ଉପସ୍ଥିତ ଥିଲେ। ମାସାଧିକ କାଳର ତାଲିମ ଶିବିରକୁ ସଂଯୋଜିକା ଅଧ୍ୟାପିକା ଡ.ରୀନାକୁମାରୀ ମେହେର ପରିଚାଳନା କରିଥିଲେ।



## ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା

**କୁଚିଣ୍ଡା, ୧୪।୨(ସମିସ):** କୁଚିଣ୍ଡା ତଥା ଅଖାପାଖ ଅଞ୍ଚଳରେ ବିଦ୍ୟାଦାତ୍ରୀ ମା’ ସରସ୍ୱତୀଙ୍କ ପୂଜା ମହାଆଡ଼ମ୍ବରରେ ପାଳନ ହୋଇଯାଇଛି। କୁଚିଣ୍ଡା ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ଶିଶୁ ବିଦ୍ୟା ମନ୍ଦିର ସହିତ ଅରବିନ୍ଦ ଶିକ୍ଷା କେନ୍ଦ୍ରରେ ମଧ୍ୟ ଯଥା ରୀତିନୀତିରେ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା ସହ ଶିକ୍ଷକ ବିଜୟ କୁମାର ଭୋଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କୁ ପ୍ରସାଦ ସହ ଖେଚଡ଼ି ଦିଆଯାଇଥିଲା। ଠିକ୍ ସେହିପରି କନ୍ହେଇପାଲି ମହାବିଦ୍ୟାଳୟ, ଗୋଛରା ଦୀନବନ୍ଧୁ ହାଇସ୍କୁଲ, କୁଟୁରାଚୁଆଁ ହାଇସ୍କୁଲ ସମେତ ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ପୂଜାର୍ଚ୍ଚନା କରାଯାଇ ମା’ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଦୟାମଣି ବୃଦ୍ଧାଶ୍ରମର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୧୪।୨(ସମିସ):** ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମର ଷଷ୍ଠ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର ମୁଖ୍ୟ ଅତିଥି ଓ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷା ମୀନାକ୍ଷୀ ପୂଜାରୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ତତ୍ତ୍ୱାବଧାରିକା ପୂର୍ବତନ ସାଂସଦ ପ୍ରମିଳା ବହିଦାର ବୃଦ୍ଧାଶ୍ରମ ଗଠନର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ଇଂ ଶ୍ରୀକାନ୍ତ ପାଣିଗ୍ରାହୀ ବୃଦ୍ଧାଶ୍ରମର ଭବିଷ୍ୟତ ରୂପରେଖ ଉପରେ ଆଲୋଚନା କରିଥିବା ବେଳେ ଅନ୍ୟତମ ସଦସ୍ୟ ଆଇନଜୀବୀ ଅଶୋକ କୁମାର ସେନାପତି ବୃଦ୍ଧାଶ୍ରମର ସୁପରିଚାଳନା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ବୃଦ୍ଧାଶ୍ରମର ଅନ୍ତେବାସୀ ହୀରାଲାଲ ଚୌହାନ ଓ ଅନ୍ତେବାସିନୀ କିଶୋରୀ ବେହେରା, ବେଦମତୀ ମେହେର, ଯାଜ୍ଞସେନୀ ପାତ୍ର ପ୍ରମୁଖ ଆଶ୍ରମ ରହଣୀର ସୁଖଦ ଅନୁଭୂତି ପ୍ରକାଶ କରି ଆତ୍ମସନ୍ତୋଷ ଲାଭ କରିଥିବା କହିଥଲେ। ଅନ୍ୟମାନଙ୍କ ମଧ୍ୟରେ ବଦ୍ରି ନାରାୟଣ ମିଶ୍ର ଓ ସୁଶୀଲ କୁମାର ଦାସ ଉଦବୋଧନ ଦେଇଥିଲେ। ଏହି ଅବସରରେ ବୃଦ୍ଧାଶ୍ରମକୁ ଆର୍ଥିକ ସହଯୋଗ କରିଥିବା ଝାଡୁଆପଡ଼ାର କୁନାଲ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବାବାଜୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ ମଲ୍ଟି ସ୍ପେସାଲିଟି ହସ୍ପିଟାଲରେ ଆଲୋଚନା

**ବରଗଡ଼, ୧୪।୨ (ସମିସ):** ଓରାଲ ଓ ମ୍ୟାକ୍ସିଲୋଫେସିଆଲ୍ ସର୍ଜରୀ ଦିବସ ଅବସରରେ ବିକାଶ ମଲ୍ଟି ସ୍ପେସାଲିଟି ହସ୍ପିଟାଲର ଡାକ୍ତର ସୌଭିକ୍ ଦାସୁକିଲ (ଓରାଲ ଓ ମ୍ୟାକ୍ସିଲୋଫେସିଆଲ୍ ସର୍ଜନ) ବିଭାଗର ଏବଂ କ୍ଲିନିକାଲ୍ ପ୍ରତିଦ୍ୱର ଅଗ୍ରଗତି ଉପରେ ଏକ ଆକର୍ଷଣୀୟ ଏବଂ ଶିକ୍ଷଣୀୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ଗ୍ରୁପ ଇନ୍ଷ୍ଟିଚ୍ୟୁସନ୍ର ଅଧ୍ୟକ୍ଷ ଡି. ମୁରଲୀକ୍ରିଷ୍ଣା ଉପସ୍ଥିତ ଥିଲେ। ହସ୍ପିଟାଲ୍ର ଡାକ୍ତରୀ ନିର୍ଦ୍ଦେଶକ ଡା. ହିମାଂଶୁ ଶେଖର ମିଶ୍ର ଏବଂ ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ଗ୍ରୁପ୍ ସିଇଓ ଡା. ସିଏଚ୍ ରବିକୁମାର ମଧ୍ୟ ଏହି ଆଲୋଚନାରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ସହୃଦୟ ରୋଗୀଙ୍କୁ ଆମର ହୃଦୟରୁ କୃତଜ୍ଞତା, ସେମାନଙ୍କର ଖୁସି ଏବଂ ସଫଳ ଚିକିତ୍ସାର କାହାଣୀ ବାଣ୍ଟିବା ଆମର ସର୍ବଶ୍ରେଷ୍ଠ ସଫଳତା ବୋଲି ମତପ୍ରକାଶ ପାଇଥିଲା।



# ପୁଲୱାମା ସହିଦଙ୍କୁ ଶ୍ରଦ୍ଧାସୁମନ

**ବରଗଡ଼, ୧୪।୨(ସମିସ):** ବରଗଡ଼ ଟ୍ରଷ୍ଟ ଫଣ୍ଡ ଡିଗ୍ରୀ ମହାବିଦ୍ୟାଳୟରେ ପୁଲୱାମା ସହିଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। କଲେଜର ଅଧ୍ୟକ୍ଷ ଡ.ସରୋଜ ଦେବତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୀର ସହିଦଙ୍କ ସ୍ମୃତିରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। କଲେଜର ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ସାମିଲ ହୋଇ ପୁଲୱାମା ସହିଦଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ ସହ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



## ଲଖମରା ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ଝାରବନ୍ଧ, ୧୪।୨(ସମିସ):** ପାଇକମାଳ ବ୍ଲକ ଲଖମରାଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ନବୀନ ସରକାରଙ୍କ ଉନ୍ନୟନ ପାଇଁ ଯୋଜନାର ସଫଳ ରୂପାୟନ ସଂପର୍କରେ ସଚେତନ କରାଯାଇଥିଲା। ସରପଞ୍ଚ ସୁବାସ ଝଗରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ବର୍ଷା ସିଂ ବରିହା, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ବରିହା, ବିଡିଓ ପ୍ରଫୁଲ୍ଲ ଉଡୁ, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ସମିତିସଭ୍ୟା ଶିବାନୀ ଲୁହାର ଯୋଗଦାନ କରିଥିଲେ। ଟେମରୀ ସରପଞ୍ଚ ଦିଲ୍ଲୀପ ବେହେରା ସଂଯୋଜନା କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଆଶା,ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।



## ମାନପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଥୁଆପାଲି, ୧୪।୨(ସମିସ):** ଭେଡେନ ବ୍ଲକ ମାନପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷକ ଲକ୍ଷ୍ମଣ ପାଣିଗ୍ରାହୀ। ମୁଖ୍ୟଅତିଥି ଭାବେ ମାନପୁର ପଞ୍ଚାୟତ ସରପଞ୍ଚ ସୌଦାମିନୀ ହୋତା, ସମ୍ମାନିତ ଅତିଥି ଭାବେ ଅତାବିରା ଆରଏମସି ଉପାଧ୍ୟକ୍ଷ ସୁବାସଚନ୍ଦ୍ର ହୋତା, ପରିଚାଳନା କମିଟିର ସଭାପତି ମନୋରଞ୍ଜନ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ରବିନାରାୟଣ ପାଣିଗ୍ରାହୀ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସହଯୋଗ କରିଥିଲେ ଶିକ୍ଷକ ଟିକେଲାଲ ସେଠ, ପଦ୍ମନାଭ ପୁରୋହିତ, ଆନନ୍ଦ କର୍ଣ୍ଣ, ହରେକୃଷ୍ଣ ମେହେର, ଜ୍ଞାନ ପାଣିଗ୍ରାହୀ, ସବିତା ପାଣିଗ୍ରାହୀ ଓ ଦେବରାଜ ସାହୁ। ଆଲୋକ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।



## ମହିଳା ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ

**ଦେବଗଡ଼, ୧୪।୨(ସମିସ):** ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ୭ ଦିନିଆ ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ଦେବଗଡ଼ ଆଦର୍ଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟ ମହାରଣା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅଧ୍ୟାପିକା ଲତିକା ନନ୍ଦ, ରୀତାଞ୍ଜଳି ସାଏ, ଅଧ୍ୟାପକ ଅରୁଣ ସାହୁ, ଅପନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ଚିତ୍ତ ରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କ୍ରୀଡା ଶିକ୍ଷକ ପ୍ରକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ରମେଶ ଚନ୍ଦ୍ର ଖୁଣ୍ଟିଆ, ଶାରଦା ସାହୁ, ଫଣୀନ୍ଦ୍ର ପ୍ରଧାନ, ବିପିନ ମହାପାତ୍ର, ଜ୍ୟୋତ୍ସ୍ନାମୟୀ ଜେନା, ଭଗବାନ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଜମନକିରା ରାଧାକୃଷ୍ଣ ପଡ଼ାରେ ସରସ୍ୱତୀ ପୂଜା

**ଜମନକିରା, ୧୪।୨(ସମିସ):** ଜମନକିରା ସଦର ମହକୁମା ରାଧାକୃଷ୍ଣପଡ଼ା ମା’ବୀଣାପାଣି କ୍ଲବ୍ ଆନୁକୂଲ୍ୟରେ ସରସ୍ୱତୀ ପୂଜା ହୋଇଯାଇଛି। ପୂଜାରେ କ୍ଲବ ସଭାପତି ମଳୟ ବଡ଼େଇ କର୍ତ୍ତା ଥିବାବେଳେ ଅଶୋକ କୁମାର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ଜମନକିରା ରାଧାକୃଷ୍ଣପଡ଼ା ବାଉନଗୁଡ଼ା ଠାରେ ଏହି ପୂଜା ଆଜିକୁ ୪୧ବର୍ଷ ଧରି ଖୁବ୍ ଧୁମ୍‌ଧାମ୍‌ରେ ପାଳିତ ହୋଇଆସୁଛି। ଫେବୃଆରୀ ୧୪ରୁ ଆରମ୍ଭ ହୋଇଥିବା ଏହି ପୂଜା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଛୋଟବଡ଼ ମାନଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା, ଡାନ୍ସ ପ୍ରତିଯୋଗିତା, ଗୀତ ପ୍ରତିଯୋଗିତା ସହିତ ଭଜନ ସମାରୋହ, କୀର୍ତ୍ତନ କାର୍ଯ୍ୟକ୍ରମ, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ କୁହାଯାଇଛି। କ୍ଲବ ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦ ସହିତ ଅନ୍ୟ ଜରୁରୀ ସେବାର ବ୍ୟବସ୍ଥା କରାଯାଇଛି।



# ରାଉତପଡ଼ା, ସଦାପାଲିରେ ପାନୀୟଜଳ ସମସ୍ୟା

**ଯୁଯୁମୁରା, ୧୪।୨(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତର ରାଉତପଡ଼ାରେ ବିଭିନ୍ନ ସମସ୍ୟା ଲାଗିରହିଛି। ବିଶେଷ ଭାବେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇପଡ଼ିଛି। ଗ୍ରାମରେ ଦୂଷିତ ପାଣି ମିଳୁଥିବାରୁ ତାହା କେହି ବ୍ୟବହାର କରିପାରୁ ନାହାନ୍ତି। ଶୁଦ୍ଧ ପାନୀୟ ଜଳ ତ ଦୂରର କଥା ଗାଧୋଇବା ପାଣି ମଧ୍ୟ ଅନୁପଯୋଗୀ ହୋଇପଡ଼ିଛି। ଗ୍ରାମରେ ଥିବା ଏକମାତ୍ର ନଳକୂପରେ ଠିକ୍ ଭାବରେ ପାଣି ବାହାରୁ ନଥିବା ବେଳେ ନିର୍ମଳ ପାଣି ବାହାରୁ ନାହିଁ। ପାଣି ଯୋଗାଇବା ପାଇଁ ପାଇପ୍ ଲାଇନ ବିଛାଯାଇଥିବା ବେଳେ ତାହା ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ସଦାପାଲିରୁ ଘେନୁପାଲି ରାଉତପଡ଼ା ଯିବାକୁ ରାସ୍ତାରେ ବ୍ରିଜ ନଥିବାବେଳେ ବର୍ଷାଦିନେ ପିଲାମାନଙ୍କୁ ପାଠ ପଢ଼ିଯିବାରେ ସମସ୍ୟା ହେଉଛି। ଏପରିକି ରାସ୍ତା ନଥିବାରୁ ଆମ୍ବୁଲାନ୍ସ



ପହଞ୍ଚି ନ ପାରି ରୋଗୀଙ୍କୁ ଖଟିଆରେ ବୋହା ହେଉଛି। ଗ୍ରାମରେ ବହୁବର୍ଷ ହେବ ବଣୁଆ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ଏନେଇ ବନବିଭାଗ କୌଣସି ସ୍ଥାୟୀ ସମାଧାନର ପଦକ୍ଷେପ ନେଉ ନଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସେହିପରି ଡଙ୍ଗରପଡ଼ା ଗ୍ରାମପଞ୍ଚାୟତର ସଦାପାଲି ଗାଁରେ ପାନୀୟ ଜଳ ସମସ୍ୟା ଗୁରୁତର ରୂପ ଧାରଣ କରିଛି। ଗାଁରେ ଥିବା ଏକମାତ୍ର ନଳକୂପ ଗାଁର ଦେଢଶହ ପରିବାରକୁ ପାନୀୟ ଜଳ ଯୋଗାଇବାରେ ସମର୍ଥ ହେଉ ନଥିବା ଅଭିଯୋଗ ହେଉଛି। ଏପରିକି ଲୋକେ ପୋଖରୀର ପାଣି ପିଇବା ପାଇଁ ବ୍ୟବହାର କରୁଛନ୍ତି। ମହିଳାମାନେ ସକାଳ ହେଲେ ପାନୀୟ ଜଳ ଆଣିବା ପାଇଁ ଗାଁ ପୋଖରୀକୁ ଯାଆନ୍ତି। ଗାଁରେ ଦେଢଶହ ପରିବାର ବସବାସ କରୁଛନ୍ତି। ଏକମାତ୍ର ନଳକୂପ ଯାହା ଆବଶ୍ୟକ ପୂରଣ କରିପାରେ ନାହିଁ। ପୋଖରୀ ପାଣି ପିଇବା ଫଳରେ ଅନେକ ସମୟରେ ଲୋକେ ରୋଗରେ ପଡୁଥିବା ଅଭିଯୋଗ ହେଉଛି। ସାତଶହ ଜନସଂଖ୍ୟା ବିଶିଷ୍ଟ ସଦାପାଲି ଗାଁରେ ପାନୀୟ ଜଳ ସମସ୍ୟା ବିଷୟରେ ସ୍ଥାନୀୟ ସରପଞ୍ଚ ଠାରୁ ପ୍ରଶାସନ, ଜନପ୍ରତିନିଧି ସମସ୍ତଙ୍କୁ ଗୁହାରି କରି କୌଣସି ସୁଫଳ ମିଳିପାରି ନଥିବା ଗ୍ରାମବାସୀ କହିଛନ୍ତି। ଗାଁରେ ଘରକୁ ଘର ପାଇପ୍ ସଂଯୋଗ ହୋଇଛି ସତ, ହେଲେ ପାଣି ପହଞ୍ଚି ପାରୁନାହିଁ। ଅଧିକ୍ଷଣ ଯନ୍ତ୍ରୀ ଖୁବ୍‌ଶୀଘ୍ର ସଦାପାଲି ଗାଁରେ ଥିବା ସ୍କୁଲର ନଳକୂପ ମରାମତି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ଝାରବନ୍ଧ, ୧୪।୨(ସମିସ):** ଝାରବନ୍ଧ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୨୮ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ, ମୁଖ୍ୟବକ୍ତା ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ସଭାପତି ଅଇଁଠା ପ୍ରଧାନ, ସମ୍ପାଦକ ଶିବପ୍ରସାଦ ପଟେଲ, ଅଧ୍ୟକ୍ଷ କୈଳାସ ରଣା ମଞ୍ଚାସୀନ ଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ବଂଶୀଧର ଧରୁଆ ମଞ୍ଚ ପରିଚାଳନା କରିଥିବା ବେଳେ ସାମାଜିକ କର୍ମୀ ଗୋବିନ୍ଦ ପଟେଲ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



ପ୍ରଳୟପୟୋଧିଜଳେ ଧୃତବାନସି ବେଦମ୍
ବିହିତବହିତ୍ରଚରିତ୍ରମଖେଦମ୍
କେଶବ ଧୃତ ମୀନଶରୀର ଜୟ ଜଗଦୀଶ ହରେ।
-ଜୟଦେବ

ସକାଳ
THE SAKALA

## ପୁଣି ଥରେ ଦିଲ୍ଲୀ ସୀମାରେ ଚାଷୀମେଳି

# ଆନ୍ଦୋଳନ ନାଁରେ ରାଜନୀତି ନ ହେଉ

ଚାଷୀମାନଙ୍କର ଦୀର୍ଘ, ସଂଗଠିତ ଆନ୍ଦୋଳନ ଯେକୌଣସି ସରକାର ପାଇଁ ଚିନ୍ତାର ବିଷୟ। ଏହା କେତେ ଚିନ୍ତାଜନକ ତଥା ସମସ୍ୟା ବହୁଳ ତାହାର ଅଭିଜ୍ଞତା ୨୦୨୦-୨୦୨୧ରେ ମୋଦୀ ସରକାର ଅନୁଭବ କରିଛନ୍ତି। ଦିଲ୍ଲୀର ସମସ୍ତ ପ୍ରବେଶ ପଥ ଦୀର୍ଘକାଳ ଚାଷୀଙ୍କ ଦ୍ୱାରା ଅବରୁଦ୍ଧ ହୋଇ ରହିବା ଫଳରେ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେବାରୁ ଅନେକ ଲୋକ ନିହତ ହେବା ସହ ଦେଶର ଅର୍ଥନୀତି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ପରିସ୍ଥିତିର ଚାପରେ ପଡ଼ି କେନ୍ଦ୍ର ସରକାର ତିନିଟି କୃଷି ସଂସ୍କାର ଆଇନକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ। ଚାଷୀମାନଙ୍କର ଅଭିଯୋଗ ଥିଲା ଯେ ଏହି କୃଷି ଆଇନ କାର୍ଯ୍ୟକାରୀ ହେଲେ ବଡ଼ ବଡ଼ କର୍ପୋରେଟ ହାଉସ ଓ କମ୍ପାନୀ ଉପକୃତ ହେବେ ଏବଂ ସାଧାରଣ ରଏତ ସର୍ବସ୍ୱାନ୍ତ ହେବ। ଏହାଥିଲା ଭାରତର ପ୍ରଥମ ବୃହତ୍ ସଫଳ ଚାଷୀ ଆନ୍ଦୋଳନ। ଭାରତର ବିଡ଼ମ୍ବନା ହେଉଛି କୌଣସି ସରକାରୀ ବିରୋଧୀ ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ ପ୍ରଥମେ ଗୁଡ଼ାଏ ଅପପ୍ରଚାର ଓ ଭ୍ରମାତ୍ମକ ତଥ୍ୟକୁ ବଜାରକୁ ଛଡ଼ାଯାଏ। ଦ୍ୱିତୀୟରେ ବିରୋଧୀ ରାଜନୈତିକ ଦଳ, ସରକାର ବିରୋଧୀ ଗୋଷ୍ଠୀ ଓ ସଂଗଠନ, ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଆପଣା ସ୍ୱାର୍ଥ ଦୃଷ୍ଟିରୁ ଏହାର ପୃଷ୍ଠଭୂମିରେ ରହି ଏହାକୁ ରାଜନୈତିକ ରଙ୍ଗ ଦିଅନ୍ତି। ଶେଷରେ ଆନ୍ଦୋଳନକୁ ନ୍ୟସ୍ତସ୍ୱାର୍ଥବାଦୀମାନେ ଅପହରଣ ବା ହାଇଜାକ୍ କରିଥା'ନ୍ତି। ତେଣୁ ଭାରତରେ ଐତିହାସିକ କୃଷି ସଂସ୍କାର ପାଇଁ କେନ୍ଦ୍ର ସରକାର କେଉଁ ତିନିଟି ଯୁଗାନ୍ତକାରୀ ଆଇନ ଆଣିଥିଲେ ତାହା ପ୍ରକୃତରେ ରାଜନୈତିକ ବିରୋଧ ଯୋଗୁଁ ବାତିଲ ହେବାକୁ ବାଧ୍ୟ ହେଲା ଏବଂ ନ୍ୟସ୍ତ ସ୍ୱାର୍ଥ ଏବଂ ସୁବିଧାବାଦୀ ଗୋଷ୍ଠୀର ବିଜୟ ଘଟିଲା।

ଏବେ ସେଭଳି ଆଉ ଏକ ବଡ଼ ଆନ୍ଦୋଳନର ସୂତ୍ରପାତ ହେବାକୁ ଯାଉଛି। ଏଥର ଚାଷୀଙ୍କ ସହିତ ଶ୍ରମିକମାନେ ମଧ୍ୟ ସାମିଲ ହୋଇଛନ୍ତି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ବିଭିନ୍ନ କୃଷକ ଓ ଶ୍ରମିକ ସଂଗଠନଙ୍କ 'ଦିଲ୍ଲୀ ଚାଲ' ଡାକରା ଏବଂ ଆସନ୍ତାକାଲି 'ଗ୍ରାମୀଣ ଭାରତ ବନ୍ଦ' ପାଳନ ଆହ୍ୱାନ ସରକାରଙ୍କ ପାଇଁ ନିଶ୍ଚିତ ଏକ ଚିନ୍ତାର ବିଷୟ। ଏଥର ଆନ୍ଦୋଳନମୁହାଁ ବିଭିନ୍ନ ସଂଗଠନ ଦିଲ୍ଲୀକୁ ଅବରୋଧ କରି ଅଚଳ କରିବାକୁ ଲମ୍ବା ପ୍ରସ୍ତୁତି ସହିତ ଆସିଛନ୍ତି। ଯାହା ମନେ ହେଉଛି ସେମାନଙ୍କ ଦାବି ପୂରଣ ନ ହେଲେ ସେମାନେ ବର୍ଷାଧିକକାଳ ଧାରଣା, ଆନ୍ଦୋଳନ ଓ ଅବରୋଧ ଜାରି ରଖି ସାଧାରଣ ନିର୍ବାଚନ ପରିଚାଳନାରେ ମଧ୍ୟ ବିଭ୍ରାଟ ସୃଷ୍ଟି କରିପାରନ୍ତି। ଏଥର ଏହି ଆନ୍ଦୋଳନକାରୀମାନଙ୍କର ଦାବିର ତାଲିକା ବେଶ ଲମ୍ବା ଏବଂ ଏଥିରେ ଅନେକ ଅବାସ୍ତବ ପ୍ରସ୍ତାବ ରହିଛି, ଯାହାକୁ ପୂରଣ କରିବା ବିଶ୍ୱର କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ। ତଥାପି ଏକ ଦାୟିତ୍ୱସମ୍ପନ୍ନ ସରକାର ଭାବେ କେନ୍ଦ୍ର ସରକାର କୃଷକ ସଂଗଠନର ନେତାମାନଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ପ୍ରଥମ ଆନ୍ଦୋଳନରେ ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ବାଧ୍ୟ କରିଥିବା ଚାଷୀନେତାମାନେ ଏଥର ନିର୍ବାଚନ ପୂର୍ବରୁ ଆହୁରି କିଛି ଦାବି ହାସଲ କରିବାକୁ ଆଶା ବାନ୍ଧିଛନ୍ତି।

ଚାଷୀ ଓ ଶ୍ରମିକମାନଙ୍କର ଦାବିଗୁଡ଼ିକ ବେଶ୍ ଲମ୍ବା ହେଲେ ମଧ୍ୟ ଏଥିରେ କିଛି ପ୍ରସଙ୍ଗ ରହିଛି, ଯାହାକୁ ସରକାର ଚାହିଁଲେ ଆଲୋଚନା ମାଧ୍ୟମରେ ସମାଧାନ କରିପାରିବେ ଏବଂ ତାହା ଅଯଥାର୍ଥ ନୁହେଁ। ଚାଷୀଙ୍କ ଉପରୁ ପୁରୁଣା ପୁଲିସ୍ ମାମଲା ପ୍ରତ୍ୟାହାର, ଆନ୍ଦୋଳନକାରୀ ଚାଷୀଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା, କୃଷି ଋଣ ଛାଡ଼, କୃଷିକ୍ଷେତ୍ରକୁ ବିଜୁଳି ଯୋଗାଣ ଉପରେ ଅଧିକ ରିହାତି, ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଜିଏସ୍‌ଟି ଉଚ୍ଛେଦ, କୃଷକ ଓ ଶ୍ରମିକଙ୍କ କଲ୍ୟାଣ ଆଦି ଦାବି ଉପରେ ଆଲୋଚନା ହୋଇ ସମାଧାନ ସୂତ୍ର ବାହାରିବା ଅସମ୍ଭବ ନୁହେଁ। କଥାବାର୍ତ୍ତା ଚାଲିଥିବା ବେଳେ କେତେକ ଜଟିଳ ଓ ଅବାସ୍ତବ ପ୍ରସଙ୍ଗକୁ ଗଣ୍ଠି କରି ଚାଷୀନେତାମାନେ ଆଲୋଚନାରୁ ଓହରି ଯାଇ 'ଗ୍ରାମୀଣ ଭାରତ ବନ୍ଦ' ପାଇଁ ସଜବାଜ ହେବା ନିଶ୍ଚିତ ଦୁର୍ଭାଗ୍ୟଜନକ। ଏହା ସେମାନଙ୍କ ଜିଦ୍‌ଖୋର ମନୋଭାବ ଏବଂ ଅହଂର ପରିଚୟ ବହନ କରେ।

ସବୁ କୃଷିଜାତ ସାମଗ୍ରୀର ଏମ୍‌ଏସ୍‌ପିକୁ ଆଇନଗତ ଗ୍ୟାରେଣ୍ଟି ଦେଇ ବିଧାନ ପ୍ରସ୍ତୁତି କରିବା, ପୁରୁଣା ପେନ୍‌ସନ ବ୍ୟବସ୍ଥାର ପ୍ରବର୍ତ୍ତନ, ସବୁ ଶ୍ରମିକ ଓ ଚାଷୀଙ୍କୁ ମାସିକ ନିୟମିତ ପେନ୍‌ସନ ଯୋଗାଣ ବ୍ୟବସ୍ଥା ସହିତ ସାର, ବିହନ, ବିଜୁଳି ଓ ପାଣି ବିନାମୂଲ୍ୟରେ ଚାଷୀଙ୍କୁ ଯୋଗାଣ ଭଳି କେତେକ ପ୍ରସଙ୍ଗ ରହିଛି, ଯାହାକୁ କାର୍ଯ୍ୟକାରୀ କରିବା ସରକାରଙ୍କ ପକ୍ଷେ ସମ୍ଭବ ନୁହେଁ। ଏମ୍‌ଏସ୍‌ପି ଚାଷୀଙ୍କୁ ସହାୟତା ଦେବାକୁ ଏକ ବ୍ୟବସ୍ଥା, ଏହାକୁ ଆଇନଗତ ରୂପ ଦେବା ବିଭିନ୍ନ ଦୃଷ୍ଟିରୁ ଏକ ଦୁରୂହ ବ୍ୟାପାର। କୃଷିଜାତ ଦ୍ରବ୍ୟର ସଂଗ୍ରହରେ ସରକାର ଏମ୍‌ଏସ୍‌ପି ଦେଇଥା'ନ୍ତି। ଘରୋଇ ବା ସରକାରୀ ସଂସ୍ଥା ଅନେକ ସମୟରେ ବଜାର ଚାହିଦା ଦେଖି ଚାଷୀଙ୍କଠାରୁ ବହୁ ଅଧିକ ମୂଲ୍ୟରେ ବିଭିନ୍ନ ଉତ୍ପାଦିତ ଫସଲ କିଣିଥା'ନ୍ତି। ସେ କ୍ଷେତ୍ରରେ ଏମ୍‌ଏସ୍‌ପିର କିଛି ମୂଲ୍ୟ ନ ଥାଏ। ଏବେ ଧାନ ଓ ଗହମର ଚାଷ ତୁଳନାରେ ଅନ୍ୟାନ୍ୟ ଅର୍ଥକରୀ ଫସଲଚାଷ ବଢୁଛି। ତେଣୁ ଚାଷୀର ଆୟ ଆଉ ଧାନ, ଗହମରେ ସୀମିତ ନାହିଁ। ସରକାର ଯଦି ଧାନ ଗହମ ବେପାରରେ ସମୟ ଦେବେ, ତେବେ ଶାସନ ପ୍ରଭାବିତ ହେବ। ଆଲୋଚନାକାରୀ ବୁଝିବା ଉଚିତ ଯେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନରୁ ନିଜକୁ ଅଲଗା କରିପାରିବ ନାହିଁ। ରିହାତି ଓ ମାଗଣାର ଏକ ସୀମା ଅଛି। ପରିବେଶ ସୁରକ୍ଷା, ସ୍ମାର୍ଟ ମିଟର, ନଡ଼ା ପୋଡ଼ି ଆଦି ପ୍ରସଙ୍ଗ ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ।

ତେଣୁ ଚାଷୀ ଓ ଶ୍ରମିକନେତାଙ୍କ ମଧ୍ୟରୁ ଯେଉଁମାନଙ୍କର ଭଲ ବିଚାରଶକ୍ତି ତଥା ହିତାହିତ ଜ୍ଞାନ ରହିଛି ସେମାନେ ଯଥାର୍ଥ ପ୍ରସଙ୍ଗ ଉପରେ ସରକାରଙ୍କ ସହିତ ଆଲୋଚନା କଲେ ଭଲ ହେବ। ତାହା ନ କରି ଦାବିର ତାଲିକା ବଢ଼ାଇବା ଓ ସବୁକୁ ପୂରଣ କରିବାକୁ ଅଡ଼ି ବସି ସରକାରଙ୍କ ଉପରେ ଚାପ ପକାଇବା ଉଚିତ ମାର୍ଗ ନୁହେଁ। କୃଷକ ଓ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ କାର୍ଯ୍ୟ କରୁଥିଲେ ମଧ୍ୟ ଆହୁରି ଅନେକ କିଛି କରିବାର ରହିଛି। ଚାଷୀଙ୍କ ତୁଳନାରେ ଶ୍ରମିକ ଓ ନିମ୍ନ-ମଧ୍ୟବିତ୍ତ ଶ୍ରେଣୀର ଲୋକେ ଖୁବ୍ କମ୍ ଲାଭ ସରକାରଙ୍କଠାରୁ ପାଉଛନ୍ତି। ଏପରିକି ଇପିଏଫ୍‌ଓର ୭୫ଲକ୍ଷ ପେନ୍‌ସନ୍ ଭୋଗୀ ସର୍ବୋଚ୍ଚ ଅଦାଲତଙ୍କ ରାୟ ସତ୍ତ୍ୱେ ମାସିକ ସର୍ବନିମ୍ନ ୧୦୦୦ ଟଙ୍କାରୁ ସର୍ବୋଚ୍ଚ ୫୦୦୦ ଟଙ୍କା ପର୍ଯ୍ୟନ୍ତ ପେନ୍‌ସନ୍ ପାଉଛନ୍ତି। ସରକାର ସେଥିପ୍ରତି ନଜର ଦେଉ ନାହାନ୍ତି। ଏହି ବର୍ଗର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ସୁବିଧା, ଖାଦ୍ୟ ନିରାପତ୍ତା, ଅନ୍ୟାନ୍ୟ ସାମାଜିକ କଲ୍ୟାଣ ଯୋଜନା ଓ ବୀମା ସୁବିଧା ମିଳୁନାହିଁ; ଚାଷୀମାନେ କିନ୍ତୁ ତାହା ପାଉଛନ୍ତି। ଠିକା କାମ, ସ୍ଥାୟୀ ନିଯୁକ୍ତିର ଅଭାବ ଅଧିକରୁ ଅଧିକ ସାମାଜିକ ଅସୁରକ୍ଷା ସୃଷ୍ଟି କରୁଛି।

ଅତଏବ ଆମର ମତ ହେଲା ସରକାର ଓ ଆନ୍ଦୋଳନକାରୀ ନେତାମାନଙ୍କ ମଧ୍ୟରେ ଆଲୋଚନା ଜାରି ରହୁ। ଦେଶର ମଙ୍ଗଳ ପାଇଁ ଯାହା ଦରକାର ସରକାର ତାହା କରନ୍ତୁ। ଅପରପକ୍ଷରେ କୃଷକ ଓ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯେଉଁ ସର୍ବନିମ୍ନ ବ୍ୟବସ୍ଥା ହେବା କଥା ତାହା ହେଉ। ଦାବି ଅବାସ୍ତବ ନ ହେଉ ଏବଂ ଏଥିରେ ସଂକୀର୍ଣ୍ଣ ରାଜନୀତି, ବ୍ୟକ୍ତି ସ୍ୱାର୍ଥ ଓ ଅହଙ୍କାର ସ୍ଥାନ ନ ପାଉ। ସାଧାରଣ ନିର୍ବାଚନ ଆସୁଛି ବୋଲି ସରକାରଙ୍କୁ 'ବ୍ଲାକ୍‌ମେଲ୍' କରି 'ବାପ ରାଣ ଡିଙ୍କି ଗିଳି' ନ୍ୟାୟରେ ସବୁ ଦାବି ହାସଲ କରିବା ସମ୍ଭବ ନୁହେଁ। ଆମର ବିଶ୍ୱାସ, ଆସନ୍ତା କାଲି(ଫେବୃଆରୀ ୧୬) 'ଗ୍ରାମୀଣ ଭାରତ ବନ୍ଦ' ପାଳନ ଡାକରାକୁ ଆନ୍ଦୋଳନକାରୀ ସ୍ଥଗିତ ରଖି କେବଳ ଯଥାର୍ଥ ଓ ଗ୍ରହଣଯୋଗ୍ୟ ଦାବି ପୂରଣ ପାଇଁ ଆଲୋଚନା ଜାରି ରଖିବେ। ଦାବି ଗ୍ରହଣଯୋଗ୍ୟ ହେଲେ ସରକାରଙ୍କ ପକ୍ଷେ ତାହାକୁ ମାନିନେବାରେ କିଛି ଅସୁବିଧା ହେବ ନାହିଁ। ଦାବି ବାସ୍ତବବାଦୀ ହେଉ, ବ୍ୟାପକ ଶ୍ରମିକ ଆନ୍ଦୋଳନ ବାଟ ନ ହୁଡୁ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ମହାପ୍ରଳୟର ସଂକେତ!



ଡ. ବିଜୟକେତନ ପଟ୍ଟନାୟକ
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

ପୃଥିବୀର ତାପମାତ୍ରା ବୃଦ୍ଧିପାଇବା ଓ ଅଧିକରୁ ଅଧିକ ହିମବାହ ତରଳିବା, ଉଭୟ ପରସ୍ପର ସହିତ ଏକପ୍ରକାର ସମ୍ପୃକ୍ତ। ହିମବାହ ଯେତିକି ପରିମାଣରେ ସୂର୍ଯ୍ୟ ଉତ୍ତାପକୁ ପ୍ରତିଫଳିତ କରିଥାଏ, ଭୂପୃଷ୍ଠ ତାହା କରିପାରେ ନାହିଁ। ହିମବାହ ତରଳିଗଲେ, ସେ ସ୍ଥାନରେ ଭୂପୃଷ୍ଠ ଅନାବୃତ ହୋଇଯାଏ। ଫଳରେ ଅଧିକରୁ ଅଧିକ ସବୁଜଗୃହ ବାଷ୍ପ ଉତ୍ସର୍ଜନ ହୋଇ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଥାଏ। ଅନ୍ୟପଟେ ବିଶ୍ୱତାପନ ଯେତିକି ବୃଦ୍ଧି ପାଇବ, ସେତିକି ହିମବାହ ତରଳିବାକୁ ଲାଗିବ ଏବଂ ସେହି ସ୍ଥାନରେ ଭୂପୃଷ୍ଠ ଅନାବୃତ ହୋଇଯିବ। ହିମବାହ ତରଳିଲେ ସମୁଦ୍ରର ଜଳସ୍ତର ବଢ଼ିବାକୁ ଲାଗିବ। ସମ୍ପ୍ରତି ଭୂପୃଷ୍ଠର ୧୦ ପ୍ରତିଶତ ଗ୍ଲେସିୟର ଦ୍ୱାରା ଆଚ୍ଛାଦିତ। ତନ୍ମଧ୍ୟରୁ ୯୦ ପ୍ରତିଶତ ଆଣ୍ଟାର୍କଟିକାରେ ଓ ଅବଶିଷ୍ଟ ୧୦ ଗ୍ରୀନ୍‌ଲ୍ୟାଣ୍ଡର ତୁଷାର କିରୀଟ। ଏହି ବରଫ ଆସ୍ତରଣ ଉଭୟ ଭୂପୃଷ୍ଠ ଓ ସମୁଦ୍ର ଉପରେ ସୁରକ୍ଷା କବଚ ଭାବେ ରହିଥାଏ। ଧଳା ଓ ଚିକ୍କଣ ହୋଇଥିବାରୁ ବରଫସ୍ତର ଅତ୍ୟଧିକ ସୌର ତାପକୁ ପ୍ରତିଫଳିତ କରି ମହାକାଶକୁ ଫେରେଇଦିଏ ଏବଂ ପୃଥିବୀ ଗ୍ରହକୁ ଅପେକ୍ଷାକୃତ ଥଣ୍ଡା ରଖେ। ନିକଟରେ ବିଜ୍ଞାନ ପତ୍ରିକା 'ସାଇନ୍‌ସ ରିପୋର୍ଟର'ରେ ପ୍ରକାଶିତ ଏକ ଆଲେଖ୍ୟରୁ ଜଣାପଡ଼େ, ଚଳିତ ଶତାବ୍ଦୀ ଶେଷ ଆଡ଼କୁ ୮୩ ପ୍ରତିଶତ ଗ୍ଲେସିୟର ତରଳିଯିବ ଏବଂ ବିଶ୍ୱର ପାଞ୍ଚଗୋଟି ବଡ଼ ବଡ଼ ଗ୍ଲେସିୟରରୁ ଗୋଟିଏ ଉଭାନ ହୋଇଯିବ।

'ନାସା' ଦ୍ୱାରା ଉତ୍ତୋଳିତ ସାଟେଲାଇଟ୍ ଫଟୋଚିତ୍ରରୁ ଜଣାପଡ଼େ ଆଣ୍ଟାର୍କଟିକା ଗ୍ଲେସିୟର ଏ୭୬ଏ ବିଶ୍ୱର ବୃହତ୍ତମ ବରଫଖଣ୍ଡ। ଏହାର ଦୈର୍ଘ୍ୟ ଓ ପ୍ରସ୍ଥ ୧୭୫ **X** ୧୨୬ କିଲୋମିଟର। ଆୟତନରେ ଇଂଲଣ୍ଡଠାରୁ ମଧ୍ୟ ବଡ଼। ପ୍ରଶାନ୍ତ ମହାସାଗର ଓ ଆଟ୍‌ଲାଣ୍ଟିକ୍ ମହାସାଗରକୁ ସଂଯୋଗ କରୁଥିବା ମୁହାଣରେ ଏହି ଗ୍ଲେସିୟର ବା ହିମବାହ ରହିଛି। ବିଶ୍ୱତାପନ ହେତୁ ଏଥିରୁ ୫୦ କିଲୋମିଟର ହିମବାହ ଅଲଗା ହୋଇ ସମୁଦ୍ର ପାଣିରେ ଭାସିଯାଇଛି। ହିମବାହ ସମୁଦ୍ର ଜଳରେ ଭାସିଗଲେ ତାହାକୁ 'ହିମଖଣ୍ଡ' କୁହାଯାଏ। ଆଟ୍‌ଲାଣ୍ଟିକ୍ ମହାସାଗରରେ ଜଳବାୟୁ ପରିବର୍ତ୍ତନ କାରଣରୁ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ବରଫସ୍ତର ଦ୍ରୁତ ହ୍ରାସ ପାଉଛି। ଆର୍ଜେଣ୍ଟିନାର ଜଳବାୟୁ ବିଶେଷଜ୍ଞଙ୍କ ମତାନୁଯାୟୀ ଦକ୍ଷିଣମେରୁରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଥିବା ଜଳବାୟୁ ପରିବର୍ତ୍ତନର ଭୟାବହତାକୁ ଇଙ୍ଗିତ କରୁଛି। ସାଧାରଣତଃ ଜାନୁଆରୀ ମାସରେ ଆଣ୍ଟାର୍କଟିକାର ତାପମାତ୍ରା ସର୍ବୋଚ୍ଚ ଥାଏ। ପ୍ରାୟ ଏହି ସମୟରେ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରୁହେ। କିନ୍ତୁ ୧୯୮୩ ମସିହା ଜାନୁଆରୀ ମାସରେ ଆଣ୍ଟାର୍କଟିକାର ତାପମାତ୍ରା ସର୍ବାଧିକ ୧୯.୮ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିଥିଲା। ପୁନର୍ବାର ୨୦୨୨ ମସିହା ଜାନୁଆରୀରେ ଏହି ତାପମାତ୍ରା ୧୮.୪ ଡିଗ୍ରୀ ଛୁଇଁଥିଲା। ଗତ ୫୦ ବର୍ଷ ଭିତରେ ଆଣ୍ଟାର୍କଟିକାରେ ହାରାହାରି ୩ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ବୃଦ୍ଧିପାଇଛି। ଏହି କାରଣରୁ ଏଠାରେ ୮୭ ପ୍ରତିଶତ ବରଫ ତରଳିଛି। ବିଶେଷକରି ଗତ ୧୨ ବର୍ଷ ଭିତରେ ବରଫ ଆସ୍ତରଣ ଦ୍ରୁତ ଗତିରେ ତରଳୁଥିବା ପରିଲକ୍ଷିତ ହୋଇଛି। ଫଳରେ ସମୁଦ୍ର ଜଳପତ୍ତନ ମଧ୍ୟ ବଢୁଛି।



୧୯୯୩ ତୁଳନାରେ ୨୦୨୨ ବେଳକୁ ବୈଶ୍ୱିକ ହାରାହାରି ଜଳସ୍ତର ୧୦୧.୨ ମିଲିମିଟର ବା ୪ ଇଞ୍ଚ ବୃଦ୍ଧି ପାଇସାରିଲାଣି। ଏହି ବୃଦ୍ଧି ଉଭୟ ବିଶ୍ୱତାପନ ଏବଂ ତତ୍‌ଜନିତ ହିମବାହ ତରଳିବା ଅବ୍ୟାହତ ରହିଲେ ବିଶ୍ୱର ଅର୍ଦ୍ଧାଧିକ ଉପକୂଳ ସହର ସମୁଦ୍ର ଗର୍ଭରେ ବିଲୀନ ହୋଇଯିବାର ଆଶଙ୍କା ରହିଛି।

ହିମବାହ ତରଳିବା କାରଣରୁ ଜଳମଗ୍ନ ହେବାର ଆଶଙ୍କା ରହିଥିବା ବିଶ୍ୱର ପ୍ରମୁଖ ଆଠଟି ସହର ହେଉଛି ଯୁକ୍ତରାଷ୍ଟ୍ର ଆମେରିକାର ମିଆମି, ଚାଇନାର ସାଂଘାଇ, ଜାପାନର ଓସାକା, ଇଜିପ୍ଟର ଆଲେକ୍‌ଜାଣ୍ଡ୍ରିଆ, ଆମେରିକାର ସାଭାନା, ନେଦରଲ୍ୟାଣ୍ଡର ଆମଷ୍ଟରଡମ, ଇଟାଲୀର ଭେନିସ୍ ଓ ଯୁକ୍ତରାଷ୍ଟ୍ର ଆମେରିକାର ନିଉ ଓରେଲିଆନସ୍। ଏହି ସହରଗୁଡ଼ିକ ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା କିମ୍ବା ତା' ପୂର୍ବରୁ ସମୁଦ୍ର ଗର୍ଭରେ ବୁଡ଼ି ଯାଇପାରେ। ୨୦୪୦ ମସିହା ସୁଦ୍ଧା ଆମେରିକାର ନ୍ୟୁ ଓରେଲିଆନ୍‌ସ ସହର ସମୁଦ୍ରଗର୍ଭରେ ୧୪.୪ ଇଞ୍ଚ ବୁଡ଼ି ସାରିଥିବ ବୋଲି କେତେକ ପାଣିପାଗ ବିଶେଷଜ୍ଞ ଅନୁମାନ କରିଛନ୍ତି।

ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତା ପୃଥିବୀର ସବୁଠାରୁ ଦ୍ରୁତତମ ସମୁଦ୍ରରେ ବୁଡି ଯାଉଥିବା ସହର। କେତେକ ସ୍ଥଳରେ ଜାକର୍ତ୍ତାର କିଛି ଅଂଶ ପ୍ରତିବର୍ଷ ପ୍ରାୟ ୧ ଫୁଟ ଦବୁଛି। ଗତ ୨୫ ବର୍ଷ ମଧ୍ୟରେ ଜାକର୍ତ୍ତା ସହର ପ୍ରାୟ ୧୬ ଫୁଟ ଦବିସାରିଲାଣି। ଅଦ୍ୟାବଧି ସହରର ୪୦ ଭାଗ ସମୁଦ୍ର ଜଳପତ୍ତନ ତଳେ ଅଛି ଏବଂ ସହରଟି ପ୍ରତିବର୍ଷ ଜଳମଗ୍ନ ହୋଇ ପ୍ଲାବିତ ହେବା ଏକ ସାଧାରଣ ଘଟଣା। ବୈଜ୍ଞାନିକମାନେ ମତ ଦେଇଛନ୍ତି ଯେ, ୨୦୩୦ ସୁଦ୍ଧା ଜାକର୍ତ୍ତାର ଅନେକାଂଶ ବାସୋପଯୋଗୀ ହୋଇ ରହିବ ନାହିଁ। ମଧ୍ୟ-ପ୍ରଶାନ୍ତ ମହାସାଗର ଓସଆନିଆ ଅଞ୍ଚଳର ଦ୍ୱୀପରାଷ୍ଟ୍ର କିରିବାଟି ପ୍ରଥମେ ସମୁଦ୍ର ଜଳଦ୍ୱାରା କବଳିତ ହୋଇଯିବ। ଏହାର ମୁଖ୍ୟ କାରଣ ହେଲା, ବିଶ୍ୱତାପନ ଜନିତ ଜଳବାୟୁ ପରିବର୍ତ୍ତନ କାରଣରୁ ମେରୁ ଅଞ୍ଚଳର ତୁଷାର କିରୀଟ ଏବଂ ଗ୍ରୀନ୍‌ଲ୍ୟାଣ୍ଡର ହିମବାହ ତରଳିବା ଦ୍ୱାରା କଠିନରୁ ତରଳ ଜଳରେ ପରିଣତ ହୋଇ ସମୁଦ୍ର ଜଳପତନ ବୃଦ୍ଧି କରାଉଛି। ବୈଜ୍ଞାନିକମାନଙ୍କ ମତରେ ଯଦି ସବୁଜଗୃହ ବାଷ୍ପ ନିର୍ଗମନ ଅବାରିତ ଚାଲୁରହେ, ତେବେ ୨୦୪୦ରୁ ୨୦୫୦ ମଧ୍ୟରେ ଆର୍କଟିକ୍ ଉତ୍ତରମେରୁ ଅଞ୍ଚଳ ବରଫଶୂନ୍ୟ ହୋଇଯିବ। ପ୍ରଶାନ୍ତ ମହାସାଗରରେ ଭବିଷ୍ୟତରେ ଲୀନ ହେବାକୁ ଯାଉଥିବା ଛୋଟ ଦ୍ୱୀପରାଷ୍ଟ୍ର ହେଲା 'ଟୁଭାଲୁ'। ୨୧୦୦ ମସିହା ସୁଦ୍ଧା ଏହି ଦ୍ୱୀପରାଷ୍ଟ୍ରଟି ଆଉ ବାସୋପଯୋଗୀ ହୋଇ ରହିନଥିବ।

କେବଳ ସାମୁଦ୍ରିକ ଜଳପତ୍ତନ ବୃଦ୍ଧି କାରଣରୁ ବିଶ୍ୱର ଅନ୍ୟ ଯେଉଁ ସହରଗୁଡ଼ିକ ଭବିଷ୍ୟତରେ ସମୁଦ୍ରଗର୍ଭରେ ଲୀନ ହେବାକୁ ଯାଉଛି, ସେଗୁଡ଼ିକ ହେଲା ଆମେରିକା ଟେକ୍‌ସାସର 'ହ୍ୟୁଷ୍ଟାନ୍' ସହର। ୧୯୧୭ ପରଠାରୁ ଏହା ପ୍ରାୟ ୧୦ ଫୁଟ ଦବିଗଲାଣି। ଏବେ ଏହି ସହର ବର୍ଷକୁ ହାରାହାରି ୨ ଇଞ୍ଚ ସମୁଦ୍ର ଗର୍ଭକୁ ପଶିଯାଉଛି। ଅତ୍ୟଧିକ ଭୂତଳ ଜଳ ନିଷ୍କାସନ ଏହାର ଅନ୍ୟତମ ପ୍ରମୁଖ କାରଣ। ବାଂଲାଦେଶର ରାଜଧାନୀ ଢାକା ସହର ବାର୍ଷିକ ୦.୫ ଇଞ୍ଚ ଦବିଯାଉଛି। ଇଟାଲୀର ଭେନିସ୍ ସହର ୧୧୭ଟି ଦ୍ୱୀପପୁଞ୍ଜ ଉପରେ ଅବସ୍ଥିତ। ଏହି ସହର ବର୍ଷକୁ ପାଖାପାଖି ୦.୨ ସେଣ୍ଟିମିଟର ଦବିଯାଉଛି। ସାମୁଦ୍ରିକ ଜଳସ୍ତର ବୃଦ୍ଧି ସହ ଅତ୍ୟଧିକ ଭୂତଳ ଜଳ ନିଷ୍କାସନ ଏହାର ପ୍ରମୁଖ କାରଣ। ଯୁକ୍ତରାଷ୍ଟ୍ର ଆମେରିକାର 'ଚେସାପେକେ' ସମୁଦ୍ର ତଟରେ ଅବସ୍ଥିତ 'ଭର୍ଜିନିଆ' ବେଳାଭୂମି ସର୍ବାଧିକ କ୍ଷିପ୍ର ଗତିରେ ସମୁଦ୍ରଗର୍ଭରେ ଲୀନ ହେବାକୁ ବସିଛି। ସମୁଦ୍ର ଜଳସ୍ତର ବୃଦ୍ଧି ଏହାର ପ୍ରମୁଖ କାରଣ। ବୈଜ୍ଞାନିକମାନେ ଅନୁମାନ କରନ୍ତି ୨୦୫୦ ସୁଦ୍ଧା ଭର୍ଜିନିଆ ବେଳାଭୂମି ନିକଟରେ ସମୁଦ୍ର ଜଳସ୍ତର ୨ ଫୁଟ୍ ବଢ଼ି ଯାଇଥିବ।

ଆମ ଦେଶ ଭାରତ ପାଇଁ ମଧ୍ୟ ତାପମାତ୍ରା ବୃଦ୍ଧି କାରଣରୁ ସମୁଦ୍ରର ଜଳସ୍ତର ଲଗାତାର ବୃଦ୍ଧି ପାଉଥିବାରୁ କେତେକ ତଟବର୍ତ୍ତୀ ସହର ଓ ବନ୍ଦର ଆଗାମୀ ଶତାବ୍ଦୀ ବେଳକୁ ସମୁଦ୍ର ଗର୍ଭରେ ଲୀନ ହୋଇଯିବାର ଆଶଙ୍କା ଅମୂଳକ ନୁହେଁ। ବିଶ୍ୱବ୍ୟାଙ୍କ ଦ୍ୱାରା କରାଯାଇଥିବା 'କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ' ଓ 'କ୍ଲାଇମେଟ୍ ଆନାଲିଟିକ୍ସ' ଗବେଷଣାରେ ଭାରତକୁ ସତର୍କ କରାଇ ଦିଆଯାଇଛି। ଉଚ୍ଚଅକ୍ଷାଂଶ ତୁଳନାରେ ବିଷୁବ ମଣ୍ଡଳ ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଭାରତର ଉପକୂଳ ସହରଗୁଡ଼ିକ ପ୍ରତି ବିପଦ ରହିଛି। ଏକ ସଦ୍ୟତମ ଅଧ୍ୟୟନରୁ ଜଣାପଡ଼ିଛି, ଭାରତର ଦୁଇଟି ପ୍ରମୁଖ ସହର ତାମିଲନାଡୁର ରାଜଧାନୀ ଚେନ୍ନାଇ ଓ ପଶ୍ଚିମବଙ୍ଗର ରାଜଧାନୀ କୋଲକାତା ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ସମୁଦ୍ର ଗର୍ଭରେ ଜଳ ସମାଧି ଲଭିପାରେ। ୨୦୨୧ରେ ପ୍ରକାଶିତ ଆନ୍ତଃ ସରକାରୀ ପ୍ୟାନେଲ୍ ରିପୋର୍ଟକୁ ଭିତ୍ତିକରି ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' କରିଥିବା ଆକଳନ ମୁତାବକ ସେହି ସମୟକୁ ଭାରତର ୧୨ଟିସହର ଓ ବନ୍ଦର ସମୁଦ୍ର ଗର୍ଭରେ ୨ ରୁ ୩ ଫୁଟ୍ ବୁଡି ଯାଇଥାଇପାରେ। ଏହି ସହର ବା ବନ୍ଦରଗୁଡ଼ିକ ହେଉଛି ଗୁଜୁରାଟର କାଣ୍ଡଲା, ଓଖା ଓ ଭାବନଗର ବନ୍ଦର ସହର, ମୁମ୍ବଇ, ଗୋଆର ମୋର୍ମୁଗାଓ ବନ୍ଦର, ମାଙ୍ଗାଲୋର, କେରଳର କୋଚିନ, ଓଡ଼ିଶାର ପାରାଦୀପ, କୋଲକାତାର ଖିଦିରପୁର, ଆନ୍ଧ୍ରର ବିଶାଖାପାଟଣା, ଚେନ୍ନାଇ ଏବଂ ଟୁଟିକୋରିନ ବନ୍ଦର ସହର।

ଶିଳ୍ପ ବିପ୍ଳବ ପରଠାରୁ ଅଦ୍ୟାବଧି ପୃଥିବୀର ତାପମାତ୍ରା ୧.୧ ଡିଗ୍ରୀ ସେଲସିୟସ ବଢ଼ି ସାରିଲାଣି। ୨୦୧୫ ମସିହାରେ ଅନୁଷ୍ଠିତ ହୋଇଥିବା ପ୍ୟାରିସ୍ ଜଳବାୟୁ ଶିଖର ସମ୍ମିଳନୀ (କୋପ୍-୨୧) ରାଜିନାମାରେ ଥିବା ଅବଧାରିତ ଲକ୍ଷ୍ୟ ୧.୫ ଡିଗ୍ରୀରେ ତାପମାତ୍ରା ପହଞ୍ଚିଗଲେ, ହିମବାହ ତରଳି ସମୁଦ୍ରର ଜଳପତ୍ତନ ବୃଦ୍ଧି କାରଣରୁ ସାଗର, ମହାସାଗର ତଟବର୍ତ୍ତୀ ସହରଗୁଡ଼ିକର ଅବସ୍ଥା ଅସମ୍ଭାଳ ହୋଇପଡ଼ିବ। ପୁରାଣ ବର୍ଣ୍ଣିତ ଶବ୍ଦ 'ପ୍ରଳୟ ପୟୋଧି ଜଳେ' ସତ୍ୟ ପ୍ରତିପାଦିତ ହେବ!

# ପ୍ରାର୍ଥନାର ଶକ୍ତି



ଡ. ଅଜିତ କୁମାର ତ୍ରିପାଠୀ
ଭୁବନେଶ୍ୱର, ମୋ: ୯୯୩୭୮୪୪୩୪୭



ପ୍ରାର୍ଥନା ଶବ୍ଦର ଅନେକ ଅର୍ଥ ଅଛି। ସେଥିରୁ ଗୋଟିଏ ହେଲା ଯାଚନା ବା ଭିକ୍ଷା। ଆମେ ଯେତେବେଳେ ଗୁରୁଜନମାନଙ୍କଠାରେ କିମ୍ବା କୌଣସି ମାଲିକଠାରେ କୌଣସି ଭୁଲ ପାଇଁ କ୍ଷମା ପ୍ରାର୍ଥନା କରୁ, ତାହାକୁ କ୍ଷମାଭିକ୍ଷା କୁହାଯାଏ। ଅଫିସ୍‌ରେ କର୍ମଚାରୀମାନେ ଛୁଟି କିମ୍ବା ଋଣ ପାଇଁ ଦରଖାସ୍ତ କଲାବେଳେ ନିଜକୁ ପ୍ରାର୍ଥନାକାରୀ କହିଥା'ନ୍ତି। ଆବେଦନ, ନିବେଦନ, ଅନୁରୋଧ ଏସବୁକୁ ମଧ୍ୟ କୁହାଯାଏ ପ୍ରାର୍ଥନା। ରାଜା ବା ମନ୍ତ୍ରୀଙ୍କ ନିକଟରେ ଗୁହାରି ବା ମାଗୁଣି କଲା ବେଳେ ତା'କୁ ପ୍ରାର୍ଥନା କୁହାଯାଏ। ଏସବୁ ଅର୍ଥଠାରୁ କିନ୍ତୁ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା କରିବା କିଛି ଅଲଗା। କେବଳ କିଛି ମାଗିବାଠାରୁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିବାର ବେଶୀ ମୂଲ୍ୟ ଥାଏ। ଏହା ମାନବର ଭଗବାନଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ କରିବାର ଏକ ଉଦ୍ୟମ, ଯାହା ଏକ ଶକ୍ତିଶାଳୀ ଆଧ୍ୟାତ୍ମିକ ଶକ୍ତି ଭାବେ କର୍ମ କରେ। ନବଧା ଭକ୍ତିମାନଙ୍କ ମଧ୍ୟରୁ ଅର୍ଚ୍ଚନ, ବନ୍ଦନ, କୀର୍ତ୍ତନ, ସ୍ମରଣ ଓ ଆତ୍ମନିବେଦନ ଏସବୁଥିରେ ପ୍ରାର୍ଥନା ତତ୍ତ୍ୱ ଉଣାଅଧିକେ ଉପାଦାନ ଭାବେ ଥାଏ।

ଈଶ୍ୱରଙ୍କଠାରେ ପ୍ରାର୍ଥନା ମନର ନୈତିକ ଉନ୍ନତି ସାଧନ କରେ। ଏହା ମନରେ ବିଶୁଦ୍ଧତା, ନିର୍ମଳତା ଓ ପବିତ୍ରତା ଆଣେ। ଏହା ଏପରି ଭକ୍ତି, ଯାହା ମନକୁ ଈଶ୍ୱରଙ୍କ ସଙ୍ଗେ ସମନ୍ୱିତ ଓ ସଂଲଗ୍ନ କରି ରଖିବା ପାଇଁ ଏକ ଉଦ୍ୟମ। ପ୍ରାର୍ଥନା ଭକ୍ତକୁ ସବୁପ୍ରକାରର ଭୟରୁ ମୁକ୍ତ କରେ। ପ୍ରାର୍ଥନାର ଶକ୍ତିର ମୂଲ୍ୟ, ଗୁଣ ଓ ଯୋଗ୍ୟତାର ଅଟକଳ କରିବା ବା ପ୍ରାର୍ଥନା ବିଷୟରେ ମତାମତ ଦେବା ସହଜ ବ୍ୟାପାର ନୁହେଁ। ପ୍ରାର୍ଥନାର ଉଜ୍ଜ୍ୱଳ ମହିମା ଓ ଗୌରବ ଅବର୍ଣ୍ଣନୀୟ ଓ ଅନିର୍ବଚନୀୟ। କେବଳ ସେହି ଭକ୍ତମାନେ ଯେଉଁମାନେ ଅକପଟ, ସବୁପ୍ରକାର ଛଳନାରୁ ମୁକ୍ତ ଓ ସଙ୍କୋଚ ସେମାନେ ପ୍ରାର୍ଥନାର ଦୀପ୍ତି, ଶୋଭା, ସୌନ୍ଦର୍ଯ୍ୟ, ଉପକାରିତା ଓ ଉପଯୋଗିତା ଉପଲବ୍ଧି କରିପାରିବେ।

ପ୍ରାର୍ଥନା ପାଇଁ ଜ୍ଞାନ, ବୁଦ୍ଧି, ଧୀଶକ୍ତି, ବାଗ୍ମିତା ଓ ଚାତୁର୍ଯ୍ୟର ଆବଶ୍ୟକତା ନାହିଁ। ପ୍ରାର୍ଥନା ପାଇଁ ମାନସିକ ଶକ୍ତି ବା ବୋଧଶକ୍ତିର ତୀକ୍ଷ୍ଣତା ଓ ଚଞ୍ଚଳତାର ମଧ୍ୟ ଆବଶ୍ୟକତା ନାହିଁ। ଈଶ୍ୱରଙ୍କୁ ପ୍ରାର୍ଥନା କଲାବେଳେ ସେ କେବଳ ତୁମର ହୃଦୟକୁ ଦେଖନ୍ତି, ପାଣ୍ଡିତ୍ୟକୁ ନୁହେଁ। ପ୍ରାର୍ଥନାର ଉଦ୍ଦେଶ୍ୟ ଯେତେବେଳେ ସ୍ୱାର୍ଥସାଧନ, ସେତେବେଳେ ଆମେ କେବଳ ତା'ର ନକାରାତ୍ମକ ଗୁଣଗୁଡ଼ିକ ଦେଖିପାରୁ। ପ୍ରାର୍ଥନା ସ୍ୱାର୍ଥଶୂନ୍ୟ ହେବା ଆବଶ୍ୟକ। ସମାଜର ଉନ୍ନତି, ଦେଶର ପ୍ରଗତି ଓ ବିଶ୍ୱର ମଙ୍ଗଳ ପ୍ରାର୍ଥନାର ମୁଖ୍ୟ ବିଷୟବସ୍ତୁ ହେବା ଆବଶ୍ୟକ। ଆମର ଆଧ୍ୟାତ୍ମିକ ଉନ୍ନତି, ବଦ୍‌ଗୁଣଗୁଡ଼ିକର ମୂଳୋତ୍ପାଟନ ଏବଂ ମୂଳପୋଛ ସମାଜରୁ ବିଦ୍ୱେଷ ପରାୟଣତା, ଅଜ୍ଞାନ ଓ ଅନିଷ୍ଟକାରୀ ଗୁଣଗୁଡ଼ିକ ବିନାଶ କରିବା ଆମର ପ୍ରାର୍ଥନାର ବିଷୟବସ୍ତୁ ହେଉ। ନିଜ ଆତ୍ମସ୍ୱରୂପର ମୌଳିକ ଉପାଦାନ ଓ ଅପରିହାର୍ଯ୍ୟ ସ୍ୱର୍ଗୀୟ ଗୁଣଗୁଡ଼ିକର ବିକାଶ ପାଇଁ ଆମେ ପ୍ରାର୍ଥନା କରିବା। ଆମେ ଯେଉଁ ପ୍ରାର୍ଥନା କରିବା ସେଥିପାଇଁ ଉପଯୁକ୍ତ ଓ ସମୁଚିତ ଉଦ୍ୟମ ଆତ୍ମବିଶ୍ୱାସର ସହିତ କରିବା ଆବଶ୍ୟକ। ଅଜ୍ଞାତ ଓ ଅପରିଚିତ ବସ୍ତୁ, ଶକ୍ତି ବା ବ୍ୟକ୍ତିଠାରେ ବିଶ୍ୱାସ, ଆସ୍ଥା ଓ ଭରସା କରିବାକୁ ଆମେ ପ୍ରତ୍ୟୟ ଓ ନିର୍ଭରଶୀଳତା କହିଥାଉ। ଈଶ୍ୱରଙ୍କଠାରେ ଏହି ଆସ୍ଥା ଓ ଭରସାକୁ ଭକ୍ତି କହିଥାଉ। ଈଶ୍ୱରଙ୍କଠାରେ ଏହି ଅତ୍ୟନ୍ତ ଦୃଢ଼ଭାବ, ବିଶ୍ୱାସ ଓ ମନୋଦୃଷ୍ଟି, ଯାହାର ପରିବର୍ତ୍ତନ ବା ଧ୍ୱଂସ ହୋଇପାରିବ ନାହିଁ, ଭକ୍ତି ସଙ୍ଗେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଏବଂ ଏହା ଆମକୁ କୌଣସି କଷ୍ଟଦାୟକ ସମସ୍ୟା, ବାଧା ଓ ପ୍ରତିବନ୍ଧକୁ ଆୟତ୍ତ ଓ ପରାସ୍ତ କରିବାରେ ଏକ ରହସ୍ୟପୂର୍ଣ୍ଣ ଶକ୍ତି ଦେଇଥାଏ। ଏହା ଅସମ୍ଭବକୁ ସମ୍ଭବ କରେ।

ଶ୍ରଦ୍ଧା ଓ ଦୃଢ଼ବିଶ୍ୱାସ ଦୁର୍ବଳକୁ ସବଳ କରେ ଓ ଭୀରୁକୁ ସାହସୀ କରେ। ପ୍ରାର୍ଥନା ଓ ବିଶ୍ୱାସ ଆମ ଅନ୍ତଃକରଣକୁ ହାଲୁକା ରଖେ ଓ ଆଲୋକିତ ରଖେ। ଏହା ଆମକୁ ଶାନ୍ତି ଦିଏ, ଶକ୍ତି ଦିଏ ଓ ମନକୁ ନିର୍ମଳ ରଖେ। ପ୍ରାର୍ଥନା ଦୁର୍ବଳର ଅସ୍ତ୍ର ନୁହେଁ, ଏହା ଆମକୁ ଆଧ୍ୟାତ୍ମିକ ଶକ୍ତି ଓ ସାହସ ଦିଏ। ସନ୍ଥମାନେ କହିଛନ୍ତି, ତୁମ କର୍ତ୍ତବ୍ୟ ହେଲା ପ୍ରାର୍ଥନା କରିବା। ଭଗବାନ ଶୁଣୁଛନ୍ତି କି ନାହିଁ ସେ ବିଷୟରେ ଚିନ୍ତା କର ନାହିଁ। ଅନ୍ୟମାନଙ୍କ ଦୁଃଖ ଦୂର କରିବା ପାଇଁ ପ୍ରାର୍ଥନା କର। ତୁମ ଦୁଃଖ ଦୂର କରିବା ପାଇଁ ନୁହେଁ, ବରଂ ଭଗବାନଙ୍କୁ ପ୍ରାର୍ଥନା କର ଯେ ସେ ଯେକୌଣସି ଦୁଃଖ ସହ୍ୟ କରିବା ପାଇଁ ତୁମକୁ ଶକ୍ତି ଓ ଧୈର୍ଯ୍ୟ ଦିଅନ୍ତୁ। ପ୍ରାର୍ଥନା ତୁମର ଅନ୍ତରର ଗଭୀରତମ ପ୍ରଦେଶରୁ ଆସୁ। ସନ୍ଥକବି ଭୀମ ଭୋଇ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ ଯେ ତାଙ୍କ ଜୀବନ ପଛେ ନର୍କରେ ପଡ଼ିଥାଉ, କିନ୍ତୁ ଜଗତ ଉଦ୍ଧାର ହେଉ।

ତୁମ ହୃଦୟକୁ ସମ୍ବେଦନଶୀଳ କରିବା ପାଇଁ ପ୍ରାର୍ଥନା କର। ଶ୍ରଦ୍ଧା, ଭକ୍ତି ଓ ବୁଦ୍ଧି ସଙ୍ଗେ ସଙ୍ଗେ ସମଦୃଷ୍ଟି ରଖିବା ପାଇଁ ପ୍ରାର୍ଥନା କର। ନିଜ ଅନ୍ତଃକରଣକୁ ଗର୍ବ ଓ ଅହଂକାର, କାମନା, ଲୋଭ, କ୍ରୋଧ ଓ ଘୃଣାରୁ ମୁକ୍ତ କରିବା ପାଇଁ ପ୍ରାର୍ଥନା କର। ସମସ୍ତଙ୍କୁ ଭଲପାଇବା ପାଇଁ ଏବଂ ସମସ୍ତଙ୍କ ସେବା କରିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କର। ଦୃଢ଼ ଆତ୍ମବିଶ୍ୱାସ, ଅସୀମ ଧୈର୍ଯ୍ୟ ଓ ସମ୍ବେଦନଶୀଳ ହୃଦୟ ଥିଲେ ପ୍ରାର୍ଥନା ନିଶ୍ଚୟ ସଫଳ ହେବ, ଏଥିରେ ସନ୍ଦେହ ନାହିଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଶମ୍ଭୁ ସୀମାରେ ପୁଣି ପୁଲିସ ସହ ମୁହାଁମୁହିଁ

# ପ୍ରତିବନ୍ଧକ ସତ୍ତ୍ୱେ ଦିଲ୍ଲୀ ଅଭିଯାନରେ ଚାଷୀ

**ପୁଲିସର ପାଣିମାଡ଼, ଲୁହବୁହା ବାଷ୍ପ ପ୍ରୟୋଗ ● ଦିଲ୍ଲୀ ସୀମାରେ ଦୃଢ଼ ସୁରକ୍ଷା ବ୍ୟବସ୍ଥା ● ଆଜି ହୋଇପାରେ ତୃତୀୟ ପର୍ଯ୍ୟାୟ ଆଲୋଚନା**



ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି):

୧୨ ଦଫା ଦାବି ନେଇ ଦିଲ୍ଲୀରେ ବିକ୍ଷୋଭ କରିବାକୁ ବାହାରିଥିବା ଚାଷୀ ପ୍ରତିବନ୍ଧକ ସତ୍ତ୍ୱେ ବୁଧବାର ଦିଲ୍ଲୀ ମୁହାଁ ହୋଇଛନ୍ତି। ଟ୍ରକ ଏବଂ ଟ୍ରାକ୍ଟରରେ ପଞ୍ଜାବରୁ ବାହାରିଥିବା ଶହ ଶହ ଚାଷୀଙ୍କୁ ପଞ୍ଜାବ-ହରିୟାଣା ଶମ୍ଭୁ ସୀମାରେ ଅଟକାଇବାକୁ ହରିୟାଣା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲେ ହେଁ ଚାଷୀ ଏହାକୁ ମାନି ନାହାନ୍ତି। ଫଳରେ ବୁଧବାର ମଧ୍ୟ ଚାଷୀ-ପୁଲିସ ମୁହାଁମୁହିଁ ହୋଇଛନ୍ତି। ଚାଷୀଙ୍କୁ ହରିୟାଣା ସୀମା ମଧ୍ୟରେ ପ୍ରବେଶ ନ କରାଇ ଦେବା ଲକ୍ଷ୍ୟରେ ପୁଲିସ ପକ୍ଷରୁ ବ୍ୟାରିକେଡ୍ ଲଗାଯିବା ସହିତ ସେମାନଙ୍କ ଉପରକୁ ପାଣିମାଡ଼ କରାଯାଇଥିଲା। ଏହାଛଡ଼ା ଚାଷୀଙ୍କୁ ଘଉଡାଇବା ଲାଗି ଲୁହବୁହା ବାଷ୍ପ ମଧ୍ୟ ପ୍ରୟୋଗ କରାଯାଇଥିଲା। କିନ୍ତୁ ଚାଷୀ ଏହାକୁ ନ ମାନି ନାହାନ୍ତି।

ଗତକାଲି ଏଭଳି ସ୍ଥିତିରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ପୁଲିସ ପକ୍ଷରୁ ଚାଷୀଙ୍କ ଉପରକୁ ରବର ଗୁଳିମାଡ଼ କରାଯିବା ସହିତ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇଥିଲା। ରାତିରେ ଚାଷୀମାନେ ଆଗକୁ ବଢି ନଥିଲେ ହେଁ ବୁଧବାର ପୁଣି ଦିଲ୍ଲୀ ଅଭିମୁଖେ ବାହାରିବାରୁ ସ୍ଥିତି ପୁଣି ଜଟିଳ ହୋଇପଡ଼ିଥିଲା। ଏହାମଧ୍ୟରେ ଅନେକ ଚାଷୀ ହରିୟାଣା ଅତିକ୍ରମ କରି ଦିଲ୍ଲୀ ସୀମା ନିକଟବର୍ତ୍ତୀ ହୋଇଥିବା ଜଣାପଡ଼ିଛି।

ସେପଟେ ଦିଲ୍ଲୀ ସୀମାରେ ଚାଷୀଙ୍କୁ ଅଟକାଇବାକୁ ଦୃଢ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୨୦୨୧ ସ୍ଥିତିକୁ ଦୃଷ୍ଟିରେ ରଖି ଏଠାରେ ବିପୁଳ ସୁରକ୍ଷାବଳ ନିୟୋଜିତ କରାଯାଇଥିଲା ବେଳେ ଚାଷୀଙ୍କ ଗାଡି ଯେଭଳି ସହର ମଧ୍ୟକୁ ପ୍ରବେଶ ନ କରିପାରିବ ସେଥିପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଚାଷୀଙ୍କ ଉପରେ ଲୁହବୁହା ବାଷ୍ପ ପ୍ରୟୋଗ କରିବାକୁ ପ୍ରଥମଥର ପାଇଁ ଡ୍ରୋନ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି। ଏହାବ୍ୟତୀତ ରାସ୍ତାରେ କଂକ୍ରିଟ୍ ବ୍ୟାରିକେଡ୍ ସହ ଲୁହା ଜାଲି ଏବଂ ବାଲି ଓ ମାଟି ବୋଝେଇ କଣ୍ଟେନର ମଧ୍ୟ ରଖାଯାଇଛି। ୨୦୨୧ ଆନ୍ଦୋଳନ ବେଳେ ରାସ୍ତାରେ ଖାଲି କଣ୍ଟେନର ରଖାଯାଇ ଚାଷୀଙ୍କ ଗାଡିକୁ ଅଟକାଇବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ ଆନ୍ଦୋଳନକାରୀ ଚାଷୀମାନେ ଏହାକୁ ମଧ୍ୟ ଖାତିର କରିନଥିଲେ। ତେଣୁ ଏଥରକ ସବୁ ଦିଗକୁ ଦୃଷ୍ଟି ଦିଆଯାଇ ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ଏପରିକି ଚାଷୀମାନେ ଯଦି ଘୋଡାରେ ସହର ମଧ୍ୟକୁ ପ୍ରବେଶ କରିବାକୁ ଉଦ୍ୟମ କରିବେ ତାହାକୁ ବ୍ୟର୍ଥ କରିବାକୁ ରାସ୍ତାରେ ସ୍ୱତନ୍ତ୍ର ଲୁବ୍ରିକାଣ୍ଟ ବ୍ୟବହାର କରିବାକୁ ମଧ୍ୟ ବ୍ୟବସ୍ଥା କରାଯାଇଥିବା କୁହାଯାଇଛି।

ପଞ୍ଜାବ ବ୍ୟତୀତ ହରିୟାଣା, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନ ଆଦି ରାଜ୍ୟରୁ ବହୁ ଚାଷୀ 'ଦିଲ୍ଲୀ ଚଲୋ' ଅଭିଯାନରେ ସାମିଲ ହେବାକୁ ଯାଉଥିବାରୁ ଦିଲ୍ଲୀର ଗାଜିପୁର, ସିଂଘୁ,ଟିକିରି ଆଦି ପ୍ରବେଶ ପଥରେ ପ୍ରତିବନ୍ଧକ ଲଗାଯାଇଛି। କିନ୍ତୁ ଏହାକୁ ନେଇ ଦିଲ୍ଲୀବାସୀଙ୍କ ଯାତାୟାତ ସମସ୍ୟା ବଢିଛି। ଏହାମଧ୍ୟରେ ଚାଷୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଲାଗି କେନ୍ଦ୍ର ସରକାର ଉଦ୍ୟମ ଜାରି ରଖିଛନ୍ତି। ଗତକାଲି କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ, ନିତ୍ୟାନନ୍ଦ ରାଏ ଏବଂ ଅର୍ଜ୍ଜୁନ ମୁଣ୍ଡା ପ୍ରମୁଖ ଚାଷୀ ନେତାଙ୍କ ସହ ଆଲୋଚନା କରିଥିଲେ ହେଁ ଏଥିରୁ କୌଣସି ନିଷ୍କର୍ଷ ବାହାରି ପାରିନଥିଲା। ତେବେ ଆସନ୍ତାକାଲି ତୃତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ସମୟ ଧାର୍ଯ୍ୟ କରାଯାଇଥିବା କୁହାଯାଇଛି।

## ମେ ' ୧୨ରୁ ଖୋଲିବ ବଦ୍ରିନାଥ ଧାମ

ଡେରାଡୁନ୍,୧୪।୨(ଏଜେନ୍ସି): ଚଳିତ ବର୍ଷ ଚାରିଧାମ ଯାତ୍ରା ପାଇଁ ତାରିଖ ଘୋଷଣା କରାଯାଇଛି। ଶ୍ରଦ୍ଧାଳୁଙ୍କ ଲାଗି ବଦ୍ରିନାଥ ଧାମ ଦ୍ୱାର ଆସନ୍ତା ମେ ' ୧୨ ତାରିଖରୁ ଖୋଲାଯିବ ବୋଲି ସୂଚନା ଦିଆଯାଇଥିଲା ବେଳେ ବାକି ୩ ଧାମ ଦ୍ୱାର କେବେ ଖୋଲିବ ତାହ ଆସନ୍ତା କିଛି ଦିନ ମଧ୍ୟରେ ଘୋଷଣା କରାଯିବ ବୋଲି କୁହାଯାଇଛି। ମେ ' ୧୨ ତାରିଖ



ସକାଳ ୬ ଟାରୁ ଶ୍ରଦ୍ଧାଳୁମାନେ ବାବା ବଦ୍ରିନାଥଙ୍କ ଦର୍ଶନ କରିପାରିବେ। ଉଲ୍ଲେଖଯୋଗ୍ୟ ଯେ, ଚାରିଧାମ ମଧ୍ୟରୁ ଅନ୍ୟତମ ଧାମ ଭାବେ ପରିଚିତ ବଦ୍ରିନାଥରେ ଭଗବାନ ନାରାୟଣ ଯୋଗମୁଦ୍ରାରେ ବିରାଜମାନ ରହିଛନ୍ତି। ଏହି ଧାମ ଭୂ-ବୈକୁଣ୍ଠ ନାମରେ ମଧ୍ୟ ପରିଚିତ। ଶୀତକାଳରେ ଏହି ଧାମର କବାଟ ବନ୍ଦ ହେବା ପରେ ଦେବ ପୂଜା ହୁଏ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ଦ୍ୱାର ଖୋଲିବା ପରେ ଏଠାକୁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ।

## କେଜ୍ରିୱାଲଙ୍କୁ 'ଇଡି'ର ଷଷ୍ଠ ସମନ

ନୂଆଦିଲ୍ଲୀ,୧୪।୨(ଏଜେନ୍ସି): ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବୁଧବାର ପୁଣି ସମନ ଜାରି କରାଯାଇଛି। ପୂର୍ବରୁ ଇଡି ପକ୍ଷରୁ କେଜ୍ରିୱାଲଙ୍କୁ ପାଞ୍ଚ ପାଞ୍ଚ ଥର ସମନ ଜାରି କରାଯାଇଥିଲେ



ହେଁ ସେ ଏହାକୁ ବେଆଇନ ବୋଲି ଦର୍ଶାଇ ହାଜର ହୋଇ ନଥିଲେ। ତେବେ ବୁଧବାର ଇଡି ଷଷ୍ଠ ସମନ ଜାରି କରିବା ପରେ କେଜ୍ରିୱାଲଙ୍କ ଚିନ୍ତା ବଢିଛି। ସମନ ପ୍ରତ୍ୟାଖ୍ୟାନ କରିବା ମାମଲାରେ ଇଡି ପୂର୍ବରୁ କେଜ୍ରିଓ୍ୱାଲଙ୍କ ବିରୋଧରେ ରାଉଜ ଆଭେନ୍ୟୁ କୋର୍ଟର ଦ୍ୱାରସ୍ଥ ହୋଇଥିଲା। କୋର୍ଟ ଏହାର ଶୁଣାଣି କରି ଆସନ୍ତା ୧୭ ତାରିଖରେ ହାଜର ହେବାକୁ କହିଛନ୍ତି। ଏହାଭିତରେ ଇଡି ସମନ ଜାରି କରି କେଜ୍ରିୱାଲଙ୍କୁ ୧୯ ତାରିଖରେ କାର୍ଯ୍ୟାଳୟରେ ହାଜର ହେବାକୁ କହିଛି।

ପାକିସ୍ତାନରେ ରାଜନୀତିକ ଅସ୍ଥିରତା

## ଧ୍ୟାନ ହଟାଇବାକୁ ସୀମାରେ ଗୁଳିଚାଳନା

ନୂଆଦିଲ୍ଲୀ,୧୪।୨(ଏଜେନ୍ସି): ପାକିସ୍ତାନରେ ନିର୍ବାଚନ ଶେଷ ହୋଇଥିଲେ ହେଁ ସରକାର ଗଠନ ନେଇ ଅସ୍ଥିରତା ଲାଗି ରହିଛି। ଇମ୍ରାନ ଖାନଙ୍କ ସମର୍ଥିତ ପ୍ରାର୍ଥୀ ବିପୁଳ ସଂଖ୍ୟାରେ ବିଜୟୀ ହୋଇଥିଲେ ହେଁ ସେନା ସହାୟତାରେ ଏଠାରେ ନୱାଜ୍-ବିଲାଓ୍ୱଲଙ୍କ ଦଳର ମେଣ୍ଟ ସରକାର ପ୍ରତିଷ୍ଠା କରିବାକୁ ମସୁଧା ଚାଲିଛି। କିନ୍ତୁ ଏହାକୁ ନେଇ ଜନ ଅସନ୍ତୋଷ ବଢିବାରେ ଲାଗିଛି। ତେବେ ଦେଶର ଆଭ୍ୟନ୍ତରୀଣ ସମସ୍ୟାକୁ ନେଇ ଧ୍ୟାନ ହଟାଇବାକୁ ପାକ ସେନା ବିନା କାରଣରେ ବିଏସଏଫ ପୋଷ୍ଟ ଉପରକୁ ଗୁଳି ଚଳାଇଥିବା ଖବର ସାମ୍ନାକୁ ଆସିଛି। ପାକ୍ ସେନାର ଏହି ଔଦ୍ଧତ୍ୟକୁ ନେଇ ବିଏସଏଫ ପକ୍ଷରୁ ମଧ୍ୟ କଡା ଜବାବ ଦିଆଯାଇଛି। ବିଏସଏଫ ଓ ପାକିସ୍ତାନ ରେଞ୍ଜର୍ସ ମଧ୍ୟରେ ୨୦ ମିନିଟରୁ ଅଧିକ ସମୟ ଧରି ଗୁଳି ବିନିମୟ ହୋଇଥିବା କୁହାଯାଇଛି।

## ୟୁଏଇରେ ପ୍ରଥମ ହିନ୍ଦୁ ମନ୍ଦିର ଉଦ୍‌ଘାଟନ କଲେ ମୋଦୀ

ଆବୁଧାବି,୧୪।୨(ଏଜେନ୍ସି): ମିଳିତ ଆରବ ଆମିରାତ୍ରେ ନିର୍ମାଣ କରାଯାଇଥିବା ପ୍ରଥମ ହିନ୍ଦୁ ମନ୍ଦିର ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଆବୁଧାବି ସହରରେ ପ୍ରାୟ ୨୭ ଏକର ଜମି ଉପରେ ନିର୍ମିତ 'ବୋସାସନାସୀ ଅକ୍ଷର ପୁରୁଷୋତ୍ତମ ସ୍ୱାମୀ ନାରାୟଣ ସଂସ୍ଥା(ବିଏପିଏସ୍) ମନ୍ଦିରରେ ପ୍ରଥମେ ପ୍ରାଣ ପ୍ରତିଷ୍ଠା କରାଯିବା ପରେ ଏହି ଭବ୍ୟ ମନ୍ଦିରକୁ ମୋଦୀ ଉଦଘାଟନ କରି ପୂଜାର୍ଚ୍ଚନା କରିଛନ୍ତି। ଆରବରାଷ୍ଟ୍ର ସମୂହରେ ଏହା ପ୍ରଥମ ହିନ୍ଦୁ ମନ୍ଦିର ହୋଇଥିଲା ବେଳେ ଏଠାରେ ବସବାସ କରୁଥିବା ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ଏହି ମନ୍ଦିର ସଂସ୍କୃତି ଏବଂ ପରମ୍ପରାର ପ୍ରସାର ପାଇଁ କେନ୍ଦ୍ରସ୍ଥଳ ହେବ ବୋଲି କୁହାଯାଉଛି। ମନ୍ଦିର ଉଦ୍ଘାଟନ ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦୀ 'ୱାର୍ଲଡ୍ ଗଭର୍ଣ୍ଣମେଣ୍ଟ ସମିଟ୍'କୁ ମଧ୍ୟ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ପ୍ରତ୍ୟେକ



ରାଷ୍ଟ୍ରରେ ଜନସମାଜର ସୁଖ, ଶାନ୍ତି ପାଇଁ ଏକ ପ୍ରତିବଦ୍ଧଶୀଳ ସରକାରର ଆବଶ୍ୟକତା ରହିଛି ବୋଲି କହିଛନ୍ତି।

ଏଲନ୍ ମସ୍କଙ୍କ ବଡ଼ ଦାବି

## ଯୁଦ୍ଧ ବନ୍ଦ କରିପାରିବେନି ପୁଟିନ

ୱାଶିଂଟନ, ୧୪।୨ (ଏଜେନ୍ସି): ଟେସ୍ଲା ସିଇଓ ଏଲନ ମସ୍କ ବଡ଼ ଦାବି କରିଛନ୍ତି। ରୁଷ୍ ରାଷ୍ଟ୍ରପତି ଚାହିଁଲେ ବି ୟୁକ୍ରେନ ଯୁଦ୍ଧ ହାରିପାରିବେ ନାହିଁ। ଏହାକୁ ସେ ବନ୍ଦ ମଧ୍ୟ କରିପାରିବେନି। ଯଦି ଏପରି କିଛି କରନ୍ତି ତେବେ ପୁଟିନ ହତ୍ୟାର ଶିକାର ହେବେ।

**ବନ୍ଦ କଲେ ହତ୍ୟାର ଶିକାର ହେବେ**

**ଯୁଦ୍ଧ ପଛରେ ଅନ୍ୟ ଶକ୍ତିଙ୍କ ହାତ ରହିଛି**



ଏହି ଯୁଦ୍ଧ ପଛରେ ଅନ୍ୟ ଶକ୍ତିଙ୍କ ହାତ ରହିଛି। ରିପବ୍ଲିକାନ ସାଂସଦଙ୍କ ସହ କଥା ହୋଇ ମସ୍କ ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ରୁଷ୍‌ରେ କ୍ଷମତା ବଦଳିବ ଭାବିବା ଭୁଲ୍। ପୁଟିନଙ୍କ ପରେ ଆଉ ଯିଏ ବି ରୁଷ୍ ଶାସକ ହେବ ସେ ଅଧିକ ଚରମପନ୍ଥୀ ହୋଇପାରେ। ଯେଉଁମାନେ ରୁଷ୍‌ରେ ସରକାର ବଦଳିବ ବୋଲି ଭାବୁଛନ୍ତି, ସେମାନେ ପ୍ରଥମେ କିଏ ଶାସକ ହେବ ତାହା ଚିନ୍ତା କରିବା ଉଚିତ। ସେ କ'ଣ ଶାନ୍ତି ସପକ୍ଷରେ ମତ ଦେବେ କି? ଯୁଦ୍ଧରେ ଉଭୟ ପକ୍ଷର ଲୋକ ପ୍ରାଣ ହରାଉଛନ୍ତି। ସେ ଏହାକୁ ବନ୍ଦ କରିବାକୁ ଚାହୁଁଛନ୍ତି। ସାମାଜିକ ଗଣମାଧ୍ୟମରେ ହୋଇଥିବା ଏହି ଚର୍ଚ୍ଚାରେ ମସ୍କଙ୍କ ସହିତ ଅନେକ ସାଂସଦ ସାମିଲ ହୋଇଥିଲେ। ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଭାରତୀୟ ବଂଶୋଦ୍ଭବ ବିବେକ ରାମାସ୍ୱାମୀ ମଧ୍ୟ ଚର୍ଚ୍ଚାରେ ଭାଗ ନେଇଥିଲେ। ଏହି ଯୁଦ୍ଧରେ ମସ୍କ ୟୁକ୍ରେନକୁ ସହାୟତା କରୁଛନ୍ତି। ସେ ଷ୍ଟାରଲିଙ୍କ ଜ୍ଞାନକୌଶଳ ପ୍ରଦାନ କରୁଛନ୍ତି। ମସ୍କ କହିଛନ୍ତି ଯେ ଯୁଦ୍ଧରୁ ପଛଘୁଞ୍ଚା ଦେଲେ ପୁଟିନଙ୍କୁ ହତ୍ୟା କରାଯିବ। ଏହା ପଛରେ ଅନ୍ୟ ଶକ୍ତି ରହିଛନ୍ତି। ଏମାନେ ଯୁଦ୍ଧ ଲଢ଼ିବା ପାଇଁ ପୁଟିନଙ୍କ ଉପରେ ଚାପ ପକାଉଛନ୍ତି।

ପ୍ରଥମଥର ପାଇଁ ରାଜ୍ୟସଭା

## ରାଜସ୍ଥାନରୁ ସୋନିଆଙ୍କ ନାମାଙ୍କନ

ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବୁଧବାର ରାଜସ୍ଥାନରୁ ରାଜ୍ୟସଭା ସଦସ୍ୟତା ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଏହାଦ୍ୱାରା ସୋନିଆ ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ଯାଇଛନ୍ତି ବୋଲି କୁହାଯାଉଛି। ୭୮ ବର୍ଷୀୟା ସୋନିଆ ବିଗତ କିଛି ବର୍ଷ ଧରି ଅସୁସ୍ଥ ରହି ଆସିଥିବା ବେଳେ ଏବେ ଆଉ ପ୍ରତ୍ୟକ୍ଷ ନିର୍ବାଚନରେ ଭାଗ ନେବାକୁ ଚାହୁଁ ନାହାନ୍ତି ବୋଲି କୁହାଯାଉଛି। ସେ ବିଗତ ୨୫ ବର୍ଷ ଧରି ପ୍ରତ୍ୟକ୍ଷ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି



ଲୋକସଭାକୁ ନିର୍ବାଚିତ ହୋଇ ଆସୁଥିଲେ। ଉଲ୍ଲେଖଯୋଗ୍ୟ ଯେ, ସୋନିଆ ରାଜନୀତିରେ ପ୍ରବେଶ କରିବା ପରେ ପ୍ରଥମେ ୧୯୯୯ରେ ଉତ୍ତରପ୍ରଦେଶର ଆମେଥି ଏବଂ କର୍ଣ୍ଣାଟକରୁ ବେଲାରୀ ସଂସଦୀୟ କ୍ଷେତ୍ରରୁ ବିଜୟୀ ହୋଇଥିଲେ। ହେଲେ ସେ ବେଲାରୀ ଆସନ ଛାଡି ଆମେଥିରୁ ପ୍ରତିନିଧିତ୍ୱ କରିଥିଲେ। ଏହାପରେ ସେ ପାଞ୍ଚ ପାଞ୍ଚଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ। ସେ ତାଙ୍କର ପ୍ରଥମ ସାଂସଦ କାଳରେ ୧୯୯୯ ରୁ ୨୦୦୩ ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ରହିଥିଲେ।

### ମହାରାଷ୍ଟ୍ରରୁ ଅଶୋକ ଚୌହାନଙ୍କୁ ବିଜେପି, ମିଲିନ୍ଦ ଦେଓରାଙ୍କୁ ଶିବସେନା ଟିକଟ

ରାଜ୍ୟସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳର ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଗୁଜରାଟରୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ରାଜ୍ୟସଭା ପାଇଁ ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ନିକଟରେ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଥିବା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚୌହାନଙ୍କୁ ମଧ୍ୟ ଦଳ ଟିକଟ ଦେଇଛି। ମେଧା କୁଲକର୍ଣ୍ଣୀଙ୍କୁ ମଧ୍ୟ ବିଜେପି ରାଜ୍ୟସଭା ପ୍ରାର୍ଥୀ ଭାବେ ଘୋଷଣା କରିଛି। ମଙ୍ଗଳବାର ଜାରି କରାଯାଇଥିବା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ଗୁଜୁରାଟରୁ ଜେପି ନଡ୍ଡାଙ୍କ ବ୍ୟତୀତ ବିଜେପି ଗୋବିନ୍ଦ ଭାଇ ଢୋଲକିଆ, ମୟଙ୍କ ଭାଇ ନାୟକ ଏବଂ ଡକ୍ଟର ଯଶୱନ୍ତ ସିଂ ସଲାମ ସିଂ ପରମାରଙ୍କୁ ପ୍ରାର୍ଥୀ କରିବାକୁ ଘୋଷଣା କରିଛି। ଅନ୍ୟପକ୍ଷରେ କଂଗ୍ରେସ ଛାଡ଼ି ଶିବସେନା(ସିନ୍ଦେ)ରେ ଯୋଗ ଦେଇଥିବା ମିଲିନ୍ଦ ଦେଓରାଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଛି।

## କଂଗ୍ରେସ ଛାଡି ବିଜେପିରେ ସାମିଲ ହେଲେ ଲାଲ ବାହାଦୂର ଶାସ୍ତ୍ରୀଙ୍କ ନାତି

ଲକ୍ଷ୍ନୌ, ୧୪।୨ (ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ନାତି ବିଭାକର ଶାସ୍ତ୍ରୀ ବୁଧବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। କଂଗ୍ରେସ ଛାଡିବା ପରେ ସେ ତୁରନ୍ତ ବିଜେପିରେ ଯୋଗ ଦେଇଛନ୍ତି। ବିଭାକର ତାଙ୍କର ଇସ୍ତଫା ସମ୍ପର୍କରେ



ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସୂଚନା ଦେବା ସହିତ କଂଗ୍ରେସର ପ୍ରାଥମିକ ସଦସ୍ୟତା ପଦ ଛାଡିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ପରେ ସେ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଲାଲବାହାଦୂର ଶାସ୍ତ୍ରୀଙ୍କ 'ଜୟ ଜବାନ ଜୟ କିଷାନ' ସଂକଳ୍ପକୁ ଆହୁରି ମଜଭୁତ କରିବାକୁ ସେ ଉଦ୍ୟମ କରିବେ ବୋଲି କହିଛନ୍ତି।

ଅନାବିଳ ପ୍ରେମରେ କାଟିଥିଲେ ସାରା ଜୀବନ

# ସ୍ୱେଚ୍ଛାମୃତ୍ୟୁ ବରଣକଲେ ନେଦରଲାଣ୍ଡର ପୂର୍ବତନ ପିଏମ୍ ଦମ୍ପତି



ଆମଷ୍ଟାରଡାମ୍,୧୪।୨(ଏଜେନ୍ସି):

ନେଦରଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଡ୍ରାଏଜ୍ ଭାନ ଏଜିଟି ଏବଂ ତାଙ୍କ ପତ୍ନୀ ଇଉଜେନିନ ସ୍ୱେଚ୍ଛା ମୃତ୍ୟୁବରଣ କରିଛନ୍ତି। ଗତ ୫ ତାରିଖରେ ଏହି ଦମ୍ପତି ହାତ ଧରାଧରି ଅବସ୍ଥାରେ ସେମାନଙ୍କ ଶରୀର ତ୍ୟାଗ କରିଥିବାର ଖବର ଏବେ ସାମ୍ନାକୁ ଆସିଛି। ସେମାନେ ଆଇନ ସମ୍ମତ ନିଶା ଔଷଧ( ଇୟୁଥାନେସିଆ) ନେଇ ଜୀବନ ହାରିଥିବା କୁହାଯାଇଛି। ମୃତ୍ୟୁବେଳକୁ ଉଭୟଙ୍କ ବୟସ ୯୩ ବର୍ଷ ଥିଲା। ଦମ୍ପତିଙ୍କ ମରଶରୀର ସେମାନଙ୍କ ନିଜସ୍ୱ ସହର ନିଜମେଜେନ୍ ସହରସ୍ଥିତ ବାସଭବନରୁ ଉଦ୍ଧାର କରାଯାଇଛି ବୋଲି ଏଠାକାର ପ୍ରମୁଖ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଡ୍ରାଏସ୍ ଭାନ ୧୯୭୭ ରୁ ୧୯୮୨ ପାଞ୍ଚ ବର୍ଷ ଧରି ନେଦରଲାଣ୍ଡର ପ୍ରଧାନମନ୍ତ୍ରୀ ଥିଲେ। କିନ୍ତୁ ସେ ଏବଂ ତାଙ୍କ ପତ୍ନୀ ବିଗତ କିଛି ବର୍ଷ ଧରି ଅସୁସ୍ଥ ହୋଇପଡ଼ିଥିଲେ। ୨୦୧୯ରେ ଡ୍ରାଏଜ୍ ଭାନ ମସ୍ତିଷ୍କାଘାତରେ ପୀଡ଼ିତ ହୋଇଥିଲା ବେଳେ ପରେ ପରେ ତାଙ୍କର ଚିକିତ୍ସା କରାଯାଇଥିଲା। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ଘଟିନଥିଲା। ସେହିପରି ପତ୍ନୀ ଇଉଜେନିନ୍ ମଧ୍ୟ ବିଭିନ୍ନ ରୋଗରେ ପୀଡ଼ିତ ରହିଥିଲେ। ଉଭୟଙ୍କର ଉଭୟଙ୍କର ଅସୁସ୍ଥତା ସତ୍ତ୍ୱେ କେହି କାହାରିକୁ ଛାଡି ରହି ପାରୁନଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ପ୍ରେମ ଏବଂ ଭଲପାଇବା ଅତୁଟ ରହିଥିଲା। ନିଜ ପତ୍ନୀଙ୍କୁ ସବୁବେଳେ ' ମାଇଁ ଗାର୍ଲ' ବୋଲି ସମ୍ବୋଧନ କରିଆସୁଥିବା ଡ୍ରାଏଜ୍ ଭାନ ନିଜ ଅସୁସ୍ଥତା ସତ୍ତ୍ୱେ ପତ୍ନୀଙ୍କୁ ସହାୟତା କରିଆସୁଥିଲେ। କିନ୍ତୁ ଦୀର୍ଘ ଦିନର ଅସୁସ୍ଥତାର ବେଦନାକୁ ସେମାନେ ଆଉ ଯେଭଳି ସହ୍ୟ କରିବାକୁ ପ୍ରସ୍ତୁତ ନଥିଲେ। ଉଭୟ ଗୋଟିଏ ସମୟରେ ଆରପାରିକୁ ଚାଲିଯିବା ଲାଗି କିଛି ଦିନ ଇଚ୍ଛା ମୃତ୍ୟୁ ଲୋଡିଥିଲେ। ଜଣଙ୍କର ମୃତ୍ୟୁ ହେଲେ ଅନ୍ୟ ଜଣକ ତାହାକୁ ସହ୍ୟ କରିପାରିବେନି ବୋଲି ଅନୁଭବ କରି ଏହି ଦମ୍ପତି ଆଇନସମ୍ମତ ନିଶା ଔଷଧ ବ୍ୟବହାର କରି ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ। ସେହି ଅନୁସାରେ ସେମାନେ ଗତ ୫ ତାରିଖରେ ଜୀବନ ହାରିଥିବା ଡ୍ରାଏଜ୍ ଭାନଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନାରୁ ଜଣାପଡ଼ିଛି। କେବଳ ଭାନ ଦମ୍ପତି ନୁହନ୍ତି, ନେଦରଲାଣ୍ଡରେ ଏବେ ଏଭଳି ଆଇନସମ୍ମତ ନିଶା ଔଷଧ ନେଇ ବହୁ ଦମ୍ପତି ଇଚ୍ଛା ମୃତ୍ୟୁବରଣ କରୁଥିବା ଜଣାପଡ଼ିଛି। 'ଡୁ୍ୟଓ ଇୟୁଥାନେସିଆ' ଭାବେ ପ୍ରଚଳିତ ଏହି ପ୍ରକ୍ରିୟାରେ ୨୦୨୧ରେ ୧୬ ଦମ୍ପତି ଇଚ୍ଛା ମୃତ୍ୟୁବରଣ କରିଥିଲା ବେଳେ ୨୦୨୨ରେ ପ୍ରାୟ ୩୦ ଦମ୍ପତି ଏହି ପ୍ରକ୍ରିୟାରେ ଜୀବନ ତ୍ୟାଗ କରିଥିବା ଏକ ରିପୋର୍ଟରେ କୁହାଯାଇଛି।

# ଆମେରିକାରେ ବଢ଼ିଚାଲିଛି ପ୍ରବାସୀ ଭାରତୀୟଙ୍କ ମୃତ୍ୟୁସଂଖ୍ୟା

ପୁଣି ଏକ ପରିବାରର ୪ ସଦସ୍ୟଙ୍କ ମୃତ୍ୟୁ

ୱାଶିଂଟନ୍,୧୪।୨(ଏଜେନ୍ସି) : ବିଗତ କିଛି ମାସ ଧରି ବିଭିନ୍ନ ଘଟଣାରେ ଆମେରିକାରେ ଭାରତୀୟ ବଂଶୋଦ୍ଭବଙ୍କ ଯେଭଳି ମୃତ୍ୟୁ ଖବର ଆସିବାରେ ଲାଗିଛି ତାହା ବିଭିନ୍ନ ମହଲକୁ ଚିନ୍ତିତ କରିଛି। ଗତ କିଛି ବର୍ଷ ହେଲା ଏଠାରେ ଭାରତୀୟ ବଂଶୋଦ୍ଭବଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଥିବା ଦେଖାଯାଇଥିଲା ବେଳେ କେତେକ ଲୋକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ମଧ୍ୟ ସାମ୍ନାକୁ ଆସିଛି। ତେବେ ବୁଧବାର ପୁଣି ଏଭଳି ଏକ ଘଟଣା ସମ୍ପର୍କରେ ଖବର ମିଳିବା ପରେ ବିଭିନ୍ନ ମହଲରେ ଗଭୀର ଉଦବେଗ ପ୍ରକାଶ ପାଇଛି। କାଲିଫର୍ଣ୍ଣିଆର ସାନ୍ ମାଟେଓ ଅଞ୍ଚଳରେ ଜଣେ ଭାରତୀୟ ବଂଶୋଦ୍ଭବ



ଦମ୍ପତି ଏବଂ ସେମାନଙ୍କର ଚାରି ବର୍ଷର ଯାଆଁଳା ପୁଅଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକମାନେ ଆନନ୍ଦ ସୁଜିତ ହେନରୀ ଏବଂ ତାଙ୍କ ପତ୍ନୀ ଆଲିସ୍ ପ୍ରିୟଙ୍କା ଏବଂ ୪ ବର୍ଷର ଯାଆଁଳା ପୁଅ ବୋଲି ଜଣାପଡ଼ିଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା ବେଳେ ସ୍ଥାନୀୟ ପୁଲିସ ଘଟଣାର ଯାଞ୍ଚ ଆରମ୍ଭ କରିଛି। ସେମାନେ ଆତ୍ମହତ୍ୟା କରିଛନ୍ତି କି ଅନ୍ୟ କେହି ସେମାନଙ୍କୁ ହତ୍ୟା କରିଛି ସେ ସମ୍ପର୍କରେ ପୁଲିସ ଅନୁସନ୍ଧାନ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ ଯେ, ଏହାପୂର୍ବରୁ ଗତ ବର୍ଷ ଡିସେମ୍ବର ମାସରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଥିଲା। ମାସାଚୁସେଟ୍ସରେ ରହୁଥିବା ଏକ ବିତ୍ତଶାଳୀ ଭାରତୀୟ ପରିବାରର ୩ ଜଣ ସଦସ୍ୟଙ୍କ ମୃତଦେହ ସେମାନଙ୍କ ଘରୁ ଉଦ୍ଧାର ହୋଇଥିଲା। ସେହିପରି ୨୦୨୨ରେ ଗୋଟିଏ ପରିବାରର ୪ ସଦସ୍ୟଙ୍କ ମୃତଦେହ ଆମେରିକା-କାନାଡା ସୀମାର ଦୁର୍ଗମ ଜଙ୍ଗଲ ଅଞ୍ଚଳରୁ ମିଳିଥିଲା।









ସୂର୍ଯ୍ୟ ଦେଓ

# ମାୟାଧର ମାନସିଂହ ଓ ଗୋଦାବରୀଶ ମହାପାତ୍ରଙ୍କ ସିନେମା ଗୀତ

ଅକ୍ଷୟ ମହାନ୍ତି 'ପରିଣାମ' ଚଳଚ୍ଚିତ୍ର ପାଇଁ ଦୁଇଟି ଗୀତ ରଚନା କରିଥିଲେ। ଗୋଟିଏ ଜୀବନ ରହସ୍ୟର ଗୀତ, ଆରଟି ଓଡ଼ିଆ ଲୋକଗୀତ ଶୈଳୀ 'ସୁଆରି' ବା 'ଦୁମ୍‌ଦଲ୍ ହାକୁମ୍ ଦାବଲ୍'ରେ ଛନ୍ଦା ଗୀତ 'ସୁନାର ଦୁନିଆ ତୋର ଚୂନା ହେଲା ସିନା'। ଓଡ଼ିଆ ଲୋକ ପରମ୍ପରାରେ କର୍ମଗୀତର ସର୍ବଶ୍ରେଷ୍ଠ ଉଦାହରଣ ଭାବରେ 'ସୁଆରି' ବା 'ଦୁମ୍‌ଦଲ୍ ହାକୁମ୍ ଦାବଲ୍' ଗୀତକୁ ନିଆଯାଇପାରେ। ସେସବୁର ଭାଷା ସାଙ୍କେତିକ। ବାହକଙ୍କ ବେଗର ଗତି ବଢ଼ିଲେ ଗୀତର ଗତି ମଧ୍ୟ ସେହି ଅନୁପାତରେ ବଢ଼ିଯାଏ। ବାଟର କଥା ଓ ସାବଧାନତା ପାଇଁ ନିର୍ଦ୍ଦେଶ ଥିବା 'ସୁଆରି' ଗୀତର ଅନୁକରଣରେ ଅକ୍ଷୟ ମହାନ୍ତି 'ପରିଣାମ' ଚଳଚ୍ଚିତ୍ରର ଗୀତ ଖଞ୍ଜିଥିଲେ, କିନ୍ତୁ ସେଥିରେ ବାଟର କଥା ନୁହେଁ ଜୀବନର ବ୍ୟଥା ଥିଲା। 'ଦୁମ୍‌ଦଲ ହାକୁମ୍ ଦାଦଲ୍/ ଦୁମ୍‌ଦଲ ହାକୁମ୍ ଦାଦଲ୍/ ଏଇ ମାଟି ଏ ଆକାଶ ଯାଏରେ କହି/ ଦୁଃଖବେଳେ ତୋର ଆହା/ ନୁହେଁ ତ କେହି/ ତୋ ଲାଗି ବିଧାତା ଖାଲି ଲେଖିଛି ଯାତନା/ କେଜାଣେ ଝରିବ କେବେ ସୁଖର ଝରଣା/ ସୁନାର ଦୁନିଆ ତୋର/ ଚୂନା ହେଲା ସିନା/ କିଏ ଭଲ କିଏ ଭେଲ ଗଲା ନାହିଁ ଜଣା।' ଚଳଚ୍ଚିତ୍ରର ଗୀତ ରଚନା ବେଳେ ଓଡ଼ିଆ ଲୋକଗୀତ ପରମ୍ପରା ଉପରେ ନିର୍ଭର କରି ଦୃଶ୍ୟ ଅନୁସାରେ ଭାବ ଓ ଶବ୍ଦକୁ ସଂଯୋଗ କରିବାର ଧାରାକୁ ଅକ୍ଷୟ ମହାନ୍ତି ଆହୁରି ପ୍ରସାରିତ କରିଥିଲେ।

ଏହି ପ୍ରସାରଣ ପ୍ରକ୍ରିୟା ସହ ପ୍ରମୋଦ ପାଣିଗ୍ରାହୀ ମଧ୍ୟ ପରେ ସଂପୃକ୍ତ ହେଲେ। ୧୯୬୨ର 'ଦସ୍ୟୁ ରତ୍ନାକର' ଚଳଚ୍ଚିତ୍ରରେ ପ୍ରମୋଦ ପାଣିଗ୍ରାହୀ ନିଜ ରଚନାରେ ଜୀବନ ରହସ୍ୟ ସ୍ୱର ଆରୋପିତ କଲେ ଏବଂ ତାହା ମଧ୍ୟ ଓଡ଼ିଆ ଲୋକଗୀତ ପରମ୍ପରା ଆଧାରିତ ଦୃଶ୍ୟ ଅନୁଯାୟୀ ଭାବ ଓ ଶବ୍ଦର ସଂଯୋଗୀକରଣ। ଯଥା: 'ଏଇ ଘୋର ବାଲିଚର/ ନାହିଁରେ ସାଥୀ/ ମନେ ଲାଗେ ସବୁକଥା/ ଦିବସ ରାତି/ ପାରିନି ପାରିନି ଭୁଲି/ ସପନ ଯେ ଦୂରେ ଦୂରେ/ ବନ୍ଧୁରେ!'। କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ 'ବନ୍ଦନା' 'ବନ୍ଦନ ହେ!/ ନବନନ୍ଦିନୀ ଚନ୍ଦନ/ ସୁର ନର ମୁନି ହିତକାରୀ/ ବନ୍ଦନହେ!/ ଆଶୁତୋଷ ଗଳାକର ଅହିଧାରଣ/ ଦେବ ଶ୍ମଶାନବିହାରୀ/ ବନ୍ଦନ ହେ!' ଓ ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ରଚନା 'ମାୟାଘେରା ମଧୁବନେ/ ପ୍ରୀତିଝରା ଶିହରଣେ/ ମନଝରେ କୂଳ ମାନେନା' ମଧ୍ୟ ଏହି ପରିପ୍ରେକ୍ଷୀରେ ବିଶେଷ ଉଲ୍ଲେଖଯୋଗ୍ୟ। କବିଚନ୍ଦ୍ରଙ୍କ 'ବନ୍ଦନା' ଚଳଚ୍ଚିତ୍ର ଦୃଶ୍ୟ ଅନୁରୂପ ଥିଲା ଓ ଗୁରୁକୃଷ୍ଣଙ୍କ ରଚନା ମଧ୍ୟ ନାୟିକାର ମନର ଉଚ୍ଛ୍ୱାସକୁ ସୂଚିତ କରୁଥିଲା।



ଆପଣମାନେ ଜାଣନ୍ତି ଯେ, ଓଡ଼ିଆ ଚଳଚ୍ଚିତ୍ରରେ ଦୃଶ୍ୟ ଅନୁଯାୟୀ ଗୀତ ସଂଯୋଗର ଧାରା ଆରମ୍ଭ ହୋଇଥିଲା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ'ରୁ। ପ୍ରାଚୀନ ସାହିତ୍ୟରୁ ଗୀତ ଆଣି ଚଳଚ୍ଚିତ୍ରରେ ସଂଯୁକ୍ତ କ୍ରିୟା ମଧ୍ୟ 'ସୀତା ବିବାହ'ରୁ ଆରମ୍ଭ ହୋଇଥିଲା। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ବିଷ୍ଣୁପଦୀ ବିଷ୍ଣୁପଦ, ଈକାର ଭେଦ ଶବଦ' ଏହି କ୍ରମରେ ପ୍ରଥମ, ପରେ ପରେ ଦ୍ୱିତୀୟ ଓଡ଼ିଆ ଚଳଚ୍ଚିତ୍ର 'ଲଳିତା'ରେ ଆଦିକବି ଶଙ୍କରାଚାର୍ଯ୍ୟଙ୍କ ବିରଚିତ 'ଶ୍ରୀଜଗନ୍ନାଥ ଅଷ୍ଟକମ୍'କୁ ସ୍ଥାନିତ କରାଯାଇଥିଲା। ଶ୍ରୀଜୟଦେବଙ୍କ କୃତି 'ଦଶାବତାର' ମଧ୍ୟ ଦଶମ ଓଡ଼ିଆ ଚଳଚ୍ଚିତ୍ର 'ଶ୍ରୀ ଶ୍ରୀମହାଲକ୍ଷ୍ମୀ ପୂଜା'ରେ ବ୍ୟବହୃତ ହୋଇଥିଲା। ପ୍ରାଚୀନ ସାହିତ୍ୟ ଓ ଓଡ଼ିଆ ଚଳଚ୍ଚିତ୍ରର ସଂଯୋଗୀକରଣ କ୍ଷେତ୍ରରେ ୧୯୬୨ର ଚଳଚ୍ଚିତ୍ର 'ଜୟଦେବ' ମର୍ଯ୍ୟାଦାପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଶ୍ରୀଜୟଦେବଙ୍କ ଜୀବନୀ ଆଧାରିତ ଏହି ଚଳଚ୍ଚିତ୍ରରେ ଜୟଦେବଙ୍କ ବିରଚିତ ସାତଟି ରଚନା 'ଶ୍ରୀତ କମଳା କୁଚ ମଣ୍ଡଳ', 'ଲଳିତ ଲବଙ୍ଗଲତା ପରିଶୀଳନ', 'ଚନ୍ଦନ ଚର୍ଚ୍ଚିତ ନୀଳ କଳେବର', 'ରତି ସୁଖ ସାରେ', 'ନିନ୍ଦତି ଚନ୍ଦନ', 'ପୀୟୂଷ ଲହରୀ' ଓ 'ଦଶାବତାର'କୁ ସ୍ଥାନିତ କରାଯାଇଥିଲା। ଓଡ଼ିଆ ସାହିତ୍ୟର ଦୁଇଜଣ ମୂର୍ଦ୍ଧନ୍ୟ ବ୍ୟକ୍ତିତ୍ୱ ମାୟାଧର ମାନସିଂହ ଓ ଗୋଦାବରୀଶ ମହାପାତ୍ରଙ୍କ ରଚନା ମଧ୍ୟ 'ଜୟଦେବ' ଚଳଚ୍ଚିତ୍ରରେ ସଂପୃକ୍ତ ହୋଇଥିଲା। ମାନସିଂହଙ୍କ ରଚିତ 'ଯମୁନା ନଈର ପାଣି/ କୃଷ୍ଣ ପାଇଁ ସତେ ରାଧା ବାୟାଣୀ/ ନୟନୁ ବୁହାଇ ପାଣି'ରେ ପ୍ରଣୟବୋଧକୁ ଓଡ଼ିଆ ଲୋକଭାଷାରେ ପରବର୍ତ୍ତିତ କରିବାର ଛନ୍ଦ ଓ କୌଶଳ ରହିଛି। ଏହି ଗୀତକୁ ଲୋକ ପରମ୍ପରାର 'କିଶୋରୀ ଗୀତିକା' ପର୍ଯ୍ୟାୟଭୁକ୍ତ କରାଯାଇପାରେ। 'ପୀରତି ଝୁଲଣା ଖେଳ/ଉଠାଏ ପକାଏ ମାରଇ ଶେଳ/ ହସେ କାନ୍ଦେ କାଟେ ବେଳ' ମାନସିଂହଙ୍କ ରଚିତ ଏହି ଉଦ୍ଧୃତିରେ ଛନ୍ଦ ପତନ ଓ ଉପଧା ମିଳନର କଳାତ୍ମକ ବିଭବ ସହିତ ଯେଉଁ ଯୁକ୍ତିସିଦ୍ଧ ସାଦୃଶ୍ୟ ରହିଛି, ତାହା ଅନ୍ୟାନ୍ୟ ଓଡ଼ିଆ ଚଳଚ୍ଚିତ୍ର ଗୀତରେ ପ୍ରାୟ ନାହିଁ। ପ୍ରଣୟ କବି ମାୟାଧର ମାନସିଂହ ମଧ୍ୟ ସେହି ସମୟର ଅଧିକାଂଶ ଚଳଚ୍ଚିତ୍ର ଗୀତିକାରଙ୍କ ପରି ଚଳଚ୍ଚିତ୍ର ଗୀତ ସହ ଆଉ ସଂଯୁକ୍ତ ହୋଇନାହାନ୍ତି। ଗୋଦାବରୀଶ ମହାପାତ୍ର ମଧ୍ୟ 'ଲିଭିଲିଭି ଆସେ ଖରା/ ବେଗିବେଗି ଯିବା ପରା/ ନଉକା ସଉଦା ଭରା/ ସେ କୂଳେ ନେଇ/ ଅନ୍ଧାର ଆସିବ ମାଡ଼ି/ ଏ ଯେ ଗଛ ଧାଡ଼ିଧାଡ଼ି ମିଶିଯିବ ସେ ପାରିରେ ଦିଶିବ ନାହିଁ' ଗୀତ ପରେ ଆଉ ଚଳଚ୍ଚିତ୍ର ପାଇଁ ଗୀତ ଲେଖିନାହାନ୍ତି। ଓଡ଼ିଆ ଚଳଚ୍ଚିତ୍ର ଗୀତିପଟରେ ଦେଶଜ ଶବ୍ଦର ପ୍ରୟୋଗ ସୌନ୍ଦର୍ଯ୍ୟ ଓ ଲୋକଭାଷାରେ ଲୋକ କଳ୍ପନାର ସରଳ ବ୍ୟଞ୍ଜନା ପାଇଁ ଗୋଦାବରୀଶ ମହାପାତ୍ର ଓଡ଼ିଆ ଚଳଚ୍ଚିତ୍ର ଗୀତର ଅନ୍ୟତମ ନିୟାମକ ନିଶ୍ଚୟ, କିନ୍ତୁ ସେ ଏହି ଗୋଟିଏ ଚଳଚ୍ଚିତ୍ର ଗୀତରେ ହିଁ ସୀମିତ ରହିଗଲେ। ■

## ଫିଲ୍ମ 'ଟିଜର୍' କାହିଁକି?

ପ୍ରତି ସପ୍ତାହରେ କିଛି ନା କିଛି ନୂଆ ସିନେମା ପ୍ରେକ୍ଷାଳୟକୁ ଆସେ। ଏହା ସହିତ ଅନ୍ୟ କୌଣସି ନୂଆ ଫିଲ୍ମର ଟ୍ରେଲର୍ ଓ ଟିଜର୍ ମଧ୍ୟ ଜାରି କରାଯାଏ। ଫିଲ୍ମ ଭଳି ଟିଜର୍‌କୁ ମଧ୍ୟ ଦର୍ଶକୀୟ ଆଦୃତି ମିଳିଥାଏ। ଜାନୁଆରୀ ୨୫ରେ ହ୍ରିତିକ ରୋଶନଙ୍କ ଅଭିନୀତ 'ଫାଇଟର୍' ସିନେମା ସହ ଅଜୟ ଦେବଗନ୍‌ଙ୍କ ଫିଲ୍ମ 'ସଇତାନ'ର ଟିଜର୍ ଜାରି ହୋଇଥିଲା। ତେବେ ଫିଲ୍ମ ନିର୍ମାତା ଟ୍ରେଲର ତଥା ଟିଜର କାହିଁକି ଜାରି କରନ୍ତି। ଏଥିରୁ ସେମାନଙ୍କୁ କି ଲାଭ ମିଳେ, ସେ ବିଷୟରେ ଅନେକ ଜାଣିବା।

ସିନେମା ହଲ୍‌ରେ ଗୋଟିଏ ଫିଲ୍ମ ଚାଲୁଥିବା ସମୟରେ ଅନ୍ୟ ଏକ ଫିଲ୍ମର ଟିଜର୍ ରିଲିଜ୍ କରିବାର ସବୁଠୁ ବଡ଼ ଫାଇଦା ହେଉଛି ଏହାକୁ ବିଜ୍ଞାପିତ କରି ଫିଲ୍ମ ନିର୍ମାତା ଦର୍ଶକଙ୍କ ପାଖରେ ବେଶ୍ ସହଜରେ ପହଞ୍ଚିଥାନ୍ତି। ସେହିପରି ଏହାକୁ ନେଇ ସମ୍ପୃକ୍ତ ଫିଲ୍ମ ପ୍ରତି ଦର୍ଶକଙ୍କର ରୁଚି ବଢ଼ିବାର ବି ସମ୍ଭାବନା ଥାଏ। ହଲ୍‌ରେ ଫିଲ୍ମ ଆରମ୍ଭ ହେବାର ୫ ମିନିଟ୍‌ରେ ପ୍ରାୟ ୧-୨ଟା ଫିଲ୍ମର ଟିଜର୍ ଆସିବା ଥୟ। ସେହିପରି ଯେଉଁ ଟିଜର୍‌କୁ ପ୍ରଥମ ଥର ପାଇଁ ରିଲିଜ୍ କରାଯାଏ, ତାହା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଫଳରେ ଏହା ମାଧ୍ୟମରେ ଫିଲ୍ମକୁ ନେଇ ରୀତିମତ ଚର୍ଚ୍ଚା ଲାଗି ରହେ। ଏଭଳି କରିବାର ଅନ୍ୟ ଏକ ଲାଭ ହେଉଛି, ଫିଲ୍ମ ମଧ୍ୟରେ କ୍ରସ୍-ପ୍ରମୋସନ୍ ହୁଏ। ଏହାର ଅର୍ଥ ହେଉଛି ସିନେମା ହଲ୍‌ରେ ରିଲିଜ୍ ହେବାକୁ ଥିବା ଫିଲ୍ମର ପ୍ରଚାରପ୍ରସାରର ଲାଭ ଟିଜର୍ ରିଲିଜ୍ କରୁଥିବା ଫିଲ୍ମକୁ ମଧ୍ୟ ମିଳିଥାଏ।

ସେହିପରି ଟିଜର୍ ଜାରି କରିବା ପୂର୍ବରୁ ନିର୍ମାତା ଏହାକୁ କେଉଁ ଫିଲ୍ମ ସହିତ ଜାରି କରିବେ, ତାହା ମଧ୍ୟ ସୁନିଶ୍ଚିତ କରିଥାନ୍ତି। ଅର୍ଥାତ୍ ସମ୍ପୃକ୍ତ ଫିଲ୍ମ ବିଳମ୍ବରେ କି ଠିକ୍ ସମୟରେ ରିଲିଜ୍ ହେବ, ତାହା ସେମାନେ ନିର୍ଦ୍ଧାରଣ କରନ୍ତି। ତା'ସହ ଏହାଦ୍ୱାରା ଖର୍ଚ୍ଚ ମଧ୍ୟ କମିଥାଏ। ଅନ୍ୟପଟେ ଟିଜର୍‌କୁ ଏମିତି ଭାବେ ତିଆରି କରାଯାଏ, ଯେମିତି ଏହାର ଝଲକ୍‌କୁ ଦେଖି ସେହି ଫିଲ୍ମ ଦେଖିବା ପାଇଁ ଦର୍ଶକ ଆଗ୍ରହ ପ୍ରକାଶ କରିଥାନ୍ତି। ■




## ବାହାଘର ପରେ ଶୂର୍ପଣଖା ଚରିତ୍ରରେ ରକୁଲ୍

ଦୀର୍ଘଦିନ ଧରି ଚର୍ଚ୍ଚାରେ ରହି ଆସିଛି ହିନ୍ଦୀ ସିନେମା 'ରାମାୟଣ'। ଦିନକୁ ଦିନ ଏହି ଫିଲ୍ମ ସହ ନୂଆ ନୂଆ କଳାକାରଙ୍କ ନାଁ ଯୋଡ଼ି ହେଉଥିବା ବେଳେ ଏବେ ଏଥିରେ ସାମିଲ ହୋଇଛନ୍ତି ଅଭିନେତ୍ରୀ ରକୁଲ୍ ପ୍ରୀତ୍ ସିଂହ। ତେବେ ଏଥିରେ ସେ ଶୂର୍ପଣଖା ଚରିତ୍ରରେ ନଜର ଆସିବେ। ଏଭଳି ଏକ ପୌରାଣିକ ଫିଲ୍ମ ସହ ଜଡ଼ିତ ହୋଇ ରକୁଲ ଖୁବ୍ ଉତ୍ସାହିତ ଥିବା କହିଛନ୍ତି। ରକୁଲ୍ ଏବେ ନିଜ ବାହାଘରକୁ ନେଇ ବ୍ୟସ୍ତ ଥିବାରୁ ବାହାଘର ପରେ ସେ ସିନେମାର ସୁଟିଂ ଆରମ୍ଭ କରିବେ ବୋଲି କହିଛନ୍ତି। ଏଣୁ ବାହାଘର ପରେ ରକୁଲ୍‌ଙ୍କୁ ଶୂର୍ପଣଖା ଚରିତ୍ରରେ ଦେଖିବାକୁ ମିଳିବ। ଅନ୍ୟପଟେ ଖ୍ୟାତନାମା ନିର୍ଦ୍ଦେଶକ ନୀତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଏହି ବଡ଼ ବଜେଟ୍ ସିନେମାର ସୁଟିଂ ମାର୍ଚ୍ଚରେ ଆରମ୍ଭ ହେବ। ଏବେ ଏହାର ପ୍ରି-ପ୍ରଡକ୍ସନ୍ କାମ ଚାଲିଛି। ■



## 'ଭୁଲ୍ ଭୁଲୈୟା-୩'ରେ ମାଧୁରୀ

ଲୋକପ୍ରିୟ କମେଡି ହିନ୍ଦୀ ହରର୍ ସିନେମାର ଫ୍ରାଞ୍ଚାଇଜ୍ ହେଉଛି 'ଭୁଲ୍ ଭୁଲୈୟା'। ଏହାର ପ୍ରଥମ ଭାଗରେ ଅଭିନେତା ଅକ୍ଷୟ କୁମାର ଓ ଅଭିନେତ୍ରୀ ବିଦ୍ୟା ବାଲାନଙ୍କୁ ଦେଖିବାକୁ ମିଳିଥିଲା। ସେହିପରି ଏହି ସିନେମାର ଦ୍ୱିତୀୟ ଭାଗରେ କାର୍ତ୍ତିକ ଆର୍ଯ୍ୟନ୍, କିଆରା ଆଡଭାନୀ ଏବଂ ତବୁ ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ। ଏବେ 'ଭୁଲ୍ ଭୁଲୈୟା-୩'ରେ ବି କାର୍ତ୍ତିକ ଆର୍ଯ୍ୟନ୍ ପୂର୍ବ ଭଳି ମୁଖ୍ୟ ଚରିତ୍ରରେ ଅଭିନୟ କରିବେ। ତା'ସହ ବିଦ୍ୟା ବାଲାନ 'ମଞ୍ଜୁଲିକା' ଭୂମିକାରେ ଅଭିନୟ କରିବେ ବୋଲି ସ୍ପଷ୍ଟ ହୋଇଛି। ଅବଶ୍ୟ ଏବେ ଏହି ସିନେମାର ତୃତୀୟ ଭାଗରେ ସାମିଲ ହେବେ ୯୦ ଦଶକର ଲୋକପ୍ରିୟ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। ଏହି କଥା କାର୍ତ୍ତିକ ଓ ବିଦ୍ୟା ଜାନୁଆରୀ ୧୨ ତାରିଖରେ ଖୁଲାସା କରିଛନ୍ତି। ସେହିପରି ମାଧୁରୀ ଏଥିରେ ଭୂତୁଣୀ ଚରିତ୍ରରେ ନଜର ଆସିବେ। ଏହାବାଦ୍ ପ୍ରଥମ ଥର ପାଇଁ ଏହି ଫିଲ୍ମ ମାଧ୍ୟମରେ ମାଧୁରୀ ଏବଂ ବିଦ୍ୟା ସ୍କ୍ରିନ୍ ସେୟାର୍ କରିବେ। ଆସନ୍ତା ଦୀପାବଳିରେ ସିନେମାଟି ପ୍ରେକ୍ଷାଳୟକୁ ଆସିବ। ■



## କାହାଣୀ ପାଇଁ ଚର୍ଚ୍ଚାରେ 'ଲାପତା ଲେଡିଜ୍'

ନୂଆ ହିନ୍ଦୀ ସିନେମା 'ଲାପତା ଲେଡିଜ୍'ର ରିଲିଜ୍ ତାରିଖ ଯେତିକି ପାଖେଇ ଆସୁଛି, ଏହାକୁ ନେଇ ଉତ୍ସୁକତା ଓ ଚର୍ଚ୍ଚା ସେତିକି ବଢ଼ୁଛି। ଫିଲ୍ମ ନିର୍ମାତା କିରଣ ରାଓ ଏବେ ତାଙ୍କର ଏହି ଫିଲ୍ମର ପ୍ରମୋସନ୍‌ରେ ବ୍ୟସ୍ତ ଅଛନ୍ତି। ସେହିପରି 'ଏହାର ଟ୍ରେଲର ରିଲିଜ୍ ହେବା ପରେ ଏହାର କାହାଣୀକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧି ପାଇଛି। ଅବଶ୍ୟ ଏହାର କାହାଣୀ ରୋଚକୀୟ ବିଷୟବସ୍ତୁ ଉପରେ ଆଧାରିତ। ଟ୍ରେନରେ ଦୁଇଜଣ କନ୍ୟା କିଭଳି ବଦଳି ଯାଉଛନ୍ତି ଏବଂ ତା'ପରେ ସ୍ଥିତି କ'ଣ ହେଉଛି? ଏହାକୁ ନେଇ ସିନେମାର କାହାଣୀ ଗତିଶୀଳ ହୋଇଛି। ମହିଳାଙ୍କ ଉପରେ ଆଧାରିତ ଲହି ଫିଲ୍ମର କାହାଣୀଟି ହାସ୍ୟରସାତ୍ମକ। ତା'ସହ ଏଥିରେ ଯୌତୁକ, ମହିଳାଙ୍କ ସାମାଜିକ ସ୍ଥିତି ଭଳି ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଦୃଷ୍ଟି ଦିଆଯାଇଛି। ସିନେମାଟିକୁ ସବୁ ଦୃଷ୍ଟିରୁ ବାସ୍ତବଧର୍ମୀ କରିବାକୁ ଚେଷ୍ଟା କରାଯାଇଛି। ଫିଲ୍ମରେ ପ୍ରତିଭା ରାଣ୍ଟା, ସ୍ପର୍ଶ ଶ୍ରୀବାସ୍ତବ, ଛାୟା କଦମ୍, ରବି କିଶନ ପ୍ରମୁଖ ନଜର ଆସିବେ। ଏହା ମାର୍ଚ୍ଚ ୧ରେ ପ୍ରେକ୍ଷାଳୟକୁ ଆସିବ। ■



### ପରଦା ପଛର କାହାଣୀ

## ପଦୁଟିଏ ନ କହି ସୁପରଷ୍ଟାର୍

ବଲିଉଡ୍ ଅଭିନେତା ରଣବୀର କପୁର 'ଆନିମଲ୍' ଫିଲ୍ମ ପରେ ଏବେ ତାଙ୍କର ଚକଲେଟ୍ ବୟଇମେଜ୍‌ରୁ ଆକ୍ସନ୍ ଷ୍ଟାର୍ ପାଲଟି ଯାଇଛନ୍ତି। ସର୍ବଦା ରୋମାଣ୍ଟିକ୍ ଭୂମିକାରେ ନଜର ଆସୁଥିବା ରଣବୀର ପ୍ରଥମ ଥର ପାଇଁ 'ଆନିମଲ୍'ରେ ଗ୍ୟାଙ୍ଗଷ୍ଟାର୍ ଭୂମିକାରେ ବେଶ୍ ଚମତ୍କାର ଅଭିନୟ କରିଥିଲେ। ଆଉ ଏବେ ନୀତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ରାମାୟଣ'ରେ ସେ ରାମ ଭୂମିକାରେ ଅଭିନୟ କରିବେ। ରଣବୀର ବଲିଉଡ୍‌ର ଜଣେ ପ୍ରତିଭାବାନ୍ କଳାକାର। ତାଙ୍କ ଅଭିନୀତ 'ଅଜବ ପ୍ରେମ୍ କି ଗଜବ କହାନୀ', 'ରକ୍‌ଷ୍ଟାର୍', 'ବର୍ଫି', 'ଏ ଦିଲ୍ ହୈ ମୁସ୍କିଲ୍', 'ବ୍ରହ୍ମାସ୍ତ୍ର' ଆଦି ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇଛି। ରଣବୀର ଯଦି କୌଣସି ଫିଲ୍ମରେ ଜୀବନ୍ତ ଅଭିନୟ ପାଇଁ ଅଧିକ ଚର୍ଚ୍ଚାରେ ରହିଛନ୍ତି, ତାହା ହେଲା 'ବର୍ଫି'। ସବୁଠୁ ବଡ଼ କଥା ହେଉଛି, ଏଥିରେ ରଣବୀର ଗୋଟିଏ ବି ଡାଇଲଗ୍ ନ କହି ରାତାରାତି ସୁପରଷ୍ଟାର୍ ପାଲଟି ଯାଇଥିଲେ। ସେ ଏଥିରେ ଜଣେ ମୂକ ବଧିର ଯୁବକ ଭାବେ ଅଭିନୟ କରିଥିଲେ। ଏହି ଫିଲ୍ମ ୨୦୧୨ ମସିହାରେ ମୁକ୍ତିଲାଭ କରିଥିଲା। ଏଥିରେ ରଣବୀରଙ୍କ ସହ ଇଲିଆନା ଡିକ୍ରୁଜ୍ ଓ ପ୍ରିୟଙ୍କା ଚୋପ୍ରା ଅଭିନୟ କରିଥିଲେ। ଯଦିଓ ପୂରା ଫିଲ୍ମରେ ରଣବୀର ପଦୁଟିଏ କଥା କହି ନ ଥିଲେ କିନ୍ତୁ କ୍ୟାମେରା ସମ୍ମୁଖରେ ତାଙ୍କ ଭାବଭଙ୍ଗୀରେ ସେ ଦର୍ଶକଙ୍କ ମନ ଜିଣି ନେଇଥିଲେ। ଏଥିରେ ରଣବୀର ତାଙ୍କ ଜେଜେବାପା ରାଜ୍‌କପୁରଙ୍କ 'ମେରା ନାମ ଜୋକର୍'ର ଭୂମିକାକୁ ଅନୁସରଣ କରିଥିବା କଥା ମଧ୍ୟ ଚର୍ଚ୍ଚା ହୋଇଥିଲା। ଏହି ଫିଲ୍ମ ତା'ର ବଜେଟ୍‌ଠାରୁ ଦୁଇଗୁଣ ଅଧିକ ଆୟ କରିଥିଲା। ୫୦ କୋଟି ଟଙ୍କାରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୧୧୨ କୋଟି ଆୟ କରିଥିଲା। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଅନୁରାଗ ବସୁ। ■



ସାକ୍ଷାତକାର



# "ସାମାଜିକ ବାର୍ତ୍ତା ଥିବା ଫିଲ୍ମ କରିବାକୁ ଇଚ୍ଛା"

**ଶିବାନୀ ସଙ୍ଗୀତା, ଅଭିନେତ୍ରୀ**

ଶିଶୁ କଳାକାର ଭାବେ ଅନେକ ଫିଲ୍ମରେ ସେ ଦର୍ଶକଙ୍କ ମନ ଜିଣିଛନ୍ତି । ଅଭିନେତ୍ରୀ ଭାବେ ପ୍ରଥମେ ସେ 'ସିଷ୍ଟର ଶ୍ରୀଦେବୀ'ରେ ଏଣ୍ଟ୍ରି କରିଥିଲେ । ଇତିମଧ୍ୟରେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଭେଟି ଦେଇଛନ୍ତି ଅନେକ ହିଟ୍ ଫିଲ୍ମ । ସେଥିରେ ରହିଛି 'ମିତରେ ମିତ', 'ମିତ ବସିଛି ମୁଁ ଭୂତ ସାଥିରେ' 'ପ୍ରେମ କୁମାର', 'ବାବୁ ଭାଇଜାନ୍', 'ଦିଲ୍ ମୋର ମାନେନା', 'ବିଦ୍ୟାରଣ', 'ମାଲ୍ୟାଗିରି' ଆଦି ଫିଲ୍ମ । ଏହି ଚୁଲବୁଲି ଅଭିନେତ୍ରୀ ଜଣକ ହେଉଛନ୍ତି ଶିବାନୀ ସଙ୍ଗୀତା । ସେ କେବଳ ଉଚ୍ଚକୋଟୀର ଅଭିନୟ କରନ୍ତି ତାହା ନୁହେଁ, ବହୁତ ଭଲ ଗୀତ ମଧ୍ୟ ଗାଆନ୍ତି । ନିଜର ଅପ୍‌କମିଂ ଫିଲ୍ମକୁ ନେଇ ସେ କ'ଣ କହୁଛନ୍ତି ଜାଣିବା ... ।



**ଶିଶୁ କଳାକାରରୁ ଅଭିନେତ୍ରୀ, ଏ ଯାତ୍ରା କେମିତି ଥିଲା?**

● ପିଲାଟି ଦିନରୁ ଅଭିନୟ ସହିତ ଜଡ଼ିତ ଥିଲେ ବି 'ସିଷ୍ଟର ଶ୍ରୀଦେବୀ' ପାଇଁ ଅଡିସନ୍ ଦେଇ କାମ ପାଇଥିଲି । ଏବେ ଦର୍ଶକ ବାସ୍ତବ କାହାଣୀ ଦେଖିବାକୁ ଚାହୁଁଥିବାରୁ ସେହିଭଳି ଫିଲ୍ମରେ କାମ କରୁଛି ।

**ଆଗାମୀ ଫିଲ୍ମ 'ନବକଳେବର' କୁ ନେଇ କ'ଣ କହିବେ?**

● 'ମାଲ୍ୟାଗିରି' ପରେ ମୁଁ ଏବେ 'ନବକଳେବର' ସୁଟିଂ ପାଇଁ ବ୍ୟସ୍ତ ରହିଛି । ମୋ ଚରିତ୍ର ପୂରା ଭିନ୍ନ । ଜଗନ୍ନାଥଙ୍କ ଲୀଳାକୁ ନେଇ 'ନବକଳେବର' ଫିଲ୍ମ । ରାଜା ରାମଚନ୍ଦ୍ର ଦେବ ଓ ରାଣୀ ଗୌରୀ ଦେବୀ ମିଶି 'ନବକଳେବର' ପ୍ରତିଷ୍ଠା କରିଥିଲେ । ମତେ ରାଣୀ ଗୌରୀ ଚରିତ୍ର ମିଳିଥିବାରୁ ଏହି ଐତିହାସିକ କାହାଣୀ ପାଇଁ ଚାଲିବା ଶୈଳୀଠାରୁ କଥାବାର୍ତ୍ତା ସବୁକିଛିକୁ ଗୁରୁତ୍ୱ ଦେବାକୁ ପଡୁଛି ।

**କେଉଁ ପ୍ରକାର ଫିଲ୍ମ କରିବାକୁ ଭଲ ପାଆନ୍ତି?**

● ଦର୍ଶକ ସବୁବେଳେ ନୂଆ ଖୋଜନ୍ତି, ତେଣୁ ବାସ୍ତବ କାହାଣୀ ହେଉ କି କିଛି ଭିନ୍ନ କାହାଣୀ, ଚରିତ୍ର ଓ ଅଭିନୟ ହିଁ ମୁଖ୍ୟ ପ୍ରସଙ୍ଗ । ଅଭିନେତ୍ରୀ ଭାବେ ଦର୍ଶକଙ୍କୁ ଭଲଲାଗୁଥିବା କାହାଣୀ, ନାୟକ, ନିର୍ଦ୍ଦେଶକ ଆଦିକୁ ଦେଖି ଫିଲ୍ମ କରେ । ସର୍ବଦା ମୋର ଚରିତ୍ରକୁ ଗୁରୁତ୍ୱ ଦେଇ ଅଭିନୟ କରିଥାଏ । ଏମିତି ବି ଏବେ ଦର୍ଶକ ବାସ୍ତବ ଓ ମୌଳିକ କାହାଣୀ ଦେଖିବାକୁ ପସନ୍ଦ କରୁଛନ୍ତି ।

**ପଢ଼ା ସହିତ ଅଭିନୟ, କେମିତି ସମୟ ପରିଚାଳନା କରନ୍ତି?**

● ଯୁକ୍ତ ଦୁଇ ସମୟରୁ ସାମ୍ବାଦିକତାରେ ପଢ଼ିବାକୁ ଇଚ୍ଛା ଥିଲା । ବ୍ରଡ୍‌କାଷ୍ଟ ଜର୍ଣ୍ଣାଲିଜିମ୍‌କୁ ଆଖିରେ ରଖି ଏବେ ମୁଁ କିଟ୍‌ରେ ସାମ୍ବାଦିକତା ପାଠ ପଢୁଛି । ନୂଆ ନୂଆ କଥା ଜାଣିବାକୁ ପାଉଛି । ପଢ଼ା ସାରିଲା ପରେ ଅଭିନୟ ବିଷୟରେ ଭାବେ । ଯେହେତୁ କଷ୍ଟ କରି ପାଠ ପଢୁଛି ଭବିଷ୍ୟତରେ ଉଭୟ ସାମ୍ବାଦିକତା ଏବଂ ଅଭିନୟ କ୍ଷେତ୍ରରେ କାମ କରିବି ।

**ଆପଣଙ୍କ ଅଭିନୀତ କେଉଁ ଫିଲ୍ମର ଚରିତ୍ର ଆପଣଙ୍କର ପ୍ରିୟ?**

● ସିଷ୍ଟର ଶ୍ରୀଦେବୀ ଓ ମାଲ୍ୟାଗିରି ।

**ଶୁଣିଛୁ ଶିବାନୀ ବଡ଼ ବଡ଼ ସଂଳାପ ମନେ ରଖିଦିଅନ୍ତି, କେମିତି?**

● ପ୍ରତ୍ୟେକ ଫିଲ୍ମର ସଂଳାପ ମୁଁ ବହୁତ ଶୀଘ୍ର ମନେ ରଖିଦିଏ । ସଂଳାପ ମନରେ ଛାପି ହୋଇଯାଏ । ମୋର ସବୁ ଫିଲ୍ମର ସଂଳାପ ମନେ ରୁହେ ।

**ଫିଟ୍‌ନେସ୍‌ର ରାଜ୍?**

● ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ସହ ୩୦% ୱାର୍କଆଉଟ୍ ଓ ୭୦ % ଡାଏଟକୁ ଗୁରୁତ୍ୱ ଦିଏ ।

**କୋ ଆର୍ଟିଷ୍ଟ ମାନଙ୍କ ସହିତ ଆପଣଙ୍କ ବଣ୍ଡିଂ କେମିତି?**

● ଇଣ୍ଡଷ୍ଟ୍ରିରେ ସମସ୍ତଙ୍କ ସହିତ ମୋର ଭଲ ସମ୍ପର୍କ । ମୁଁ ଘରେ ଯେମିତି ଇଣ୍ଡଷ୍ଟ୍ରିରେ ସେମିତି ତେଣୁ ମୁଁ ସମସ୍ତଙ୍କୁ ଭଲପାଏ, ସମସ୍ତେ ବି ମତେ ବହୁତ ଭଲପାଆନ୍ତି । ମୋ କୋଆର୍ଟିଷ୍ଟଙ୍କୁ ମୁଁ ସବୁବେଳେ ପ୍ରଶଂସା କରେ ।

**ରୋଷେଇ କରିବାକୁ ଭଲଲାଗେ?**

● ହଁ, ଏବେ ଘରେ ନୂଆ ନୂଆ ଡିସ୍ ତିଆରି କରୁଛି ।

**ଅଭିନେତ୍ରୀ ହୋଇନଥିଲେ ଶିବାନୀ କ'ଣ ହୋଇଥାନ୍ତେ?**

● କଣ୍ଠଶିଳ୍ପୀ ।

**ସାମାଜିକ ଗଣମାଧ୍ୟମରେ ଶିବାନୀ ସକ୍ରିୟ ରୁହନ୍ତିନି କାହିଁକି?**

● କାମ କରିବାକୁ ଭଲଲାଗେ । ପୋଷ୍ଟ କରିବାକୁ ଭଲ ଲାଗେନି । ସାମାଜିକ ଗଣମାଧ୍ୟମରେ ଏତେ ସକ୍ରିୟ ରୁହେନି । ଗୋଟିଏ ପୋଷ୍ଟ କରିବାକୁ ଶହେ ଥର ଭାବିଥାଏ । କାରଣ ଦର୍ଶକ ସବୁବେଳେ ନିଜ ତାରକାଙ୍କୁ ଅନୁକରଣ କରନ୍ତି, ତେଣୁ ମୁଁ ଭାବେ ଯଦି ମୁଁ ଭଲ କାମ କରିବି, ତାହାକୁ ସେମାନେ ଗ୍ରହଣ କରିବେ । ତେଣୁ କ୍ୱଚିତ୍ ସମାଜକୁ ଭଲ ବାର୍ତ୍ତା ଦେବା ପରି ପୋଷ୍ଟ ସେୟାର୍ କରେ ।

**ଡ୍ରିମ୍ ରୋଲ୍?**

● ପ୍ରତ୍ୟେକ ଚରିତ୍ର ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ । କିଛି ଭିନ୍ନ ଓ ନୂଆ ଚରିତ୍ର କରିବାକୁ ଇଚ୍ଛା ଅଛି । ତେବେ ଯେଉଁ ଚରିତ୍ର ମୁଁ କେବେ କରିନଥିବି କି ସମାଜକୁ କିଛି ବାର୍ତ୍ତା ଯାଉଥିବ ସେହିଭଳି ଫିଲ୍ମ କରିବାକୁ ଇଚ୍ଛା ।

**ପ୍ରେମରେ ପଡ଼ିଛନ୍ତି କି?**

● ପରିବାର, ଦର୍ଶକ ଓ ମତେ ଭଲପାଉଥିବା ଲୋକଙ୍କୁ ମୁଁ ଭଲପାଏ । ପ୍ରେମରେ ନପଡ଼ି ନିଜ କାମକୁ ଗୁରୁତ୍ୱ ଦେବା ଦରକାର ।

**ନୂଆ କରି ଏହି ଲାଇନ୍‌କୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

● କାମକୁ ଗୁରୁତ୍ୱ ଦିଅନ୍ତୁ । ଭଲ କାମ କରନ୍ତୁ, ଭଲ ମନରେ କାମ କରନ୍ତୁ ।

# ମହିଳା ଦିବସରେ 'ବସ୍'

ଦୀର୍ଘଦିନ ପରେ 'ବସ୍' ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି ଓଲିଉଡ୍ ନାୟିକା ବର୍ଷା ପ୍ରିୟଦର୍ଶିନୀ । ଆର୍ ଆର୍ ସିନେ ପ୍ରଡକ୍ସନ ନିବେଦିତ ତଥା ରମେଶ ବାରିକଙ୍କ ପ୍ରଯୋଜିତ ଏହି ନୂଆ ଫିଲ୍ମରେ ବର୍ଷା ପ୍ରମୁଖ ଚରିତ୍ରରେ ନଜର ଆସିବେ । ସିନେମାଟି ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଅର୍ଥାତ୍ ମାର୍ଚ୍ଚ ୮ ରେ ମୁକ୍ତିଲାଭ କରିବ । ସିନେମାର ନିର୍ଦ୍ଦେଶନାରେ ତ୍ରିପତି ସାହୁ ଥିବା ବେଳେ ଫିଲ୍ମର କାହାଣୀ, ଚିତ୍ରନାଟ୍ୟ ଓ ପରିକଳ୍ପନାରେ ନିଜେ ବର୍ଷା ଅଛନ୍ତି । ଏହାର ସଂଳାପ ବିଜୟ ମଲ୍ଲ ଲେଖିଛନ୍ତି । ଏଥିରେ ଗୀତିକାର ଡ. ନିର୍ମଳ ନାୟକ ଥିବା ବେଳେ ଗୀତକୁ ସଙ୍ଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର୍ । ସିନେମାଟିକୁ ଦର୍ଶକେ ଖୁବ୍ ପସନ୍ଦ କରିବେ ବୋଲି ଏହାର ପୂରା ଟିମ୍ ବେଶ୍ ଆଶାବାଦୀ ଅଛନ୍ତି ।







# ରଜରେ 'ଭିଲେନ୍'

ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ନିବେଦିତ ନୂଆ ଓଡ଼ିଆ ସିନେମା 'ଭିଲେନ୍' ରଜ ଅବସରରେ ପ୍ରେକ୍ଷାଳୟକୁ ଆସିବ । ଏହାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଅଭିନେତା ଅର୍ଦ୍ଧେନ୍ଦୁ । ଏଥିରେ ତାଙ୍କ ବିପକ୍ଷରେ ନାୟିକା ଭାବେ ଦେଖିବାକୁ ମିଳିବ ତମନ୍ନାଙ୍କୁ । ଜଣେ ଗ୍ୟାଙ୍ଗଷ୍ଟାର୍ର କାହାଣୀ ଉପରେ ଆଧାରିତ ଏହି ସିନେମାର ପ୍ରଥମ ଲୁକ୍କୁ ସାମାଜିକ ଗଣାମାଧ୍ୟମରେ ସେୟାର୍ କରିଛନ୍ତି ନିଜେ ଅର୍ଦ୍ଧେନ୍ଦୁ । . ମୁରଲୀକ୍ରିଷ୍ଣା ସିନେମାର ନିର୍ଦ୍ଦେଶନାରେ ଥିବା ବେଳେ ଏହାର ପ୍ରଯୋଜନା ଦାୟିତ୍ୱରେ ଆଦିକନ୍ଦ ସାହୁ ଅଛନ୍ତି । ସେହିପରି ଚିତ୍ରନାଟ୍ୟ ଓ ସଂଳାପ ରଚନାରେ ଅଛନ୍ତି ଦେବୀଦତ୍ତ ମହାନ୍ତି । ଲୁବୁନ୍, ଟୁବୁନ୍, ବିଦ୍ରୁ କୋରିଓଗ୍ରାଫି କରିଥିବା ବେଳେ ଏହାର ଗୀତ ରଚନା କରିଛନ୍ତି ତପୁ ନାୟକ ଓ ବାପୁ ଗୋସ୍ୱାମୀ । ସେହିପରି ସ୍ୱର ସଂଯୋଜନା କରିଛନ୍ତି ଜାପାନୀ ଭାଇ । ଅନ୍ୟପଟେ ସିନେମାଟିକୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶା କରାଯାଉଛି ।

## ଫ୍ରାଇଡେ ରିଲିଜ୍
୧୬ ଫେବୃଆରୀ

**ଓଡ଼ିଆ**




**ଆକାଶବାଣୀ**
ନିର୍ଦ୍ଦେଶକ: ତ୍ରିପତି ସାହୁ
ପ୍ରଯୋଜକ: ରୋହନ ଗର୍ଗ
କଳାକାର: ରୋହନ, ପୂଜା, ପ୍ରଦ୍ୟୁମ୍ନ, ପୃଥ୍ୱୀରାଜ ନାୟକ

**ହିନ୍ଦୀ**



**ଦଶମୀ**
ନିର୍ଦ୍ଦେଶକ: ଶାନ୍ତନୁ ଅନନ୍ତ ତାମ୍ବେ
ପ୍ରଯୋଜକ: ସାରିକା ବିନୋଦ ତାମ୍ବେ, ଭରାନି ରଙ୍ଗ, ସଞ୍ଜନା ବିନୋଦ ତାମ୍ବେ
କଳାକାର: ଆଦିଲ ଖାନ, ମୋନିକା ଚୌଧୁରୀ

# ୪ ନୂଆ ମେଗା ଧାରାବାହିକ ଆରମ୍ଭ

ସିଦ୍ଧାର୍ଥ ଟିଭିରେ ଗତ ୧୨ ତାରିଖରୁ ଆରମ୍ଭ ହୋଇଛି ୪ଟି ନୂଆ ମେଗାଧାରାବାହିକ । ସେ ସବୁ ହେଲା 'ମାୟା ଓ ମମତା', 'ସୁନୟନା', 'ସିନ୍ଦୂର ନୁହେଁ ଖେଳଘର', 'କେଦାର ଗୌରୀ' । ଭିନ୍ନ ଭିନ୍ନ କାହାଣୀକୁ ନେଇ ଏହି ସମସ୍ତ ସିରିଏଲ୍ ଗତିଶୀଳ । ସେହିପରି ସମସ୍ତ ସିରିଏଲ୍ରେ ଲୋକପ୍ରିୟ ଟେଲି କଳାକାରଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଛି । ଅବଶ୍ୟ ଏସବୁ ସରିଏଲକୁ ଦର୍ଶକେ ଖୁବ୍ ପସନ୍ଦ କରିବେ ବୋଲି ଆଶା କରାଯାଉଛି । ସନ୍ଧ୍ୟା ୭ଟାରେ 'ମାୟା ଓ ମମତା' ପ୍ରସାରିତ ହେଉଥିବା ବେଳେ 'ସୁନୟନ' ସନ୍ଧ୍ୟା ୭.୩୦, 'ସିନ୍ଦୂର ନୁହେଁ ଖେଳଘର' ରାତି ୮ଟା ଏବଂ 'କେଦାର ଗୌରୀ' ରାତି ୮.୩୦ରେ ପ୍ରସାରିତ ହେଉଛି ।



## ନୂଆ ଗୀତ

# 'ମନେ ନାହିଁ ମୋର ତମ ସହର'

ସୁଧା ଅଫିସିଆଲ୍ ମ୍ୟୁଜିକ୍ ପ୍ରଯୋଜିତ ଆଧୁନିକ ଆଲବମ୍ 'ମନେ ନାହିଁ ମୋର ତମ ସହର'ରେ ନିକଟରେ ଏକାମ୍ର ହାଟରେ ଉନ୍ମୋଚିତ ହୋଇଛି । ଡ.ରଜନୀରଞ୍ଜନଙ୍କ ଗୀତକୁ ସୁମଧୁର ସଙ୍ଗୀତରେ ସଜାଇଛନ୍ତି ଯୁବ ସଙ୍ଗୀତ ନିର୍ଦ୍ଦେଶକ ସ୍ୱସ୍ତିକ ପାଢ଼ୀ । ଏଥିରେ କଣ୍ଠଦାନ କରିଛନ୍ତି ସୁଧାଂଶୁବାଳା ସାହୁ । ଏହି ଅବସରରେ ଡ. ଅଜୟ ସ୍ୱାଇଁ, ଡ.ରଜନୀରଞ୍ଜନ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଯଜ୍ଞ ଦାସ, ଡ.ମାଧବ ବେହୁରା, ଅଭିନେତା ବବି ମିଶ୍ର, ନିର୍ଦ୍ଦେଶକ ଶୈଳେନ୍ଦ୍ର ମିଶ୍ର, ଅଧ୍ୟାପକ ଆଲୋକ ଷଡ଼ଙ୍ଗୀ ଓ ଡ. ଶ୍ରୀକାନ୍ତ କୁମାର ବାରିକ ପ୍ରମୁଖ ଏହାକୁ ଉନ୍ମୋଚନ କରିଥିଲେ । ତେବେ ଏହି ପ୍ରେମ ଗୀତଟିକୁ ଯୁବବର୍ଗଙ୍କୁ ଆମୋଦିତ କରିବା ବୋଲି ଆଶା କରାଯାଇଛି ।




# 'ଅପରେସନ ୧୨/୧୭'ର ଟ୍ରେଲର ରିଲିଜ୍

ସାଇ ଲୁମ୍ବିନୀ ପ୍ରଡକ୍ସନ୍ ନିର୍ମିତ ତଥା ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ 'ଅପରେସନ୍ ୧୨/୧୭'ର ଟ୍ରେଲର ହୋଟେଲ୍ ନ୍ୟୁ ମାରିଅନ୍ରେ ରିଲିଜ୍ ହୋଇଛି । ଏହି ଅବସରରେ ସିନେମାର ନାୟକ ଓ ନାୟିକାଙ୍କ ସମେତ ଅନ୍ୟ କଳାକାରମାନେ ଉପସ୍ଥିତ ଥିଲେ । ମାର୍ଚ୍ଚ ମାସରେ ଏହା ପ୍ରେକ୍ଷାଳୟକୁ ଆସିବ ବୋଲି କୁହାଯାଉଛି । ଶୁଭ୍ରା ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରରେ ମୋଟ ୪ଟି ଗୀତ ରହିଛି । ଗୀତିକାର ଅରୁଣ ମନ୍ତ୍ରୀ ଓ ଡକ୍ଟର ନିର୍ମଳ ନାୟକ ଗୀତ ରଚନା କରିଥିବାବେଳେ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ । ସିନେମାରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଋତୁରାଜ ମହାନ୍ତି, ସତ୍ୟଜିତ୍ ପ୍ରଧାନ, ଅସୀମା ପଣ୍ଡା ଏବଂ ଅନନ୍ୟା ଶ୍ରୀତମ ନନ୍ଦ । ସିନେମାର ମୁଖ୍ୟ ଚରିତ୍ରରେ ଅଛନ୍ତି ଶ୍ରେୟାନ୍ ଏବଂ ଭୂମିକା ।



# ଯନ୍ତାରେ ଲାଞ୍ଚୁଆ



**ଜଣେ ସରକାର କର୍ମଚାରୀ ନିଜର ପ୍ରାପ୍ୟଠାରୁ ଯେତେବେଳେ ଅଧିକ ଅର୍ଥ ନେଇଥାଏ, ତାକୁ ଲାଞ୍ଚ ବୋଲି ବିବେଚନା କରାଯାଏ। ସେ ସରକାରୀ ଭାବେ ନିଅନ୍ତୁ ଅବା ବେସରକାରୀ ଭାବେ ଅବା ବ୍ୟକ୍ତିଗତଭାବେ କାହାଠାରୁ ନିଅନ୍ତୁ, ତାହା ବେଆଇନ। ସେଭଳି ଲାଞ୍ଚ ନେବା ଭାରତର ଫୌଜଦାରୀ ସଂହିତା (କ୍ରିମିନାଲ ପ୍ରୋସିଡିଂ କୋଡ୍) ଓ ପ୍ରୋହିବେସନ ଅଫ୍ କରପ୍ସନ ଆକ୍ଟ-୧୯୮୮ ଅନୁଯାୟୀ ଧର୍ତ୍ତବ୍ୟ ଅପରାଧ। ସେଭଳି ଅପରାଧକୁ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଭିତରେ ଦୁଇଟି ପ୍ରମୁଖ ବିଭାଗ କାମ କରୁଛି। ଏଥିପାଇଁ ଦୁର୍ନୀତି ନିବାରଣ ବିଭାଗର ଅଧିକାରୀମାନଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ବେଆଇନ ଆର୍ଥିକ କାରବାରକୁ ବନ୍ଦ କରିବା ଓ ଅପରାଧକୁ ଧରିବା ପାଇଁ ଜାତୀୟ ସ୍ତରରେ ସିବିଆଇ ଓ ରାଜ୍ୟସ୍ତରରେ ଭିଜିଲାନ୍ସ କାମ କରୁଛି। ଟ୍ରାପ୍ ଦ୍ୱାରା ସେଭଳି ଦୁର୍ନୀତିଗ୍ରସ୍ତଙ୍କୁ ଧରିବାର ବ୍ୟବସ୍ଥା ରହିଛି। ଯାହା ଏକ ପ୍ରଚଳିତ ଏବଂ ଚର୍ଚ୍ଚିତ ପରମ୍ପରା।**

**ରିପୋର୍ଟ: 'ସକାଳ' ବ୍ୟୁରୋ**
**ତଥ୍ୟ-ତ୍ରିନାଥ**



କୌଣସି ଅଭିଯୁକ୍ତ ଲାଞ୍ଚ ନେଉଥିବା ବେଳେ ସିଧାସଳଖ ଧରିବାକୁ ଟ୍ରାପ୍ କୁହାଯାଏ। ଟ୍ରାପ୍ ଦୁର୍ନୀତି ରୋକିବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ। ଯେଉଁ ଜାଗାରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ କୌଣସି ବ୍ୟକ୍ତି, ଯିଏ କି ଜଣେ ପବ୍ଲିକ ସର୍ଭାଣ୍ଟ ଯଦି କୌଣସି ଅର୍ଥ ଦାବି କରନ୍ତି ତାହାଲେ ଏହାଦ୍ୱାରା ପ୍ରଭାବିତ ବ୍ୟକ୍ତି ଜଣଙ୍କ ଦୁର୍ନୀତି ନିବାରଣ ବିଭାଗ 'ଟ୍ରାପ' ପରିଚାଳନା କରନ୍ତି। ପ୍ରଥମ ଅଭିଯୋଗକାରୀଙ୍କ ଅଭିଯୋଗକୁ ଏକ ପ୍ରାଥମିକ ଅନୁସନ୍ଧାନ ବା ପ୍ରାଇମେରୀ ଇନ୍‌କ୍ୱାରୀ (ପିଇ) ଭାବରେ ଚିହ୍ନିତ କରାଯାଇ ଗୁପ୍ତରେ ଅନୁସନ୍ଧାନ କରାଯାଏ। ପ୍ରଥମିକ ଅନୁସନ୍ଧାନ ଅତୀବ ଗୁରୁତ୍ୱପୂର୍ଣ୍ଣ। ଏହି ଅନୁସନ୍ଧାନ ବିନା ପରବର୍ତ୍ତୀ ପଦକ୍ଷେପ ନେବା ବାରଣ ରହିଛି।

ପ୍ରାଥମିକ ଅନୁସନ୍ଧାନ ସମୟରେ ମୁଖ୍ୟତଃ ଦୁର୍ନୀତି ନିବାରଣ ଅଧିକାରୀ ବା ସିବିଆଇ ଅଧିକାରୀମାନେ ଦୁଇଟି ପ୍ରମୁଖ ଦିଗ ପ୍ରତି ଧ୍ୟାନ ଦିଅନ୍ତି। ଗୋଟିଏ ହେଉଛି ଏହି ଲାଞ୍ଚ ଦାବି ସତ୍ୟ ନା ଅଭିଯୋଗକାରୀ କୌଣସି ବ୍ୟକ୍ତିଗତ ରାଗ ବା କାହାଦ୍ୱାରା ପ୍ରରୋଚିତ ହୋଇ ମିଥ୍ୟା ଅଭିଯୋଗ ଆଣୁଛି। ଅନେକ ସମୟରେ ପ୍ରାରମ୍ଭିକ ଅନୁସନ୍ଧାନ ସମୟରେ ଅଭିଯୋଗକାରୀଙ୍କ ଅଭିଯୋଗର ସତ୍ୟତା ଥିବା ବେଳେ କେତେକ ସମୟରେ ବ୍ୟକ୍ତିଗତ ଆକ୍ରୋଶ, ଅନ୍ୟକୁ ହଇରାଣରେ ପକାଇବାର ଉଦ୍ଦେଶ୍ୟରେ ମିଥ୍ୟା ଅଭିଯୋଗର ମଧ୍ୟ ନଜିର୍ ରହିଛି ବୋଲି କୁହନ୍ତି ଜଣେ ଭିଜିଲାନ୍ସ ଅଧିକାରୀ। ସେ କୁହନ୍ତି ଗତ କିଛିବର୍ଷ ଧରି ଅନେକ ରାଜନୈତିକ ବ୍ୟକ୍ତିଙ୍କ ବିରୁଦ୍ଧରେ ବିରୋଧ ରାଜନୈତିକ ଦଳର ଏଭଳି କେତେକ ଅଭିଯୋଗ ଆସିଥିଲା। ଯେଉଁଥିପାଇଁ କି ଭିଜିଲାନ୍ସ ଟ୍ରାପ୍‌ର ନିୟମକାନୁନ ମୁତାବକ ଅଭିଯୁକ୍ତଙ୍କ ଭଏସ୍ ରେକର୍ଡକୁ ବାଧ୍ୟତାମୂଳକ କରାଯାଇଛି। ପ୍ରଥମେ ଅଭିଯୋଗ କରିବା ପାଇଁ ଆସୁଥିବା ବ୍ୟକ୍ତିଙ୍କୁ ଏକ ଗୁପ୍ତ ଟେପ୍ ରେକର୍ଡର ଦିଆଯାଉଛି ଏବଂ ରେକର୍ଡର ମାଧ୍ୟମରେ ଲାଞ୍ଚ ମଗା ଯାଉଥିବାର ପ୍ରମାଣ ସ୍ପଷ୍ଟ ଜଣାପଡ଼ିବା ପରେ ଭିଜିଲାନ୍ସ ଟ୍ରାପ୍ ଯୋଜନା ପ୍ରସ୍ତୁତ କରୁଛି।

ପ୍ରାଥମିକ ଅନୁସନ୍ଧାନ ପରେ ଯଦି ଅଭିଯୋଗ ସତ୍ୟ ବୋଲି ବିଶ୍ୱାସଭାଜନ ହୁଏ, ତେବେ ସିଆର୍‌ପିସି (ଫୌଜଦାରୀ ସଂହିତା) ର ଧାରା ୧୫୪ ଅନୁଯାୟୀ ଏଫ୍‌ଆଇଆର୍ ବା ଏତାଲା ରେଜିଷ୍ଟ୍ରାର କରାଯାଏ। ଏତାଲା ପଞ୍ଜୀକରଣ କରିବା ପରେ ଟ୍ରାପ୍ ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୁଏ। ପ୍ରଥମେ ଅଭିଯୁକ୍ତ ଅଧିକାରୀଙ୍କ ଚାଲିଚଳନ, ବାସଗୃହ, ଅଫିସ ଉପରେ ଭିଜିଲାନ୍ସ ଅଧିକାରୀମାନେ ଗୁପ୍ତରେ ନଜର ରଖନ୍ତି। ଆବଶ୍ୟକ ପଡ଼ିଲେ ତାଙ୍କର ସମ୍ପତ୍ତିବାଡ଼ି ଏବଂ ସମ୍ପର୍କୀୟଙ୍କ ଚାଲିଚଳଣି ଉପରେ ଭିଜିଲାନ୍ସ ନଜର କରିଥାଏ। ତାଙ୍କ ବାବଦରେ ସମସ୍ତ ତଥ୍ୟ ଆହରଣ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଏ।

## ଯନ୍ତା ପାଇଁ ଯୋଜନା

ସମସ୍ତ ଟ୍ରାପ୍ ସମୟରେ ଓ ପରବର୍ତ୍ତୀ ବିଚାର ସମୟରେ ସାଧନ ସାକ୍ଷୀ ବା ଇଣ୍ଡିପେଣ୍ଡେଣ୍ଟ ୱିଟ୍‌ନେସ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାକ୍ଷୀ ସାଧାରଣତଃ ନିରପେକ୍ଷ, ବୁଦ୍ଧିମାନ ଓ ଆଇନ ପ୍ରତି ଅନୁଗତ୍ୟ ଥିବା ବ୍ୟକ୍ତିମାନଙ୍କୁ କରାଯାଏ। ଯେଉଁ ଜାଗାରେ ଟ୍ରାପ୍ କରାଯାଏ ସେଠାର ଦୂରବର୍ତ୍ତୀ ଜାଗାରୁ ଓ ଅନ୍ୟ କାର୍ଯ୍ୟାଳୟରୁ ଅତ୍ୟନ୍ତ ଗୁପ୍ତ ଭାବରେ ଦୁଇ ଜଣଙ୍କୁ ସାକ୍ଷୀ ଭାବରେ ନିଆଯାଇଥାଏ। ସେହି ସାକ୍ଷୀମାନେ ମଧ୍ୟ ପ୍ରାଥମିକ ପର୍ଯ୍ୟାୟରେ ଘଟଣା ବାବଦରେ ଅବଗତ ନ ଥାନ୍ତି। ସାକ୍ଷୀମାନଙ୍କ ଉପସ୍ଥିତିରେ ଦାବି



ମୁତାବକ ଟଙ୍କା ଯାହା ସାଧାରଣତଃ ଦୁର୍ନୀତି ନିବାରଣ ବିଭାଗ ବହନ କରିଥାଏ। ସେଗୁଡ଼ିକର କ୍ରମିକ ନମ୍ବର ଓ ପରିମାଣ ଲେଖାଯାଇ ଦସ୍ତଖତ କରାଯାଏ। ତା' ପରେ ସେଗୁଡ଼ିକୁ ରାସାୟନିକ ପ୍ରଲେପ ଦିଆଯାଇଥାଏ। ଏହା ପୂର୍ବରୁ ରାସାୟନିକ ପ୍ରଲେପ କିପରି କାମ କରେ ତାହାର ଏକ ନମୁନା ସାକ୍ଷୀମାନଙ୍କ ଉପସ୍ଥିତିରେ ପ୍ରଦର୍ଶନ କରାଯାଏ। ସେ ପର୍ଯ୍ୟନ୍ତ ମଧ୍ୟ ସାକ୍ଷୀମାନଙ୍କ ପାଖରେ ଗନ୍ତବ୍ୟସ୍ଥଳ ବିଷୟରେ ଜଣା ନ ଥାଏ। ସେମିତି ଜଣେ ସାକ୍ଷୀଙ୍କ କହିବାନୁଯାୟୀ ସେ ଏକଦା ନିଜ କାର୍ଯ୍ୟାଳୟରେ ବସିଥିବା ବେଳେ ଭିଜିଲାନ୍ସର ଏକ ଟିମ୍ ତାଙ୍କ ନିକଟକୁ ଆସିଥିଲେ ଏବଂ ସାକ୍ଷୀ ପାଇଁ ଏକ ନିର୍ଦ୍ଦିଷ୍ଟ ଫର୍ମରେ ଦସ୍ତଖତ କରାଇଥିଲେ। ତେବେ କେଉଁଠିକି ଏବଂ କାହା ପାଖକୁ ନିଆଯାଉଛି ସେ ସମ୍ପର୍କରେ ଭିଜିଲାନ୍ସ ଅଧିକାରୀମାନେ କିଛି ଅବଗତ କରାଇ ନ ଥିଲେ। କିନ୍ତୁ ଘଟଣାସ୍ଥଳରେ ପହଞ୍ଚିବାର ମାତ୍ର କିଛି ସମୟ ପୂର୍ବରୁ ତାଙ୍କୁ ଲାଞ୍ଚୁଆ ଅଫିସରଙ୍କ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା।

ଘଟଣାର ଗୁରୁତ୍ୱକୁ ନେଇ ଟ୍ରାପ୍ ଟିମ୍ ଗଠନ କରାଯାଇଥାଏ। ସାଧାରଣତଃ ଗୋଟିଏ ଟିମ୍‌ରେ ୮/୧୦ ଜଣ ଦୁର୍ନୀତି ନିବାରଣ ଅଧୁକାରୀ ରହିଥାନ୍ତି, ଯାହାର ନେତୃତ୍ୱ ଜଣେ ଇନ୍ସପେକ୍ଟର ନିଅନ୍ତି। ସ୍ଥଳବିଶେଷରେ ଜଣେ ନିଜ ଉଚ୍ଚ ପାହ୍ୟାର ଅଧିକାରୀ ନେତୃତ୍ୱ ନେବାର ନଜିର ଅଛି। ଯଦିଓ ସ୍ଥାନୀୟ ଦୁର୍ନୀତି ନିବାରଣ ଅଧିକାରୀମାନଙ୍କୁ ଏହି ଟ୍ରାପ୍‌ରେ ସାମିଲ କରାଯାଇଥାଏ। ତେବେ ସେମାନେ ପଶ୍ଚାତ୍ ଭାଗରେ ରହି ଟ୍ରାପ୍ ଟିମ୍‌କୁ ପରିଚାଳନା କରୁଥାନ୍ତି ଏବଂ ସମସ୍ତ ଆନୁଷଙ୍ଗିକ ସହଯୋଗ କରିଥାନ୍ତି। ଯେହେତୁ ସାଧାରଣତଃ ପ୍ରତ୍ୟେକ ଅଞ୍ଚଳର ଦୁର୍ନୀତି ନିବାରଣ ବା ସିବିଆଇ ଅଫିସରମାନଙ୍କୁ ସ୍ଥାନୀୟ ଲୋକେ ଚିହ୍ନିଥାନ୍ତି ସେଥିପାଇଁ ଅନ୍ୟସ୍ଥାନର ଅଧିକାରୀମାନେ ଏହାକୁ ପରିଚାଳନା କରିଥାନ୍ତି। ଗନ୍ତବ୍ୟସ୍ଥଳ ନିକଟବର୍ତ୍ତୀ ହେବା ପରେ ଟ୍ରାପ୍ ଟିମ୍‌ର ସମସ୍ତ ସଦସ୍ୟମାନଙ୍କୁ ଗନ୍ତବ୍ୟସ୍ଥଳର ଅଭିଯୁକ୍ତ ଅଧିକାରୀଙ୍କ ବାବଦରେ ସୂଚନା ଦିଆଯାଏ। କିଭଳି କିଏ କେଉଁ ସ୍ଥଳରେ ରହିବେ ତାହା ସ୍ଥିର କରାଯାଏ।

ସମସ୍ତ ଉତ୍କୋଚ କାରବାରରେ ଲାଞ୍ଚ ଦାବି ଓ ଗ୍ରହଣ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ନିରପେକ୍ଷ ସାକ୍ଷୀମାନେ ନିଶ୍ଚିତ ଭାବରେ ଶୁଣିବା ଏବଂ ଦେଖିବା ଅବସ୍ଥାରେ ରହିବା ନିତାନ୍ତ ଆବଶ୍ୟକ। ଲାଞ୍ଚ ଦେବାବାଲା ବା ଅଭିଯୋଗକାରୀ ଅଭିଯୁକ୍ତ ଅଧିକାରୀଙ୍କ ପାଖକୁ ନିରପେକ୍ଷ ସାକ୍ଷୀମାନଙ୍କ ସହିତ ଯାଆନ୍ତି ଓ ଅଭିଯୁକ୍ତଙ୍କୁ କେତେ ଟଙ୍କା ଦେବାକୁ ପଡ଼ିବ ବୋଲି ପଚାରନ୍ତି। ଅଭିଯୁକ୍ତ ଜଣକ ଟଙ୍କାର ପରିମାଣ କହିବା ପରେ ପୂର୍ବରୁ ଫେନୋପାଥୋଲିନ ନାମକ ଏକ ରାସାୟନିକ ପାଉଡର୍ ପ୍ରଲେପ ଦିଆଯାଇଥିବା ଟଙ୍କାକୁ ଅଭିଯୋଗକାରୀ ଅଭିଯୁକ୍ତ ଅଧିକାରୀଙ୍କୁ ପ୍ରଦାନ କରିଥାନ୍ତି। ଅଭିଯୁକ୍ତ ଏହା ଗ୍ରହଣ କରିବା ମାତ୍ରେ ଅଭିଯୋଗକାରୀ ପୂର୍ବରୁ ନିର୍ଦ୍ଧାରିତ ଏକ ସଂକେତ ପ୍ରଦାନ କରିଥାନ୍ତି। ଏହି ସଂକେତ ପାଇବା ମାତ୍ରେ ଦୁର୍ନୀତି ନିବାରଣ ଅଧିକାରୀ/ସିବିଆଇ ଅଧିକାରୀମାନେ ତୁରନ୍ତ ବିଜୁଳି ବେଗରେ ପହଞ୍ଚି ଉକ୍ତ ଟଙ୍କା ଜବତ କରିବା ସଙ୍ଗେ ସଙ୍ଗେ ଅଭିଯୁକ୍ତଙ୍କୁ କାବୁ କରି ନିଅନ୍ତି। ତାଙ୍କୁ ଗିରଫ କରାଯାଇ ପଚରାଉଚରା ପାଇଁ ନିଆଯାଏ। ତାଙ୍କର ଉପରିସ୍ଥ ଅଧିକାରୀଙ୍କୁ ତାଙ୍କ ବିଷୟରେ ତୁରନ୍ତ ଖବର ଦିଆଯାଏ। ସଙ୍ଗେ ସଙ୍ଗେ ତାଙ୍କର ହାତ, ପ୍ୟାଣ୍ଟ/ସାର୍ଟ ଏବଂ ଲାଞ୍ଚ ଟଙ୍କା ରଖୁଥିବା ସ୍ଥାନ ସବୁକୁ ସୋଡିୟମ କାର୍ବୋନେଟ୍ ନାମକ ରସାୟନିକ ଦ୍ରବ୍ୟର ଜଳ ଦ୍ୱାରା ଧୁଆଯାଏ। ଯାହା କୋର୍ଟରେ ପ୍ରମାଣ ପାଇଁ ରଖାଯାଏ। ପୂର୍ବ ପ୍ରସ୍ତୁତି ମୁତାବକ ଆବଶ୍ୟକ ପଡ଼ିଲେ ତାଙ୍କର ବାସଭବନ, ଅଫିସ ଏବଂ ସମ୍ପର୍କୀୟଙ୍କ ଘର ଉପରେ ଚଢ଼ଉ କରାଯାଏ। ଏଥିରୁ ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତି ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରି କୋର୍ଟରେ ଦାଖଲ କରି କେସ୍‌କୁ ମଜଭୁତ୍ କରାଯାଏ। ସ୍ଥଳବିଶେଷରେ ଆୟ ବହିର୍ଭୂତ ସମ୍ପତ୍ତି ପାଇଁ ମଧ୍ୟ ଅଲଗା ମାମଲା ରୁଜୁ କରାଯାଏ।

# ବର୍ଷକରେ ପଡ଼ିଛନ୍ତି ୪୪୫

ଜଙ୍ଗଲୀ ଜନ୍ତୁଙ୍କୁ ଧରିବା ପାଇଁ ଯନ୍ତା ବସାଏ ଶିକାରୀ। କିନ୍ତୁ ଲୋକଙ୍କୁ ଲୁଟୁଥିବା ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଯନ୍ତାରେ ପକାଇବା ପାଇଁ ସରକାରୀ ସ୍ତରରେ ଯନ୍ତା ବା ଟ୍ରାପ୍‌ର ବ୍ୟବସ୍ଥା ରହିଛି। ଯେଉଁଥିରେ ପୁଲିସ ବାବୁଙ୍କଠାରୁ ଆରମ୍ଭ କରି ଜଙ୍ଗଲ ବାବୁଙ୍କ ପର୍ଯ୍ୟନ୍ତ ବାବୁମାନେ ପଡୁଛନ୍ତି। କେବଳ ବାବୁମାନେ ନୁହଁନ୍ତି କିରାଣି ତଥା ଚତୁର୍ଥଶ୍ରେଣୀ କର୍ମଚାରୀ ତଥା ବାବୁଙ୍କ ପତ୍ନୀମାନେ ବି ଲାଞ୍ଚ ଯନ୍ତାରେ ପଡ଼ିବାର ବହୁ ନଜିର ରହିଛି। ଭିଜିଲାନ୍ସ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୩ରେ ଭିଜିଲାନ୍ସ ଜାଲରେ ୪୪୫ଜଣ ସରକାରୀ କର୍ମଚାରୀ ପଡ଼ିଥିବା ବେଳେ ସେମାନଙ୍କ ନାଁରେ ୨୬୫ଟି ମାମଲା ରୁଜୁ ହୋଇଛି। ଭିଜିଲାନ୍ସର ଲାଞ୍ଚ ଯନ୍ତାରେ ପଡ଼ିଥିବା କର୍ମଚାରୀଙ୍କ ମଧ୍ୟରୁ ୫୮ଜଣ ପ୍ରଥମ ଶ୍ରେଣୀ କର୍ମଚାରୀ ବା ଅଧିକାରୀ ହୋଇଥିବା ବେଳେ ୪୪ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ରହିଛନ୍ତି। ୧୯୩ ତୃତୀୟ ଶ୍ରେଣୀ କର୍ମଚାରୀ ଭିଜିଲାନ୍ସ ଟ୍ରାପ୍‌ରେ ପଡ଼ିଥିବା ବେଳେ ସେହିପରି ୮ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ୫୭ ଜଣ ଅନ୍ୟ ସରକାରୀ କର୍ମଚାରୀ ଏବଂ ୮୫ ଜଣ ବେସରକାରୀ କର୍ମଚାରୀ ଅଛନ୍ତି। ବଡ଼କଥା ହେଲା ୯୮ଟି ମାମଲା ଲାଞ୍ଚ କାରବାର ମାମଲା ରୁଜୁ ହୋଇଛି। ସେହିପରି ୨୦୨୨ରେ ୧୧୮ ଟ୍ରାପ୍ ମାମଲା ହୋଇଛି। ଏଥିରେ ୧୨୯ଜଣ ଗିରଫ ହୋଇଥିବା ବେଳେ ୧୨୬ଜଣ ସରକାରୀ ଅଫିସର୍ ଅଛନ୍ତି। ସେମାନଙ୍କ ଠାରୁ ସମୁଦାୟ ୩୬.୯୪ ଲକ୍ଷ ଟଙ୍କା ଜବତ ହୋଇଥିଲା।

### ପତ୍ନୀଙ୍କ ନାଁରେ ମାମଲା

ବଡ଼କଥା ହେଲା ସ୍ୱାମୀଙ୍କୁ ଦୁର୍ନୀତି କରିବାକୁ ପୋତ୍ସାହିତ କରୁଥିବା ୩୬ ପତ୍ନୀଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରିଛି। ସେହିପରି ଲାଞ୍ଚ ଟଙ୍କା ନେଇ ଯାଉଥିବା ବେଳେ ୭ଜଣ ସରକାରୀ କର୍ମଚାରୀ ଧରାପଡ଼ିଛନ୍ତି। ସେଥିରୁ ୪ଜଣ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ଥିବା ବେଳେ ୩ଜଣ ତୃତୀୟ ଶ୍ରେଣୀ କର୍ମଚାରୀ ଅଛନ୍ତି। ୨୦୨୩ ମସିହାରେ ଲାଞ୍ଚ କାରବାର ମାମଲାରେ ସର୍ବାଧିକ ଲାଞ୍ଚ ଟଙ୍କା ଜବତ କରାଯାଇଛି। ୯୮ଟି ଲାଞ୍ଚ ମାମଲା ରୁଜୁ କରାଯାଇଥିବା ବେଳେ ସେଥିରୁ ୧୦୯ ସରକାରୀ କର୍ମଚାରୀ, ୧୪ଜଣ ବେସରକାରୀ କର୍ମଚାରୀ ଅଛନ୍ତି। ସେଥିରେ ୮ଜଣ ପ୍ରଥମ ଶ୍ରେଣୀ କର୍ମଚାରୀ ଥିବା ବେଳେ ୧୫ଜଣ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ଅଛନ୍ତି। ସେହିପରି ସେଥିରେ ୭୫ ଜଣ ତୃତୀୟ ଶ୍ରେଣୀ କର୍ମଚାରୀ ଥିବା ବେଳେ ୪ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଛନ୍ତି। ସେମାନଙ୍କଠାରୁ ସର୍ବାଧିକ ୧୮.୨୭ଲକ୍ଷ ଟଙ୍କା ଜବତ କରାଯାଇଛି। ୨୦୨୩ରେ ଭିଜିଲାନ୍ସ ମାମଲାରେ ୧୬୬ଜଣ ଗିରଫ ହୋଇଥିବା ବେଳେ ସେଥିରେ ୨୬ଜଣ ପ୍ରଥମ ଶ୍ରେଣୀ କର୍ମଚାରୀ, ୩୨ଜଣ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ, ୮୫ଜଣ ତୃତୀୟ ଶ୍ରେଣୀ କର୍ମଚାରୀ, ୬ଜଣ ଚତୁର୍ଥ ଶ୍ରେଣୀ, ୭ଜଣ ଅନ୍ୟ ସରକାରୀ କର୍ମଚାରୀ ଥିବା ବେଳେ ୧୦ ଜଣ ବେସରକାରୀ କର୍ମଚାରୀ ଅଛନ୍ତି।





## ୪ ବର୍ଷରେ ୫୦ ବନ ଅଧିକାରୀ

ଗତ ୪ବର୍ଷରେ ୫୦ଜଣ ବନ ଅଧିକାରୀ ଭିଜିଲାନ୍ସ ଜାଲରେ ପଡ଼ିଲେଣି। ସେଥିରୁ ୧୬ଜଣ ଡିଏଫ୍‌ଓ ଡିଏ ମାମଲାରେ ଗିରଫ ହୋଇଛନ୍ତି। ନୂତନ ଜଙ୍ଗଲ ସୃଷ୍ଟି ହେଉ କିମ୍ବା ଚାରାରେ ପାଣି ଦେବା, ଉନ୍ନୟନ କାମ ଆଦି କାର୍ଯ୍ୟ ପାଇଁ ଆସୁଥିବା ଟଙ୍କା ହେରଫେର ହେଉଥିବା ଅଭିଯୋଗ ହୋଇଛି। ଏଥିସହ ବନ ଅଧିକାରୀମାନେ ଶିକାରୀମାନଙ୍କ ସହ ମିଶି ବାଘ, ହାତୀ ଓ ହରିଣ ଭଳି ଜନ୍ତୁ ଶିକାର କରିବାକୁ ପରୋକ୍ଷରେ ଅନୁମତି ଦେଉଥିବାରୁ କଳାଧନ ପାଉଛନ୍ତି ବୋଲି କୁହାଯାଉଛି। ଯାହାର ଉଦାହରଣ ଶିମିଳିପାଳ ଜଙ୍ଗଲରେ ଦେଖିବାକୁ ମିଳିଛି। ଶିକାରୀଙ୍କ ସହ ମିଶି ହାତୀ ଶିକାର କରିଥିବା ବନ କର୍ମଚାରୀ ଗିରଫ ହୋଇଥିଲେ।



## ୫ ବର୍ଷରେ ୨୧୫ ଖାକିବାବୁ ଗିରଫ

ଅଧିକାଂଶ ଲାଞ୍ଚ କାରବାର ପୁଲିସ ବିଭାଗରେ ହେଉଛି। ପୁଲିସ ଲୋକଙ୍କ ସମସ୍ୟା ସିଧାସଳଖ ବୁଝୁଥିବାରୁ ସେଠାରେ ଲାଞ୍ଚ କାରବାର ଅଧିକ ହେଉଛି। ପୁଲିସ ଅଫିସର ହୁଅନ୍ତୁ ଅବା କର୍ମଚାରୀ ମାମଲା ଆଗକୁ ବଢ଼ାଇବା ପାଇଁ ଲାଞ୍ଚ ମାଗୁଛନ୍ତି। ଲାଞ୍ଚ ନଦେଲେ ସେମାନେ ମିଛ ମାମଲାରେ ଫସାଇବାକୁ ଧମକ ଦେଉଛନ୍ତି। ତେଣୁ ଲୋକେ ବାଧ୍ୟ ହୋଇ ଲାଞ୍ଚ ଦେଉଛନ୍ତି। ଏହିଭଳି ଗତ ୫ ବର୍ଷରେ ୨୧୫ ଜଣ ପୁଲିସ କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହେଲେଣି।

# ମନମୋହନଙ୍କ କମିଟିରେ ଅପରାଜିତାଙ୍କୁ ନା

**ଭୁବନେଶ୍ୱର,୧୪।୨(ସମିସ):** ରାଜ୍ୟ ବିଜେପିର ସଭାପତି ଭାବେ ମନମୋହନ ସାମଲ ଦାୟିତ୍ୱ ନେବା ପରେ ଭୁବନେଶ୍ୱର ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡ଼ଙ୍ଗୀ ହଠାତ୍ ବଳଶାଳୀ ହୋଇ ଉଠିଥିଲେ। ରାଜ୍ୟ ବିଜେପିରେ ଏକ ପ୍ରକାରର କୋଣଠେସା ହୋଇ ପଡ଼ିଥିବା ଅପରାଜିତାଙ୍କୁ ବିଜେପିର ବିଭିନ୍ନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ଏପରିକି ମନମୋହନ-ଅପରାଜିତା ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଗୋଷ୍ଠୀ ମଧ୍ୟରେ ମଧ୍ୟ ଛକାପଞ୍ଝା ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିଲା। ମାତ୍ର ଗତ କେଇ ସପ୍ତାହ ହେଲା

## ୪ ଗୁରୁତ୍ୱପୂର୍ଣ୍ଣ କମିଟିରେ ମିଳିଲାନି ସ୍ଥାନ

ଅକସ୍ମାତ ମନମୋହନ ଓ ଅପରାଜିତା ଗୋଷ୍ଠୀ ମଧ୍ୟରେ ପାର୍ଥକ୍ୟ ଜଳଜଳ ଦିଶୁଛି। ତେବେ ଆସନ୍ତା ସାଧାରଣ ନିର୍ବାଚନ ପ୍ରରିପେକ୍ଷୀରେ ଆଜି ବିଜେପି ପକ୍ଷରୁ ଗଠନ ହୋଇଥିବା ୪ଟି ଗୁରୁତ୍ୱପୂର୍ଣ୍ଣ କମିଟିରେ ଅପରାଜିତାଙ୍କୁ ସ୍ଥାନ ନ ମିଳିବା ଏହି ଚର୍ଚ୍ଚାକୁ ଅଧିକ ରୋଚକ କରିଛି। କମିଟିରେ ରାଜ୍ୟ ବିଜେପିର ବହୁ ନେତାଙ୍କ ସ୍ଥାନ ମିଳିଥିବା ବେଳେ ଅପରାଜିତାଙ୍କୁ ଏଥିରୁ ଦୂରେଇ ରଖାଯାଇଛି। ଅପରାଜିତାଙ୍କ ସାହାରା ପାଲଟିଥିବା ମନମୋହନ ଶେଷରେ ତାଙ୍କ ହାତ ଛାଡ଼ି ଦେଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

ବିଜେପି ପକ୍ଷରୁ ଆଜି ରାଜ୍ୟ କୋର୍ କମିଟି, ରାଜ୍ୟ ନିର୍ବାଚନ କମିଟି, ଶୃଙ୍ଖଳା କମିଟି ଓ ରାଜ୍ୟ ଅର୍ଥ କମିଟି ଗଠନ କରାଯାଇଛି। କୋର୍ କମିଟିରେ ୧୫ ଜଣ ସଦସ୍ୟଙ୍କୁ ସ୍ଥାନ ମିଳିଥିବା ବେଳେ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଭାବେ ୩ ଜଣଙ୍କୁ ସ୍ଥାନ ମିଳିଛି। ସେହିପରି ନିର୍ବାଚନ କମିଟିରେ ୧୫ ଜଣ ଏବଂ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଭାବେ ୩ ଜଣ ରହିଛନ୍ତି। ଶୃଙ୍ଖଳା କମିଟିରେ ୫ ଜଣ ଏବଂ ଅର୍ଥ କମିଟିରେ ୧୦ ଜଣ ସଦସ୍ୟ ରହିଛନ୍ତି। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ କୌଣସି କମିଟିରେ ଅପରାଜିତାଙ୍କ ନାମ ନାହିଁ। କୋର୍ କମିଟି ଏବଂ ନିର୍ବାଚନ କମିଟିରେ ପରାଜିତ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ରଙ୍କୁ ସ୍ଥାନ ମିଳିଛି। ସେହିପରି ରାଜ୍ୟ



ରାଜନୀତିରେ ଏକପ୍ରକାର ନିଷ୍କ୍ରିୟ ହୋଇ ପଡ଼ିଥିବା ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀଙ୍କୁ ମଧ୍ୟ ମନମୋହନ ନିଜ ଟିମରେ ସ୍ଥାନ ଦେଇଛନ୍ତି। ମାତ୍ର ଦଳର ଜଣେ ପ୍ରଭାବଶାଳୀ ମହିଳା ସାଂସଦ ଏବଂ ମୁଖପାତ୍ର ଥିବା ଅପରାଜିତାଙ୍କୁ କାହିଁକି ମନମୋହନ ସାଇଡ୍ ମାରିଲେ ତାହାକୁ ନେଇ ଅପରାଜିତା ସମର୍ଥକଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ସେହିପରି ଅର୍ଥ ଏବଂ ଶୃଙ୍ଖଳା କମିଟିରେ ଖାତା ଖତିୟାନ ନଥିବା ବହୁ ନେତାଙ୍କୁ ସ୍ଥାନ ମିଳିଥିବା ବେଳେ ଏଥିରେ ମଧ୍ୟ ଅପରାଜିତାଙ୍କୁ ସ୍ଥାନ ମିଳିନାହିଁ। ଯାହାଫଳରେ ହଠାତ୍ ଅପରାଜିତାଙ୍କ ହାତ ମନମୋହନ କଣ ପାଇଁ ଛାଡ଼ିଲେ ତାହାକୁ ନେଇ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି।

# ଲଢ଼ିବା ସମୟରେ ଛିଡୁଛି ରାଜ୍ୟ କଂଗ୍ରେସ

## ■ ଦଳ ଛାଡ଼ିଲେ ପୂର୍ବତନ ବିଧାୟକ ଅଂଶୁମାନ
## ■ ୩ ଦିନରେ ଦଳ ଛାଡ଼ିଲେଣି ୩ ଟାଣୁଆ ନେତା

**ଭୁବନେଶ୍ୱର,୧୪।୨(ସମିସ):** ରାଜ୍ୟରେ ନିର୍ବାଚନ ହାୱା ବହିବା ଆରମ୍ଭ ହୋଇଛି। ଶାସକ ବିଜେଡି ନିର୍ବାଚନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିସାରିଲାଣି। ରାଜ୍ୟ ବିଜେପି ମଧ୍ୟ ନିର୍ବାଚନ ଲଢ଼ିବାକୁ ସଜବାଜ ହେଲାଣି। ମାତ୍ର ରାଜ୍ୟରେ କଂଗ୍ରେସର ସ୍ଥିତି ଓ ଅବସ୍ଥିତି ଉଭୟ ବଡ଼ ବିଚିତ୍ର ଅବସ୍ଥାରେ ଗତି କରୁଛି। ରାହୁଲ ଗାନ୍ଧୀଙ୍କ ଗସ୍ତ ପରେ ଓଡ଼ିଶାରେ କଂଗ୍ରେସ ଆଗକୁ ବଢ଼ିବ ବୋଲି ଆଶା କରାଯାଉଥିଲା, ମାତ୍ର ଏବେ ତାହାର ବିପରୀତ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ଜଣକ ପରେ ଜଣେ ନେତା ଦଳ ଛାଡ଼ିବା କଂଗ୍ରେସ ସଂଗଠନ ପାଇଁ ବଡ଼ ଆହ୍ୱାନ ସାଜିଛି। ଗତ ୩ ଦିନ ମଧ୍ୟରେ ରାଜ୍ୟର ୩ କୋଣରୁ ୩ ଜଣ ନେତା ଦଳ ଛାଡ଼ିଛନ୍ତି। ବରଗଡ଼ ଜିଲ୍ଲା ପୂର୍ବତନ ସଭାପତି ତଥା ପୂର୍ବତନ ବିଧାୟକ ନିହାର ମହାନନ୍ଦ, ଅନୁଗୁଳ ପୂର୍ବତନ ଜିଲ୍ଲା ସଭାପତି ବିପ୍ଳବ ଜେନା ଦଳରୁ ଇସ୍ତଫା ଦେଇଥିବାବେଳେ ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଆଜି କଂଗ୍ରେସ ଛାଡ଼ିଛନ୍ତି।

ଗୋଟିଏ ପଟେ ସଂଗଠନକୁ ମଜବୁତ କରିବା ପାଇଁ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ନୂଆ ନୂଆ କୌଶଳ ଆପଣାଇବା ସହ କିପରି କେନ୍ଦ୍ରୀୟ ନେତୃତ୍ୱ ଏଠାରେ ଆସି ନିର୍ବାଚନ ପୂର୍ବରୁ କଂଗ୍ରେସ କର୍ମୀଙ୍କ ମନୋବଳ ବୃଦ୍ଧି କରିବେ ସେନେଇ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ଏହା ବ୍ୟତୀତ ପୂର୍ବରୁ ଦଳରୁ ନିଲମ୍ବିତ ହୋଇଥିବା ନେତାଙ୍କ ସହ କଂଗ୍ରେସଠାରୁ ବିଭିନ୍ନ କାରଣରୁ ଦୂରେଇ ଯାଇଥିବା ନେତାଙ୍କୁ ଦଳକୁ ଫେରେଇ ଆଣିବା ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଗତ କିଛି ଦିନ ମଧ୍ୟରେ କିଛି ନେତାଙ୍କ ଉପରେ ନିଲମ୍ବନ ପ୍ରତ୍ୟାହାର ହେବା ସହ କିଛି ପୁରୁଣା କଂଗ୍ରେସ ନେତାଙ୍କର ଘର ବାହୁଡ଼ା ମଧ୍ୟ ହୋଇଛି। ମାତ୍ର ଏ ସବୁ ଭିତରେ ଦଳରୁ ଟାଣୁଆ ନେତାଙ୍କ ଇସ୍ତଫା, ଦଳ ଓ ଦଳର କର୍ମୀଙ୍କୁ ନିରୁତ୍ସାହିତ କରିବାର ବଡ଼ କାରଣ ସାଜିଛି। ନିକଟରେ ହୋଇଥିବା ଜିଲ୍ଲା ସଭାପତି ଅଦଳବଦଳ ବେଳେ ନିହାର ମହାନନ୍ଦ ଓ ବିପ୍ଳବ ଜେନାଙ୍କୁ ପଦରୁ ହଟାଇ ଦିଆଯାଇଥିଲା। ଯାହାକୁ ନେଇ ଏହି ଦୁଇ ନେତା ଦଳ ଛାଡ଼ିଥିବା କୁହାଯାଉଥିବା ବେଳେ ଉଭୟ ଦଳୀୟ ନେତୃତ୍ୱଙ୍କ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସହଯୋଗ ମିଳୁ ନ ଥିବାରୁ ସେମାନେ ଦଳ ଛାଡିଥିବା ନେଇ ଯଦିଓ କହିଛନ୍ତି ଏହା ନିର୍ବାଚନ ଦୃଷ୍ଟିରୁ ଦଳକୁ ମହଙ୍ଗା ପଡ଼ିବାର ଆଶଙ୍କା ସୃଷ୍ଟି କରିଛି। ଅନ୍ୟପଟେ ପୂର୍ବତନ ମନ୍ତ୍ରୀ ନଳିନୀ ମହାନ୍ତିଙ୍କ ପୁଅ ଅଂଶୁମାନ ମହାନ୍ତି ରାଜନଗର ବିଧାନସଭା ଆସନରୁ କଂଗ୍ରେସରୁ ନିର୍ବାଚନ ଲଢ଼ି ୨୦୧୪-୨୦୧୯ ବିଧାୟକ ରହିଥିଲେ। ନିଜ ନିର୍ବାଚନ ମଣ୍ଡଳୀ ସହିତ କେନ୍ଦ୍ରାପଡ଼ାରେ ତାଙ୍କର ଲୋକପ୍ରିୟତା ରହିଛି। ହେଲେ ୨୦୧୯ରେ ସେ ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁଙ୍କ ଠାରୁ ହାରିବାରେ ଧୀରେ ଧୀରେ କଂଗ୍ରେସଠାରୁ ଦୂରେଇବା ସହ ରାଜନୈତିକ କାର୍ଯ୍ୟକ୍ରମରେ ନିଷ୍କ୍ରିୟ ରହୁଥିଲେ। ନୂଆବର୍ଷରେ ନିଜ ନିର୍ବାଚନ ମଣ୍ଡଳୀରେ ସେ ଯେଉଁ ପୋଷ୍ଟର ମାରୁଥିଲେ, ସେଥିରେ ଦଳ କିମ୍ବା ଦଳୀୟ ନେତାଙ୍କ ଫଟୋ ରଖୁନଥିଲେ। ସେବେଠାରୁ ସେ ଦଳ ଛାଡ଼ିବା ନେଇ ଚର୍ଚ୍ଚା ହୋଇ ଆସୁଥିବା ବେଳେ ନିଜର ଇସ୍ତଫା ସହ ଆଜି ଏଥିରେ ସେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

ଅପରପକ୍ଷରେ ଏହି ନେତାଙ୍କ ଦଳ ଛାଡ଼ିବା ଦ୍ୱାରା ଦଳ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି ଯେ ଅନେକ ଦଳ ଛାଡ଼ିଛନ୍ତି ଓ ଆଗକୁ ଆହୁରି ନେତା ଛାଡ଼ିବେ। ସେମାନେ ଗଲେ ମଧ୍ୟ କଂଗ୍ରେସର କିଛି କ୍ଷତି ହେବନି। ସେମାନେ ଛାଡ଼ିଲେ ନୂଆ ମୁହଁକୁ ଦଳ ସୁଯୋଗ ଦେବ। କଂଗ୍ରେସକୁ ବିଜେଡି ଓ ବିଜେପିରୁ ମଧ୍ୟ ନେତା ଆସୁଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

# ଅବଶିଷ୍ଟାଂଶ...

## ଗଞ୍ଜାମରେ 'ବିକାଶ'...

ଆନନ୍ଦିତ ହୋଇଛନ୍ତି। ଆପଣମାନଙ୍କ ସହଯୋଗରେ ହିଞ୍ଜିଳି-ଶେରଗଡ ଦେଶର ଶ୍ରେଷ୍ଠ ବ୍ଲକ୍ ଭାବେ ପରିଚୟ ପାଇଛି। ଏହି ନିର୍ବାଚନ ମଣ୍ଡଳୀ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀରେ ମଧ୍ୟ ପରିଣତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଶୀତଳାପଲ୍ଲୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ସରସ୍ୱତୀ ପୂଜାର ଶୁଭ ଅବସରରେ ଗଞ୍ଜାମ ଜିଲ୍ଲା ପାଇଁ ୫ ହଜାର କୋଟିରୁ ଅଧିକ ଟଙ୍କାର ଜଳସେଚନ ପ୍ରକଳ୍ପ, ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଯାଇଛି। ସେହିପରି ଗୋପାଳପୁର ଶିଳ୍ପାଞ୍ଚଳ ପାର୍କରେ ଏସିଏମ୍‌ଇ ଓ ଆଭାଡା ଦ୍ୱାରା ଗ୍ରୀନ୍ ଫୁଏଲ୍ ପ୍ରକଳ୍ପ ଏବଂ ଗୋପାଳପୁରଠାରେ ଇଡ୍‌କୋର ୟୁଟିଲିଟି କରିଡର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହା ଦ୍ୱାରା ଜିଲ୍ଲାରେ ଶିଳ୍ପ ବିକାଶ ସହିତ ନିଯୁକ୍ତି ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ। ଆଜି ଓଡ଼ିଶା ପୁଞ୍ଜିନିବେଶ କ୍ଷେତ୍ରରେ ଦେଶରେ ଦ୍ୱିତୀୟ ସ୍ଥାନରେ ଅଛି। ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଓଡ଼ିଶା ଖାଦ୍ୟ ଯୋଗାଉଛି। ବିଶ୍ୱର ବଡ ବଡ ଆଇଟି କମ୍ପାନି ଓଡ଼ିଶାରେ ସେମାନଙ୍କର କମ୍ପାନି ପ୍ରତିଷ୍ଠା କରୁଛନ୍ତି। କ୍ରୀଡା ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସୁନାମ ଅର୍ଜନ କରିଛି। ଆମର ୫-ଟି ଉପକ୍ରମ ଶିକ୍ଷା-ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆଣିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ସମଲେଇ ପ୍ରକଳ୍ପ ଓ ମା' ତାରାତାରିଣୀ ପୀଠର ରୂପାନ୍ତର ଓଡ଼ିଶାକୁ ଗୌରବାନ୍ୱିତ କରିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲୋକଙ୍କ ଚିକିତ୍ସା ଚିନ୍ତା ଦୂର କରିଛି। ରାଜ୍ୟରେ ମା'ମାନେ ଆଜି ଉଦ୍ୟୋଗୀ ହେବା ପାଇଁ ଆଗଭର ହେଲେଣି। ଚାଷୀମାନଙ୍କ ପାଇଁ ମା'ମାନଙ୍କ ପାଇଁ ଓ ଯୁବଗୋଷ୍ଠୀ ପାଇଁ ବିନାସୁଧରେ ଋଣ ବ୍ୟବସ୍ଥା ସେମାନଙ୍କ ପାଇଁ ସୁଯୋଗ ଆଣିଦେଉଛି। ଛାତ୍ରଛାତ୍ରୀଙ୍କ ପାଇଁ ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ ହେବାକୁ ଯାଉଛି। ସମସ୍ତଙ୍କ ସହଯୋଗରେ ଓଡ଼ିଶା ଆଜି ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଶୀତଳାପଲ୍ଲୀଠାରେ ନବନିର୍ମିତ ୨୦୦ ଶଯ୍ୟାବିଶିଷ୍ଟ ସମ୍ ସୁପରସ୍ପେସିଆଲିଟି ହସ୍‌ପିଟାଲ୍‌କୁ ଲୋକାର୍ପିତ କରିବା ସହିତ ସ୍ଥାନୀୟ ଜନସାଧାରଣଙ୍କୁ ନିଜ ଘରପାଖରେ ଭଲ ଚିକିତ୍ସା ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସହ ଗୋପାଳପୁରଠାରେ ୨୭ ହଜାର କୋଟି ଟଙ୍କା ନିବେଶରେ ଏସିଏମ୍‌ଇ ଦ୍ୱାରା ୧.୧୦ ଏମ୍‌ଏମ୍‌ଟିପିଏ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ଏବଂ ୮ ହଜାର କୋଟି ଟଙ୍କା ନିବେଶରେ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ପାଇଁ ଭିତ୍ତି ରଖିଛନ୍ତି। ଏହି ଦୁଇ ପ୍ରକଳ୍ପ ଦ୍ୱାରା ପ୍ରାୟ ୫୨୦୦ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

## ଶତକଡ଼ା ଶହେ...

ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଭଲପାଇବାକୁ ପ୍ରଦର୍ଶିତ କରିଛନ୍ତି। ଏ ସରକାର ଯେ ଲୋକଙ୍କ ସରକାର ତାହା ମଧ୍ୟ ଏଇ ପ୍ରଶ୍ନର ଉତ୍ତରରୁ ସ୍ୱଷ୍ଟ ପ୍ରମାଣିତ ହେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଶେରଗଡ ଓ ଶୀତଳାପଲ୍ଲୀରେ ଆୟୋଜିତ ସାଧାରଣ ସଭାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କ ଧାରଣା ଓ ସମ୍ପୃକ୍ତିର ପରୀକ୍ଷା ନେଇଥିଲେ। ଗର୍ଭବତୀ ମହିଳାଙ୍କ ପାଇଁ କେଉଁ ଯୋଜନା ମୁଖ୍ୟମନ୍ତ୍ରୀ ଆରମ୍ଭ କରିଛନ୍ତି ଓ ଏହି ଯୋଜନାରେ ଦିଆଯାଉଥିବା ସହାୟତା ରାଶି କେତେ ବୋଲି ଶ୍ରୀ ପାଣ୍ଡିଆନ ପ୍ରଶ୍ନ କରିଥିଲେ। ସମବେତ ଜନତା ଏହାର ଉତ୍ତରରେ କହିଥିଲେ ଯେ ପୂର୍ବରୁ ମମତା ଯୋଜନାରେ ଗର୍ଭବତୀ ମହିଳାଙ୍କୁ ୫ହଜାର ଟଙ୍କା ସହାୟତା ଦିଆଯାଉଥିଲା। ଗତକାଲି ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶିକୁ ଦୁଇଗୁଣା କରି ୧୦ହଜାର ଟଙ୍କା କରିଛନ୍ତି। ସେହିପରି ପାଣ୍ଡିଆନଙ୍କ ପରବର୍ତ୍ତୀ ପ୍ରଶ୍ନ ଥିଲା ଲକ୍ଷ୍ମୀ ଯୋଜନା ସମ୍ପର୍କରେ। ଆସନ୍ତା ୨୧ ତାରିଖରେ ଗଞ୍ଜାମ ଜିଲ୍ଲାରେ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ ହେବ। ଏହି ଯୋଜନାରେ ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ଭଡା କେତେ ବୋଲି ପ୍ରଶ୍ନ କରିଥିଲେ ୫-ଟି ଅଧ୍ୟକ୍ଷ। ମହିଳା ଓ ଶିକ୍ଷାର୍ଥୀମାନେ ମିଳିତ ଭାବରେ ୫ ଟଙ୍କାରେ ପଞ୍ଚାୟତରୁ ବ୍ଲକକୁ ଯାତ୍ରା କରିପାରିବେ ବୋଲି ଉତ୍ତର ଦେଇଥିଲେ। ପୁନଶ୍ଚ ମଧୁବାବୁ ପେନସନ ଯୋଜନାରେ ଭତ୍ତା ରାଶି କେତେ ବୃଦ୍ଧି ହୋଇଛି ବୋଲି ଶ୍ରୀ ପାଣ୍ଡିଆନଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ସଠିକ ଆସିଥିଲା। ମଧୁବାବୁ ପେନସନ ଯୋଜନାରେ ଭତ୍ତା ରାଶି ୫୦୦ ଟଙ୍କାରୁ ୧୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଣିକି ସବୁ ମଧୁବାବୁ ପେନସନ ହିତାଧିକାରୀ ସର୍ବନିମ୍ନ ହଜାରେ ଟଙ୍କା ଭତ୍ତା ପାଇବେ ବୋଲି ସମବେତ ଜନତା ଉଚ୍ଚସ୍ୱରରେ କହିଥିଲେ।

'ନୂଆ-ଓ' ସ୍କଲାରସିପ ଯୋଜନାରେ ଛାତ୍ରଛାତ୍ରୀଙ୍କୁ କେତେ ଟଙ୍କା ବୃତ୍ତି ମିଳିବ ବୋଲି ପ୍ରଶ୍ନ କରିଥିଲେ କାର୍ତ୍ତିକ ପାଣ୍ଡିଆନ୍। ନୂଆ ଓ ଛାତ୍ରବୃତ୍ତି ଯୋଜନାରେ ଛାତ୍ରମାନେ ବାର୍ଷିକ ୯ହଜାର ଟଙ୍କା ଓ ଛାତ୍ରୀମାନେ ୧୦ ହଜାର ଟଙ୍କା ବୃତ୍ତି ପାଇବେ। ଏହି ବୃତ୍ତି ରାଜ୍ୟର ସବୁ ସରକାରୀ କଲେଜର ପ୍ରାୟ ୯୫ ପ୍ରତିଶତ ଛାତ୍ରଛାତ୍ରୀ ପାଇବେ ବୋଲି ୫-ଟି ଅଧ୍ୟକ୍ଷ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଅଭିନବ ଯୋଜନା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ କରିପାରିବେ। ବିଏସ୍‌କେୱାଇ ଯୋଜନାରେ ମହିଳାମାନେ କେତେ ଟଙ୍କାର ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଏହି ପ୍ରଶ୍ନରେ ଉପସ୍ଥିତ ମହିଳାମାନେ ୧୦ ଲକ୍ଷ ଟଙ୍କା ବୋଲି ଉତ୍ତର ଦେଇଥିଲେ। '୫-ଟି' ଅଧ୍ୟକ୍ଷ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ସବୁବେଳେ ମହିଳାଙ୍କ ବିକାଶ ପାଇଁ ଚିନ୍ତା କରୁଛନ୍ତି। ସବୁ ଯୋଜନାରେ ମହିଳାମାନଙ୍କୁ ପ୍ରାଥମିକତା ଦିଆଯାଉଛି। ନିକଟରେ ଆରମ୍ଭ ହୋଇଥିବା 'ସ୍ୱୟମ୍' ଯୋଜନାରେ କେତେ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଉଛି ବୋଲି ୫-ଟି ଅଧ୍ୟକ୍ଷ ପଚାରିଥିଲେ। ଏହାର ଉତ୍ତରରେ ମହିଳାମାନେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଓ ଯୁବକମାନେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପାଇପାରିବେ ବୋଲି ସମବେତ ଜନତା ଉତ୍ତର ଦେଇଥିଲେ। ମିଶନଶକ୍ତି ମହିଳାମାନେ ମଧ୍ୟ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପାଇପାରୁଛନ୍ତି। ରାଜ୍ୟରେ ମହିଳାମାନଙ୍କୁ ସ୍ୱାବଲମ୍ବୀ ସଶକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଯୋଜନା ଆରମ୍ଭ କରିଛନ୍ତି। ମହିଳାମାନଙ୍କ ବିକାଶ ହେଲେ ପରିବାର, ସମାଜ, ରାଜ୍ୟ ଓ ଦେଶର ବିକାଶ ହୋଇପାରିବ ବୋଲି ୫-ଟି ଅଧ୍ୟକ୍ଷ କହିଥିଲେ।

## ମୁଖ୍ୟମନ୍ତ୍ରୀ ବରିଷ୍ଠ...

ସହାୟକ ଏବଂ ବରିଷ୍ଠ ହସ୍ତଶିଳ୍ପ କାରିଗର (ଉଭୟ ମହିଳା ଓ ପୁରୁଷ)ଙ୍କୁ ମାସିକ ୨୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ରାଜ୍ୟର ବୁଣାକାର ଓ ହସ୍ତଶିଳ୍ପ କାରିଗରଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଦକ୍ଷତା ବିକାଶ ଓ କଲ୍ୟାଣ ମୂଳକ ଯୋଜନା କାର୍ଯ୍ୟକାରୀ କରି ଆସୁଛନ୍ତି। ରାଜ୍ୟର ସମୃଦ୍ଧ ଐତିହ୍ୟର ପ୍ରଦର୍ଶନ ଏବଂ ସଂରକ୍ଷଣ ପାଇଁ ବୁଣାକାର ଓ ହସ୍ତ ଶିଳ୍ପ କାରିଗରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ରାଜ୍ୟରେ ୧ ଲକ୍ଷ ୨୫ ହଜାରରୁ ଅଧିକ ବୁଣାକାର ତଥା ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଥିବା ବେଳେ ୧ ଲକ୍ଷ ୫୦ ହଜାରରୁ ଅଧିକ ହସ୍ତଶିଳ୍ପ କାରିଗର ଅଛନ୍ତି। ପରିଣତ ବୟସରେ ବୁଣାକାର ମାନଙ୍କ ସହାୟତା ପାଇଁ ରାଜ୍ୟ ସରକାରଙ୍କ "ବରିଷ୍ଠ ବୁଣାକାର ସହାୟତା ଯୋଜନା" ଥିବା ବେଳେ ବରିଷ୍ଠ ହସ୍ତ ଶିଳ୍ପ କାରିଗର ମାନଙ୍କ ପାଇଁ କୌଣସି ଯୋଜନା ନଥିଲା। ବୁଣାକାର ମାନେ ୬୦ ରୁ ୮୦ ବର୍ଷ ବୟସ ମଧ୍ୟରେ ମାସିକ ୫୦୦ ଟଙ୍କାର ସହାୟତା ପାଉଥିବା ବେଳେ ୮୦ ବର୍ଷ ବୟସରୁ ଅଧିକ ବୟସରେ ମାସିକ ୭୦୦ ଟଙ୍କାର ସହାୟତା ପାଉଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳର ବୁଣାକାର ଓ ହସ୍ତଶିଳ୍ପ କାରିଗରମାନେ ଏ ସମ୍ପର୍କରେ ଅନୁରୋଧ କରିଥିଲେ। ଏହି ଅନୁରୋଧକୁ ବିଚାରକୁ ନେଇ ରାଜ୍ୟ ସରକାର ରାଜ୍ୟର ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ମାନଙ୍କର କଲ୍ୟାଣ ନିମନ୍ତେ ଏହି ନୂତନ ଯୋଜନା ଯଥା "ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା" ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ଯୋଜନାରେ ଯୋଗ୍ୟ ବିବେଚିତ ହେବାପାଇଁ କିଛି ନିର୍ଦ୍ଦିଷ୍ଟ ମାନଦଣ୍ଡ ରହିଛି। ଏହି ମାନଦଣ୍ଡ ଅନୁଯାୟୀ ହିତାଧିକାରୀଙ୍କ ନାମ ବୟନଶିଳ୍ପ ନିର୍ଦ୍ଦେଶକ ଓ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ତାଲିକାରେ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ଭାବରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ ରହିଛି। ଏହା ବ୍ୟତୀତ ତାଙ୍କର ପରିବାରର ବାର୍ଷିକ ଆୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇନଥିବ ଓ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା କୌଣସି ଅନୁରୂପ ଯୋଜନାର ଲାଭାର୍ଥୀ ହୋଇନଥିବେ। ସେହିପରି ହିତାଧିକାରୀ ସରକାରୀ କର୍ମଚାରୀ, ଆୟକରଦାତା କିମ୍ବା କେନ୍ଦ୍ର ଅଥବା ରାଜ୍ୟ ସରକାରଙ୍କ ପେନସନଭୋଗୀ ହୋଇନଥିବେ। ଗୋଟିଏ ପରିବାରରୁ ଜଣେ ମାତ୍ର ଏହି ଯୋଜନାରେ ଲାଭ ପାଇପାରିବେ। ଏହି ଯୋଜନାର ସହାୟତା ରାଶି ଯୋଗ୍ୟ ବିବେଚିତ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ମାନଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ସଞ୍ଚୟ ଖାତାକୁ ସିଧା ସଳଖ ପ୍ରଦାନ କରାଯିବ। ସେହିପରି ଏହି ଯୋଜନା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯିବ।

ବରିଷ୍ଠ ବୁଣାକାର ସହାୟତା ଯୋଜନାରେ ସହାୟତା ପାଉଥିବା ହିତାଧିକାରୀ ମାନଙ୍କୁ ବର୍ଦ୍ଧିତ ହାରରେ ସହାୟତା ରାଶି ଫେବୃଆରୀ ମାସ ୨୦ ରୁ ୨୫ ତାରିଖ ମଧ୍ୟରେ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ଉପଯୁକ୍ତ ହିତାଧିକାରୀ ଚୟନ କରାଯାଇ ସହାୟତା ରାଶି ଯଥାଶୀଘ୍ର ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ବଢ଼ିଲା କଳାକାର...

ଲକ୍ଷ୍ୟ ୮୦ ହଜାରକୁ ବୃଦ୍ଧି କରାଯାଇଅଛି। ଯାହାଦ୍ୱାରା ରାଜ୍ୟର ଅଧିକ ୩୦ ହଜାର କଳାକାର ଉପକୃତ ହୋଇପାରିବେ। ଉକ୍ତ ବର୍ଦ୍ଧିତ ସହାୟତା ରାଶି ଚଳିତ ଫେବୃଆରୀ ମାସରୁ ଲାଗୁ କରାଯିବ ଏବଂ ଡିବିଟି ମାଧ୍ୟମରେ ଫେବୃଆରୀ ମାସ ୨୦ତାରିଖରୁ ୨୫ତାରିଖ ମଧ୍ୟରେ ପ୍ରଦାନ କରାଯିବ।

ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ କଳାକାରମାନେ ସହାୟତା ରାଶି ବୃଦ୍ଧି ପାଇଁ ଅନୁରୋଧ କରିଥିଲେ ଏବଂ ସେମାନଙ୍କର ସଂଗଠନମାନେ ଦାବି ଉପସ୍ଥାପନ କରିଥିଲେ। ଏହା ବ୍ୟତୀତ ଲୋକସେବା ଭବନର ସମ୍ମିଳନୀ କକ୍ଷରେ '୫-ଟି' ଅଧ୍ୟକ୍ଷଙ୍କ ସହିତ ଯୋଗାଯୋଗ ସମୟରେ କଳାକାରମାନେ ସହାୟତା ରାଶି ବୃଦ୍ଧି ପାଇଁ ମଧ୍ୟ ଅନୁରୋଧ କରିଥିଲେ। ଏହିକ୍ରମରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ନିୟମାବଳୀର ନିୟମ ୪, ଉପ ନିୟମ (୨)ରେ ଉଲ୍ଲେଖଥିବା କଳାକାରମାନଙ୍କର ବାର୍ଷିକ ଆୟର ସୀମାକୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ନିର୍ବିଶେଷରେ ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଅଛି। ଏହି ଯୋଜନାରେ ସହାୟତା ରାଶି ବୃଦ୍ଧି ଯୋଗୁଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ କଳାକାରମାନେ ଉପକୃତ ହେବେ। ଏହାଦ୍ୱାରା ଆମର କଳାର ସଂରକ୍ଷଣ, ବିକାଶ, ପ୍ରଚାର ଓ ପ୍ରସାର ହେବା ସହିତ ଓଡ଼ିଶାର କଳା ଓ ସଂସ୍କୃତିକୁ ଏହା ଋଦ୍ଧିମନ୍ତ କରିବ ବୋଲି ଆଶା କରାଯାଉଛି।

## ପ୍ରବଞ୍ଚକ ନେତାଙ୍କୁ...

ଦଳର ନେତାମାନେ ବୁଲିବା ଆରମ୍ଭ କରିଛନ୍ତି। ବଡ଼ବଡ଼ ପ୍ରତିଶ୍ରୁତି ଦେଉଛନ୍ତି। ସେମାନଙ୍କୁ ଆପଣମାନେ ଦରଖାସ୍ତ ଦେଇ ଦେଖନ୍ତୁ ସେମାନେ କେତେ ଦିନରେ ତାହା ପୂରଣ କରୁଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାତ୍ର ପାଞ୍ଚରୁ ଦଶ ଦିନ ଭିତରେ ଲୋକଙ୍କ ଆବେଦନ ଉପରେ ପଦକ୍ଷେପ ନେଉଛନ୍ତି। ତାଙ୍କର ସମକକ୍ଷ କେହି ହୋଇପାରିବେ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଢେ ଚାରି କୋଟି ଓଡିଆଙ୍କୁ ତାଙ୍କ ପରିବାର ବୋଲି ଭାବନ୍ତି। କଥା କମ କୁହନ୍ତି, କିନ୍ତୁ ଲୋକଙ୍କ ପାଇଁ ସବୁବେଳେ କାମ କରନ୍ତି। ଏତେ କମ ଦିନ ମଧ୍ୟରେ ଲୋକଙ୍କ ଦରଖାସ୍ତ ଉପରେ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଁ ପଦକ୍ଷେପ ନେଇପାରନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ଜନସାଧାରଣ ହୃଦୟର ସହିତ ଆଶୀର୍ବାଦ କରନ୍ତୁ ବୋଲି କାର୍ତ୍ତିକ ପାଣ୍ଡିଆନ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

## ଅନୁକୂଳ ହେଲା...

ଶେଷରେ ମହାପ୍ରସାଦ ସମର୍ପଣ କରାଯାଇଥିଲା। ଅନୁକୂଳ ସମୟରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, ଜିଲ୍ଲାପାଳ ବିଜୟ କୁମାର ଦାଶ, ଏସ୍‌ପି ପିନାକ ମିଶ୍ର, ଶ୍ରୀମନ୍ଦିର ପ୍ରଶାସକ ପ୍ରଦୀପ କୁମାର ସାହୁ, ଭବତାରଣ ସାହୁ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଏବଂ ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ।

ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୫୩ ଖଣ୍ଡ ବଳକା ରହିଛି। ବାକି ୮୧୨ ଖଣ୍ଡ କାଠ ଏଥର ଆସିବ। ଏହି କାଠ ମଧ୍ୟରୁ ଶ' ମିଲକୁ ୪୩୧ ଖଣ୍ଡ ଏବଂ ରଥଖଳାକୁ ୩୮୧ ଖଣ୍ଡ କାଠ ଅଣାଯିବ। ତେବେ ଗତ ଶୁକ୍ରବାର ନୟାଗଡ଼ରୁ ୩ଟି ଟ୍ରକ୍‌ରେ ୧୦୨ ଖଣ୍ଡ କାଠ ଆସି ପହଞ୍ଚିଥିଲା। ପରମ୍ପରା ଅନୁଯାୟୀ, ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ହୋଇଥିବା ବେଳେ ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବ। ସେହିପରି ଶ୍ରୀରାମ ନବମୀରେ କଟକସ୍ଥିତ ଖପୁରିଆ କରତ କଳରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ କରାଯିବ।

## ଆଜିଠୁ ସିବିଏସ୍‌ଇ...

ପରୀକ୍ଷାର ପୂର୍ବ ପ୍ରସ୍ତୁତି ପୂର୍ବକ ସାମାଜିକ ଗଣମାଧ୍ୟମରେ କୌଣସି ଗୁଜବକୁ ବିଶ୍ୱାସ ନ କରିବାକୁ ବୋର୍ଡ ସତର୍କ ସୂଚନା ଜାରିକରିଛି। ସିବିଏସ୍‌ଇ ନାମ ଓ ଲଗୋ ବ୍ୟବହାର କରି ନକଲି ଆକାଉଣ୍ଟ ଖୋଲିଥିବା ୩୦ଟି ଆକାଉଣ୍ଟର ତାଲିକା ଜାରି କରିଛି। ଗୁଜବ ଠାରୁ ଦୂରେଇ ରହି କେବଳ ବୋର୍ଡର ଅଫିସିଆଲ୍ 'ଏକ୍ସ' ଆକାଉଣ୍ଟ ଅମଭଗ୍ଦ୍ରରସଭୟସବ୨୯ କୁ ଅନୁସରଣ କରିବାକୁ ସୂଚନା ଜାରି କରାଯାଇଛି। ସିବିଏସ୍‌ଇ ପରୀକ୍ଷା ଆରମ୍ଭ ହେବାର ଗୋଟିଏ ଦିନ ପରେ ଅର୍ଥାତ ଶୁକ୍ରବାର ଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆରମ୍ଭ ହେବ। ସେହିପରି ସିଏଚ୍‌ଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫେବୃଆରୀ ୨୦ତାରିଖରୁ ଆରମ୍ଭ ହେବ।

## କଣ୍ଡକ୍ଟର୍ ମୃତ...

ସାଇକେଲ ଆରୋହୀ ହଠାତ୍ ରାସ୍ତା ଅତିକ୍ରମ କରିବାକୁ ଯାଇ ବସ୍ ଆଗକୁ ଚାଲି ଆସିଥିଲେ। ବସ୍ ଚାଳକ ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ଏଥି ଯୋଗୁଁ ବସ୍‌ଟି ନିୟନ୍ତ୍ରଣ ହରାଇ ସିଧାସଳଖ ଡିଭାଇଡ୍‌ର ମଝିରେ ଥିବା ଇଲେକ୍ଟ୍ରିକ୍ ଖୁଣ୍ଟିରେ ପିଟି ହୋଇ ଓଲଟି ପଡିଥିଲା। ସେହି ସମୟରେ ଯାତ୍ରୀମାନେ ଭୟଭୀତ ହୋଇ ପଡ଼ିଥିଲେ। ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗି ପଡିଥିଲେ। ଖବର ପାଇ ବାରଙ୍ଗ ଓ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ ଓ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀ ମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ବସ୍‌ଟି ଭାରସାମ୍ୟ ହରାଇ ଧୀରେ ଧୀରେ ଓଲଟି ପଡ଼ିଥିଲା। ଫଳରେ ବଡ ଧରଣର ଦୁର୍ଘଟଣା ଟଳି ଯାଇଥିଲା। କିଛି ଯାତ୍ରୀ ସୁରକ୍ଷିତ ଭାବେ ବସରୁ ଓହ୍ଲାଇ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ଯାଇଥିଲେ। ଆହତ ୧୨ଜଣଙ୍କୁ ଏସ୍‌ସିବିକୁ ଚିକିତ୍ସା ନିମନ୍ତେ ପଠା ଯାଇଥିଲା। ଆହତମାନେ ଏସ୍‌ସିବିରେ ଆମ୍ବୁଲାନ୍ସ ଯୋଗେ ପହଞ୍ଚିବା ପରେ ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କ ନିମନ୍ତେ ୫ଟି ଆଇସିୟୁ ବେଡ୍ ରଖାଯାଇଛି। ଆସନ୍ତା କାଲି ଆହତଙ୍କମାନଙ୍କ ଏମ୍‌ଆର୍‌ଆଇ କରାଯିବ। ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍‌ରେ ଅର୍ଥୋପେଡିକ, ନ୍ୟୁରୋସର୍ଜରୀ ଓ ସର୍ଜରୀ ବିଭାଗର ବିଭାଗୀୟ ମୁଖ୍ୟ ରହିଛନ୍ତି। ଆହତମାନଙ୍କ ମଧ୍ୟରୁ କେହି ଗୁରୁତର ନଥିବା ଏସ୍‌ସିବିର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ସୂଚନା ଦେଇଛନ୍ତି। ଦୁର୍ଘଟଣା ପାଇଁ ୧୬ନମ୍ବର ଜାତୀୟ ରାଜପଥରେ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଟ୍ରାଫିକ ଜାମ୍ ହୋଇଥିଲା। କଟକ ସଦର ଥାନା ଭାରପ୍ରାପ୍ତ ଅଧିକାରୀ ଓ ଜାତୀୟ ରାଜପଥ ଟ୍ରାଫିକ୍ ଥାନା ଅଧିକାରୀ, ଜୋନ୍-୪ ଏସିପି, ଟ୍ରାଫିକ୍ ଏସିପି ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ କରିବା ସହିତ କ୍ରେନ୍ ଯୋଗେ ବସ୍‌ଟିକୁ ଉଠାଇ ଯାତାୟତ ପାଇଁ ରାସ୍ତା ପରିଷ୍କାର କରିଥିଲେ। ବସ୍‌ଟିକୁ ପରେ ରାସ୍ତାକଡକୁ ଉଠାଇ ନିଆଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## 'ମମତା'ରେ ୬୦ ଲକ୍ଷରୁ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଶୁ ମୃତ୍ୟୁ ଓ ମାତୃ ମୃତ୍ୟୁ ହାର ପୁଷ୍ଟିହୀନତା ହ୍ରାସ କରିବା ପାଇଁ ୨୦୧୧ ମସିହାରେ ମମତା ଯୋଜନା ଆରମ୍ଭ କରିଥିଲେ। ଏବେ ଏହାର ପରିମାଣ ରାଶି ବୃଦ୍ଧି କରି ୬ ମାସର ଗର୍ଭଧାରଣ ପରେ ପ୍ରଥମ କିସ୍ତି ୬୦୦୦ ଟଙ୍କା ଏବଂ ଶିଶୁକୁ ୧୦ ମାସ ପୂରିବା ପରେ ଦ୍ୱିତୀୟ କିସ୍ତି ୪୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପଟେ ଓଡ଼ିଶାର ମମତା ଯୋଜନାର ସଫଳତା ଯୋଗୁଁ ଏହାକୁ ଜାତୀୟ ମଡେଲ ଭାବେ ଗ୍ରହଣ କରାଯାଇଛି ବୋଲି କହିବା ସହ ଏହା ଓଡ଼ିଶାର ମହିଳା ସଶକ୍ତୀକରଣ ପ୍ରତି ବିଜେଡି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ରାଜ୍ୟର ଏହି ଯୋଜନା ଓଡ଼ିଶା ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ଜାତୀୟ ମାନଦଣ୍ଡ ଏବଂ ମାଇଲଖୁଣ୍ଟ ଭାବେ ସ୍ୱୀକୃତି ପାଇଛି ଏବଂ ମମତା ଯୋଜନା ସହାୟତାକୁ ଦ୍ୱିଗୁଣିତ କରିବା ଏହି ଯାତ୍ରାରେ ଆଉ ଏକ ସଫଳତା ବୋଲି ବିଜେଡିର ଦୁଇ ପ୍ରବକ୍ତା କହିଛନ୍ତି।

## ପୁଣି ୩୫ ଡିଗ୍ରୀ...

ଏଭଳି ପାଗ ଲାଗିରହିଛି। ଗୁରୁବାର ସକାଳ ସୁଦ୍ଧା ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱରରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୬ ତାରିଖରେ ପଶ୍ଚିମ ଓଡ଼ିଶାର ୪ଟି ଜିଲ୍ଲାରେ ହାଲୁକା ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ବର୍ଷା ସହ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ଏଥିପାଇଁ କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, କଟକ, ଅନୁଗୁଳ, ଢେଙ୍କାନାଳ, ଯାଜପୁର ଏବଂ ନୟାଗଡ଼କୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ୫୦ ରୁ ୨ଶହ ମିଟର ରହିବ। ତେଣୁ ମଧ୍ୟରାତ୍ରିରୁ ସକାଳ ପର୍ଯ୍ୟନ୍ତ ଯାନାବାହନ ଚଳାଚଳରେ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଦୁଇଦିନ ପରେ ପାଗରେ ପରିବର୍ତ୍ତନ ହେବା ସହ ତାପମାତ୍ରା ବଢ଼ିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ରାତିର ତାପମାତ୍ରାରେ କୌଣସି ପରିବର୍ତ୍ତନ ନ ହେଲେ ବି ଦିନରେ ସ୍ୱାଭାବିକ ଠାରୁ ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବ ବୋଲି ଆକଳନ କରାଯାଇଛି।

## ଟ୍ରାକ୍ଟର ଚଢ଼ାଇ...

ଗୋଷ୍ଠୀର ସୁଶାନ୍ତ ରଣା (୫୦) ଓ ତାଙ୍କ ଭାଇ ସନ୍ତୋଷ ରଣାଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଦେଇଥିଲେ। ଫଳରେ ସନ୍ତୋଷ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବା ପରେ ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତର କୁକୁଡ଼ା ଫାର୍ମରେ ନିଆଁ ଲଗାଇବା ସହ ଟ୍ରାକ୍ଟର, କାର୍ ଓ ଦୁଇଟି ମଟରସାଇକଲରେ ନିଆଁ ଲଗାଇ ଦେଇଥିଲେ। ଖବର ପାଇଁ ଘଟଣାସ୍ଥଳକୁ ଅଗ୍ନିଶମ ବାହିନୀର କର୍ମଚାରୀ ଓ ଗାଡ଼ି ଯାଇଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକ ଅଗ୍ନିଶମ କର୍ମଚାରୀଙ୍କୁ ଗାଁ ଭିତରକୁ ଛାଡ଼ି ନ ଥିଲେ। ଫଳରେ କୁକୁଡ଼ା ଫାର୍ମ ଓ ଗାଡ଼ିଗୁଡ଼ିକ ସମ୍ପୂର୍ଣ୍ଣ ଜଳି ଯାଇଛି। ମୃତ ସୁଶାନ୍ତଙ୍କ ମୃତଦେହକୁ ଉଦ୍ଧାର କରାଯାଇ ଢେଙ୍କାନାଳ ଜିଲ୍ଲା ଡାକ୍ତରଖାନାରେ ରଖା ଯାଇଥିବା ବେଳେ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ଲାଗି ରହିଥିବାରୁ ପୁଲିସ୍ ଫୋର୍ସ ସହିତ ଆଠଗଡ଼ ଏବଂ ଖୁଣ୍ଟୁଣୀ ଥାନାର ବରିଷ୍ଠ ପୁଲିସ ଅଧିକାରୀମାନେ ସେଠାରେ ପହଞ୍ଚି ପରିସ୍ଥିତି ଆୟତ୍ତାଧୀନ କରିବାକୁ ଉଦ୍ୟମ ଜାରି ରଖିଛନ୍ତି।


**AFFIDAVIT**

By virtue of an affidavit sworn before the Notary, Bhubaneswar, I, Sakereen Bibi, W/O- Ramjan Khan, Resident of Totapada, PO-Daleiput, Dist-Khordha, Odisha-752056 declare by this affidavit no.69AA 078670 dtd 31.01.2024 that now onwards I shall be known as **Sakirun Bibi** for all future purposes.

**AFFIDAVIT**

I, Lili Kar, W/o- Naresh Chandra Kar, resident of Jagulipatana, Taratua, Khordha, Pin-752055, Odisha declare by this affid-avit No.278, dated 13/02/2024 that now onwards I shall be known as **LILI DEVI** for all future purposes.

**PANCHAYAT SAMITI, MATHILI**

Dist.: Mathili., PIN - 764044 (ODISHA), E-mail- ori-mathili@nic.in

No. 435/2024 Dated: 12.02.2024

**EXPRESSION OF INTEREST**

The Block Development Officer, Mathili invites Expression of Interest (EOI) from authorized vendors towards procurement of Sports items. The EOI document with all information, instructions, terms and conditions etc are available in the Govt./ Mathili website **www.malkangiri.nic.in**. The interested vendors may refer the above website, read the EOI document carefully & furnish the EOI proposal to the O/o BDO, Mathili by **20.02.2024**. The EOI proposal may be submitted in sealed envelope superscripted as **"Expression of Interest for Supply of Sports Items"**.

Corrigendum / addendum, if required, will be uploaded in the above website. Hence Vendors/suppliers are requested to be in continuous touch with the above website. The EOI Inviting Authority i.e. BDO, Mathili reserves the right to accept or reject any/ all Bids, also can cancel the entire selection process at any stage without assigning any reason thereof. No claim, whatsoever, shall be admissible for the alleged loss/damage suffered by the applicants on account of such rejections.

Sd/- Block Development Officer
Mathili, Malakangiri

# ଫେଁର୍ ଜାମ୍‌ହେଲା ଇବ୍ ସେତୁ

**ବ୍ରଜରାଜନଗର, ୧୪।୨(ସମିସ)**

ଏକ ପ୍ରମୁଖ ଜାତୀୟ ରାଜପଥ ୪୯ର ଇବ ସେତୁ ଉପରେ ନିର୍ଭରଶୀଳ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ଦୁର୍ଦ୍ଦଶା ହଟୁନାହିଁ। ଏଠାରେ ଏକ ନୂତନ ସେତୁ ନିର୍ମାଣ ବହୁ ଦିନରୁ ଦାବି ହୋଇଆସୁଛି। ବୁଧବାର ସକାଳେ ଏକ

**ଭାରୀଯାନ ବ୍ରେକ୍‌ଡାଉନ୍ ପରେ ଅଟକିଲା ଶତାଧିକ ଗାଡ଼ି**

ହାଇୱା ଗାଡି ଇବ ସେତୁ ଉପରେ ଖରାପ ହେବା କାରଣରୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ସୂଚନା ପାଇ ପ୍ରଶାସନ ପକ୍ଷରୁ ବ୍ରଜରାଜନଗର ଥାନାଧିକାରୀ ଧବଳେଶ୍ୱର ସାହୁଙ୍କ ନିର୍ଦ୍ଦେଶକ୍ରମେ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ପହଞ୍ଚି ଟ୍ରାଫିକ ସମସ୍ୟା ସମାଧାନ କରିଥିଲେ। ବ୍ରେକଡାଉନ ଭାରୀଯାନକୁ ବ୍ରିଜ ଉପରୁ ହଟାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏହି ଘଟଣା ଫଳରେ ଇବ ସେତୁ ଉପରେ ଦ୍ୱିତୀୟ ବ୍ରିଜ ନିର୍ମାଣ ଦାବି ପୁଣି ଉଦ୍‌ଜୀବିତ ହୋଇଛି।

ଝାରସୁଗୁଡା ଜିଲ୍ଲାରୁ ପଡୋଶୀ ରାଜ୍ୟ ଛତିଶଗଡକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥରେ ଉପରେ ଥିବା ବ୍ରିଟିଶ ଅମଳର ବହୁ ପୁରୁଣା ସେତୁଟି ବର୍ତ୍ତମାନ ଦୁର୍ବଳ ଅବସ୍ଥାରେ ରହିଛି। ଏହି ବ୍ରିଜ ନିର୍ମାଣ ସମୟରେ ଯାନବାହନ ଚଳାଚଳ ଏତିକି ପରିମାଣରେ ନ ଥିବା ବେଳେ କୌଣସି କଲକାରଖାନା ମାନ ରହି ନଥିଲା। ବର୍ତ୍ତମାନ ସମୟରେ ଝାରସୁଗୁଡା ଓ ଛତିଶଗଡରେ ଅନେକଗୁଡିଏ କଲକାରଖାନା ଗଢି ଉଠିଲାଣି ଫଳରେ ଏହି ରାସ୍ତା ଉପରେ ପ୍ରତ୍ୟହ ଭାରୀଯାନ ଚଳାଚଳ ମାତ୍ରାଧିକ ବୃଦ୍ଧି ପାଉଛି। ଇବ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ କରିବା ପାଇଁ ଅନେକ ଥର ଆନ୍ଦୋଳନ ସହ ଧାରଣା ଦିଆଯାଇଛି। ପ୍ରଶାସନ ତରଫରୁ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦିଆଯାଉଛି। ଆଜିର ଏହି ଘଟଣା ପରେ ଆଗାମୀ ଦିନରେ ପୁନର୍ବାର ଆନ୍ଦୋଳନକୁ ତୀବ୍ର କରାଯିବ ଓ ନିର୍ଣ୍ଣାୟକ ଲଢ଼େଇ ଲଢ଼ାଯିବ ବୋଲି ଗାନ୍ଧୀ ଛକ ବଣିକ ସଂଘ ପକ୍ଷରୁ ଚେତାବନୀ ପ୍ରକାଶ ପାଇଛି। ତେବେ, ଏହି ସେତୁର ଡିପିଆର ଫାଇଲରେ ଅଟକିଥିବା ବେଳେ କେବେ ଏହାର ସର୍ବେକ୍ଷଣ ମଧ୍ୟ ସରିଯାଇଛି। ଦ୍ୱିତୀୟ ସେତୁ କେବେ ନିର୍ମାଣ ହେବ ଏବଂ ଏହା ଶେଷ ହେବ ସେନେଇ ଅଞ୍ଚଳବାସୀ ଅନ୍ଧାରରେ ରହିଛନ୍ତି। ଏ ଦିଗରେ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବଣିକ ସଂଘ ଦାବି କରିଛି।



# ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା

**ଝାରସୁଗୁଡ଼ା, ୧୪।୨(ସମିସ):** ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ବୁଢ଼ାପଡ଼ା ବୁରୋମାଲ ଝାଡେଶରୀ ଭିନ୍ନକ୍ଷମ ବିଦ୍ୟାଳୟ, ସରବାହାଲ ୟୁଜିଏମଇ ସ୍କୁଲରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୀତ ଓ ନାଚର ଆୟୋଜନ ହୋଇଥିଲା। ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଖାଇବାର ବ୍ୟବସ୍ଥା କରାଯାଇଥିଲା। ଏହାସହ ଶିଶୁମାନେ ଖଡ଼ି ଛୁଇଁଥିଲେ। ବେଲପାହାଡ଼ ଜୁନିଅର ଓ ଡିଗ୍ରୀ କଲେଜ, ବି.ଆର ହାଇସ୍କୁଲ, ବେଲପାହାଡ଼ ଇଂଲିସ ମିଡ଼ିୟମ ସ୍କୁଲ, ଜିଏଲ୍ ହାଇସ୍କୁଲ, ଏବିୟୁବି ସ୍କୁଲ, ବିବେକାନନ୍ଦ ଇଣ୍ଟରନେସନାଲ ସ୍କୁଲରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଛି। ସରବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କ ପୂଜନୋତ୍ସବ ପାଳିତ ହୋଇଯାଇଛି। ପରିଚାଳନା ସମିତି ସଦସ୍ୟଙ୍କ ସହ ବହୁ ଅଭିଭାବକ, ଅଭିଭାବିକା ଉପସ୍ଥିତ ଥିଲେ।



# ପ୍ରେମରେ ପ୍ରତାରଣା ନେଇ ଯୁବତୀ ଥାନାର ଦ୍ୱାରସ୍ଥ

**ଦେବଗଡ଼, ୧୪।୨(ସମିସ):** ବାରକୋଟ ଥାନାଞ୍ଚଳର ଜଣେ ଯୁବତୀ ପ୍ରେମ ପ୍ରତାରଣାର ଶିକାର ହୋଇଥିବା ଥାନାରେ ଲିଖିତ ଅଭିଯୋଗ କରିଛି। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବାରକୋଟ ଥାନା କତ୍ରାପାଲି ଗ୍ରାମର ପୁଲିନ ସାହୁ ନାମକ ଜଣେ ଯୁବକ ମାଦଳିଆ ଗ୍ରାମର ଜଣେ ଯୁବତୀଙ୍କ ସହ ୪ ବର୍ଷ ହେବ ପ୍ରେମ ସମ୍ପର୍କ ରଖି ଆସୁଥିଲା। ପ୍ରେମ ପରେ ବିବାହର ପ୍ରତିଶ୍ରୁତି ଦେଇ ପୁଲିନ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ଏହା ଫଳରେ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ। ତେବେ ଗର୍ଭ ନଷ୍ଟ ନ କଲେ ଯୁବତୀକୁ ବିବାହ କରିବ ନାହିଁ ବୋଲି ଚେତାବନୀ ଦେବାରୁ ଯୁବତୀ ଜଣକ ଏଥିରେ ରାଜି ହୋଇଥିଲା। ଏହାର ସୁଯୋଗରେ ପୁଲିନ ଔଷଧ ଦେଇ ଯୁବତୀର ଗର୍ଭ ନଷ୍ଟ କରିଥିବା ଯୁବତୀ ଅଭିଯୋଗ କରିଛନ୍ତି। ତେବେ ଯୁବତୀଙ୍କ ବିବାହ ପ୍ରସ୍ତାବକୁ ପୁଲିନ ଭାଙ୍ଗିବା ସହ ବିବାହ ପାଇଁ ଦିନ ଗଡ଼ାଇ ଚାଲିଥିଲା। ଇତି ମଧ୍ୟରେ ପୁଲିନର ଅନ୍ୟତ୍ର ବିବାହ ପାଇଁ ନିର୍ବନ୍ଧ ସାରିଥିବା ଜାଣି ଯୁବତୀ ଜଣକ କାତ୍ରାପାଲିସ୍ଥିତ ପୁଲିନର ଘରକୁ ଯାଉଥିବା ବେଳେ ବାଟରେ ପୁଲିନ ଅଟକାଇ ବୁଝାସୁଝା କରି ଦିନକ ପରେ ବଡ଼କୁଦର ଶିବ ମନ୍ଦିରକୁ ଆସିବାକୁ ଅନୁରୋଧ କରିଥିଲା। ବୁଝାମଣା ଅନୁଯାୟୀ ଯୁବତୀ ଜଣକ ବଦକୁଦର ଗାଁ ଶିବ ମନ୍ଦିର ପହଞ୍ଚି ସକାଳୁ ସନ୍ଧ୍ୟା ଯାଏଁ ଅପେକ୍ଷା କରିବା ପରେ ମଧ୍ୟ ପୁଲିନ ସେଠାକୁ ଆସି ନ ଥିଲା। ଏପରିକି ଫୋନ୍ ମଧ୍ୟ ବନ୍ଦ ରଖିଥିଲା। ଯୁବତୀ ଜଣକ ପ୍ରତାରଣାର ଶିକାର ହୋଇଥିବା ଜାଣି ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

**ଡଅଁରା ସେବା ସମବାୟ ସମିତି**

# ଗ୍ରାହକଙ୍କ ଅଜାଣତରେ ଋଣ ଉଠାଣ

**ଦେବଗଡ଼, ୧୪।୨ (ସମିସ ):** ଋଣ ଉଠାଣ ନଥ ଥିବା ବ୍ୟକ୍ତିଙ୍କୁ ମିଳିଛି ଋଣ ପରିଶୋଧ ନୋଟିସ। ଏଭଳି ଘଟଣା ଦେଖିବାକୁ ମିଳିଛି ବାରକୋଟ ବ୍ଲକ ଡଅଁରା ସେବା ସମବାୟ ବ୍ୟାଙ୍କରେ।

ବାରକୋଟ ଥାନା ବିଜୟନଗର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଭୁବନେଶ୍ୱର ସାହୁ ଦୀର୍ଘ ବର୍ଷ ପୂର୍ବେ ଡଅଁରା ସେବା ସମବାୟ ସମିତିରେ ଏକ ପାସ୍ ବହି ଖୋଲି ନିଜ ଅବସରକାଳୀନ ରାଶି ଜମା କରିଥିଲେ। ତେବେ ସେ କୌଣସି ଋଣ କରି ନ ଥିବା ବେଳେ ଗତ ଡିସେମ୍ବର ମାସରେ ବ୍ୟାଙ୍କରୁ ୮୦ ହଜାର ଟଙ୍କା ଋଣ କରିଥିବା ଏବଂ ମୂଳ ଓ ସୁଧ ମିଶାଇ ମୋଟ ୧ ଲକ୍ଷ ୬୦ ହଜାର ଟଙ୍କା ତୁରନ୍ତ ପୈଠ ପାଇଁ ନୋଟିସ ଆସିଛି। ଶ୍ରୀ ସାହୁ ହତବାକ ହୋଇଛନ୍ତି। ସେ କୌଣସି ଋଣ କରି ନ ଥିବା କହିଥିଲେ ମଧ୍ୟ ସମବାୟ ସମିତି କର୍ତ୍ତୃପକ୍ଷ ଶୁଣିବାକୁ ରାଜି ହୋଇ ନ ଥିଲେ। ଏହା ଫଳରେ ଶ୍ରୀ ସାହୁ ସମବାୟ ସମିତି ନିରୀକ୍ଷକଙ୍କଠାରେ ଘଟଣା ସମ୍ପର୍କରେ ଅବଗତ କରାଇବାରୁ ସେ ଏହାର ତଦନ୍ତ ପାଇଁ କିଛି ସମୟ ମାଗିଥିଲେ; ମାତ୍ର ସମସ୍ୟାର କୌଣସି ସମାଧାନ ନ ହେବାରୁ ଶିକ୍ଷକ ଶ୍ରୀ ସାହୁ ଏ ନେଇ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ସେବା ସମବାୟ ସମିତିର ତତ୍କାଳୀନ ସମ୍ପାଦକ ମହେଶ୍ୱର ବେହେରା ଓ କର୍ମଚାରୀ ଜାଲ ଦସ୍ତଖତ ଜରିଆରେ ଋଣ ଉଠାଣ କରି ହଡପ କରିଥିବା ଆଶଙ୍କା ପ୍ରକାଶ କରି ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଠକେଇ ସମେତ ବିଭିନ୍ନ ଦଫାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟ ପକ୍ଷରେ ପୂର୍ବତନ ଅଧ୍ୟକ୍ଷ ଓ ସମ୍ପାଦକଙ୍କ କାର୍ଯ୍ୟକାଳ ସମୟରେ ଲକ୍ଷ ଲକ୍ଷ ଟଙ୍କାର ଏଭଳି ଅନେକ ଜାଲିଆତି ହୋଇଥିବା ସେବା ସମବାୟ ସମିତିର କେତେକ କର୍ମଚାରୀ ନିଜ ପରିଚୟ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏଣୁ ଏହି ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ କ୍ଷତିଗ୍ରସ୍ତ ଶିକ୍ଷକ ଶ୍ରୀ ସାହୁଙ୍କ ଭଳି ଅନେକ କ୍ଷତିଗ୍ରସ୍ତ ଗ୍ରାହକ ଦାବି କରିଛନ୍ତି।



**ଋଣ ନେଇ ନ ଥିବା ବ୍ୟକ୍ତିଙ୍କୁ ୨ଗୁଣ ପରିଶୋଧ ନୋଟିସ୍**

# ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ବିକାଶ ସମ୍ପର୍କିତ ସଚେତନତା ଶିବିର

**ବ୍ରଜରାଜନଗର, ୧୪।୨(ସମିସ):** ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ଗୋପବନ୍ଧୁ ଛକଠାରେ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ବିକାଶ ଓ ସରକାରଙ୍କ ଦୃଢ଼ ସଂକଳ୍ପ ଉପରେ ବୁଧବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ପୌର ଉପାଧ୍ୟକ୍ଷ ଗୋପାଳ ଶୀତାନି, ପୂର୍ବତନ ଉପନଗରପାଳ ଜୟନ୍ତ ଦୀକ୍ଷିତ, କାଉନସିଲର ନିକିତା ସେଠୀ, ଉଷାରାଣି ଚାନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ରାଜ୍ୟ ସରକାରଙ୍କ ଉଦ୍ୟମରେ ସାରା ଓଡ଼ିଶାରେ କିପରି ସହରାଞ୍ଚଳର ବସ୍ତିବାସିନ୍ଦା ମାନଙ୍କର ବିକାଶ ହୋଇପାରିଛି ଏବଂ ବ୍ରଜରାଜନଗର ପୌରାଞ୍ଚଳରେ ଜାଗା ମିଶନ ମାଧ୍ୟମରେ କିପରି ଜନସାଧାରଣ ଉପକୃତ ହୋଇ ପାରିଛନ୍ତି ସେ ବିଷୟରେ ସଚେତନ କରାଯାଇଛି। ବିଜୁ ଜନତା ଦଳ ଏସଏଚଜି ଓ ଏସଡିଏ ଭଳି ଗ୍ରୁପ ଗଠନ କରି ସିଧାସଳଖ ସେମାନଙ୍କୁ କାମ ଦେଉଛନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। କୁନି ପ୍ରତିଭାଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ଦୀପକ ମହାନ୍ତି ସହଯୋଗ କରିଥିଲେ।




# ବ୍ରଜରାଜନଗର ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ବ୍ରଜରାଜନଗର, ୧୪।୨ (ସମିସ):** ବ୍ରଜରାଜନଗର ମହାବିଦ୍ୟାଳୟର ସଭାଗୃହରେ ଇଂରାଜୀ ବିଭାଗର ମୁଖ୍ୟ ଅଜୟ ଦୀପଙ୍କ ସଭାପତିତ୍ୱରେ ଇଂରାଜୀ ବିଭାଗ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସମୀର ରଞ୍ଜନ ନାୟକ ସ୍ୱାଗତ ଭାଷଣ ରଖିଥିଲେ। ଆଲୋଚକ ଭାବରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ବିଶ୍ୱଜିତ ଖମାରୀ ଏବଂ ରବିନାରାୟଣ ପାଣିଗ୍ରାହୀ ଯୋଗଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ତଥା ପଦାର୍ଥ ବିଜ୍ଞାନର ମୁଖ୍ୟ ସୁପ୍ରକାଶ ଚୌଧୁରୀ ଏବଂ ଓଡ଼ିଆ ବିଭାଗର ମୁଖ୍ୟ ଶ୍ରୀକର ଭୋଇ ଉତ୍ତର ଉପନିବେଶବାଦ ଉପରେ ନିଜ ନିଜର ମତ ରଖିଥିଲେ। ଇଂରାଜୀ ବିଭାଗର ଯୁକ୍ତ ତିନି ଷଷ୍ଠ ପର୍ଯ୍ୟାୟର ଛାତ୍ରଛାତ୍ରୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସଂପାନରେ ଇଂରାଜୀ ଅଧ୍ୟାପିକା ପ୍ରିୟଙ୍କା ଶର୍ମା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ରିଜା ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ପଦ୍ମାବତୀ ମହାପାତ୍ର, ଅଧ୍ୟାପକ ସୁଦୀପ ଡୁଙ୍ଗଡୁଙ୍ଗ, ଅଧ୍ୟାପକ ସୁମିତ ତିର୍କୀ, ଅଧ୍ୟାପକ ଶିବା ତ୍ରିବେଦୀ, ଅଧ୍ୟାପିକା ସ୍ମିତା ସିହ୍ନାଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସରସ୍ୱତୀ ଯୁବ ନାଟ୍ୟ କଳା ପରିଷଦର ନୃତ୍ୟ ଗୀତ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୧୪।୨ (ସମିସ):** ଶ୍ରୀ ଶ୍ରୀ ସରସ୍ୱତୀ ଯୁବ ନାଟ୍ୟ କଳା ପରିଷଦ ତରଫରୁ ୫୧ତମ ସରସ୍ୱତୀ ପୂଜା ଉପଲକ୍ଷେ ନୃତ୍ୟଗୀତ କାର୍ଯ୍ୟକ୍ରମ ପଣ୍ଡରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ନାଟ୍ୟ କଳା ପରିଷଦ ସଭାପତି ଭଗବାନ ପଶାୟତ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ କଳାକାର ଆନନ୍ଦ ସାହୁ, ବରିଷ୍ଠ ସଦସ୍ୟ ଦୟାନିଧି ମେହେର, ଜିଲ୍ଲା ଖଣି ଅଧିକାରୀ ଚୂଡ଼ାମଣି ବିଶ୍ୱାଳ, ଶିକ୍ଷାବିତ ସଦାନନ୍ଦ ପ୍ରଧାନ, ସମ୍ପାଦକ ସୁବାସ ମେହେର, କୋଷାଧ୍ୟକ୍ଷ ହେମନ୍ତ ସାହୁ, ଗୋବିନ୍ଦ ମେହେର, ହୀରାଲାଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିରାଟ ରାଜା ପଧାନ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅର୍କେଷ୍ଟ୍ରା ବିନ୍ଦାସ ମେଲୋଡି ଅନୁଷ୍ଠିତ ହୋଇଥିଲା। ଚୂଡ଼ାମଣି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାକାର ଆଲୋକ ସାହୁ, ଭାନୁପ୍ରତାପ କୁମୁରା, ଜ୍ୟୋତ୍ସ୍ନାରାଣୀ, ଜନେକ ମହାନନ୍ଦ, ପିଣ୍ଟୁ ଲୁହା, ମୁନା ସିଂହ, ବୈକୁଣ୍ଠ ସିଂହ ପରିଚାଳନା କରିଥିଲେ। ଆସନ୍ତାକାଲିଠାରୁ କଂସ ଦରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



# ଶିକ୍ଷା ନିକେତନର ଅତିରିକ୍ତ ଶ୍ରେଣୀ କୋଠରୀ ଉଦ୍‌ଘାଟିତ

**ବ୍ରଜରାଜନଗର, ୧୪।୨(ସମିସ):** ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ଶିକ୍ଷା ନିକେତନରେ ନବନିର୍ମିତ ଅତିରିକ୍ତ ଶ୍ରେଣୀ କୋଠରୀ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ କୋଠରୀ ପାଇଁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୧୦ ଲକ୍ଷ ବ୍ୟୟ କରାଯାଇ ନିର୍ମାଣ କରାଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟାପକ ବିରେନ୍ଦ୍ର ମିଶ୍ର, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ଜୟନ୍ତ ଦୀକ୍ଷିତ, ରାକେଶ ପାଲ, ସୁଧାଂଶୁ ଦାସ, ଚଣ୍ଡିକା ପ୍ରସାଦ ଦାସ, ପ୍ରମୋଦ ପଟେଲ, ଅଶୋକ ସା ପ୍ରମୁଖ ଉପସ୍ଥିତ ଥିଲେ।




# ଖୁନ୍ତାମାଲ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଝାରସୁଗୁଡ଼ା, ୧୪।୨(ସମିସ):** ଲଇକେରା ବ୍ଲକ ଅନ୍ତର୍ଗତ ଖୁନ୍ତାମାଲ ଆଶ୍ରମ ବିଦ୍ୟାଳୟର ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଡଲି ଗୁରୁ ଏବଂ ଏସଏମସି ସଭାପତି ଟେମନ୍ତ ପାନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବାର୍ଷିକ ମହୋତ୍ସବରେ ଖୁନ୍ତାମାଲ ସରପଞ୍ଚ ସବ୍ୟସାଚୀ ସାହୁ ମୁଖ୍ୟଅତିଥି, ସିଆରସିସି ସାହାସପୁର କ୍ଲଷ୍ଟର ପ୍ରଦୀପ ନାଏକ ମୁଖ୍ୟବକ୍ତା ଏବଂ ଯୋଗୀନ୍ଦ୍ର ଚୌହାନ, ମାଧବଚନ୍ଦ୍ର ବେହେରା, ଯୁବ ସାମ୍ବାଦିକ ଗାନ୍ଧିରାମ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ରାଉତ ମଞ୍ଚାସୀନ ଥିଲେ। ଶିକ୍ଷକ ବସନ୍ତ କିଶାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କୁନିକୁନି ଛାତ୍ରୀମାନେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାଟକ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଭୟ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଖୁନ୍ତାମାଲ ଆଶ୍ରମ ବିଦ୍ୟାଳୟର ଶିକ୍ଷକ ଗୋକୁଳଚନ୍ଦ୍ର ସାହୁ, ଦିଲ୍ଲୀପ ବାଗ, ଶିକ୍ଷୟିତ୍ରୀ ନିଳାବତୀ ପୃସେଠ ସହଯୋଗ କରିଥିଲେ।

# ବ୍ରଜରାଜନଗର ବିଧାୟିକାଙ୍କ ପରିବାର ସମ୍ପର୍କ ଅଭିଯାନ



**ବ୍ରଜରାଜନଗର, ୧୪।୨ (ସମିସ):** ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବୁଧବାର ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ସଂଖ୍ୟା ୨୨ରେ ବିଧାୟିକାଙ୍କ ନେତୃତ୍ୱରେ ପରିବାର ସମ୍ପର୍କ ଅଭିଯାନ ଏବଂ ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଯୋଗଦେଇ ସବୁ ବର୍ଗର ଜନସାଧାରଣଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ ସହିତ ଆଲୋଚନା କରିଥିଲେ। ବ୍ରଜରାଜନଗର ଟାଉନ ସଭାନେତ୍ରୀ ନଳିନୀ ପ୍ରଧାନ, ମନୋରମା ସାହୁ, କୁମୋଦିନୀ ଗରୁଡ଼, ଦିବାକର ପଟ୍ଟନାୟକ, ଜିତେନ୍ଦ୍ର ସାହୁ, ଆନନ୍ଦ ବେହେରା, ଶରତ ତନ୍ତୀ, ଆଲୋକ ପଟ୍ଟନାୟକ, ବଦ୍ରି ସାହୁ, ବରିଷ୍ଠ ନେତୃବୃନ୍ଦ ତଥା ଦଳର ଅନେକ ସକ୍ରିୟ କର୍ମୀ ଉପସ୍ଥିତ ଥିଲେ।

**ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ**

# ୨୫,୦୦୦ ବ୍ୟକ୍ତିଙ୍କ ନିକଟରେ ସଚେତନତାର ବାର୍ତ୍ତା

**ଝାରସୁଗୁଡା, ୧୪।୨(ସମିସ)**

ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଝରସୁଗୁଡା ପକ୍ଷରୁ ଜାତୀୟ ସଡକ ସୁରକ୍ଷା ମାସ ପାଳନ କରାଯାଇଛି। ଏକ ମାସ ବ୍ୟାପୀ ସଚେତନତା ଅଭିଯାନ ମାଧ୍ୟମରେ ଝାରସୁଗୁଡ଼ା ଜିଲ୍ଲାର ୨୫,୦୦୦ରୁ ଅଧିକ ନାଗରିକଙ୍କ ନିକଟରେ କମ୍ପାନୀ ବାର୍ତ୍ତା ପହଞ୍ଚାଇ ପାରିଛି। ଟ୍ରାଫିକ ନିୟମ ପାଳନ କରିବା ଏବଂ ସଡକ ସୁରକ୍ଷା ନିୟମ ଉପରେ ସଚେତନ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

ଏକ କ୍ଷୁଦ୍ର ଚଳଚ୍ଚିତ୍ରର ସ୍କ୍ରିନିଂ ଏବଂ ସହରରେ 'ନକ୍କଡ ନାଟକ' (ଷ୍ଟ୍ରିଟ୍ ନାଟକ) ପ୍ରଦର୍ଶନ ସହ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପୌରାଣିକ ଚରିତ୍ର ଯମରାଜ ଏବଂ ଚିତ୍ରଗୁପ୍ତ ଅଭିନୟ କରୁଥିବା ଅଭିନେତାଙ୍କୁ ପ୍ରଶଂସିତ କରାଯାଇଥିଲା। ବେହେରାମାଳ, ବଧେଇମୁଣ୍ଡା, ସରବାହାଲ, ଝାରସୁଗୁଡା ବସ୍ ଷ୍ଟାଣ୍ଡ ଭଳି ଅଂଚଳରେ ଜିଲ୍ଲା ପ୍ରଶାସନ, ପ୍ରାଥମିକ ଚିକିତ୍ସା ଏବଂ ଜରୁରିକାଳୀନ ପ୍ରତିକ୍ରିୟା ପ୍ରଶିକ୍ଷଣ ଅଧିବେଶନ କର୍ମଚାରୀ, ବ୍ୟବସାୟୀଙ୍କ ସହଯୋଗରେ ସଡକ ସୁରକ୍ଷା ବ୍ୟବସ୍ଥା ଉପରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରିତିରଂଜନ ଘଡାଇ, ଜିଲ୍ଲାପାଳ ଅବୋଲି ସୁନୀଲ ନାରଭାନେ, ଝାରସୁଗୁଡା ଏସ୍‌ପି ପରମର ସ୍ମିଥ ପୁରୁଷୋତ୍ତମ ଦାସ, ଆର୍‌ଟିଓ ଦୀନବନ୍ଧୁ ଶୁଣ୍ଢି, ଏମ୍‌ଭିଆଇ ଲୋକନାଥ ମେହେର, ପୁଲିସ ଅଧିକାରୀ ନିର୍ମଳ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

ଝାରସୁଗୁଡ଼ା ବେଦାନ୍ତ ଆଲୁମିନିୟମ୍ ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ବିଭିନ୍ନ ଅଭିନବ ପଦକ୍ଷେପ ମାଧ୍ୟମରେ କର୍ମଜୀବୀଙ୍କ ମଧ୍ୟରେ 'ନିରାପତା-ପ୍ରଥମ, ସର୍ବଦା' ବାର୍ତ୍ତା ସୃଷ୍ଟି କରିବାକୁ ଚେଷ୍ଟା କରୁଛୁ। ସରକାର ଏବଂ ଆମ ସମ୍ପ୍ରଦାୟ ସହିତ ମଧ୍ୟ କାର୍ଯ୍ୟ କରୁଛୁ। ଏହି କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ପକ୍ଷରୁ ଝାରସୁଗୁଡ଼ା ଆର୍‌ଟିଓ ବେଦାନ୍ତ ଆଲୁମିନିୟମକୁ ଧନ୍ୟବାଦ ଦେଇଛନ୍ତି।





## ମୁରିବାହାଲରେ ରହିବ ପୁରୀ-ଦୁର୍ଗ ଏକ୍ସପ୍ରେସ୍

**ମୁରିବାହାଲ, ୧୪।୨ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଳ ଷ୍ଟେସନରେ ମହାମାରୀ କୋଭିଡ ପରେ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଥିବା ଦୁଇ ଏକ୍ସପ୍ରେସ ଟ୍ରେନ ପୁରୀ-ଦୁର୍ଗ (ନଂ ୧୮୪୨୫-୧୮୪୨୬) ଓ କୋର୍ବା-ବିଶାଖାପାଟଣା ଲିଙ୍କ ଏକ୍ସପ୍ରେସ (ନଂ ୧୮୫୧୭-୧୮୫୧୮)ର ପୁଣିଥରେ ରହଣି ଦାବି ହୋଇଆସୁଥିଲା। ରେଳବିଭାଗ ପକ୍ଷରୁ ପ୍ରଥମେ ଏହି ରେଳଷ୍ଟେସନରେ ପୁରୀ-ଦୁର୍ଗ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ସବୁଜ ସଙ୍କେତ ମିଳିଛି। ଆଗାମୀ କିଛି ଦିନ ମଧ୍ୟରେ ଏହି ଏକ୍ସପ୍ରେସ ଟ୍ରେନ ମୁରିବାହାଲ ଷ୍ଟେସନରେ ପରୀକ୍ଷାମୂଳକ ଭାବେ ରହଣି କରିବ ବୋଲି ସୂଚନା ଦିଆଯାଇଛି। ମୁରିବାହାଲ ରେଳ ଅଧିକାର ମଞ୍ଚ କାର୍ଯ୍ୟକାରୀ ସଭାପତି ତଥା ଲୋକସଭା ସାଂସଦଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା, ଉପସଭାପତି ଗଙ୍ଗାଧର ହେଣ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁର, କାର୍ଯ୍ୟକାରୀ ସମ୍ପାଦକ ଭରତ ଦାସ, ସମ୍ପାଦକ ପଦ୍ମଲୋଚନ ବାଗ, କୋଷାଧ୍ୟକ୍ଷ ଅନୀଲ ଶର୍ମା, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ ପ୍ରମୁଖଙ୍କ ସହ ବ୍ୟକ୍ତିବିଶେଷ, ସାଧାରଣ ଯାତ୍ରୀ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

## ବାଲି ଗାଡ଼ି ଯୋଗୁଁ ବଢ଼ୁଛି ଦୁର୍ଘଟଣା

**ଶଗଡ଼ା, ୧୪।୨(ସମିସ):** କନ୍ଧମାଳ ବ୍ଲକ ଗବଜୋର ରେଳ ନଦୀରୁ ଦୈନନ୍ଦିନ ଶହ ଶହ ଟ୍ରିପ ବାଲି ହାଇୱା ଆଦି ଭାରି ଯାନ ମାଧ୍ୟମରେ ପରିବହନ ହେଉଛି। ଭାରିଯାନ ଗୁଡ଼ିକ ଗବଜୋର-ପଲସା ଗୋଗା ରାସ୍ତା ଦେଇ ବିଭିନ୍ନ ଗ୍ରାମକୁ ଯାଉଛି। ରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବାରୁ ଏହାର କ୍ଷମତା ବାହାରେ ବାଲି ବୋଝେଇ ଭାରିଯାନ ଯାତାୟତ କରୁଥିବାରୁ ରାସ୍ତା ଅନେକ ସ୍ଥାନରେ ଫାଟି ଦବି ଖରାପ ହୋଇ ଗଲାଣି। ଅନ୍ୟପଟେ ଏହି ରାସ୍ତା ଦେଇ ଶହ ଶହ ଗାଡି ମୋଟର ଯାତାୟାତ କରୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେବା ସହ ଅନେକ ଛୋଟବଡ ଦୁର୍ଘଟଣା ଘଟି ଅନେକ ଲୋକ ଆହତ ହେଉଥିବା ଅଭିଯୋଗ ହୋଇଛି। ବାଲି ବୋଝେଇ ଭାରିଯାନଗୁଡ଼ିକ ବାଲି ଚାଲାଣ ସମୟରେ ଘୋଡେଇ ନେବାର ନିୟମ ଥିଲେ ସୁଦ୍ଧା ଏହା ପାଳନ ହେଉନି। ଏଣୁ ବାଲି ଉଡି ପରିବେଶ ଦୂଷିତ ହେବା ସହ ଯାତାୟତ କରୁଥିବା ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ହତ୍ୟାକାରୀଙ୍କୁ ଧରିବାରେ ବିଫଳ ପୁଲିସ

**ମନମୁଣ୍ଡା, ୧୪।୨(ସମିସ):** ମନମୁଣ୍ଡା ଥାନା ମହୁଲି ଗ୍ରାମର ବହୁ ଚର୍ଚ୍ଚିତ ସୁବଳ ମେହେର ହତ୍ୟାକାଣ୍ଡର ବର୍ଷେ ପୂରିଗଲାଣି। ପୁଲିସ କିନ୍ତୁ ଏହି ଘଟଣାରେ ଜଡିତ ଅନ୍ୟତମ ୩ ଅଭିଯୁକ୍ତ ଅର୍ଜୁନ ମେହେର, ରମ୍ଭା ମେହେର ଏବଂ ସତ୍ୟଭାମା ମେହେରକୁ ଗିରଫ କରିପାରୁନି। ଏଣୁ ପୁଲିସର ପାରିବା ପଣିଆ ଉପରେ ପ୍ରଶ୍ନ ଉଠିଛି। ମୃତକ ଏବଂ ଅଭିଯୁକ୍ତ ପରିବାର ଗୋଟିଏ ବଂଶର। ମଣ୍ଡିରେ ଧାନ ବିକ୍ରି କରିବା ଏବଂ ଭାଗାଂଶ ଧାନ ଟଙ୍କା ମାଗିବା ଘଟଣାକୁ କେନ୍ଦ୍ର କରି ଉଭୟ ପରିବାର ମଧ୍ୟରେ ମାଡ ପିଟ ହୋଇଥିଲା। ସେଥିରେ ଉଭୟ ପକ୍ଷ ଆହତ ହୋଇଥିଲେ। ତେବେ ସୁବଳ ହତ୍ୟାକା ର ଶିକାର ହୋଇଥିଲେ। ମୃତକଙ୍କ ପରିବାର ପକ୍ଷରୁ ଦାଏର ଏତଲାରେ ହତ୍ୟାକାଣ୍ଡରେ ୫ ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିବା ଉଲ୍ଲେଖ ରହିଥିଲା। ସେମାନଙ୍କ ମଧ୍ୟରୁ ବାଳକୃଷ୍ଣ ମେହେର ଏବଂ ନବଘନ ମେହେରକୁ ପୁଲିସ ଗିରଫ କରି ଚୁପ୍ ବସିଛି। ଅର୍ଜୁନ, ରମ୍ଭା ଏବଂ ସତ୍ୟଭାମା ଘଟଣା ଦିନଠାରୁ ଫେରାର ଅଛନ୍ତି। ତେବେ ସେମାନଙ୍କ ଠିକଣା ମିଳିଲେ ଗିରଫ କରାଯିବ ବୋଲି ପୁଲିସ ମୃତକଙ୍କ ଭାଇ ପ୍ରଦୀପଙ୍କୁ ଆଶ୍ୱାସନା ଦେଇଛି।

## ମନରେଗା ଯୋଜନାରେ କାମ ମିଳୁନି

**ଶଗଡ଼ା, ୧୪।୨(ସମିସ):**କନ୍ଧମାଳ ବ୍ଲକରେ ମନରେଗା ଯୋଜନା ଉଭାନ ହୋଇଯାଇଛି। କେନ୍ଦ୍ର ସରକାର ଗରିବ ନିରୀହ ଲୋକମାନଙ୍କ ଥଇଥାନ ପାଇଁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ଯୋଜନା ପ୍ରଣୟନ କରି ବର୍ଷକୁ ୧୦୦ଦିନର କାମ ନିଜ ପଞ୍ଚାୟତରେ ଯୋଗାଇ ଦେବାକୁ ସ୍ଥିର କରିଛନ୍ତି; କିନ୍ତୁ କନ୍ଧମାଳ ବ୍ଲକରେ ଫେବୃୟାରୀ ମାସ ଅର୍ଦ୍ଧେକ ଯାଇ ସାରିଲାଣି ଏ ପର୍ଯ୍ୟନ୍ତ ମନରେଗା କାମର ଶୁଭାରମ୍ଭ ହୋଇନାହିଁ। ଏପରିକି ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଗତବର୍ଷ ମନରେଗା ଯୋଜନାରେ କରିଥିବା କାମ ଗୁଡ଼ିକର ପାଉଣା ମଧ୍ୟ ମିଳିନି। ଏପରି ସ୍ଥିତିରେ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ମନରେଗା ଯୋଜନାରେ ଟଙ୍କା ନାହିଁ। ଆସିଲେ ଟଙ୍କା ପାଇବେ ବୋଲି କହିଛନ୍ତି। ଏ ସମ୍ପର୍କରେ କନ୍ଧମାଳ ବିଡିଓ ସାମି ଜୟଶ୍ରୀ ରେ‡ୀଙ୍କୁ ପଚାରିବାରୁ ଏହାର ପ୍ରସ୍ତାବ ସରକାରଙ୍କୁ ପଠା ଯାଇନାହିଁ ବୋଲି କହିଥିଲେ।

## ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହିତାଧିକାରୀ

**ଶଗଡ଼ା, ୧୪।୨(ସମିସ):** କନ୍ଧମାଳ ବ୍ଲକରେ ଅନେକ ଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ। ହିତାଧିକାରୀମାନେ ଆବେଦନ କରିବାକୁ ଅଧିକାଂଶ ସମୟରେ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି; ହେଲେ ଦୀର୍ଘ ବର୍ଷ ହେବ ଏହାର ସାଇଟ୍ ଖୋଲୁ ନ ଥିବାରୁ ଆବେଦନ କରି ପାରୁନାହାନ୍ତି।

# ଟସର ଚାଷ ଦେଇଛି ରୋଜଗାର

**ବୌଦ୍ଧ, ୧୪।୨(ସମିସ)**

ବୌଦ୍ଧ ଜିଲ୍ଲା ବାଗିଶୁଣି ଟସର ସମବାୟ ସମିତି ମାଧ୍ୟମରେ ପଲସାଗୋରା ପଞ୍ଚାୟତ ପରା ଗ୍ରାମର କିଛି ଚାଷୀ ଓ ଗୁଛାପଡ଼ା ପଞ୍ଚାୟତ ବିଜାପଦର ଅଞ୍ଚଳର କିଛି ଚାଷୀ ଟସର ଚାଷ କରି ରୋଜଗାର କରିବା ସହ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଟସର ପୋକ ଗୁଡିକ ଗଛର ପତ୍ର ଖାଇ ଟସର କୋଷା ପ୍ରସ୍ତୁତ କରନ୍ତି। ଏହି ଟସର କୋଷାରୁ ରେଶମ ସୂତା ପ୍ରସ୍ତୁତ ହୁଏ। ବୌଦ୍ଧ ଜିଲ୍ଲାର ପରା, ପାଞ୍ଚଖଣ୍ଡି, ବିଜାପଦର ଆଦି ଗାଁରେ ୩୦ରୁ ଅଧିକ ଚାଷୀ ଟସର ଚାଷ କରି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି। ବୌଦ୍ଧ ଜିଲ୍ଲାର ବାଗିଶୁଣି ଟସର ସମବାୟ ସମିତି ଜରିଆରେ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜରିଆରେ ପ୍ରଥମେ ଅସନ, ଅର୍ଜୁନ ଗଛ ଲଗା ଯାଇଥିଲା। ଗଛଗୁଡିକ ବଡ଼ ହେଲାପରେ ଏକ ହେକ୍ଟର ଜମିରେ ଜଣେ ଲେଖାଏଁ ଚାଷୀଙ୍କୁ ସୁରକ୍ଷା ଓ ରକ୍ଷଣାବେକ୍ଷଣା ଦାୟିତ୍ୱ ଦିଆଯାଇଛି। ଟସର ସମବାୟ ସମିତି ଜରିଆରେ ଚାଷୀଙ୍କୁ ପ୍ରଥମେ ଟସର ଅଣ୍ଡା ମାଗଣାରେ ଦିଆଯାଉଛି। ଏହା ଛଡା ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ମଧ୍ୟ ସମବାୟ ସମିତି ବହନ କରିଥାଏ। ଚାଷୀମାନେ ଅଣ୍ଡାରୁ ଟସର ପୋକ ବୃଦ୍ଧି କରନ୍ତି। ତାପରେ ପୋକକୁ ଗଛରେ ଛାଡି ଦିଆଯାଏ। ୩ମାସରେ ଗଛର ପତ୍ର ଖାଇ ଟସର ପୋକ କୋଷା ପ୍ରସ୍ତୁତ କରନ୍ତି। ସମ୍ପୂର୍ଣ୍ଣ ଚାଷ ପ୍ରକ୍ରିୟା ନିର୍ବାହ ନିମନ୍ତେ ଚାଷୀଙ୍କୁ ବୈଷୟିକ ସହାୟତା ଦେବାକୁ ଜଣେ ସହାୟକ ନିଯୁକ୍ତ ହୋଇଛନ୍ତି। ଚାଷୀ ଟସର କୋଷା ତୋଳି ସମବାୟ ସମିତି ମାଧ୍ୟମରେ ବିକ୍ରି କରୁଛନ୍ତି। ଟସର କୋଷା ଶୁଖିଯିବା ପରେ ଅଣ୍ଡା



ମୂଲ୍ୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବାଦ ଦିଆଯାଇ କୋଷାର ଗୁଣବତ୍ତା ଅନୁସାରେ ମୂଲ୍ୟ ନିର୍ଦ୍ଧାରଣ କରାଯାଏ। ଗୋଟିଏ ଅଣ୍ଡାରୁ ୩୫ରୁ ୪୦ଟି କୋଷା ସୃଷ୍ଟି ହୋଇଥାଏ। ସମସ୍ତ ଖର୍ଚ୍ଚ ବାଦ ଯାଇ କୋଷା ପ୍ରତି ୩ଟଙ୍କା ୪୦ ପଇସାରୁ ୩ଟଙ୍କା ୮୦ ପଇସା ମୂଲ୍ୟରେ ସମବାୟ ସମିତି ଚାଷୀଙ୍କଠାରୁ କିଣିଥାଏ। ବର୍ଷକୁ ୩ଥର ଏହି ଚାଷ ହେଉଥିବା ବେଳେ ଗତବର୍ଷ ତୁଳନାରେ ଚଳିତ ବର୍ଷ ଉତ୍ପାଦନ ବହୁତ ଭଲ ହୋଇଛି। ତେବେ ଚଳିତ ବର୍ଷ ଅମଳ ପ୍ରକ୍ରିୟା ଜାରି ରହିଥିବାରୁ ଯଦିଓ ଠିକ ଅମଳ ପରିମାଣ ଜଣାପଡ଼ିନାହିଁ ହେଲେ ଭଲ ଚାଷ ହୋଇଥିବାରୁ ଚାଷୀ ବେଶ ଖୁସି ଥିବା ଜଣାପଡ଼ିଛି। ସମବାୟ ସମିତି ମାଧ୍ୟମରେ ଚାଷୀ ଏହି ଟସର ବିକ୍ରି କରି ଏକାଉଣ୍ଟରେ ପଇସା ପାଉଥାନ୍ତି। ତେଣୁ ଉତ୍ପାଦିତ ଫସଲର ବିକ୍ରିବଟା ପାଇଁ କୌଣସି ଅସୁବିଧା ହୁଏ ନାହିଁ। ଅଳ୍ପ ପରିଶ୍ରମରେ ଅଧିକ ଲାଭ ହେଉଥିବାରୁ ଚାଷୀ ମଧ୍ୟ ବେଶ ଖୁସି ଥିବା ସ୍ଥଳେ ଅନେକ ସମୟରେ ପ୍ରତିକୂଳ ପାଗ ଓ ରୋଗପୋକ ଯୋଗୁଁ ଅମଳ ବହୁତ କମ ହୋଇଥାଏ। ତେଣୁ ଏହି ଚାଷ ପାଇଁ ଫସଲ ବୀମା ବ୍ୟବସ୍ଥା ହୋଇପାରିଲେ ସେମାନେ ଆହୁରି ଲାଭବାନ ହୋଇପାରିବେ ବୋଲି ଚାଷୀ ମାନେ ପ୍ରକାଶ କରିଛନ୍ତି।

## ନୂତନ ମେଡିକାଲ କଲେଜ ସ୍ୱାସ୍ଥ୍ୟସେବା ବର୍ଗରେ ବିବିଏମ୍‌ସିଏଚ୍‌କୁ ପୁରସ୍କାର

**ବଲାଙ୍ଗିର, ୧୪।୨(ସମିସ):** ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଉତ୍ତମ ସ୍ୱାସ୍ଥସେବା ପ୍ରଦାନରେ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ଯେଉଁଥିପାଇଁ ମେଡିକାଲ କଲେଜ ଓ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କାର ମଧ୍ୟ ପ୍ରଦାନ କରିଛନ୍ତି। ଚଳିତବର୍ଷ ରାଜ୍ୟରେ ଥିବା ଡାକ୍ତରଖାନା ମାନଙ୍କରେ ଦିଆଯାଉଥିବା ସ୍ୱାସ୍ଥ୍ୟସେବାକୁ ନେଇ ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିପାଇଁ ସ୍ୱତନ୍ତ୍ର ଟିମ ଦ୍ୱାରା ଯାଞ୍ଚ କରାଯିବା ପରେ ମନୋନୀତ ହୋଇଥିବା ଡାକ୍ତରଖାନା ମାନଙ୍କୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ଏହିକ୍ରମରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ନୂତନ ଭାବେ ପ୍ରତିଷ୍ଠିତ ମେଡିକାଲ କଲେଜ ଓ ଡାକ୍ତରଖାନା ବର୍ଗରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ଡାକ୍ତରଖାନା ଅଧୀକ୍ଷିକା ଗ୍ରହଣ କରିଥିବା ବେଳେ ଏଥିପାଇଁ ସେ ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ଅର୍ଥାଭାବ; ହୋଇପାରୁ ନି ଚିକିତ୍ସା

**ଶଗଡ଼ା, ୧୪।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ବଡ଼ଦେହୁରୀପାଲି ଗ୍ରାମର ଅଷ୍ଟମ ମଲ୍ଲିକ (୩୫) ରୋଗରେ ଶଯ୍ୟାଶାୟୀ। ଅର୍ଥାଭାବରୁ ତାଙ୍କ ଚିକିତ୍ସା ହୋଇପାରୁ ନାହିଁ। ତାଙ୍କର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଖରାପ। ସେ ୬ ମାସ ହେଲାଣି ରୋଗରେ ଆକ୍ରାନ୍ତ। ବଲାଙ୍ଗୀର, ସୋନପୁର, ବୁର୍ଲା ଆଦି ଡାକ୍ତରଖାନକୁ ଯାଇ ଚିକିତ୍ସିତ ହୋଇଥିଲେ; ହେଲେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା। ଯାହା ସମ୍ପତ୍ତି ଥିଲା ସବୁ ଚିକିତ୍ସାରେ ଖର୍ଚ୍ଚ କରି ସାରିଲେଣି; ହେଲେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିବର୍ତ୍ତେ ଆହୁରି ଦେହ ଖରାପ ହେବାରେ ଲାଗିଛି।



## ଯାଦବ ଭବନରେ ଚକ୍ଷୁ ଶିବିର

**ବଲାଙ୍ଗି,୧୪।୨(ସମିସ):** ବଲାଙ୍ଗିର ଯାଦବ ଭବନରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ହୋଇଯାଇଛି। ପୌରାଞ୍ଚଳ ଯାଦବ ମହାସଭା ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ବୀରମହାରାଜପୁର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ପୌରାଞ୍ଚଳ ସଭାପତି ସନ୍ଦୀପ ବାଗ ଉଦଘାଟନ କରିଥିଲେ। ଶିବିରରେ ୮୦ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୩୫ଜଣ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟକୁ ନିଆଯାଇଛି। ନେତ୍ର ଚିକିତ୍ସାଳୟର ସୁଜିତ ଥପା, ଲୋପମୁଦ୍ରା ଭୋଇ, ବିଜୟଲକ୍ଷ୍ମୀ ପଣ୍ଡା, ପୌରାଞ୍ଚଳ ଉପଦେଷ୍ଟା ପଙ୍କଜ ସେଲମା, ଦିଗାମ୍ବର ମାଝୀ, ସମ୍ପାଦକ ବସନ୍ତ ଷଣ୍ଡ, କୋଷାଧକ୍ଷ ବାସୁଦେବ ନାଗ, ଦୟାସାଗର ବଗର୍ତ୍ତୀ, ସନ୍ତୋଷ ବଗର୍ତ୍ତୀ, ବିଜୟ ବାଗ, ଈଶ୍ୱର ବାଗ, ଦିଲୀପ ବଗର୍ତ୍ତୀ, କୃଷ୍ଣ ଚନ୍ଦନ, ଜୟଦେବ ଜାଲ, ଆର୍ତ୍ତତ୍ରାଣ ବାଗ, ରଞ୍ଜନ ବଗର୍ତ୍ତୀ, ଦେବରାଜ ନାଗ, ଖୁସିରାମ ଦୀପ, ମାଲୁ ଷଣ୍ଡ ସହଯୋଗ କରିଥିଲେ।

## ଆଦିବାସୀ ସଂଘ ସଭାପତିଙ୍କ ମାତୃ ବିୟୋଗ

**ଡୁଙ୍ଗୁରିପାଲି, ୧୪।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଯୋଗେନ୍ଦ୍ର ଭୋଇ ଙ୍କ ମା' ଇନ୍ଦୁମତି ଭୋଇଙ୍କ ୯୦ ବର୍ଷ ବୟସରେ ଡୁଙ୍ଗୁରିପାଲି ବ୍ଲକ ସମଲାଇଟୁଆଁ ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ବଡ଼ ପୁଅ ଯୋଗେନ୍ଦ୍ର ଭୋଇ ମୁଖାଗ୍ନି ଦେଇଥିଲେ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

**ବିନିକା, ୧୪।୨(ସମିସ):** ବିନିକାର ପର୍ଯ୍ୟଟନ ସ୍ଥଳ ପାପକ୍ଷୟରେ ନିର୍ମାଣ ହୋଇଥିବା ପ୍ରଭୁ ଜଗନ୍ନାଥଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ ପୀଠ ପରିସର ଶ୍ରଦ୍ଧାଳୁଙ୍କ ସମାଗମରେ ଉତ୍ସବ ମୁଖର ହୋଇଛି। ଅଞ୍ଚଳବାସୀଙ୍କ ଆର୍ଥିକ ସହଯୋଗ ଓ କିଛି ପରିମାଣରେ ସରକାରୀ ଅନୁଦାନ ପ୍ରଦାନ ପରେ ଏହି ବିରାଟ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଚଳିତ ମାସ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ପର୍ଯ୍ୟଟନ ସ୍ଥଳରେ ପ୍ରଭୁ ଶିବ ପାର୍ବତୀ, ହନୁମାନ ଓ ରାଧାକୃଷ୍ଣ ମନ୍ଦିର ରହିଛି। ଏଣିକି ଜଗତର ନାଥ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ମଧ୍ୟ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଦର୍ଶନ କରିବାର ସୁଯୋଗ ପାଇବେ। ତେବେ ପ୍ରତିଷ୍ଠା ଉତ୍ସବର ପ୍ରାରମ୍ଭରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅଞ୍ଚଳର ଶତାଧିକ ମହିଳାଙ୍କ ସମାବେଶ ହୋଇଥିଲା। ଏକ ବିରାଟ ଶୋଭାଯାତ୍ରାରେ



ପୂଜା କର୍ତ୍ତାଙ୍କ ସହ ପୁରୁଷ ଓ ମହିଳା ଭକ୍ତମାନେ ମହାନଦୀକୁ ଯାଇ ଜଳ ସଂଗ୍ରହ କରିଥିଲେ। ଶୋଭାଯାତ୍ରାରେ ଘଣ୍ଟ, ଶଙ୍ଖ, ହୁଳହୁଳି ସହ ଭକ୍ତଙ୍କ ଜୟ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। କଳସ ଧରି ଶୋଭାଯାତ୍ରାକାରୀ ମନ୍ଦିରରେ ପହଞ୍ଚିବା ପରେ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୫୬ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ବିଭିନ୍ନ ଦିବସରେ ରାମାୟଣ ପାରାୟଣ, ବିଷ୍ଣୁ ସହସ୍ର ନାମ, ସୁନ୍ଦରାକାଣ୍ଡ ପାରାୟଣ, ଗୋପାଳ ସହସ୍ର ନାମ, ଦେବଗଣଙ୍କ ପ୍ରାଣ ପ୍ରତିଷ୍ଠା, ଅନନ୍ତ ମୁଖି ପଠନ, ବିଗ୍ରହଙ୍କ ମଣ୍ଡପେ ପୂଜାବିଧି, ଶିଖରରେ କଳସ, ସ୍ଥାପନ, ଧ୍ୱଜା ରୋହଣ, ମନ୍ଦିର ପ୍ରତିଷ୍ଠା, ବିଗ୍ରହଙ୍କ ସିଂହାସନ ରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ରାସ୍ତା ମଝିରେ ଗାତ

**ଗଣ୍ଡାବାହାଲି/ଖଡ଼ିଆଳ, ୧୪।୨(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଏନଏସିର ୱାର୍ଡ ନଂ ୮ କାଲି ଛକରୁ ରାଜା ପଡ଼ାକୁ ସଂଯୋଗ କରୁଥିବା ବ୍ୟସ୍ତ ବହୁଳ ରାସ୍ତା ଉପରେ ବିପଦ ପୂର୍ଣ୍ଣ ଗର୍ତ୍ତ ନେଇ ସାଧରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଖଡ଼ିଆଳ ସହରର ମୁଖ୍ୟ ରାସ୍ତା। ସହର ବ୍ୟସ୍ତ ବହୁଳ ଥିବା ବେଳେ ଏହି ରାସ୍ତାକୁ ବାଇପାସ ରାସ୍ତା ଭାବରେ ଲୋକେ ବ୍ୟବହାର କରନ୍ତି। ଏହା ଫଳରେ ସବୁବେଳେ ଏହି ରାସ୍ତା ବ୍ୟସ୍ତ ରହେ। ଅନ୍ୟ ପକ୍ଷରେ ରାସ୍ତା ପାର୍ଶ୍ୱରେ ବାଳକ ମଧ୍ୟ ଇଂରାଜୀ ବିଦ୍ୟାଳୟ ଥିବାରୁ ଏଠାରେ ବିଦ୍ୟାଳୟର ଦୁଇ ଶହରୁ ଅଧିକ ଛାତ୍ରଛାତ୍ରୀ ଏହି ରାସ୍ତା ଉପରେ ନିର୍ଭର କରି ବିଦ୍ୟାଳୟକୁ ଆସନ୍ତି; ହେଲେ ରାସ୍ତାର ବଡ ଗର୍ତ୍ତ ଥିବା ଯୋଗୁଁ ଛାତ୍ରଛାତ୍ରୀ ସବୁବେଳେ ବିପଦରେ ଯିବା ଆସିବା କରୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନେକ ଦିନରୁ ଏହି ମୁଖ୍ୟ ରାସ୍ତାରେ ବିପଦ ଅବସ୍ଥାରେ ଏକ ବଡ଼ ଗାତ ରହିଥିବାରୁ ଯିବା ଆସିବାରେ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ଅଧିକାରୀ, ଏନଏସି ଅଧିକାରୀ ଯିବା ଆସିବା କରୁଥିଲେ ମଧ୍ୟ ଧ୍ୟାନ ଦେଉନାହାନ୍ତି।



# ଶିଶୁଙ୍କ ସୁରକ୍ଷା, ଯତ୍ନ, ଅଧିକାର ସମ୍ପର୍କିତ ସଚେତନତା

**ବଲାଙ୍ଗିର, ୧୪।୨(ସମିସ):** ଲୋଇସିଂହା ବ୍ଲକର ସମନ୍ୱିତ ସଭାଗୃହଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଶିଶୁ ସୁରକ୍ଷା, ଯତ୍ନ, ଅଧିକାର, ବେଟି ବଚାଓ ବେଟି ପଢାଓ, ପୋକ୍ସୋ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ଲୋଇସିଂହା ବ୍ଲକ୍ ଅତିରିକ୍ତ ତହସିଲଦାର ଆଶିସା ବାଗ ଯୋଗ ଦେଇଥିଲେ। ଅତିଥି ଭାବେ ଲୋଇସିଂହା ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗାୟତ୍ରୀ ବାରିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ତରଫରୁ ଜିଲ୍ଲା ସଂଯୋଜକ ସନ୍ଧ୍ୟାରାଣି ପତି ଅଦ୍ୱିକା ଯୋଜନା ଉପରେ ଜଣାଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି କନ୍ୟା ସନ୍ତାନର ମୂଲ୍ୟବୋଧ ବୃଦ୍ଧି ଏବଂ ଶିକ୍ଷା ସଶକ୍ତିକରଣ କରାଇବା, ପୋଷ୍ୟ ସନ୍ତାନ ଗ୍ରହଣ, କିଶୋର ନ୍ୟାୟ ଆଇନ, ପୁତ୍ର ସନ୍ତାନ ପ୍ରାଧାନ୍ୟ ଓ ଲିଙ୍ଗ ନିରୂପଣ ନିମିତ୍ତ ଥିବା ବିଧି ଉପରେ ଜଣାଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆସ ମଞ୍ଚ ପରିଚାଳନା କରିଥିଲେ।



## ଭୀମଭୋଇ ଡାକ୍ତରଖାନାରେ ଖାଦ୍ୟ ବଣ୍ଟନ

**ବଲାଙ୍ଗିର, ୧୪।୨(ସମିସ):** ବଲାଙ୍ଗିର ଜିଲ୍ଲା ୮୪ ଘର ଅଘରିଆ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଭୀମଭୋଇ ଡାକ୍ତରଖାନା ରକ୍ତଭଣ୍ଡାର ସମ୍ମୁଖରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ସରସ୍ୱତୀ ପୂଜା ଉପଲକ୍ଷେ ଖାଦ୍ୟ ବଣ୍ଟନ କାର୍ଯକ୍ରମ କରାଯାଇଛି। ଉପଦେଷ୍ଟାମଣ୍ଡଳୀ, କେନ୍ଦ୍ର କାର୍ଯ୍ୟକର୍ତ୍ତା, ମଣ୍ଡଳ ସଭାପତି ଓ କର୍ମକର୍ତ୍ତା, ଗୁଡ଼ି ସଭାପତି ଓ କର୍ମକର୍ତ୍ତା ସମେତ ଯୁବାମଞ୍ଚ, କୃଷକ ମଞ୍ଚ, ନିର୍ମାଣ କମିଟି, ପୁସ୍ତକ କମିଟି, ଶିକ୍ଷା କମିଟି ସହ ଗ୍ରାମ୍ୟ କମିଟି ଯୋଗ ଦେଇଥିଲେ। ହଜାର ସଂଖ୍ୟାରେ ଆସି ରୋଗୀ ଓ ସମ୍ପର୍କୀୟ ସୁଯୋଗ ପାଇଥିଲେ। ଏହା ପୂର୍ବରୁ ମଧ୍ୟ ସମାଜ ତରଫରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୪୧୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଟ୍ରଷ୍ଟର ମଙ୍ଗ ଧରିଛନ୍ତି ସଭାପତି ଶୁଭ୍ରାଂଶୁ ଶେଖର ପଟେଲ। ମଲମଣ୍ଡା ଯୁବବର୍ଗ ସମେତ ଅନେକ ଯୁବବନ୍ଧୁ ସହଯୋଗ କରିଥିଲେ।

# ଖୋଲାନରେ 'ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୧୪।୨(ସମିସ)**

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଖୋଲାନଠାରେ ଅନୁଷ୍ଠିତ ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମିଶନ ଶକ୍ତି, ଲକ୍ଷ୍ମୀ ବସ, ମୋ ସ୍କୁଟି ଆଦି ଅନେକ ଯୋଜନାର ସୁଫଳ ବିଷୟରେ ଲୋକଙ୍କ ସଚେତନ କରିଥିଲେ। ମନ୍ତ୍ରୀ ରାସନ କାର୍ଡ ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ସହ ଝୋଟ ବ୍ୟାଗ ବଣ୍ଟନ ଯୋଜନାର ଶୁଭାରମ୍ଭ କରିଥିଲେ। ସରପଞ୍ଚ ନରେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ନାୟକ ଯୋଗ ଦେଇଥିଲେ। ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ଉପାଧ୍ୟକ୍ଷା ଜଗତରାମ ରଣା, ଜିଲ୍ଲା ପରିଷଦ ସଭ୍ୟା ଗିତା ବିଶି, ସଞ୍ଜୟ ବେହେରା, ବ୍ଲକ ସହକାରି ନିର୍ବାହୀଯନ୍ତ୍ରୀ ଶିବାନି ପ୍ରଧାନ, ଖୋଲାନ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଭାତଚନ୍ଦ୍ର ରଥ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୀବ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସରପଞ୍ଚ ପୁଷ୍ପା ମହାନନ୍ଦ, ଯମୁନା ମହାନନ୍ଦ, ଧ୍ରୁବ ସାହୁ, କୃଷ୍ଣଚନ୍ଦ୍ର ହାତୀ, ମୁନିରାମ ଖର୍ସେଲ, ମଣ୍ଟୁ ବାଗ, ବୁଲୁ ମହାନନ୍ଦ, ବଲରାମ ଘିବେଲା, ପ୍ରକାଶ ମହାନନ୍ଦ ଦେବରାଜ ବିଶି, କୁଳମଣୀ ବେହେରା, କ୍ଷମା ଭୁଆଁ, ସନିଆଁ ନାଏକ, ରଞ୍ଜନ ବୁବେଲ, ମନୋଜ ଗୌଡ, ସଙ୍ଗିତ ପାଣିଗ୍ରାହୀ, ଗିରି ଗୌଡ, ପ୍ରଶାନ୍ତ ରାଉତ, ରୋହନ ଗୌଡ, ଗୁଜ୍ଜୁ ଭୁଆଁ, ସଚିନ ଛତର, ରୁପେଶ ରାଜୁ, ସୁରେଶ ରଣା ଉପସ୍ଥିତ ଥିଲେ। ଜିଆରଏସ ଶକ୍ତିଶ୍ୱର ମୁଗ୍ରୀ ଅତିଥି ପରିଚୟ, ଶିକ୍ଷକ ବିଶ୍ୱନାଥ ମିଶ୍ର ସଭା ପରିଚାଳନା ତଥା ପଞ୍ଚାୟତ ନିର୍ବାହି ଅଧିକାରୀ ସୁରେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ଧବଳେଶ୍ୱର ପୀଠରେ ମହାଶିବରାତ୍ରୀ ଜାଗର ପ୍ରସ୍ତୁତି

**ଟିଟିଲାଗଡ଼, ୧୪।୨ (ସମିସ):** କୁମୁଡା ପାହାଡ଼ରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀଧବଳେଶ୍ୱର ବାବାଙ୍କ ପୀଠରେ ମହାଶିବରାତ୍ରୀର ଜାଗର ଯାତ୍ରା ଆସନ୍ତା ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଧୂମଧାମରେ ପାଳନ କରାଯିବ। ଟିଟିଲାଗଡ଼ ବାଳକ ଉଚ୍ଚ ବିଦ୍ୟାଳୟରେ ମହାଶିବରାତ୍ରି ଜାଗର ଯାତ୍ରା ଆୟୋଜନ ନିମନ୍ତେ ଉପଜିଲ୍ଲାପାଳ ରେହାନ କ୍ଷେତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ତଥା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଭକ୍ତଙ୍କ ପାଇଁ ପାନୀୟଜଳ, ଭ୍ରାମ୍ୟମାଣ ଶୌଚାଳୟ, ପୀଠର ପରିଷ୍କାର ପରିଚ୍ଛନ୍ନତା, ନିରନ୍ତର ବିଦ୍ୟୁତ ସରବରାହ, ଆଶୁଚିକିତ୍ସା ବ୍ୟବସ୍ଥା ଓ ଆମ୍ବୁଲାନ୍ସ ମୁତୟନ, ଅଗ୍ନି ନିର୍ବାପନ, ଯାନବାହନ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଭକ୍ତମାନଙ୍କ ସୁରକ୍ଷା ଆଦି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ପୌରାଧ୍ୟକ୍ଷା ମମତାଦେବୀ ଜୈନ, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରି ଜାଲ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷିକା ଅଙ୍କିତା କୁମ୍ଭାର, ଭବାନୀ ପ୍ରସାଦ ହୋତା, ପ୍ରଶାନ୍ତ ଷଡଙ୍ଗୀ, ସଭାପତି ଓକିଲ ସଂଘ କୃଷ୍ଣଚନ୍ଦ୍ର ସାହୁ, ଅତିରିକ୍ତ ତହସିଲଦାର, ଶକୁନ୍ତଳା ହଂସଦାହ, ଅବକାରୀ ଅଧିକାରୀ, ଆଶିଷ ବେହେରା, ଅଗ୍ନିସେବା ଅଧିକାରୀ, ରାଧେଶ୍ୟାମ ବାରିକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ସହକାରୀ ନିର୍ବାହୀ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ, ଜୟାନନ୍ଦ ଜଗତ, ପ୍ରଶାନ୍ତ ଷଡଙ୍ଗୀ, ସଚିଦାନନ୍ଦ ସୁବୁଦ୍ଧି, ପ୍ରେମଚନ୍ଦ ଜୈନ, କମଭୂପାଣି ପାଢୀ, ଅଲେଖ ଦଳବେହେରା, ଗୋବର୍ଦ୍ଧନ ନାଗ, କୃଷ୍ଣଚନ୍ଦ୍ର ସରାଫ, ଧବଳେଶ୍ୱର ଦଳବେହେରା, ରାଜେନ୍ଦ୍ର ନାରାୟଣ ମିଶ୍ର, ପଙ୍କଜ ପାଢୀ, ଅରୁଣ ମିଶ୍ର ସମେତ ସେବାୟତ ଉପସ୍ଥିତ ଥିଲେ ।

## ଆଜିର ରାଶିଫଳ

**ମେଷ:** ସମ୍ପର୍କୀୟଙ୍କ ସହଯୋଗ ରହିବ। ବ୍ୟବସାୟ ଆଗକୁ ବଢ଼ାଇବେ। ଧନପ୍ରାପ୍ତି ଯୋଗ ଅଛି। ସମୟର ସଦୁପଯୋଗ କରିବେ। ଆୟ ଓ ବ୍ୟୟ ସମାନ ରହିବ। ମହିଳା ମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**ବୃଷ:** କର୍ମକ୍ଷେତ୍ରରେ ସମସ୍ୟା ଉପୁଜିପାରେ। ଅନ୍ୟ ଉପରେ ଭରସା କରି ହଇରାଣରେ ପଡ଼ିପାରନ୍ତି। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମିଥୁନ:** ଆଶା କରିଥିବା ଦିଗରୁ ଟଙ୍କା ମିଳିବ। ଅଟକି ରହିଥିବା କାର୍ଯ୍ୟ ଆରମ୍ଭ କରିବେ। ପ୍ରେମ ବ୍ୟାପାରରେ ସଫଳ ହେବେ। ଦୂର ଯାତ୍ରା ଯୋଗ ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

**ସିଂହ:** ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ା ପାଇଁ ବ୍ୟସ୍ତବିବ୍ରତ ହେବେ । ସମାଜସେବାରେ ସମୟ ଦେବେ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହେବେ।

**କନ୍ୟା:** ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ।

**ତୁଳା:** ପଡ଼ୋଶୀଙ୍କଠାରୁ ବିବାଦରୁ ଦୂରେଇ ରୁହନ୍ତୁ। ରାଜନୀତିରେ ସାମିଲ ହୋଇପାରନ୍ତି। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବିଛା:** ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ। ମହିଳାମାନେ ଧାର୍ମିକ ସମାବେଶରେ ଯୋଗ ଦେବେ। ଜୀବନସାଥୀଙ୍କୁ ଦାମୀ ଉପହାର ଦେଇପାରନ୍ତି। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉତ୍ପନ୍ନ ହେବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଭଲ ସମୟ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କୁମ୍ଭ:** ବ୍ୟକ୍ତିଗତ ମାମଲାକୁ ଅନ୍ୟମାନଙ୍କ ଆଗେ ପରିପ୍ରକାଶ କରନ୍ତୁ ନାହିଁ। ଠକାମିର ଶିକାର ହେବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ରାଜନୀତିରେ ଯୋଗ ଦେବେ। ଜୀବନସାଥୀଙ୍କୁ ମନକଥା କହିବେ। ଇଚ୍ଛା ପୂରଣ ହେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ହେବେ। ମନୋରଞ୍ଜନରେ ଆବଶ୍ୟକତାଠୁ ଅଧିକ ଖର୍ଚ୍ଚ କରିବେ।

## ଆଜିର ଇତିହାସ

- ୧୮୬୯- ପ୍ରସିଦ୍ଧ ଉର୍ଦ୍ଦୁ କବି ମିର୍ଜା ଗାଲିବଙ୍କ ଦେହାନ୍ତ।
- ୧୯୦୬- ବ୍ରିଟେନରେ ଲେବର ପାର୍ଟିର ସ୍ଥାପନା।
- ୧୯୬୭- ଭାରତରେ ଚତୁର୍ଥ ଲୋକସଭା ନିର୍ବାଚନ ଆରମ୍ଭ ହେଲା।
- ୧୯୯୧-ଇରାକ୍ କୁଏତ୍‌ରୁ ହଟିବା ପାଇଁ ଘୋଷଣା କଲା।
- ୨୦୦୦- ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ବି.ଆର୍. ଚୋପ୍ରାଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଗଲା।

# ଆସିବ 'ବାବର୍ଚି'ର ରିମେକ୍



ବଲିଉଡ୍‌ରେ ଏବେ ରିମେକ୍ ଟ୍ରେଣ୍ଡ ଚାଲିଛି। ବଲିଉଡ୍‌ର ଦିବଂଗତ ଅଭିନେତା ରାଜେଶ ଖାନ୍ନା, ଜୟା ବଚ୍ଚନ ଓ ଆସରାନିଙ୍କ ଅଭିନୀତ ଫିଲ୍ମ 'ବାବର୍ଚି'ର ରିମେକ୍ ହେବ। 'ମିସେସ୍ ଅଣ୍ଡରକଭର୍'ର ନିର୍ଦ୍ଦେଶନା ଦେଇଥିବା ଅନୁଶ୍ରୀ ମେହେଟା ଏହାର ନିର୍ଦ୍ଦେଶନା ଦେବେ। ହୃଷୀକେଶ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୧୯୭୨ରେ ରିଲିଜ୍ ହୋଇଥିଲା। ଏବେ ଅନୁଶ୍ରୀ ଏହି କମେଡି ଡ୍ରାମାକୁ ପୁଣି ଥରେ ବଡ଼ ପରଦାକୁ ଆଣିବାକୁ ଚେଷ୍ଟା ଚଳାଇଛନ୍ତି। ସେ ଏହାର କାହାଣୀ ଲେଖି ସାରିଥିବା ଜଣାପଡ଼ିଛି। କିନ୍ତୁ ଏଯାବତ୍ ଫିଲ୍ମର କଳାକାର ଫାଇନାଲ କରାଯାଇ ନାହିଁ। ବହୁତ ଜଲ୍ଦି କଳାକାରଙ୍କ ସମ୍ପର୍କରେ ଘୋଷଣା କରାଯିବ ବୋଲି ଅନୁଶ୍ରୀ କହିଛନ୍ତି। ଅନୁଶ୍ରୀ ଯାଦୁଗର ଫିଲ୍ମସ୍ ଓ ସମୀର ରାଜ୍ ସିପ୍ପି ପ୍ରଯୋଜନା ସହ ମିଶି ତିନୋଟି କ୍ଲାସିକ୍ ଫିଲ୍ମର ରିମେକ୍ କରିବେ। ତନ୍ମଧ୍ୟରେ 'ବାବର୍ଚି', 'ମିଲି' ଓ 'ଖାମୋସି' ରହିଛି।

# ପ୍ରସାଦରେ ଚଢ଼େ ଘଣ୍ଟା।



ପ୍ରତ୍ୟେକ ମନ୍ଦିରରେ ଦେବଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ବିଧି ରହିଥାଏ। ସାଧାରଣତଃ ମନ୍ଦିରରେ ଶ୍ରଦ୍ଧାଳୁ ଫଳମୂଳ, ମିଠା ଆଦି ଭୋଗ ଲାଗି କରିଥାନ୍ତି। ହେଲେ ଉତ୍ତରପ୍ରଦେଶ, ଜୋନପୁର ନିକଟସ୍ଥ ଏକ ଗାଁରେ ଏମିତି ଏକ ମନ୍ଦିର ରହିଛି, ଯେଉଁଠି ଭଗବାନଙ୍କୁ ଘଣ୍ଟା ଲାଗି ହୁଏ। ଏହି ମନ୍ଦିରଟି ବ୍ରହ୍ମା ବାବା ମନ୍ଦିର ନାଁରେ ଜଣାଶୁଣା। ତେବେ ମନ୍ଦିରରେ ଘଣ୍ଟା ପ୍ରସାଦ ଲାଗି ହେବା ପଛରେ ଭକ୍ତଙ୍କ ବିଶ୍ୱାସ ଯୋଡ଼ି ରହିଛି। ମାନ୍ୟତା ରହିଛି ଯେ, ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଘଣ୍ଟା ଲାଗି କରିବା ଦ୍ୱାରା କୌଣସି ପ୍ରକାର ଦୁର୍ଘଟଣା ଘଟି ନ ଥାଏ। ଏହାବାଦ୍ ଲୋକଙ୍କର ଖରାପ ସମୟ ଟଳିଯାଏ। ଏହି ମନ୍ଦିରର ଏହି ପରମ୍ପରା ପ୍ରାୟ ୩୦ ବର୍ଷ ପୁରୁଣା। ମନ୍ଦିରରେ ଘଣ୍ଟା ଦେବା ଯୋଗୁଁ ଏହି ମନ୍ଦିରକୁ ଲୋକେ 'ଘଡ଼ି ବାବା' ମନ୍ଦିର ବୋଲି ଜାଣନ୍ତି। ତେବେ ଏନେଇ ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏକଦା ବ୍ରହ୍ମା ବାବା ମନ୍ଦିରରେ ଜଣେ ବ୍ୟକ୍ତି ମନସ୍କାମନା କରିଥିଲେ। ଭଗବାନଙ୍କ ଆଶୀର୍ବାଦରୁ ବ୍ୟକ୍ତି ଜଣକ ଭଲ ଗାଡ଼ିଚାଳକ ହେବା ପରେ ସେ ମନ୍ଦିରକୁ ଘଣ୍ଟା ପ୍ରଦାନ କରିଥିଲେ। ତେଣୁ ଏ ବିଷୟରେ ସ୍ଥାନୀୟ ଲୋକ ଜାଣି ମନୋବାଞ୍ଛା ପୂରଣ ପରେ ମନ୍ଦିରରେ ଘଣ୍ଟା ପ୍ରଦାନ କଲେ। ସେବେଠୁ ଏହି ପରମ୍ପରା ଚାଲି ଆସୁଛି। ମନ୍ଦିର ପ୍ରତି ଲୋକଙ୍କ ଏତେ ବିଶ୍ୱାସ ରହିଛି ଯେ, ମନସ୍କାମନା ପୂର୍ଣ୍ଣ ପାଇଁ ଘଣ୍ଟା ଚଢ଼ାଇବାକୁ ବହୁ ଦୂରଦୂରାନ୍ତରୁ ଆସିଥାନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭକ୍ତଙ୍କ ଦ୍ୱାରା ମନ୍ଦିରକୁ ଦିଆଯାଉଥିବା ଘଣ୍ଟାକୁ କେହି ଚୋରି ମଧ୍ୟ କରନ୍ତିନି। ବର୍ଷକ ବାରମାସ ଏଠାରେ ଭକ୍ତଙ୍କ ଚଳପ୍ରଚଳ ଲାଗିଥାଏ।

### ଆଜି ଆସିଥିଲେ

# ସାରସ୍ୱତ ସାଧକ ରାମକୃଷ୍ଣ ନନ୍ଦ



ଆମ ରାଜ୍ୟର ଅଧିକାଂଶ ବିଦ୍ୟାଳୟଗୁଡ଼ିକରେ ପ୍ରାର୍ଥନା ଭାବେ ବୋଲା ହେଉଥିବା "ଆହେ ଦୟାମୟ ବିଶ୍ୱବିହାରୀ..." ଗୀତର ସ୍ରଷ୍ଟା ଥିଲେ ପ୍ରଖ୍ୟାତ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦ। ସେ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଧରି ଶିଶୁ କବିତା, ଗଳ୍ପ, ବିଜ୍ଞାନ ଭିତ୍ତିକ କାହାଣୀ, ଜୀବନୀ, ପ୍ରବନ୍ଧ ଓ ପାଠ୍ୟପୁସ୍ତକ ରଚନା ସାଙ୍ଗକୁ ସମ୍ପାଦନା, ସଂକଳନ, ଶିକ୍ଷକତା ମାଧ୍ୟମରେ ଓଡ଼ିଆ ସାହିତ୍ୟ ଇତିହାସରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇପାରିଥିଲେ। ୧୯୩୩ ମସିହାରେ ରାମକୃଷ୍ଣ "ଆହେ ଦୟାମୟ ବିଶ୍ୱବିହାରୀ" କାଳଜୟୀ ଗୀତଟି ଲେଖିଥିଲେ। ସେତେବେଳେ ସେ ବାରିପଦାରେ ଶିକ୍ଷକତା କରୁଥିଲେ। ତାଙ୍କର ଏହି ଗୀତଟି ଏତେ ସରଳ ଓ ହୃଦୟସ୍ପର୍ଶୀ ଥିଲା ଯେ, ସେତେବେଳେ ଏହା ଓଡ଼ିଶାର ପ୍ରାୟ ସମସ୍ତ ସ୍କୁଲରେ ପ୍ରାର୍ଥନା ଭାବେ ବୋଲାହେଲା। ୧୯୦୬ ମସିହା ଆଜିର ଦିନରେ କଟକ ଜିଲ୍ଲା ଗୋବିନ୍ଦପୁର ଅଞ୍ଚଳର ବାଇରୋଇରେ ଜନ୍ମଗ୍ରହଣ କରିଥିଲେ ରାମକୃଷ୍ଣ ନନ୍ଦ। ତାଙ୍କ ପିତା ମଧୁସୂଦନ ନନ୍ଦ ଓ ମାତା ଲକ୍ଷ୍ମୀଦେବୀ। କଣ୍ଟାପଡ଼ାରେ ପ୍ରାଥମିକ ଶିକ୍ଷା ଗ୍ରହଣ ପରେ ସେ କଟକର ରେଭେନ୍‌ସା କଲିଜିଏଟ୍ ସ୍କୁଲ୍‌ରେ ପଢ଼ିଥିଲେ। ଏହି ସମୟରେ ବିଦ୍ୟାଳୟ ପକ୍ଷରୁ ପ୍ରକାଶ ପାଉଥିବା 'ଚନ୍ଦ୍ରିକା' ପତ୍ରିକାରେ ତାଙ୍କର ପ୍ରଥମ କବିତା ପ୍ରକାଶ ପାଇଥିଲା। ରେଭେନ୍ସାରେ ପଢୁଥିବା ସମୟରେ ମହାତ୍ମାଗାନ୍ଧୀ ଓ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ରାମକୃଷ୍ଣ ଅସହଯୋଗ ଆନ୍ଦୋଳନରେ ଯୋଗଦେଇଥିଲେ। ଗୋପବନ୍ଧୁ ଚୌଧୁରୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ଅଳକାଶ୍ରମ'ରେ ସେ କିଛି ଦିନ କାଟିବା ପରେ ଘରର ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ଶିକ୍ଷକତା ଆରମ୍ଭ କରିଥିଲେ। କଟକ ଜିଲ୍ଲାର ବାଙ୍କୀ ସ୍କୁଲରେ ତାଙ୍କୁ ନିଯୁକ୍ତି ମିଳିଥିଲା। ମାଟ୍ରିକ୍ ପାସ୍ କରିବା ପରେ ସେ ବିବାହ କରି ପୁଣି ଚାକିରି ଛାଡ଼ି ପାଠ ପଢ଼ିଥିଲେ, କିନ୍ତୁ ପୁଣି ଥରେ ପାଠ ଛାଡ଼ିବାକୁ ପଡ଼ିଥିଲା। ୧୯୫୧ ମସିହାରେ ଓଡ଼ିଆ ଶିଶୁ ସାହିତ୍ୟରେ ଏକ ଉପଯୁକ୍ତ ପତ୍ରିକାର ଆବଶ୍ୟକତା କରି ସେ 'ସଂସାର' ପତ୍ରିକା ପ୍ରକାଶ କରିଥିଲେ। ତାଙ୍କ ଲିଖିତ 'ସାହିତ୍ୟ ସୋପାନ' ଓ 'ସାହିତ୍ୟ ବୋଧ' ବହି ରାଜ୍ୟର ସମସ୍ତ ସ୍କୁଲ୍‌ରେ ପ୍ରଚଳିତ ଥିଲା। ରାମକୃଷ୍ଣ ଶତାଧିକ ପୁସ୍ତକ ରଚନା କରିଥିଲେ। ତାଙ୍କ ଲିଖିତ ପୁସ୍ତକ ମଧ୍ୟରୁ 'ସୁବର୍ଣ୍ଣ ସେଓ', 'ମରଣ ଦୋଳି', 'ସାଗର କନ୍ୟା', 'ସୁନା ପାହାଚ', 'ରତ୍ନ ପାଖୁଡ଼ା', 'ତୁଳସୀ ଦାସ', 'ପ୍ରତିଧ୍ୱନି', 'ସଂଗ୍ରାମ ଓ ସାଧନା', 'ବିଜ୍ଞାନ କୁହୁକ', 'ଆମ ବଣ ଜଙ୍ଗଲ କଥା', 'ଲେଖନୀର ପାଠଶାଳା', 'ଅଦେଖା ବଣର ଫୁଲ' ପ୍ରଭୃତି ଉଲ୍ଲେଖନୀୟ। ଜନମାନସରେ ଆଦୃତ ହୋଇଥିବା ତାଙ୍କର ଗଳ୍ପ ମଧ୍ୟରେ 'ସିଂହ ଓ ଶୃଗାଳ', 'କୌଶିକ ତାଙ୍କ ଭୁଲ ବୁଝିଲେ',, 'ସୁବର୍ଣ୍ଣ ବୀଣା', 'ମୁକୁଟର ସଙ୍ଗୀତ', 'ବଗୁଲିର ମାୟା' ଆଦି ଅନ୍ୟତମ। କବିଙ୍କ ରଚିତ କବିତା ସଂକଳନ 'ଝୁମୁକା' ହେଉଛି ବାସ୍ତବରେ ଏକ ଶ୍ରେଷ୍ଠ କୃତି। ଏଥିପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମି ପୁରସ୍କାର ପାଇଥିଲେ। ୧୯୯୪ ମସିହା ଅକ୍ଟୋବର ୨୮ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା।

# କଲମଠୁ ଛୋଟ ରୋବଟ୍



ହଂକଂର ଡାୟୋସେସନ୍ ବଏଜ୍ ସ୍କୁଲର ଦ୍ୱାଦଶ ଶ୍ରେଣୀର ଚାରିଜଣ ଛାତ୍ର ଇଜାକ୍ ଜାଛାରି ଟୋ, ଆରୋନ ହୋ ୟାଟ୍ ଫୁଙ୍ଗ୍, ଜଷ୍ଟିନ୍ ୱାଙ୍ଗ୍ ଟୋଉ ତୋଙ୍ଗ ଏବଂ ନାଗୋ ହେଇ ଲେଙ୍ଗ୍ ବିଶ୍ୱର ସବୁଠୁ ଛୋଟ ହ୍ୟୁମାନଏଡ୍ ରୋବଟ୍ ତିଆରି କରିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହା ବିଶ୍ୱର ସବୁଠୁ ଛୋଟ ରୋବଟ୍ ଭାବେ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ସେମାନେ ୫.୫୫ ଇଞ୍ଚର ରୋବଟ୍ ତିଆରି କରିଛନ୍ତି। ଯାହାକି ସାଧାରଣ କଲମଠାରୁ ଛୋଟ। ଏହି ରୋବଟ୍‌ର ଦୁଇଟି ଗୋଡ଼ ଥିବା ବେଳେ ଏହା ଚାଲିବାକୁ ସକ୍ଷମ। କେବଳ ସେତିକି ନୁହେଁ, ଏହାକୁ ଏଭଳି ଭାବେ ସେମାନେ ଡିଜାଇନ୍ କରିଛନ୍ତି, ଏହି ରୋବଟ୍ ତାହାର କାନ୍ଧ, କହୁଣି, ଆଣ୍ଠୁ, ଅଣ୍ଟାକୁ ବୁଲାଇବାକୁ ସକ୍ଷମ। ତେବେ ଏହା ମୋବାଇଲ ଆପ୍ ମାଧ୍ୟମରେ ପରିଚାଳିତ ହେବ। ସେମାନେ STEAM ପଢ଼ାଠୁ ବଞ୍ଚିତ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହାକୁ ତିଆରି କରିଛନ୍ତି। ଏହି ପାଠ୍ୟକ୍ରମରେ ବିଜ୍ଞାନ, ଟେକ୍ନୋଲଜି ଓ ଇଞ୍ଜିନିୟରିଂର ବ୍ୟବହାର କରାଯାଇ ଶିକ୍ଷା ପ୍ରଦାନ କରାଯାଏ।

# ଗୁଡ଼ରେ ନିଅନ୍ତୁ ତ୍ୱଚାର ଯତ୍ନ



**ସବୁ ମହିଳା ଉଜ୍ଜ୍ୱଳ ଏବଂ ଦାଗହୀନ ତ୍ୱଚା ଚାହାଁନ୍ତି। ତେଣୁ ତ୍ୱଚାର ସୁନ୍ଦରତା ବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରସାଧାନ ସାମଗ୍ରୀ ସେମାନେ ବ୍ୟବହାର କରନ୍ତି। କିନ୍ତୁ ସବୁ ପ୍ରସାଧାନ ତ୍ୱଚା ପାଇଁ ଉପକାରୀ ସାବ୍ୟସ୍ତ ହୋଇ ନ ଥାଏ। ଏଭଳି କ୍ଷେତ୍ରରେ ଗୁଡ଼ ମଧ୍ୟ ତ୍ୱଚାକୁ ସୁସ୍ଥ ଓ ସୁନ୍ଦର ରଖିବାରେ ସାହାଯ୍ୟ କରେ।**

### ଗୁଡ଼ ଓ ଆଲୋଭେରା ଲଗାନ୍ତୁ

ଗୋଟିଏ ପାତ୍ରରେ ଏକ ଚାମଚ ଗୁଡ଼, ଏକ ଚାମଚ ଆଲୋଭେରା ଜେଲ ଓ ଏକ ଚାମଚ ମହୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୦ ମିନିଟ ପରେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ଓ ଦାଗମୁକ୍ତ ରହିଥାଏ।

### ଗୁଡ଼ ଓ ନଡ଼ିଆ ତେଲ

ତ୍ୱଚା ପାଇଁ ଗୁଡ଼ ଓ ନଡ଼ିଆ ତେଲ ଖୁବ୍ ଲାଭଦାୟକ ହୋଇଥାଏ। ଏହା ତ୍ୱଚାର କୁଞ୍ଚନ ଦୂର କରିବାରେ ସହାୟକ ହୋଇଥାଏ। ଗୋଟିଏ ପାତ୍ରରେ ଏକ ଚାମଚ ଗୁଡ଼ ନିଅନ୍ତୁ। ସେଥିରେ ଏକ ଚାମଚ ରାଶି ତେଲ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ ୫ ମିନିଟ୍ ପରେ ଧୋଇ ଦିଅନ୍ତୁ। ଏହା ତ୍ୱଚା ଜନିତ ସମସ୍ତ ସମସ୍ୟା ଦୂର କରିଥାଏ।

### ଗୁଡ଼ ନିମ୍ବ ରସ

ଗୋଟିଏ ପାତ୍ରରେ ଏକ ଚାମଚ ନିମ୍ବ ରସ ନିଅନ୍ତୁ। ସେଥିରେ କିଛି ଗୁଡ଼ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ। ଏହାକୁ ଲଗାଇବା ଦ୍ୱାରା ତ୍ୱଚା କୋମଳ ହେବା ସହ କୁଞ୍ଚନ ସମସ୍ୟା ଦୂର ହୋଇଥାଏ।

# ବିନା ପ୍ଲାଣ୍ଟରେ ଷ୍ଟାଇଲିସ୍ ବାଲ୍‌କୋନୀ

**ବର୍ତ୍ତମାନ ସମୟରେ ଗଛ ଲଗାଇ ବାଲକୋନୀକୁ ସୁନ୍ଦର ତଥା ଆକର୍ଷଣୀୟ କରିବା ଟ୍ରେଣ୍ଡ ଚାଲିଛି। ଟ୍ରେଣ୍ଡରେ ସାମାନ୍ୟ ପରିବର୍ତ୍ତନ ଚାହୁଁଥିଲେ କିଛି ଦିନ ପାଇଁ ବିନା ଗଛରେ ବାଲକୋନୀକୁ ସଜାଇବାକୁ ଚେଷ୍ଟା କରନ୍ତୁ। ତେବେ ଜାଣିବା ବିନା ଗଛରେ କିପରି ସଜାଇବେ ବାଲ୍‌କୋନୀ।**

### ସ୍ୱିଙ୍ଗ୍ ଚେୟାର ପକାଇପାରିବେ

ବାଲ୍‌କୋନୀରେ ଗଛ ଲଗାଇବାକୁ ଚାହୁଁ ନଥିଲେ ସୁଇଙ୍ଗ ଚେୟାର ଝୁଲାଇପାରିବେ। ଏହାକୁ ଆଉ ଟିକେ ସୁନ୍ଦର କରିବାକୁ ଚାହୁଁଥିଲେ ରଙ୍ଗିନ କୁସନର ବ୍ୟବହାର କରିପାରିବେ। ଖାଲି ସମୟରେ ସେହି ସ୍ଥାନରେ ବହି ପଢ଼ିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ।

### ଷ୍ଟ୍ରିଙ୍ଗ୍ ଲାଇଟ୍ ଝୁଲାନ୍ତୁ

ଷ୍ଟ୍ରିଙ୍ଗ୍ ଲାଇଟ୍‌ରେ ବାଲୋକୋନୀ ସଜାଇବା ଖୁବ୍ ସହଜ। ଏହା ବାଲ୍‌କୋନୀର ସୁନ୍ଦରତାକୁ ଦ୍ୱିଗୁଣ କରିବା ସହ ସୁଲଭ ମୂଲ୍ୟରେ ମିଳିଥାଏ। ଷ୍ଟିଙ୍ଗ୍ ଲାଇଟ୍ ଲଗାଇବା ସହ ତଳେ ବସିବାର ବନ୍ଦୋବସ୍ତ ମଧ୍ୟ କରିପାରିବେ। ସନ୍ଧ୍ୟା ସମୟରେ ଏହା ଖୁବ୍ ସୁନ୍ଦର ଦେଖାଯାଏ।



## ସୁଶ୍ରୀ

# ପ୍ରେରଣାଦାୟୀ ବକ୍ତା

**ବର୍ତ୍ତମାନ ସମୟରେ ନେତୃତ୍ୱ ନେବାରେ ଓ ଭବିଷ୍ୟତ ଗଢ଼ିବାରେ ମହିଳାମାନେ ଆଗଧାଡ଼ିରେ ରହିଛନ୍ତି। ମହିଳାମାନେ ବିଭିନ୍ନ କ୍ଷେତ୍ରରେ ମୁଖ୍ୟ ଭୂମିକା ତୁଲାଉଥିବା ନଜିର ରହିଛି। ସେହିପରି କେତେକ ପ୍ରତିଭାଶାଳୀ ମହିଳା ବକ୍ତା ଅଛନ୍ତି, ଯେଉଁମାନେ କି ରୁଢ଼ିବାଦୀ ଚିନ୍ତାଧାରାକୁ ଭାଙ୍ଗି ନିଜର ପ୍ରଭାବଶାଳୀ ପ୍ରେରଣାଦାୟୀ ବକ୍ତବ୍ୟ ଦ୍ୱାରା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଛନ୍ତି। ଭାରତର ସେହିଭଳି କିଛି ପରିଚିତ ପ୍ରେରଣାଦାୟୀ ମହିଳା ବକ୍ତାଙ୍କୁ ନେଇ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା।**



### ଲକ୍ଷ୍ମୀ ଅଗ୍ରୱାଲ୍

ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଲକ୍ଷ୍ମୀ ଅଗ୍ରୱାଲ ଜଣେ ସମାଜସେବୀ ହେବା ସହ ଜଣେ ପ୍ରେରଣାଦାୟୀ ବକ୍ତା। ସେ ନିଜର ପ୍ରେରଣାଦାୟୀ କଥା ପାଇଁ ଖୁବ୍ ଲୋକପ୍ରିୟ ହୋଇପାରିଛନ୍ତି। ୨୦୧୯ ମସିହାରେ 'ଷ୍ଟପ୍ ଏସିଡ୍ ସେଲ୍' ଅଭିଯାନ ପାଇଁ ତାଙ୍କୁ ଅନ୍ତଃରାଷ୍ଟ୍ରୀୟ ମହିଳା ସଶକ୍ତିକରଣ ପୁରସ୍କାରରେ ସମ୍ମାନିତ କରାଯାଇଛି। କେବଳ ସେତିକି ନୁହେଁ, ୨୦୧୪ ମସିହାରେ ତାଙ୍କୁ ଅନ୍ତଃରାଷ୍ଟ୍ରୀୟ ସାହସୀ ମହିଳା ପୁରସ୍କାର ମିଳିଛି। ତାଙ୍କ ଜୀବନ ଉପରେ ଆଧାରିତ ଏକ ଚଳଚ୍ଚିତ୍ର ମଧ୍ୟ ନିର୍ମାଣ କରାଯାଇଛି। ଯାହାର ନାମ 'ଛପାକ୍' ରହିଥିଲା। ଏଥିରେ ଲକ୍ଷ୍ମୀ ଅଗ୍ରୱାଲଙ୍କ ଭୂମିକାରେ ଦୀପିକା ପାଡୁ୍ୟକୋନ ନଜର ଆସିଥିଲେ।



### ବିକେ ଶିବାନୀ

ବିଶ୍ୱର ଜଣେ ଲୋକପ୍ରିୟ ପ୍ରେରଣାଦାୟୀ ବକ୍ତା ଭାବେ ବ୍ରହ୍ମାକୁମାରୀ ଶିବାନୀ ବେଶ୍ ପରିଚିତ। ଲୋକେ ତାଙ୍କୁ 'ଶିବାନୀ ଦିଦି' ବୋଲି ସମ୍ବୋଧନ କରିଥାନ୍ତି। ଦଶନ୍ଧିରୁ ଅଧିକ ସମୟ ଧରି ଭାରତ ସମେତ ଆମେରିକା, କାନାଡ଼ା, ବ୍ରିଟେନ, ଆଫ୍ରିକା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ପୂର୍ବ ଓ ମଧ୍ୟ ପୂର୍ବ ଏସିଆର ଯୁବଗୋଷ୍ଠୀଙ୍କୁ ତାଙ୍କ ପ୍ରେରଣାଦାୟୀ ବାର୍ତ୍ତାରେ ପ୍ରେରିତ କରିଛନ୍ତି। ତାଙ୍କର ବକ୍ତବ୍ୟ ଶୁଣି ଅନେକ ଶ୍ରୋତା ବିଷାଦ, ଅବସାଦ ଭଳି ମାନସିକ ସମସ୍ୟାରୁ ମୁକ୍ତି ପାଇଥାନ୍ତି।



### ପଲ୍ଲବୀ ମାଲାନୀ

ପଲ୍ଲବୀ ମାଲାନୀ କର୍ପୋରେଟ୍ ଦୁନିଆରେ ଜଣେ ପରିଚିତ ଚେହେରା କହିଲେ ଅତ୍ୟୁକ୍ତି ହେବ ନାହିଁ। ସେ ୧୦ ହଜାରରୁ ଊର୍ଦ୍ଧ୍ୱ ପେସାଦାର କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ଏଥିସହିତ ସେ ଜଣେ ଲେଖିକା ଓ ବ୍ଲଗର୍। ସେ ନିଜର ପ୍ରଭାବଶାଳୀ ପ୍ରଶିକ୍ଷଣ ମଡେଲ ଏବଂ ପ୍ରେରଣାଦାୟୀ ବାର୍ତ୍ତା ପାଇଁ ପ୍ରସିଦ୍ଧି ଲାଭ କରିଛନ୍ତି। ସେ ଲୋକଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ କହିଥାନ୍ତି।



### ପ୍ରିୟା କୁମାର

'ଲୋକଙ୍କ ଜୀବନକୁ ବଦଳାଇବା ସମ୍ଭବ ନୁହେଁ, ମାତ୍ର ଜୀବନରେ ଖୁସିରେ ରହିବା ପାଇଁ କିଛି ପରିବର୍ତ୍ତନ ଆଣିବା ପାଇଁ ଲୋକଙ୍କୁ ପ୍ରେରିତ କରିପାରିବେ।' ଏଭଳି କିଛି କଥା ଉପରେ ପ୍ରିୟା କୁମାର ବିଶ୍ୱାସ ରଖୁଥିବା ବେଳେ ଅନ୍ୟମାନଙ୍କୁ ମଧ୍ୟ ଜୀବନରେ ଖୁସିରେ ତଥା ସଫଳ ହେବା ପାଇଁ ପ୍ରେରିତ କରିଥାନ୍ତି। ୧୯୯୮ରେ ମାତ୍ର ୨୪ ବର୍ଷ ବୟସରେ ସେ ଦେଶର ଯୁବ ମୋଟିଭେସନାଲ ସ୍ପିକର ଭାବେ ପରିଚିତ ଲାଭ କରିଥିଲେ। ସେହିପରି ସେ ତାଙ୍କ କଥା ମାଧ୍ୟମରେ ଲୋକଙ୍କ ଜୀବନରେ ଏଭଳି ପରିବର୍ତ୍ତନ ଆଣିଛନ୍ତି ଯେ, ଆଜି ସେ ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରେରଣାଦାୟୀ ବକ୍ତା ଭାବେ ଚିହ୍ନାମୁହଁ ପାଲଟିଛନ୍ତି। ୪୦ରୁ ଅଧିକ ଅନ୍ତର୍ଜାତୀୟ ପୁରସ୍କାର ଜିତିଥିବା ବେଳେ ସେ ୧୬ଟି ପୁସ୍ତକର ରଚୟିତା। ଅବଶ୍ୟ ସେ ଖୁବ୍ କମ୍ ବୟସରେ ଲେଖାଲେଖି ଆରମ୍ଭ କରିଥିଲେ। ଜୀବନରେ ସଫଳ ହେବା ପାଇଁ ପ୍ରିୟାଙ୍କ ପ୍ରେରଣାପ୍ରଦ କଥା ଲୋକଙ୍କୁ ଜୀବନରେ ଆଗକୁ ବଢ଼ିବାରେ ବିଭିନ୍ନ ସମୟରେ ସାହାଯ୍ୟ କରିଆସିଛି। କର୍ପୋରେଟ୍ ଟ୍ରେନିଂ, ଲିଡରସିପ୍, ମୋଟିଭେସନ, ଟିମ୍ ବିଲଡିଂ ଆଦି ହେଉଛି ତାଙ୍କ କର୍ମଶାଳାର ବିଶେଷ ବିଷୟ।



### ବିନିତା ବାଲି

ବିନିତା ବାଲି ବ୍ରିଟାନିଆ, କୋକା-କୋଲା, କ୍ୟାଡ୍‌ବରୀ ଭଳି କର୍ପୋରେଟ୍ ସେକ୍ଟରର ପ୍ରମୁଖ ପଦବୀରେ କାର୍ଯ୍ୟ କରିଛନ୍ତି। ତା'ସହ ଭାରତ ସମେତ ବିଦେଶର ବହୁ ଶିଳ୍ପାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମଞ୍ଚରେ ସେ ମହିଳାମାନଙ୍କୁ ପୁରୁଷ ପ୍ରାଧାନ୍ୟ ବ୍ୟାବସାୟିକ ଗୋଷ୍ଠୀରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିବା ପାଇଁ ବାର୍ତ୍ତା ଦେଇଛନ୍ତି।



### ମୋ ହାଣ୍ଡିଶାଳରୁ...

# କ୍ରିମି ଚିକେନ୍

### ଆବଶ୍ୟକ ସାମଗ୍ରୀ

ଚିକେନ୍ - ୫୦୦ ଗ୍ରାମ୍, ଅଦା ରସୁଣ ପେଷ୍ଟ - ଦୁଇ ଚାମଚ, ଦହି - ଦୁଇଶହ ଗ୍ରାମ୍, କଟା ପିଆଜ - ଏକ କପ୍, କଟା ପିଆଜ ଶଣ୍ଢା - ଏକ କପ୍, କଟା କଞ୍ଚା ଲଙ୍କା - ଦୁଇଟି, ଫ୍ରେସ୍‌କ୍ରିମ୍-୧୦୦ ଗ୍ରାମ୍, ଗୋଲମରିଚ ଗୁଣ୍ଡ- ଏକ ଚାମଚ, ବଟର - ଏକ ଚାମଚ, କସୁରି ମେଥି – ଏକ ଚାମଚ, ଧନିଆ ପତ୍ର- ଅଳ୍ପ କିଛି, ବଟର- ଦୁଇ ଚାମଚ, ଲୁଣ- ସ୍ୱାଦ ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌ରେ ଦହି, ଅଦା ରସୁଣ ପେଷ୍ଟ, କଟା କଞ୍ଚାଲଙ୍କା ଓ ଲୁଣ ପକାଇ ଭଲ ଭାବେ ଗୋଳାଇ ଦୁଇଘଣ୍ଟା ରଖନ୍ତୁ। ଏହାପରେ ଚୁଲିରେ କଡ଼େଇ ବସାଇ ବଟର୍ ଦିଅନ୍ତୁ। ସେଥିରେ କଟା କଞ୍ଚାଲଙ୍କା ପକାଇ ଭାଜନ୍ତୁ। ପରେ ସେଥିରେ ଚିକେନ୍ ପକାନ୍ତୁ। ତା'ପରେ ଦହି ଓ କିଛି ଲୁଣ ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ କଷନ୍ତୁ। ଏହା ପରେ ଗୋଲମରିଚ ଗୁଣ୍ଡ, ଫ୍ରେସ୍ କ୍ରିମ୍ ଓ ପିଆଜ ପକାଇ ଭଲ ଭାବେ ଗୋଳାନ୍ତୁ। ଏହା ପରେ ପିଆଜ ଶଣ୍ଢା, କସୁରି ମେଥି ପକାଇ ଆଉ କିଛି ସମୟ କଷନ୍ତୁ। ଶେଷରେ କଟା ଧନିଆ ପତ୍ର ପକାନ୍ତୁ। ପ୍ରସ୍ତୁତ ହୋଇଗଲା 'କ୍ରିମି ଚିକେନ୍।' ଏହାକୁ ଗରମ ଗରମ ରୁଟି କିମ୍ବା ପରଟା ସହିତ ପରଷନ୍ତୁ।

## ମହିଳାଙ୍କ ଦରପୋଡ଼ା ଶବ ଜବତ ଘଟଣା

# ୫ ଦିନ ପରେ ବି ପୁଲିସ୍ ହାତ ଖାଲି

ସମ୍ବଲପୁର, ୧୪ା୨(ସମିସ)

ବିଜେପି ନେତା ସୀମାଞ୍ଚଳ ଖଟେଇଙ୍କ ଘରୋଇ ସହାୟିକା ଶଶି ପାଗଡ଼ (୫୫)ଙ୍କ ନଗ୍ନ ଅବସ୍ଥାରେ ଅର୍ଦ୍ଧଦଗ୍ଧ ମୃତଦେହ ଶାସନ ଥାନା

### ସନ୍ଦିଗ୍ଧଙ୍କୁ ଜେରା କରାଯାଉଛି

ଅର୍ନ୍ତଗତ ହୀରାକୁଦ ଡ୍ୟାମ ବାମ ଡାଇକ୍ ରାସ୍ତା ପାର୍ଶ୍ୱରୁ ପୁଲିସ ଜବତ କରିଥିଲା। ଘଟଣାକୁ ୫ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ହାତ ଖାଲିରହିଛି। ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ କରୁଥିବା କହୁଛି। ହେଲେ ମାମଲାର ଚୂଡ଼ାନ୍ତ ତଦନ୍ତ ହୋଇ ପାରୁନାହିଁ ବୋଲି ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏହି ଘଟଣା ପରେ ପୁଲିସ ଗୁରୁତର ସହ କାମ କରୁଛି। ୫ ଗୋଟି ଥାନାର ପୁଲିସ ଅଧିକାରୀଙ୍କୁ ନେଇ ଗଠିତ ୪ ଗୋଟି ସ୍ୱତନ୍ତ୍ର ଟିମ୍ ଏହି ଘଟଣାର ଛାନ୍‌ଭିନ୍ କରୁଥିବା ପୁଲିସ କହିଛି। ମୃତ ମହିଳାଙ୍କ ପରିବାରର ସଦସ୍ୟ ପାଖ ପଡ଼ୋଶୀ ସମସ୍ତଙ୍କୁ ଠାରୁ ପୁଲିସ ତଥ୍ୟ ସଂଗ୍ରହ କରୁଛି। ମୃତ ମହିଳାଙ୍କ ପୁଅ, ପଡ଼ୋଶୀଙ୍କ ବୟାନ ପୁଲିସ ରେକର୍ଡ଼ କରି ହତ୍ୟାକାରୀ କୁ ଖୋଜୁଥିବା ଜଣାଯାଇଛି। ପୁଲିସ କୌଣସି ଦିଗରେ ଅବହେଳା କରୁନାହିଁ। ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇଛି। ତଥ୍ୟ ପ୍ରମାଣ ସହିତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ସେ ନେଇ ତଦନ୍ତ ଜାରି ରହିଛି ବୋଲି ଏସ୍‌ଡିପିଓ ଶ୍ରୀ ବାଗ କହିଛନ୍ତି। ତଦନ୍ତରେ ବିଳମ୍ବକୁ ନେଇ ପୁଲିସର ଭୂମିକାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଠୁଛି। ରାଜନେତାଙ୍କ ଚାପରେ ପୁଲିସ ତଦନ୍ତରେ ଅବହେଳା କରୁଛି ଓ ମୁଖ୍ୟ ଅଭିଯୁକ୍ତଙ୍କୁ ଘଟଣାରେ ଦୂରେଇ ରଖିବାକୁ ଚେଷ୍ଟା କରୁଛି ବୋଲି ମଧ୍ୟ ଆଲୋଚନା ହେଉଛି। ଏହି ହତ୍ୟାକାଣ୍ଡର କାରଣ ଓ ଏଥିରେ କେଉଁ ମାନଙ୍କ ସଂପୃକ୍ତି ରହିଛି ତାହା ଆଦୌ ସ୍ପଷ୍ଟ ହୋଇପାରି ନାହିଁ। ପୁଲିସ କେବଳ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି ବୋଲି ପୁଲିସ କହୁଥିଲେ ମଧ୍ୟ କାହାରିକୁ ଏପର୍ଯ୍ୟନ୍ତ ଧରିବାରେ ସଫଳ ହୋଇନାହିଁ। ଆସନ୍ତାକାଲି ବ୍ୟବଛେଦ ରିପୋର୍ଟ ଆସିବା ପରେ ତଦନ୍ତ ଆଗକୁ ବଢ଼ିବ ବୋଲି କୁହାଯାଉଛି। ପ୍ରାଥମିକ ତଦନ୍ତରୁ କୌଣସି ଓଜନିଆ ଲୁହା ସାମଗ୍ରୀରେ ଆକ୍ରମଣ କରି ହତ୍ୟା କରାଯାଇଥିବା ନେଇ ସନ୍ଦେହ କରାଯାଇଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡ଼ି ଦିଆଯିବାକୁ ଚେଷ୍ଟା କରାଯାଇଥିଲା। ୫ ଦିନ ପୂର୍ବରୁ ମୃତ ମହିଳା ଶଶୀ ନିଖୋଜ ଥିଲେ। ଶଶୀଙ୍କ ପୁଅ ମଣ୍ଟୁଙ୍କ ଅଭିଯୋଗ କ୍ରମେ ସନ୍ଧ୍ୟା ସମୟରୁ ଶଶୀ ଘରକୁ ଯାଇ ନଥିଲେ। ଶଶୀ ହାତରେ ପିନ୍ଧିଥିବା ମୁଦିରୁ ପରିବାରବର୍ଗ ଚିହ୍ନଟ କରିପାରିଥିଲେ। ହତ୍ୟାକାରୀକୁ ଶୀଘ୍ର ଗିରଫ କରାଯାଉ ବୋଲି ଥାନା ଘେରାଉ ବେଳେ ପୁଲିସ ୩ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଘଟଣାର ୫ ଦିନ ପରେ ଏହି ମାମଲାର ଅଗ୍ରଗତି ହୋଇପାରିନାହିଁ।



## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା: ହାସନ ଚାମ୍ପିଅନ



**ସମ୍ବଲପୁର, ୧୪ା୨(ସମିସ):** ସୌଖିନ ସୁନ୍ଦର ସ୍ୱାସ୍ଥ୍ୟ ପକ୍ଷରୁ ଆଜି ଶାନ୍ତିନଗର କଲ୍ୟାଣ ମଣ୍ଡପରେ ସମ୍ବଲପୁର ଶ୍ରୀ କ୍ଲାସିକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ୨୦୨୪ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ହାସନ ଖାନ ଚାମ୍ପିଅନ ହୋଇଥିଲେ। ସେହିପରି ଶେଖ ହାଇଦର ଦ୍ୱିତୀୟ, ଜୟଦେବ ପୂଜାହାରୀ ତୃତୀୟ, ମାନୁ ଯାଦବ ଚତୁର୍ଥ ଏବଂ ରୋଶନ ସାହୁ ପଞ୍ଚମ ସ୍ଥାନ ଅଧିକାର କରି ଟ୍ରଫି ସହ ପୁରସ୍କାର ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ସ୍ଥାନରୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନେ ଆସନ୍ତା ୧୭ ଓ ୧୮ ତାରିଖରେ ବ୍ରହ୍ମପୁରରେ ହେବାକୁଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ସଂଘର ସମ୍ପାଦକ ଶିଶିର ରଞ୍ଜନ ବହିଦାର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୋମନାଥ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ସାମ୍ବାଦିକ ଶିବଶଙ୍କର ନନ୍ଦ ମୁଖ୍ୟ ଅତିଥି, ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ଗଣେଶ ଦଲେଇ, ସୁଧୀର ରଞ୍ଜନ ବହିଦାର, ସୁଧୀର ପଟ୍ଟନାୟକ, ପ୍ରିୟ ରଞ୍ଜନ ବାବୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ପର କଲେ ପରିବାର, ସମ୍ପତ୍ତି ଦେଲେନାହିଁ

**ସମ୍ବଲପୁର, ୧୪ା୨(ସମିସ):** ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ଅନ୍ତର୍ଗତ କୁର୍ଲା ଗ୍ରାମର ଦିବ୍ୟାଙ୍ଗ ରବୀନ୍ଦ୍ର ମହାନନ୍ଦ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୈତୃକ ସମ୍ପତ୍ତି ପାଇବାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ କରିଛନ୍ତି।



ଅଭିଯୋଗ କ୍ରମେ ବାପା ଅଶାରୁ ମହାନନ୍ଦଙ୍କ ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତିୟ ସ୍ତ୍ରୀଙ୍କଠାରୁ ଦୁଇ ପୁତ୍ରସନ୍ତାନ ଅଛନ୍ତି। ସାବତ ନିର୍ଯାତନା ଦେବାରୁ ଜାମପାଲିର କାକା ସୁରେଶଙ୍କ ଘରକୁ ଚାଲି ଆସିଥିଲେ। ବାପା ଅଶାରୁଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସାବତ ମା' ଏବଂ ଦୁଇ ସାବତ ଭାଇ ଭାଇମାନେ ଚଞ୍ଚକତା କରି ସର୍ଭେରୁ ବାଦ୍ ଦେଇଥିଲେ। ସରକାରୀ ଯୋଜନାରେ ପିଡିଏସ ସାମଗ୍ରୀ ଓ ଦିବ୍ୟାଙ୍ଗ ଭତ୍ତାରେ ମିଳୁଛି ସେଥିରେ ଚଳୁଛନ୍ତି। ଜିଲ୍ଲାପାଳ ଅଭିଯୋଗ ଶୁଣି ରେଙ୍ଗାଲି ତହସିଲଦାରଙ୍କୁ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗ କାରି କହିଛନ୍ତି। ହୀରାକୁଦ ବୁଡି ଅଞ୍ଚଳର ବିସ୍ଥାପିତ ହୋଇଥିବା ବେଳେ ବର୍ତ୍ତମାନ ସରକାରଙ୍କ ଦ୍ୱାରା କରାଯାଉଥିବା କ୍ଷତିପୂରଣ ସର୍ଭେରୁ ମଧ୍ୟ ତାଙ୍କ ନାମକୁ ବାଦ୍ ଦିଆଯାଇଥିବା ରବୀନ୍ଦ୍ର ଅଭିଯୋଗ କରିଛନ୍ତି। ଉତ୍ତରାଧିକାରୀ ଭାବରେ କେବଳ ତାଙ୍କର ସାନଭାଇମାନଙ୍କ ନାମ ଥିବା ସେ ଦର୍ଶାଇଛନ୍ତି।

## ରେଳ ଷ୍ଟେସନରୁ ଗଞ୍ଜେଇ ଜବତ



**ସମ୍ବଲପୁର, ୧୪ା୨(ସମିସ):** ସମ୍ବଲପୁର ଜିଆରପି ପକ୍ଷରୁ ସମ୍ବଲପୁର ରେଳଷ୍ଟେସନ ପ୍ଲାଟଫର୍ମ ନମ୍ବର ୧ ଠାରେ ଆଜି ୩୯ କେଜି ୯୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଜିଆରପି ପକ୍ଷରୁ ପ୍ଲାଟଫର୍ମ ନମ୍ବର ୧ରେ ରଖାଯାଇଥିବା ୨ ଗୋଟି ବସ୍ତାକୁ ସନ୍ଦେହରେ ଯାଞ୍ଚ କରାଯିବାପରେ ସେଥିରୁ ଗଞ୍ଜେଇକୁ ଜବତ କରିଛି। ସମ୍ବଲପୁର ରେଳଷ୍ଟେସନରୁ ଟ୍ରେନ ଯୋଗେ ଏହି ଗଞ୍ଜେଇକୁ ଚାଲାଣ କରିବା ପାଇଁ ଏଠି ରଖାଯାଇଥିବା ନେଇ ଜିଆରପି ସନ୍ଦେହ କରୁଛି।

## ମହିଳା ମହାବିଦ୍ୟାଳୟକୁ ଏକ ଲକ୍ଷ ଟଙ୍କା ଦାନ

**ସମ୍ବଲପୁର, ୧୪ା୨(ସମିସ):** ସରକାରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଦର୍ଶନ ଅଧ୍ୟାପକ ପ୍ରଫେସର ଗୋଲକ ବିହାରୀ ଦାସ ମହିଳା ମହାବିଦ୍ୟାଳୟର ମେଧାବୀ ଛାତ୍ରୀଙ୍କ ସହାୟତା ପାଇଁ ଏକ ଲକ୍ଷ ଟଙ୍କାର ଚେକ୍ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କୁ ସରସ୍ୱତୀ ପୂଜା ଅବସରରେ ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ପ୍ରଫେସର ଦାସ ଏହି ମହାବିଦ୍ୟାଳୟରେ ଦୀର୍ଘ ୨୨ ବର୍ଷ ଦର୍ଶନ ବିଭାଗର ଅଧ୍ୟାପକ ତଥା ବିଭାଗ ମୁଖ୍ୟ ଭାବେ କାର୍ଯ୍ୟ କରି ଗତ ବର୍ଷ ଅବସର ନେଇଛନ୍ତି। ତାଙ୍କ ପ୍ରଦତ୍ତ ଧନରାଶିର ସୁଧରେ ତାଙ୍କ ମାତା ସ୍ୱର୍ଗତ ବିଳାସିନୀ



ଦେବୀଙ୍କ ନାମରେ +୨ ତର୍କଶାସ୍ତ୍ର ବିଷୟରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଙ୍କୁ, ସ୍ନାତକ ଦର୍ଶନ ସମ୍ମାନ ପରୀକ୍ଷାର ସର୍ବଶ୍ରେଷ୍ଠ ଛାତ୍ରୀଙ୍କୁ ଏବଂ ସ୍ନାତକୋତ୍ତର ଦର୍ଶନର ଶ୍ରେଷ୍ଠ ଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ପ୍ରଫେସର ଦାସଙ୍କ ବାଦାନ୍ୟତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ଅଧ୍ୟାପକ ଓ ଅଧ୍ୟାପିକାମାନେ ସାଧୁବାଦ ଜ୍ଞାପନ କରିଛନ୍ତି।

## ଜେସିଆଇ ସମ୍ବଲପୁର ଗ୍ଲୋବାଲ୍‌ର ସ୍ଥାପନ ସମାରୋହ



**ସମ୍ବଲପୁର, ୧୪ା୨(ସମିସ):** ଜେସିଆଇ ସମ୍ବଲପୁର ଗ୍ଲୋବାଲର ୧୧ତମ ସ୍ଥାପନ ସମାରୋହ ଧୁମଧାମରେ ପାଳିତ ହୋଇଛି। ଏହି ଅବସରରେ ନୂତନ ସଭାପତି ଜେସି ଶଶିକାନ୍ତ ତିୱାରୀ ଓ ସମ୍ପାଦକ ଜେସି ସିଏସ ଆଶିଷ ମହାୱାରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ନେତୃତ୍ୱ ତଥା ସମ୍ପ୍ରଦାୟର ବିକାଶ ଦିଗରେ ସଂଗଠନର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ଆଲୋଚନା ହୋଇଥିଲା। ଜେସି ଶଶିକାନ୍ତ ଶପଥ ଗ୍ରହଣ କରି ଜେସିଆଇ ସମ୍ବଲପୁର ଗ୍ଲୋବାଲର ମୂଲ୍ୟବୋଧ ତଥା ନୀତିନିୟମ ରକ୍ଷା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ଜୋନ୍ ସଭାପତି ଜେସି ହରିଶ ଅଗ୍ରୱାଲ ଯୋଗଦେଇ ନେଟୱାର୍କିଂ ସୁଯୋଗ ମାଧ୍ୟମରେ ନେତୃତ୍ୱ, ପରିଚାଳନା ଦକ୍ଷତା ଏବଂ ବ୍ୟକ୍ତିଗତ ବିକାଶରେ ଜେସିଆଇର ପରିବର୍ତ୍ତନଶୀଳ ଶକ୍ତି ଉପରେ ଆଲୋକପାତ କରିଥିଲେ। ଜେସିଆଇ ସମ୍ବଲପୁରର ପ୍ରଥମ ସଭାପତି ଜେସି ନବୀନ କୁମାର ତିୱାରୀ ନୂତନ ନିର୍ବାଚିତ ସଭାପତିଙ୍କୁ ପ୍ରଶଂସା କରିଥିଲେ ଏବଂ ସଂଗଠନର ଲକ୍ଷ୍ୟ ପ୍ରତି ତାଙ୍କର ନିରନ୍ତର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ନୂତନ ୧୪ ଜଣ ସଦସ୍ୟ ଏଥିରେ ଯୋଡି ହୋଇଥିବା ସଭାରେ ପ୍ରକାଶ ପାଇଥିଲା।

## ଦୋକାନରୁ ଚୋରି

**ସମ୍ବଲପୁର, ୧୪ା୨(ସମିସ):** କ୍ଷେତରାଜପୁର ଥାନା ଅନ୍ତର୍ଗତ ବଡବଜାରର ଟଙ୍କଧର ବଛାଙ୍କ ରାସ୍ତା କଡ଼ ଦୋକାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି। ସେ ସମଲେଇ ଘାଟ ପାଖରେ ଦୋକନ ଦେଇଛନ୍ତି। ଦୁର୍ଗାପାଲିର ଜଣେ ବ୍ୟକ୍ତି ତାଙ୍କ ପାଖକୁ ଯାଇ ୪୦୦୦ଟଙ୍କା ସହ ବିଲ ବହି ଓ ଏକ ଲେଡିଜ ପର୍ସ ଚୋରି କରିଥିବା ଅଭିଯୋଗ କରିଛନ୍ତି।

## କାନ୍ଥରେ ବ୍ୟାନର ଲଗାଇ ଗଣିଲେ ଜରିମାନା



**ସମ୍ବଲପୁର, ୧୪ା୨(ସମିସ):** ସହରର ରାସ୍ତା ଘାଟ, କାନ୍ଥ ବାଡକୁ ସଜେଇବା ପାଇଁ ପ୍ରସାଶନ ପକ୍ଷରୁ ବିଭିନ୍ନ ଚିତ୍ର ଆଙ୍କାଯାଇଛି। ସେହି ସୌନ୍ଦର୍ଯ୍ୟକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ଏକ ସଂସ୍ଥା ନିଜର ବ୍ୟନାର ଲଗାଇଥିଲା। ଯାହାକୁ କେନ୍ଦ୍ର କରି ଏସଏମସି ଉକ୍ତ ସଂସ୍ଥାକୁ ୧ ହଜାର ଟଙ୍କା ଜରିମାନା ସହ ବ୍ୟାନ କାଢିବାକୁ ନିର୍ଦ୍ଦେଶ ଦେଇଛି।

## ଡ୍ରେନରୁ ରକ୍ତ ଜୁଡୁବୁଡୁ ବ୍ୟକ୍ତି ଉଦ୍ଧାର

**ସମ୍ବଲପୁର, ୧୪ା୨(ସମିସ):** ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ ବିଶାଲଖିଣ୍ଡା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଡ୍ରେନରୁ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଆଜି ରାତି ପ୍ରାୟ ୮ ଟା ସମୟରେ ଜଣେ ବ୍ୟକ୍ତି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଡ୍ରେନରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଉକ୍ତ ବ୍ୟକ୍ତିଙ୍କୁ ଦେଖିବା ପରେ ତାଙ୍କୁ ଉଦ୍ଧାର କରି ସମ୍ବଲପୁର ସଦର ମେଡିକାଲକୁ ଆଣିଥିଲେ। ହେଲେ ଅବସ୍ଥା ଗୁରୁତର ହେବାରୁ ଉକ୍ତ ବ୍ୟକ୍ତିଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସେପଟେ ଉକ୍ତ ବ୍ୟକ୍ତି ଜଣକ ନିଜେ ଡ୍ରେନରେ ପଡ଼ିଛନ୍ତି ନା ତାଙ୍କୁ କିଏ ହତ୍ୟା କରି ପକେଇ ଦେଇଛି ସେନେଇ ପୁଲିସ ତଦନ୍ତ କରୁଛି।

## ଯୁବକଙ୍କୁ ଆକ୍ରମଣ

**ସମ୍ବଲପୁର, ୧୪ା୨(ସମିସ):** ଧନୁପାଲି ଥାନା ଅନ୍ତର୍ଗତ ସରଲାକାନି ଅଞ୍ଚଳରେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି। ଲହୁ ଲୁହାଣ ଅବସ୍ଥାରେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମିଳିଥିବା ସୂଚନା ଅନୁସାରେ ଆଜି ରାତି ପ୍ରାୟ ୯ ଟା ସମୟରେ ଜଣେ ଯୁବକଙ୍କୁ କୌଣସି ଏକ କାରଣକୁ ନେଇ କିଛି ଯୁବକ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଯାହାଫଳରେ ସେ ଆହତ ହୋଇଥିଲେ। ଘଟଣାର ଖବର ପାଇ ଧନୁପାଲି ପୁଲିସ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ମେଡ଼ିକଲରେ ଚିକିତ୍ସିତ କରାଇ ଘଟଣାର ତଦନ୍ତ ଜାରି ରଖିଛି।

## ପୁଲୱାମା ଶହୀଦଙ୍କୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ତରଫରୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୧୪ା୨(ସମିସ):** ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ୪୦ରୁ ଉର୍ଦ୍ଧ ସିଆରପିଏଫ ଯବାନ ଆଜିର ଦିନରେ ସହିଦ ହୋଇଥିଲେ। ଏହି ଛାତିଥରା ଘଟଣା ଘଟିବାର ୫ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ଦେଶବାସୀଙ୍କ ଆଖିରୁ ଶୁଖିନି ଲୁହ। ଏହି ଘଟଣାରେ ପୁରା ଦେଶ ସ୍ତବ୍ଧ ହୋଇଯାଇଥିଲା। ଏହି ଅବସରରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ତରଫରୁ ବୀର ସହିଦ ଯବାନଙ୍କୁ ମନେ ପକେଇ ଆଜି ନେଲସେନ ମଣ୍ଡେଲା ସ୍ଥିତ ଶହୀଦ ସ୍ତମ୍ଭ ଠାରେ ଦୀପ ଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଝୁନୁ ତ୍ରିପାଠୀ, ତୃପ୍ତି ପଣ୍ଡା, ସ୍ୱସ୍ତିକା ନାୟକ, କାନ୍ତି ମେହେର, ସୁଦାମ ମେହେର, ପଙ୍କଜିନୀ ବୈଠାରୁ, ସବ୍ୟସାଚୀ ମିଶ୍ର, ସୁରେନ୍ଦ୍ର କୁମାର ବଗର୍ତି, ସଂଘମିତ୍ରା ପଣ୍ଡା, ରାହୁଲ ଗୁପ୍ତା, ଶଙ୍କର ମେହେର ପ୍ରମୁଖ ଉପସ୍ଥିତ ଥିଲେ।



## ଏମ୍‌ସ କଲେଜରେ ବସନ୍ତ ଉତ୍ସବ



**ସମ୍ବଲପୁର,୧୪ା୨(ସମିସ):** ସମ୍ବଲପୁରସ୍ଥିତ ଏମ୍‌ସ ମହାବିଦ୍ୟାଳୟରେ କଳ୍ପତରୁ ସେବା ଆଶ୍ରମର ଅନ୍ତେବାସୀଙ୍କୁ ନେଇ ବସନ୍ତ ଉତ୍ସବ ପାଳନ କରାଯାଇଛି। ଉତ୍ସବରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଂପାଦକ ଶ୍ରୀନିବାସ ପାତ୍ର, ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର ତଥା ଅଧ୍ୟକ୍ଷ ଅଭିଜିତି ବାବୁ ପ୍ରମୁଖ ଯୋଗଦେଇଥିଲେ। ସମସ୍ତଙ୍କ ପାଇଁ ପ୍ରସାଦ ସେବନ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଛାତ୍ରଛାତ୍ରୀଙ୍କ ପକ୍ଷରୁ ଆଶ୍ରମ ଅନ୍ତେନାସୀଙ୍କୁ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପିରସରରେ କିଛି ସମୟ ଅତିବାହିତ କରିବା ପରେ ଆଶ୍ରମକୁ ଫେରିଯାଇଥିଲେ।

## ପିତୃମାତୃ ପୂଜନ ଦିବସ

**ସମ୍ବଲପୁର, ୧୪ା୨(ସମିସ):** ସମ୍ବଲପୁର ମହାନଗର ନିଗମ ଦଲଦଲିପଡ଼ାରେ ହେଲଫିଂ ହେଣ୍ଡ ପକ୍ଷରୁ ପିତୃ-ମାତୃ ପୂଜନ ଦିବସ ପାଳିତ ହୋଇଛି। ଅନୀତା ବାଗଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ସାମ୍ବାଦିକ ପ୍ରଫୁଲ କୁମାର ଦାସ, ଡାକ୍ତର ସଞ୍ଜିବ କୁମାର ମିଶ୍ର ଅତିଥି ଯୋଗ ଦେଇଥିଲେ। ଏହି ଦିବସର ତାତ୍ପର୍ଯ୍ୟ ବୁଝାଇବା ସହ ଆମ କଳା ସଂସ୍କୃତି ପରମ୍ପରା, ଗୁରୁଜନଙ୍କୁ ସମ୍ମାନ, ରାଷ୍ଟ୍ରକୁ ପ୍ରାଥମିକତ ଦେଇ ସମାଜ ଓ ଦେଶ ସେବାରେ ସମର୍ପିକ କରିବାକୁ ଆହ୍ୱାନ ଦେଇଥିଲେ। ଛୋଟ ପିଲମାନେ ନିଜ ମାଆ ମାନଙ୍କୁ ଫୁଲ ଚନ୍ଦନ ଦେଇ ପୂଜା କରିଥିଲେ। ଏହା ଫୁଲୱାମା ଶହୀଦଙ୍କୁ ୪୦ ଗୋଟି ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅଞ୍ଚଳର ଶିଶୁ କଳକାର ମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବବିତା ବାଗ ପରିଚାଳନା କରିଥିଲେ।

# ପରିମଳ ବିପର୍ଯ୍ୟସ୍ତ, ସବୁଆଡ଼େ ମଶା ଉପଦ୍ରବ

ସମ୍ବଲପୁର, ୧୪ା୨(ସମିସ)

ଘରୋଇକରଣ ହେଲେ ପରିମଳ ବ୍ୟବସ୍ଥା ସୁଧୁରିବ ବୋଲି ବହୁତ ଆଶା ରଖିଥିଲେ। ହେଲେ ଗତ କିଛିବର୍ଷ ହେଲା ଘରୋଇ ସଂସ୍ଥାକୁ ସଫେଇ ଦାୟିତ୍ୱ ଦେବାପରେ ସମ୍ବଲପୁର ମହାନଗର ନିଗମର ପରିମଳ ସେବା ବିପର୍ଯ୍ୟସ୍ତ



ହୋଇପଡ଼ିଛି। ସହରର ବିଭିନ୍ନ ସ୍ଥାନରେ ଦିନ ଦିନ ଧରି ଆବର୍ଜନା ଉଠୁନାହିଁ। ସଫେଇ ନାମରେ କେବଳ ମାସିକ ବିଲ୍ କରି ଟଙ୍କା ଉଠାଯାଉଛି। ଏବେ ଜନପ୍ରତିନିଧି ମଧ୍ୟ ନାହାନ୍ତି। ପ୍ରଶାସନିକ ଅଧିକାରୀଙ୍କ ହାତରେ ପୂରା ଏସ୍‌ଏମ୍‌ସି ପରିଚାଳିତ ହେଉଛି। ଲୋକଙ୍କ ଅଭିଯୋଗ ଶୁଣିବାକୁ ଲୋକପ୍ରତିନିଧି ନ ଥିବାରୁ ଏଭଳି ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ପ୍ରତି ମାସରେ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଲାଗୁଛି କାଗଜପତ୍ରରେ କେବଳ ସଫେଇ ହେଉଛି। କାରଣ ପ୍ରତିଦିନ ସହରର ସଫେଇ କାମକୁ ନେଇ ଅଭିଯୋଗ ହୋଇଆସିଥାଏ। ଏପରିକି ସମାଜିକ ଗଣମାଧ୍ୟମକରେ ଅଳିଆ, ଅବର୍ଜନା ପଡ଼ିଥିବା ସ୍ଥାନର ଫଟୋ ଅପ୍‌ଲୋଡ଼ କରି ଏସ୍‌ଏମ୍‌ସିକୁ ସମାଲୋଚନା କରୁଛନ୍ତି। କାମ ଭଲ ହେବ ବୋଲି ସଫେଇ କାମରେ ଠିକା ସଂସ୍ଥା ନିୟୋଜିତ କରାଯାଉଛି। ହେଲେ ଠିକା ସଂସ୍ଥା ପକ୍ଷରୁ ଆବଶ୍ୟକ ସଫେଇ କର୍ମଚାରୀ ନିୟୋଜନ ନ କରି କେବଳ ଲାଭ ଜଗିବାରେ ବ୍ୟସ୍ତ ଥିବା କୁହାଯାଉଛି। ଏହାଦ୍ୱାରା ରାସ୍ତାପାର୍ଶ୍ୱରୁ ମଇଳା, ଡ୍ରେନ ଆଦୌ ସଫା ହେଉ ନ ଥିବାରୁ ମଶାଙ୍କ ଉତ୍ପାତ ଚରମସୀମାରେ ପହଞ୍ଚିଛି। କୌଣସି ମଶାମରା ଔଷଧ କାମରେ ଲାଗୁନାହିଁ। ସହରର ଅଧିକାଂଶ ଡ୍ରେନ ସଫା ହୋଇନାହିଁ। ଡ୍ରେନରେ ଆବଶ୍ୟକ ମଶାତେଲ ସିଞ୍ଚନ କରାଯାଉ ନାହିଁ। ଏଥିପାଇଁ ଆସୁଥିବା ଅନୁଦାନକୁ ଠିକାସଂସ୍ଥା ଓ ପୌର କର୍ତ୍ତୃପକ୍ଷ ମିଳିମିଶି ଚଳୁ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଇଥିବା ଅଭିଯୋଗ ହୋଇଛି। ସଫେଇ କର୍ମଚାରୀଙ୍କ ଠାରୁ ପ୍ରାୟ ୨ଗୁଣା ଅଧିକ କର୍ମଚାରୀଙ୍କ ନାମରେ ବିଲ୍ ଉଠାଣ ହେଉଛି। ଏଥିରେ ଭାଗବଣ୍ଟା କରି ସହରର ପରିମଳ ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଆଖି ବୁଜି ଦେଇଛନ୍ତି। ଫଳରେ ୱାର୍ଡ଼ବାସୀ ଅଳିଆ, ଆବର୍ଜନା ଓ ନର୍ଦ୍ଦମାର ଦୁର୍ଗନ୍ଧରେ ଦହଗଞ୍ଜ ହେଉଛନ୍ତି। ମଶାଙ୍କ ବଂଶ ବୃଦ୍ଧି ପାଇଛି। ଦିନବେଳା ଲୋକମାନେ ଘରୁ ବାହାରିବା ମାତ୍ରେ ଲୋକମାନେ ନାକରେ କପଡ଼ା ଦେଇ ବାହାରୁଛନ୍ତି। କଠିନ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା କରିବା ସହ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଖୋଲା ସ୍ଥାନରେ ପକାଇବା ଏବଂ ଆବର୍ଜନା ସ୍ଥାନରେ ଜଳାଇବା ପାଇଁ ସମ୍ପୂର୍ଣ୍ଣ ନିଷେଧ କରିଛି। ଏହାର ବ୍ୟତିକ୍ରମ ଦୃଷ୍ଟିଗୋଚର ହେଲେ ଖିଲାପକାରୀଙ୍କ ଠାରୁ ପରିବେଶୀୟ କ୍ଷତିପୂରଣ ବାବଦରେ ଜୋରିମାନା କରିବାର ଆଇନ ଅନୁଯାୟୀ ଆଦାୟ କରାଯିବ। କିନ୍ତୁ ଏହି ନିର୍ଦ୍ଦେଶକୁ ଅବମାନନା ହେଉଛି। ୨୦୧୪ ମସିହା ପରେ ସମ୍ବଲପୁର ମହାନଗର ନିଗମ ଘୋଷଣା ହୋଇ ସହରର ପରିସୀମା ବୃଦ୍ଧି କରାଯାଇଥିଲା। ଏବେ ମଧ୍ୟ ପରିସୀମା ଓ ଜନସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି। କିନ୍ତୁ ନୂତନ ବସ୍ତି ଅଞ୍ଚଳକୁ ରାସ୍ତାଘାଟ, ଡ୍ରେନେଜ ଓ ପାନୀୟ ଜଳ ସୁବିଧା ଦେବାରେ ପୌର ପରିଷଦ ପକ୍ଷରୁ ସୁବିଧା ଦିଆଯାଇପାରୁ ନାହିଁ। ନୂଆ ବସ୍ତି ଅଞ୍ଚଳରେ ରାସ୍ତା ନିର୍ମାଣ ପାଇଁ ଅର୍ଥ ବାବିକୁ ନେଇ ଆବଶ୍ୟକତା ଠାରୁ ଢେରଗୁଣ ଅଧିକ ବିଲ୍ କରି ହରିଲୁଟ୍ ଅଭିଯୋଗ ହେଉଛି। ସହରର ପରିମଳ ବ୍ୟବସ୍ଥା ପାଇଁ ଆସୁଥିବା ଅନୁଦାନ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଲୋକଙ୍କ ଆଶା ଭରସାକୁ ନିଜ ସ୍ୱାର୍ଥରେ ଅଧୁକ ନିୟୋଜିତ କରାଯାଇଛି। ସହରର ସଫେଇ କାର୍ଯ୍ୟ ପାଇଁ ମାସିକ ପ୍ରୟେ ଦେଢ଼କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି ବୋଲି ଅଭିଯୋଗ ହେଉଛି। ଏଥିପ୍ରତି ସମ୍ବଲପୁର ମହାନଗର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ପରିକ୍ରମା ମାର୍ଗ ବୁଲିଲେ ୫ ଜିଲ୍ଲାର ଶ୍ରଦ୍ଧାଳୁ



**ପୁରୀ,୧୪।୨(ସମିସ):** ବୁଧବାର ୫ ଜିଲ୍ଲାର ୭, ୭୦୦ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ବୁଲିଛନ୍ତି। ରାୟଗଡ଼ା ଜିଲ୍ଲାର ୬୯ ପଞ୍ଚାୟତ ଓ ୱାର୍ଡରୁ ୩୧ଟି ବସ୍‌ରେ ୧, ୩୮୦ ଜଣ, କନ୍ଧମାଳ ଜିଲ୍ଲାର ୭୪ଟି ପଞ୍ଚାୟତ ଓ ୱାର୍ଡରୁ ୩୩ଟି ବସ୍‌ରେ ୧, ୪୮୦ ଜଣ, କଳାହାଣ୍ଡି ଜିଲ୍ଲାର ୭୪ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୩ଟି ବସ୍‌ରେ ୧, ୪୮୦ ଜଣ, ଜଗତ୍‌ସିଂହପୁର ଜିଲ୍ଲାର ୧୧୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୮ଟି ବସ୍‌ରେ ୨, ୨୦୦ ଜଣ, ବରଗଡ଼ ଜିଲ୍ଲାର ୫୮ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୬ଟି ବସ୍‌ରେ ୧, ୧୬୦ ଜଣଙ୍କୁ ମିଶାଇ ମୋଟ ୭, ୭୦୦ ଜଣ ଶ୍ରଦ୍ଧାଳୁ ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ। ସେଠାରୁ ଫିଡ୍‌ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁମାନେ ସମଙ୍ଗ ପାର୍କିରେ ପହଞ୍ଚି ଭୋଜନ କରିଥିଲେ। ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ। ସେହିପରି ଗୁରୁବାର ୭ଟି ଜିଲ୍ଲାରୁ ୧୦, ୪୦୦ ଶ୍ରଦ୍ଧାଳୁ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ବୁଲିବାର କାର୍ଯ୍ୟକ୍ରମ ରହିଛି।

# ଶ୍ରୀମନ୍ଦିର ଉପର ନୋ' ଫ୍ଲାଇଂ ଜୋନ୍

**ପୁରୀ,୧୪।୨(ସମିସ):** ଶ୍ରୀମନ୍ଦିର ସମେତ ଭକ୍ତଙ୍କ ନିରାପତ୍ତା ଓ ସୁରକ୍ଷାକୁ ପ୍ରାଥମିକତା ଦେଉଛି ପୁଲିସ। ତେଣୁ ଶ୍ରୀମନ୍ଦିର ଉପର ନୋ ଫ୍ଲାଇଂ ଜୋନ୍ ଭାବେ ଘୋଷଣା କରାଯାଇଛି। ମନ୍ଦିର ଉପରେ କେହି ଡ୍ରୋନ୍ କ୍ୟାମେରା ଉଡ଼ାଇପାରିବେ ନାହିଁ। ସେହିପରି ବେଢ଼ା ଭିତରେ ଫଟୋ ଉତ୍ତୋଳନକୁ ବାରଣ କରାଯାଇଛି। ଏହି କଟକଣା ଯେପରି କଡ଼ାକଡ଼ି ଭାବେ ଲାଗୁହେବ ତା' ଉପରେ ସ୍ୱତନ୍ତ୍ର ନଜର ଦେଇଛି ପୁରୀ ପୁଲିସ। ପ୍ରାଥମିକ ଭାବେ ଏ ନେଇ ପୁଲିସ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଥିବା ବେଳେ ନିୟମ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ତେବେ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଭକ୍ତ, ସେବାୟତ ଓ ବୁଦ୍ଧିଜୀବୀ।

ଶ୍ରୀମନ୍ଦିର ଭଳି ପବିତ୍ର ସ୍ଥାନର ସୁରକ୍ଷା ଓ ପବିତ୍ରତା ବଜାୟ ରଖିବା ନେଇ ଶ୍ରମନ୍ଦିର ଉପରେ ନୋ ଫ୍ଲାଇଂ ଜୋନ୍ ଘୋଷଣା କରିଛି ପୁରୀ ପୁଲିସ। ଏ ନେଇ ସୋସିଆଲ ମିଡିଆ ମାଧ୍ୟମରେ ପୁଲିସ ପକ୍ଷରୁ ସଚେତନତା ନେଇ ଅପିଲ କରାଯାଇଛି। ବିଭିନ୍ନ ସମୟରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ଚିତ୍ର ଏବଂ ଭିଡିଓ ଉତ୍ତୋଳନ କରାଯାଉଥିବା ନଜରକୁ ଆସିଛି। ଏତଦ୍‌ବ୍ୟତୀତ ମନ୍ଦିର ଭିତରେ ମଧ୍ୟ ମୋବାଇଲ୍ ଦ୍ୱାରା ଫଟୋ ଏବଂ ଭିଡିଓ ଉତ୍ତୋଳନ କରାଯାଉଥିବାରୁ ପୁଲିସ

**ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ**

ଏ ଦିଗରେ ଚିନ୍ତାବ୍ୟକ୍ତ କରିବା ସହ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛି। ଏ ନେଇ ଏସ୍‌ପି ଶ୍ରୀମନ୍ଦିର ଉପରକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରିଥିବା ବେଳେ ଆଗାମୀ ଦିନରେ ଏଭଳି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଶ୍ରୀମନ୍ଦିର ଉପରକୁ ନୋ ଫ୍ଲାଇଂ ଜୋନ୍ ଏବଂ ମନ୍ଦିର ଭିତରେ ଫଟୋ, ଭିଡିଓ ଉତ୍ତୋଳନ ଉପରେ କଟକଣା ଲଗାଯାଇଛି। ନିକଟରେ ଯିଏ ମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇଥିଲେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ତାଙ୍କୁ ଚିହ୍ନଟ କରାଯାଇ ନୋଟିସ୍ ପଠାଯାଇଛି। କେହି ମନ୍ଦିର ଉପରେ ଡ୍ରୋନ୍ କିମ୍ବା ଏହିଭଳି ଉଡ଼ାଣ ସାମଗ୍ରୀ ବ୍ୟବହାର ନ କରିବାକୁ ଆମେ ଅନୁରୋଧ କରୁଛୁ। ଯଦି କେହି ନିୟମ ଉଲ୍ଲଂଘନ କରନ୍ତି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି। ତେବେ ପୁଲିସ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଛି। 'ଭଏସ୍ ଅଫ୍ କମନମ୍ୟାନ୍' ପକ୍ଷରୁ ଏନେଇ ଦୀର୍ଘବର୍ଷରୁ ଦାବି ହୋଇଆସୁଥିଲା। ଏବେ ପୁଲିସ ଏହାକୁ ଗ୍ରହଣ କରିଥିବାରୁ ଏହାକୁ ସ୍ୱାଗତ କରିଛନ୍ତି ଏହାର ଆବାହକ ହେକ୍ଟର ମିଶ୍ର।

# କାର୍‌ରୁ ଜୀବନ୍ତ ବଜ୍ରକାପ୍ତା ଜବତ

**ଭୁବନେଶ୍ୱର,୧୪।୨(ସମିସ):** ସମ୍ବଲପୁର ଜିଲ୍ଲା ବଡ଼ ଡୁମ୍ବେରମୁଣ୍ଡା-ନୂଆପଡ଼ା ରୋଡର ରେଲୱେ କ୍ରସିଂ ନିକଟରୁ ଏକ କାର୍ ଭିତରୁ ବୁଧବାର ଗୋଟିଏ ଜୀବନ୍ତ ବଜ୍ରକାପ୍ତା ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ଗିରଫ ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁର ଇଚ୍ଛାଧର ନାଏକ ଓ ହେମଗିରିର ସଚିନ୍ କୁମାର ପାଣ୍ଡେ। ସେମାନଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟରେ ହାଜର କରି ଜେଲକୁ ପଠାଇ ଦିଆଯାଇଛି। ଅଧିକ

**ଏସ୍‌ଟିଏଫ୍ ପଞ୍ଝାରେ ଦୁଇ ଶିକାରୀ**







ପଚରାଉଚରା ଲାଗି ସେମାନଙ୍କୁ ରିମାଣ୍ଡରେ ଅଣାଯିବାକୁ ଯୋଜନା କରାଯାଉଛି। ଉଦ୍ଧାର ହୋଇଥିବା ଜୀବନ୍ତ ବଜ୍ରକାପ୍ତାକୁ ସମ୍ବଲପୁର ବାମରାର ବନ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଚୋରା ଚାଲାଣ ନେଇ ଅଧିକ ତଦନ୍ତ କରାଯାଉଥିବା ଏସ୍‌ଟିଏଫ୍ ଏସ୍‌ପି କିଶୋର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏସ୍‌ଟିଏଫ୍ ଅଧିକାରୀଙ୍କ କହିବା ଅନୁଯାୟୀ, ଇଚ୍ଛାଧର ନିଜ ଗାଁ ଜଙ୍ଗଲରୁ ବଜ୍ରକାପ୍ତାକୁ ଧରି ଘରେ ରଖିଥିଲା। ପରେ ସହଯୋଗୀ ସଚିନ୍‌କୁ ଯୋଗାଯୋଗ କରିଥିଲା। ସଚିନ୍ ନିଜ କାର୍‌ରେ ଉକ୍ତ ବଜ୍ରକାପ୍ତାକୁ ରାଜ୍ୟ ବାହାରକୁ ଚାଲାଣ କରିବାକୁ ଯୋଜନା କରିଥିଲା। ବଜ୍ରକାପ୍ତା ବିକ୍ରିକରିବା ଲାଗି ଦଲାଲ୍ ବି ଯୋଗାଡ଼ ହୋଇଥିଲା। ୫ଲକ୍ଷରେ ଟଙ୍କାରେ ବଜ୍ରକାପ୍ତାକୁ ବିକିବା ଲାଗି ଦଲାଲକୁ ସମ୍ବଲପୁରକୁ ଡାକିଥିଲେ। ସଚିନ ଓ ଇଚ୍ଛାଧର କାର୍‌ରେ ବଜ୍ରକାପ୍ତାକୁ ଧରି ସମ୍ବଲପୁର ବଡ଼ ଡୁମ୍ବେରମୁଣ୍ଡା-ନୂଆପଡ଼ା ରୋଡର ରେଲୱେ କ୍ରସିଂ ନିକଟର ଛିଡ଼ା ହୋଇଥିଲେ। ଏସ୍‌ଟିଏଫ୍ ଅଧିକାରୀ ଗ୍ରାହକ ବେଶରେ ଦୁଇଜଣଙ୍କୁ କାବୁ କରିବା ସହ କାର୍‌ରୁ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିଥିଲେ।

■ ଗଛରେ ପିଟି ହେଲା ବାଇକ୍

# ବାପା-ପୁଅ ମୃତ

**ଫିରିଙ୍ଗିଆ,୧୪।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବଲନ୍ଦାପଡ଼ା ନିକଟରେ ମଙ୍ଗଳବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପାପୁଅର ମୃତ୍ୟୁ ହୋଇଛି। ବାପାର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ନିଆଯାଉଥିବା ବେଳେ ଅଧାବାଟରେ ମୃତ୍ୟୁ ହୋଇଥିଲା।

ସୂଚନା ଅନୁସାରେ ମଙ୍ଗଳବାର ରାତି ପ୍ରାୟ ନଅଟା ସମୟରେ ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା କୁଇରୀମାଣ୍ଡୁ ପଞ୍ଚାୟତ ଗ୍ଲଟଗାଁର ବୁଜ ଦିଗାଲ ଓ ପୁଅ ଦାଉଦ ଦିଗାଲ ଏକ ବାଇକ୍‌ରେ ସାଡିଙ୍ଗିଆ ଗାଁରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ଖାଇପିଇ ଫେରୁଥିବା ସମୟରେ ୱାଲନ୍ଦାପଡ଼ା ଠାରୁ ଗ୍ଲଟଗାଁ ମୁଖ୍ୟ ରାସ୍ତାର ଦୁଡୁପାଙ୍ଗା ଗାଁ ନିକଟ ରାସ୍ତାକଡ଼ରେ ଥିବା ଏକା ଗଛରେ ବାଇକ



ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ବାପା ବୁଜ ଦିଗାଲଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଦାଉଦ ଦିଗାଲ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପରିବାର ଲୋକେ ଗୁରୁତର ଆହତ ଯୁବକଙ୍କୁ ପ୍ରଥମେ ୱାଲନ୍ଦାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପରିବାର ଲୋକ ଏକ ଆମ୍ବୁଲାନ୍ସରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଉଥିବା ବେଳେ କଳିଙ୍ଗା ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କୁ ଭଞ୍ଜନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଙ୍କ ମୃତ୍ୟୁ ଖବର ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ପାଇଁ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

ଅନ୍ୟପଟେ ଶୋକାକୁଳ ପରିବେଶରେ ବାପା ଓ ପୁଅଙ୍କ ଅନ୍ତିମ ସତ୍କାର ପରିବାର ଲୋକେ କରିଥିଲେ। ଏହି ଘଟଣା ନେଇ କୁଇରୀମାଣ୍ଡୁ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଏକାସାଙ୍ଗରେ ଦୁଇ ଜଣ ମୁଖିଆଙ୍କୁ ହରାଇବାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକେ। ଏହି ଘଟଣା ସମ୍ପର୍କରେ କୌଣସି ସୂଚନା ନଥିବା କହିଛନ୍ତି ଗୋଛାପଡ଼ା ଥାନା ଅଧିକାରୀ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ କୁଇରୀମାଣ୍ଡୁ ସମିତିସଭ୍ୟ ପଞ୍ଚାନନ ଦିଗାଲଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି।

# ଜୁଇ ଜଳିବା ପୂର୍ବରୁ ଶ୍ମଶାନରେ ଚେଇଁ ଉଠିଲେ ବୃଦ୍ଧା

**ବ୍ରହ୍ମପୁର,୧୪।୨(ସମିସ):** ରୋଷେଇଶାଳରେ ପୋଡ଼ି ହୋଇଯାଇଥିବା ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରି ସ୍ୱାମୀ ଶବଦାହ କରିବା ନିମନ୍ତେ ଶ୍ମଶାନକୁ ନେଇଥିଲେ। ସେଠାରେ ବୃଦ୍ଧା ସ୍ତ୍ରୀ କେ. ରଜୁ ଜଣକ ଆଖି ଖୋଲିଥିବା ଉପସ୍ଥିତ ଲୋକେ ଦେଖିବାକୁ ପାଇଥିଲେ। ଏହାପରେ ତାଙ୍କୁ ଶ୍ମଶାନରୁ ଘରକୁ ଆଣି ପରେ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଆହତ କେ.ରଜୁଙ୍କର ମେଡିକାଲର ସର୍ଜରୀ ବିଭାଗରେ ଚିକିତ୍ସା ଜାରି ରହିଛି। ତାଙ୍କ ଶରୀର ଶତକଡା ୩୦ଭାଗ ପୋଡି ଯାଇଥିବା ବେଳେ ସ୍ୱାସ୍ଥ୍ୟବସ୍ଥାରେ ଅଗ୍ରଗତି ହେଉଥିବା ଡାକ୍ତର କହିଛନ୍ତି। ସୂଚନା ଅନୁସାରେ ସହରର ଗୁଡସେଡ ରୋଡ ତ୍ରିନାଥ ମନ୍ଦିର ନିକଟରେ କେ. ଶିବରାମ ଓ ତାଙ୍କ ସ୍ତ୍ରୀ କେ.ରଜୁ(୭୫) ରୁହନ୍ତି। ଉଭୟଙ୍କ କୌଣସି ସନ୍ତାନ ନାହାନ୍ତି। ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଖରାପ ରହିଥିବା ବେଳେ ଶିବରାମ ଷ୍ଟେସନ ରୋଡ ନିକଟରେ ଥିବା ଏକ ହୋଟେଲରେ ରୋଷେୟା ଭାବେ କାର୍ଯ୍ୟ କରୁଛନ୍ତି। ସ୍ତ୍ରୀ କେ.ରଜୁ କିଛିବର୍ଷ ଧରି ପକ୍ଷାଘାତରେ ଆକ୍ରାନ୍ତ ରହିଥିଲେ। ସ୍ୱାମୀ ଶିବରାମ ଘରେ ନଥିବା ସମୟରେ ରଜୁ ଚାହା କରିବାକୁ ଗ୍ୟାସଚୁଲି ଲଗାଇଥିଲେ। ଏହି ସମୟରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ବୃଦ୍ଧା ରଜୁ ଆହତ ହୋଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡ଼ିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାବେଳେ ତାଙ୍କୁ କଟକ ଏସସିବି ମେଡ଼ିକାଲକୁ ସ୍ଥାନାନ୍ତର ନିମନ୍ତେ ଡାକ୍ତର ପରାମର୍ଶ ଦେଇଥିଲେ। କିନ୍ତୁ ସ୍ୱାମୀ କେ. ଶିବରାମଙ୍କ ଅର୍ଥ ଅଭାବ ଯୋଗୁଁ ସେ କଟକ ସ୍ଥାନାନ୍ତର ପାଇଁ ଅମଙ୍ଗ ହୋଇଥିଲେ। ଏହାପରେ ସେ ସ୍ତ୍ରୀ କେ. ରଜୁଙ୍କୁ ଘରକୁ ନେଇ ଯାଇଥିଲେ। ମଙ୍ଗଳବାର ଏହି ଘଟଣା ଘଟିଥିଲା। ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିବା ଭାବି ସ୍ୱାମୀ ଶିବରାମ ଶବଦାହ କରିବାକୁ ଶ୍ମଶାନକୁ ନେଇଥିଲେ। ସେଠାରେ ସ୍ତ୍ରୀ ରଜୁଙ୍କ ଶବଦାହ ନିମନ୍ତେ ସମସ୍ତ କାର୍ଯ୍ୟ ସାରିଥିବା ବେଳେ ଜୁଇରେ କେବଳ ଅଗ୍ନି ସଂଯୋଗ ବାକିଥିଲା। ଏହି ସମୟରେ ବୃଦ୍ଧାଜଣକ ଆଖି ଖୋଲିବାକୁ ଲାଗିଥିଲେ। ଏହାପରେ ସ୍ତ୍ରୀ ରଜୁ ବଞ୍ଚିଛି ଭାବି ତାଙ୍କୁ ପୁଣି ଶ୍ମଶାନରୁ ଘରକୁ ଆଣି ପରେ ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ବର୍ତ୍ତମାନ ମେଡ଼ିକାଲରେ ଆହତ ରଜୁଙ୍କର ଚିକିତ୍ସା ଜାରି ରହିଛି। ଅନ୍ୟପକ୍ଷରେ ପରିବାର ଆର୍ଥିକ ଅବସ୍ଥା ଖରାପ ଥିବା ଯୋଗୁଁ ପତ୍ନୀଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଶିବରାମ ଜିଲ୍ଲା ପ୍ରସାଶନକୁ ନିବେଦନ କରିଛନ୍ତି।

**ଏମ୍‌କେସିଜି ମେଡିକାଲରେ ଚିକିତ୍ସା ଜାରି**

# MATRIC MATE

BSE ODISHA MATRIC EXAM-2024





**SUBJECT : SLE**

PROBABLE QUESTION PAPER

## OBJECTIVE

1. What kind of song is the reaper singing?
   (A) Happy (B) Patriotic (C) Religious (D) Melancholy
2. I saw her singing at her work and o'er the _______ bending.
   (A) sickle (B) field (C) grain (D) bushes
3. What is the girl doing by herself?
   (A) Standing and singing (B) Carrying corn and singing
   (C) Looking at Wordsworth and singing (D) Reaping corn and singing
4. The expression 'plaintive numbers' means _______.
   (A) some figures (B) some pleasant experiences
   (C) sad music (D) unpleasant memory
5. The festivals of North - eash India bringout the ______ of the people.
   (A) natural talent (B) different skills
   (C) religious thoughts (D) scientific inventions
6. Which Sikkim festival brings to the memory of 'Diwali'.
   (A) Tihaar (B) Hombill (C) Moastu (D) Lossoong
7. When is Losoong celebrated?
   (A) at the beginning of New Year
   (B) at the beginning of sowing season
   (C) at the end of the harvest season
   (D) at the beginning of the harvest season
8. Which festival of Nagaland is named after a bird of the state?
   (A) Wangala (B) Moastu (C) Mopin (D) Hornbill
9. What role does sikkim play to seven sisters?
   (A) a little brother (B) a little sister (C) a father (D) a mother
10. We must ______ (opposite of destroy) our heritage.
    (A) hold on to (B) build (C) preserve (D) reserve
11. Shoes are made ______ leather.
    (A) from (B) by (C) with (D) of
12. The team could ______ score any goal.
    (A) hardly (B) barely (C) slightly (D) scarcely
13. Safety rules prescribe precautions ______ fire.
    (A) in case of (B) of (C) against (D) in
14. Choose the correct passive of the following sentence.
    We should respect the elders.
    (A) Our elders must be respected (B) The elders must be respected
    (C) The elders should be respected (D) The elders are to be respected
15. The resturant has an ____ menu. (Use a suitbale related word given below)
    (A) Extensively (B) Extendedly (C) Extensive (D) Extension
16. Sahuji would return from the market with a lot of ______.
    (A) salt and oil (B) Rice and wheat (C) Fresh vetetables (D) Ghee and sugar
17. Jumman stated his case before the panchayat with ______.
    (A) his mind in confusion (B) a sense of guilt
    (C) a fear in his mind (D) his heart at peace
18. 'This is punishment for his deception. God sees all the good and evil'.
    Here 'Punishment' refers to ______.
    (A) the death of Algu's second bullock (B) the death of Algu's first bullock
    (C) Jumman's loss of property
    (D) Samjhoo Sahu's paying the full price of the bullock
19. The friendship between Algu and Jumman broke up because the decision taken in the panchayat went ______ Jumman.
    (A) in favour of (B) against (C) in support of (D) none of them
20. Samjhoo Sahu used ______ to go to the market with different goods.
    (A) a trolley (B) a cart (C) a tractor (D) an ekka
21. You should always pay attention to what the teacher teaches. The noun clause in italics functions are
    (A) an object of a verb (B) the subject of the sentence
    (C) an object of a preposition (D) an apposition to another noun/pronoun
22. This is the boy ______ bicycle has been stolen.
    (A) which (B) whose (C) who (D) whom
23. Can you tell me ______.
    (A) where does he live? (B) where he lives.
    (C) what is he like? (D) how can you help me?
24. The sum is not as difficult as we thought. The italized part of this sentence is an adverb clause of ______.
    (A) comparison (B) concession (C) condition (D) manner
25. Which of the following sentences is an adverb clause of place?
    (A) The thief behaved as if he was innocent.
    (B) They reached home when the sun set.
    (C) They arrived where nobody had set foot before.
26. Who sings welcome notes?
    (A) The cuckoo (B) The nightingale
    (C) The solitary reaper (D) The weary travellers
27. What is the valley like?
    (A) shallow (B) dark (C) deep (D) uneven
28. The bird cuckoo normally sings in ______.
    (A) autumn (B) winter (C) summer (D) spring
29. What does the expression 'humble lay' stand for?
    (A) ordinary song (B)special song (C) regular song (D) pop song
30. Which Bihu festival is known as Bohag Bihu?
    (A) Kongali (B) Kaati Bihu (C) Bhogali Bihu (D) Rongali Bihu
31. Which dance is performed in Mopin Festival?
    (A) folk dance (B) popir (C) Manipuri dance (D) Naga dance
32. Who celebrated Hundred - drum festival?
    (A) The Garos of Meghalaya (B) The women of Meghalaya
    (C) The youngmen of Mizoram (D) Every citizen of Meghalaya
33. Where is Ziro festival celebrated?
    (A) In Meghalaya (B) In Arunachal Pradesh (C) In Tripura (D) In Nagaland
34. Many of the festivals celebrated in North - East India are based on ______.
    (A) agriculture (B) gods (C) rivers (D) love
35. Choose the correct passive of the following sentence.
    Farmers grow grapes in Hyderabad.
    (A) Grapes are grown by farmers (B) Grapes are grown in Hyderabad
    (C) Grapes were grown in Hyderabad
    (D) Grapes have been growing in Hyderabad
36. People discard the old to ______ the New year.
    (A) bring in (B) bring out (C) bring up (D) pass down
37. Choose the correct preposition
    Can I add Sugar ______ your tea?
    (A) in (B) to (C) with (D) on
38. There was ______ any Sugar left.
    (A) hardly (B) slightly (C) scarcely (D) little
39. India is a place of different kind culture.
    (A) diverse (B) various (C) manifold (D) special
40. Cheese is made ______ milk.
    (A) of (B) from (C) by (D) with

## SUBJECTIVE

1. How is the spring festival observed in Mizoram?
   OR
   Which festival is celebrated by the Garos in Meghalaya?
   How is it celebrated?
2. What drew the attention of he poet towards the solitary reaper?
   OR
   In the poem 'The Solitary Reaper' the poet says 'will no one tell me what she sings'. Why does the poet ask the questions?
3. Imagine you are Anil Behera of Acharya Vihar, Bhubaneswar. Write an application to the Postmaster of your locality complaining about the irregular delivery of mail.
   OR
   Imagine you are Narendra Behera a student of Class - X at R.C.School, of Talcher, Angul. Write a letter to your mother, in about 100 words, describing about school hostel.
4. Write a report on the inauguration of a new wing in a hospital.
   OR
   As a newspaper reporter, prepare a report on a road accident.
5. Translate into English.
   ମୁଁ ଭାରତ ଏକାଡେମୀରେ ପଢ଼େ। ସେଠାରେ ମୋର ଦୁଇ ସାନଭଉଣୀ ଓ ବଡ ଭଉଣୀ ପଢ଼ନ୍ତି। ବଡ ଭଉଣୀ ଦଶମ ଶ୍ରେଣୀର ଛାତ୍ରୀ। ସେ ଏବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି। ପ୍ରଥମ ଶ୍ରେଣୀ ପାଇବେ ବୋଲି ଆଶା କରୁଛନ୍ତି। ସେ ବୁଦ୍ଧିମତୀ ଏବଂ ପରିଶ୍ରମୀ ମଧ୍ୟ।
   କିମ୍ବା ବାପା ଗୋଟିଏ କାର୍ କିଣିବାକୁ ସ୍ଥିର କରିଛନ୍ତି। ଆମ୍ଭେମାନେ ଖୁବ ଉତ୍ସାହିତ। ଆମ୍ଭେମାନେ କାର୍‌ରେ ବସି ପ୍ରଥମେ ପୁରୀ ଯିବୁ। ଆଜିକାଲି ଏକ କାର୍ ରଖିବା ଏକ ବିଳାସ ନୁହେଁ, ବରଂ ଏକ ଆବଶ୍ୟକତା। ସୁଜୁକି କାର୍ ମୋର ପ୍ରିୟ। ତମେ କେବେ ଏକ କାର୍ ଚଳାଇଛ।

**Answer:** 1. (D), 2. (A), 3. (D), 4. (C), 5. (A), 6. (A), 7. (C), 8. (D), 9.(A), 10. (C), 11. (D), 12. (A), 13. (C), 14. (C), 15. (C), 16. (D), 17. (D), 18. (B), 19. (B), 20. (D), 21. (C), 22. (B), 23. (A), 24. (A), 25. (C), 26. (B), 27. (C), 28. (D), 29. (A), 30. (D), 31. (B), 32. (A), 33. (B), 34. (A), 35. (B), 36. (A), 37. (B), 38. (A), 39. (A), 40. (B)

ePaper : sakalaepaper.com | Twitter : SakalaNews
News Portal : thesakala.in | Instagram : sakalanews
Facebook : SakalaNews | Youtube : @SakalaNews

**Courtesy:**
**SARASWATI VIDYA MANDIR**
Neelakantha Nagar, Berhampur, GM.

■ ଆଇସିସି ଦିନିକିଆ ମାନ୍ୟତା

## ୫ ବର୍ଷ ପରେ ଶୀର୍ଷରୁ ହଟିଲେ ସକିବ

ଦୁବାଇ, ୧୪।୨(ଏଜେନ୍ସି)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦିନିକିଆ ମାନ୍ୟତାରେ ପାଖାପାଖି ଦୀର୍ଘ ୫ ବର୍ଷ ପରେ ବାଂଲାଦେଶର ସକିବ ଅଲ ହାସନ ଅଲରାଉଣ୍ଡର ତାଲିକାର ଶୀର୍ଷ ସ୍ଥାନ ହରାଇଛନ୍ତି। ଆଫଗାନିସ୍ତାନ ଅଲରାଉଣ୍ଡର ମହମ୍ମଦ ନବି ତାଙ୍କୁ ହଟାଇ ଅଲରାଉଣ୍ଡର ତାଲିକାର ୧ ନଂ ସ୍ଥାନ ଦଖଲ କରିଛନ୍ତି। ଚଳିତ ଶ୍ରୀଲଙ୍କା ବିପକ୍ଷ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ବୁଧବାର ପ୍ରକାଶିତ ମାନ୍ୟତାରେ ୩୯ ବର୍ଷୀୟ ନବି ନଂ ୧ ସ୍ଥାନ ଅଧିକାର କରିଛନ୍ତି। ୨୦୧୯ ମେ ୭ରୁ ସକିବ ୧୭୩୯ ଦିନ ଧରି ୨୦୨୪ ଫେବୃଆରୀ ୯ ପର୍ଯ୍ୟନ୍ତ ସେ ଶୀର୍ଷ ସ୍ଥାନରେ ରହିଆସିଥିଲେ। ରସିଦ୍ ଖାନଙ୍କୁ ହଟାଇ ସେ ନଂ ୧ ସ୍ଥାନ ଦଖଲ କରିଥିଲେ। ଆଘାତ ସମସ୍ୟା କାରଣରୁ ସକିବ ନିୟମିତ ଭାବେ ଖେଳିବାରେ ସକ୍ଷମ ହୋଇନାହାନ୍ତି। ତେବେ ଟି-୨୦ ମାନ୍ୟତାରେ ସକିବ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।

ଦିନିକିଆ ବୋଲିଂ ତାଲିକାରେ ଦକ୍ଷିଣ ଆଫ୍ରିକା ସ୍ପିନର କେଶବ ମହାରାଜ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଭାରତର ମହମ୍ମଦ ସିରାଜ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଯଶପ୍ରୀତ ବୁମ୍‌ରା ଗୋଟିଏ ସ୍ଥାନ ଉପରକୁ ଉଠି ୫ମ ସ୍ଥାନରେ ରହିଛନ୍ତି। ସ୍ପିନର କୁଲଦୀପ ଯାଦବ ଗୋଟିଏ ସ୍ଥାନ ଉପରକୁ ଉଠି ୯ମ ସ୍ଥାନ ଅଧିକାର କରିଛନ୍ତି। ଟପ୍-୧୦ରେ ୩ ଭାରତୀୟ ସ୍ଥାନୀତ ହୋଇଛନ୍ତି। ସେହିପରି ବ୍ୟାଟିଂ ତାଲିକାରେ ଶ୍ରେଷ୍ଠ-୧୦ରେ କୌଣସି ପରିବର୍ତ୍ତନ ହୋଇନାହିଁ। ଶ୍ରୀଲଙ୍କାର ଚରିଥ ଅସଲଙ୍କା ୫ଟି ସ୍ଥାନ



ଉପରକୁ ଉଠି ୧୫ ଓ ପଥୁମ ନିଶାଙ୍କା ୧୦ଟି ସ୍ଥାନ ଉପରକୁ ଉଠି ୧୮ତମ ସ୍ଥାନରେ ରହିଛନ୍ତି। ଭାରତର ଶୁବମାନ ଗିଲ, ବିରାଟ କୋହଲି ଓ ରୋହିତ ଶର୍ମା ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ବଜାୟ ରଖିଛନ୍ତି। ଟେଷ୍ଟ ମାନ୍ୟତାରେ ସେଭଳି କୌଣସି ବଡ଼ଧରଣର ପରିବର୍ତ୍ତନ ହୋଇନାହିଁ।

କଳିଙ୍ଗରେ ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍

# ବିଜୟ ଧାରା ବଜାୟ ଲକ୍ଷ୍ୟରେ ଭାରତ

ଭୁବନେଶ୍ୱର, ୧୪।୨ (ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍ ହକିରେ ଆୟୋଜକ ଭାରତୀୟ ଦଳ ଏବେ ସୁଦ୍ଧା ଭଲ ପ୍ରଦର୍ଶନ କରିଛି। ଏଠାରେ ୪ଟି ମ୍ୟାଚ୍ ଖେଳାଯିବାକୁ ବାକିଥିଲାବେଳେ ଦଳ ତାହାର ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଏଠାରେ ସ୍ପେନ୍‌କୁ ୪-୧ ଗୋଲରେ ହରାଇ ଭାରତ ବଡ଼ ବ୍ୟବଧାନରେ ବିଜୟ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଶକ୍ତିଶାଳୀ ନେଦରଲାଣ୍ଡସ୍ ସହ ଭାରତର ମୁକାବିଲା ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ସମାନ ସ୍ତରରେ ରହିବା ପରେ ପେନାଲ୍ଟି ସୁଟଆଉଟରେ ଭାରତ ୪-୨ ବ୍ୟବଧାନରେ ବିଜୟୀ ହୋଇଥିଲା। ଫଳରେ ଦୁଇଟି ମୁକାବିଲାରୁ ଦୁଇଟିରେ ବିଜୟୀ ହୋଇଥିବା ଭାରତୀୟ ଦଳର ମନୋବଳ ବେଶ ଦୃଢ଼ ରହିଛି। ଏଭଳି ସ୍ଥିତିରେ ଦଳ ତାହାର ତୃତୀୟ ମ୍ୟାଚ୍ ଅଷ୍ଟ୍ରେଲିଆ ସହ ଆସନ୍ତାକାଲି (ଗୁରୁବାର) ଖେଳିବ। ଦୃଢ଼ ଆତ୍ମବିଶ୍ୱାସ ଓ ଭଲ ଫର୍ମରେ ଥିବା ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ଧାରା ବଜାୟ ରଖିବ ବୋଲି ଆଶା କରୁଛି।

ପ୍ରଥମ ଦୁଇଟି ମ୍ୟାଚ୍‌ରେ ଆମେ ସନ୍ତୋଷଜନକ ଖେଳ ପ୍ରଦର୍ଶନ କରିଛୁ। ଦୁଇଟି ମ୍ୟାଚ୍‌ରୁ ଦଳ ଦୁଇଟିରେ ବିଜୟୀ ହୋଇଛୁ। ଆମେ ଅବଶ୍ୟ ଏହି ମ୍ୟାଚ୍ ଦୁଇଟିରେ ଭଲ ଖେଳିଛୁ, କିନ୍ତୁ ଦଳ ଆହୁରି ଅନେକ ବିଭାଗରେ ଉନ୍ନତି କରିବା ଆବଶ୍ୟକ ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ କହିଛନ୍ତି। ଶୀର୍ଷ ଦଳ ଗୁଡିକ ସହ କ୍ରମାଗତ ମ୍ୟାଚ୍ ଖେଳିବା କଷ୍ଟକର। କିନ୍ତୁ ସୌଭାଗ୍ୟର କଥା ପ୍ରଥମ ଦୁଇଟି ମ୍ୟାଚ୍ ପରେ ଆମକୁ ବିଶ୍ରାମ ମିଳିଛି। ଏବେ ଆମେ ନୂଆ ଉତ୍ସାହ ନେଇ ଏଠାରେ ଶେଷ ଦୁଇଟି ଲିଗ୍ ମ୍ୟାଚ୍ ଖେଳିବୁ ବୋଲି ଫୁଲଟନ କହିଛନ୍ତି।



ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ମଧ ଦମ୍‌ଦାର ବିଜୟ ସହ ତାହାର ଅଭିଯାନ ଆରମ୍ଭ କରିଛି। ଏହି ଚାମ୍ପିଅନ ଦଳ ପ୍ରଥମ ମ୍ୟାଚ୍‌ରେ ସ୍ପେନ୍‌କୁ ୪-୩ ଓ ଦ୍ୱିତୀୟ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୫-୦ ଗୋଲରେ ପରାସ୍ତ କରିଛି। ଏଣୁ ଦଳ ଭାରତକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ଗତଥର ଉଭୟଙ୍କ ମଧ୍ୟରେ ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଦୁଇଟିଯାକ ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ଉଭୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ଏହି ମୁକାବିଲାର ପ୍ରଥମ ମ୍ୟାଚ୍‌ରେ ଭାରତ ୫-୪ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ଦ୍ୱିତୀୟ ମୁକାବିଲାଟି ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଏଥିରେ ନିର୍ଦ୍ଧାରିତ ସମୟ ଖେଳ ୨-୨ ଗୋଲରେ ସମାନସ୍ତରରେ ରହିଥିଲା। ଏହା ପରେ ପେନାଲ୍ଟି ସୁଟ୍‌ଆଉଟରେ ଭାରତ ୪-୩ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଦୁଇଟିଯାକ ମ୍ୟାଚ୍‌ରେ ବିଜୟୀ ହୋଇଥିଲା।

ଏ ସମ୍ପର୍କରେ ଫୁଲଟନଙ୍କ ମତ ହେଲା ଅଷ୍ଟ୍ରେଲିଆ ଏକ ଶକ୍ତିଶାଳୀ ଦଳ। ଏହି ଦଳ ଏଠାରେ କ୍ରମାଗତ ଦୁଇଟି ମ୍ୟାଚ୍ ଜିତି ନିଜ ଦୋଷ ଦୁର୍ବଳତାକୁ ସୁଧାରି ନେଇଛି। ଏଣୁ ଭାରତ ବିପକ୍ଷରେ ଦଳ ମ୍ୟାଚ୍ ଜିତିବାକୁ ନିଶ୍ଚିତ ଚେଷ୍ଟା କରିବ। ପ୍ରଥମ ଦୁଇଟି ମ୍ୟାଚ୍‌ରୁ ଆମକୁ ଅନେକ ଶିକ୍ଷା ମିଳିଛି। ଏହି ମ୍ୟାଚ୍‌ରେ ଆମର ଲକ୍ଷ୍ୟ ହେଲା ପ୍ରଦର୍ଶନରେ ଉନ୍ନତି ଆଣିବା। ବିଜୟ ଧାରା ବଜାୟ ରଖିବା ଆମଲାଗି ଏକ ବଡ଼ ଆହ୍ୱାନ, ଆମେ ତାହାକୁ ପୂରଣ କରିବାକୁ ଚେଷ୍ଟା କରିବୁ ବୋଲି ଫୁଲଟନ କହିଛନ୍ତି।

## ଏଟିପି ମାନ୍ୟତା: ପ୍ରଥମଥର ଶ୍ରେଷ୍ଠ-୧୦୦ରେ ନାଗଲ



ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ଭାରତର ଶ୍ରେଷ୍ଠ ଏକକ ଟେନିସ ଖେଳାଳି ସୁମିତ ନାଗଲ ପ୍ରଥମଥର ପାଇଁ ଏଟିପି ମାନ୍ୟତାର ଶ୍ରେଷ୍ଠ-୧୦୦ରେ ସ୍ଥାନ ପାଇଛନ୍ତି। ସେ ୨୩ଟି ପାହଚ ଉପରକୁ ଉଠି ଲମ୍ବିଡିଆଁ ମାରିବା ସହ ୯୮ ତମ ସ୍ଥାନ ଅଧିକାର କରିଛନ୍ତି। ଚେନ୍ନାଇ ଓପନ ଚ୍ୟାଲେଞ୍ଜର ଜିତିବାପରେ ସେ ଏହି ସଫଳତା ପାଇଛନ୍ତି। ପୁରୁଷ ଏକକରେ ସର୍ବିଆର ନୋଭାକ ଜୋକୋଭିଚ୍ ଶୀର୍ଷ ସ୍ଥାନରେ ରହିଛନ୍ତି। ସେହିପରି ମହିଳା ଏକକରେ ପୋଲାଣ୍ଡର ଇଗା ସ୍ୱିଆଟେକ ନଂ ୧ ସ୍ଥାନ ବଜାୟ ରଖିଛନ୍ତି। ପୁରୁଷ ଯୁଗଳ ମାନ୍ୟତାରେ ଅଭିଜ୍ଞ ରୋହନ ବୋପାନ୍ନା ଶୀର୍ଷ ସ୍ଥାନରେ ରହିଛନ୍ତି।

## ଓଡ଼ିଶା ରାଜ୍ୟସ୍ତରୀୟ ପାରା ସନ୍ତରଣ ଉଦ୍‌ଯାପିତ




ଭୁବନେଶ୍ୱର, ୧୪।୨ (ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ସନ୍ତରଣାଗାରରେ ରାଜ୍ୟସ୍ତରୀୟ ପାରାସନ୍ତରଣ ପ୍ରତିଯୋଗିତା ୨୦୨୪ ଫେବୃଆରୀ ୧୨ ଓ ୧୩ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାଟି ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନ୍ , ରାଜ୍ୟ କ୍ରୀଡା ବିଭାଗର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ବଲାଙ୍ଗିରର ଦିନେଶ ମୋହନ ମାଝୀ ଏସ୍ -୧୦ ବର୍ଗ ରେ ୩ ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ୫୦ମି ଫ୍ରି ଷ୍ଟାଇଲକୁ ୩୧.୧୯ ଅତିକ୍ରମକରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୦୦ମି ଫ୍ରି ଷ୍ଟାଇଲ କୁ ୧:୧୩୬୮ ଅତିକ୍ରମ କରି ଓ ୫୦ମି ବ୍ୟାକ୍ ଷ୍ଟ୍ରୋକକୁ ୩୯.୫୫ ଅତିକ୍ରମ ଅତିକ୍ରମ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ବିବେଚିତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ୯୧ ଜଣ ପାରା ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ସୁଯୋଗ ଦିଆଯିବ।

ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିଅନସିପ୍

## କ୍ୱାର୍ଟରରେ ଭାରତ

କ୍ୱାଲାଲୁମ୍ପୁର, ୧୪।୨ (ଏଜେନ୍ସି)

ମାଲେସିଆରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିଅନସିପ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁରୁଷ ଦଳ ହଂକଂକୁ ୪-୧ରେ ଏବଂ ମହିଳା ଦଳ ୩-୨ ଚୀନକୁ ପରାସ୍ତ କରି ଏହି ସଫଳତା ପାଇଛି। ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ନେତୃତ୍ୱରେ ଖେଳୁଥିବା ଭାରତୀୟ ମହିଳା ଦଳ ପ୍ରଥମଥର ଲାଗି ଟିମ୍ ଇଭେଣ୍ଟରେ ଚୀନକୁ ହରାଇଛି।

ପ୍ରଥମେ ଖେଳାଯାଇଥିବା ମହିଳା ଏକକରେ ସିନ୍ଧୁ ୨୧-୧୭, ୨୧-୧୫ ସିଧାସଳଖ ଗେମ୍‌ରେ ହାନ ୟୁଙ୍କୁ ହରାଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ମହିଳା ଯୁଗଳରେ ଅଶ୍ୱିନି ପୋନାପ୍ପା ଓ ତନିଶା କ୍ରାଷ୍ଟୋ ୧୯-୨୧, ୧୬-୨୧ରେ ଚୀନ ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ। ଫଳରେ ମ୍ୟାଚ୍ ୧-୧'ର ସମାନସ୍ଥିତିକୁ ଆସିଥିଲା। ଏହାପରେ ଅନ୍ୟ ଏକ ମହିଳା ଏକକରେ ଅସ୍ମିତା ଚଲିହା ହାରିଯିବାରୁ ମ୍ୟାଚ୍ ଚୀନ ୨-୧ରେ ଅଗ୍ରଣୀ ରହିଥିଲା। ତେବେ ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଯଥା ମହିଳା ଯୁଗଳରେ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଏବଂ ମହିଳା ଏକକରେ ଅନମୋଲ ଖରବ ଜିତି ହୋଇ ଦଳକୁ ୩-୨ରେ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ଏହାପରେ ଅନୁଷ୍ଠିତ ପୁରୁଷ ଦଳଗତ ବିଭାଗରେ ପ୍ରଥମେ ଅନୁଷ୍ଠିତ ଏକକ ମ୍ୟାଚରେ ଭାରତର ଏଚ୍‌ଏସ୍ ପ୍ରଣୟ ହାରିଯାଇଥିଲେ। କିନ୍ତୁ ପରବର୍ତ୍ତୀ ୪ଟି ମ୍ୟାଚ୍ ଜିତି ଭାରତ ୪-୧ରେ ମ୍ୟାଚକୁ କବ୍‌ଜା କରିନେଇଥିଲା।

ଜାତୀୟ ଉପ କନିଷ୍ଠ ରଗ୍‌ବୀ

## ଓଡ଼ିଶାକୁ ୨ଟି ରୌପ୍ୟ ପଦକ

ଭୁବନେଶ୍ୱର, ୧୪।୨ (ସମିସ): ଗୁଜରାଟର ଗାନ୍ଧିନଗରଠାରେ ଚାଲିଥିବା ଜାତୀୟ ଉପକନିଷ୍ଠ ରଗ୍‌ବୀ ଚାମ୍ପିଅନସିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ରନସ ଅପ୍‌ରେ ସନ୍ତୁଷ୍ଟ ହୋଇ ୨ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଗାନ୍ଧିନଗରର ଆଇଆଇଟି କ୍ୟାମ୍ପସରେ ଫେବୃଆରୀ ୧୩ ଓ ୧୪ ତାରିଖ ଦୁଇ ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଭୟ ବିଭାଗରେ ସମଗ୍ର ଦେଶରୁ ୨୭ଟି ଲେଖାଏଁ ଦଳ ଅଂଶଗ୍ରହଣ କରିଥିଲେ। ରନସ ଅପ୍ ଓଡ଼ିଶା ଦଳକୁ ରାଜ୍ୟ ରଗ୍‌ବୀ ଫୁଟବଲ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।




## ସିକେ ନାଇଡୁ ଟ୍ରଫି: ଓଡ଼ିଶାର ପ୍ରତୀକ୍ଷିତ ବିଜୟ

ଭୁବନେଶ୍ୱର, ୧୪।୨ (ସମିସ)

ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ଗୌହାଟୀରେ ଚାଲିଥିବା ଏଲିଟ୍-ସି ମୁକାବିଲାରେ ଓଡ଼ିଶା ୭ ୱିକେଟ୍‌ରେ ଘରୋଇ ଆସାମକୁ ମାତ୍ ଦେଇ ଏହି ବହୁ ପ୍ରତୀକ୍ଷିତ ବିଜୟ ସ୍ୱାଦ ଚାଖିଛି। ପ୍ରତିଯୋଗିତାରେ ୬ଷ୍ଠ ମୁକାବିଲାରୁ ଓଡ଼ିଶା ୪ ପରାଜୟ ଏବଂ ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୭ ପଏଣ୍ଟ ହାସଲ କରି ୭ମ ସ୍ଥାନରେ ରହିଛି।



ଏହି ମ୍ୟାଚରେ ୧୫୦ ରନରେ ପଛୁଆ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଘରୋଇ ଆସାମ ବୁଧବାର ୪ର୍ଥ ତଥା ଅନ୍ତିମ ଦିବସରେ ୧୮୪ ରନ କରି ଅଲଆଉଟ୍ ହୋଇଯାଇଥିଲା। ଓଡ଼ିଶାର ବାଦଲ ବିଶ୍ୱାଳଙ୍କୁ ୬ ୱିକେଟ୍ ମିଳିଥିଲା। ଫଳରେ ଭ୍ରମଣକାରୀ ଓଡ଼ିଶା ସାମ୍ନାରେ ମାତ୍ର ୩୫ ରନ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ପିଛା କରି ଓଡ଼ିଶା ମଧ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। ପ୍ରଥମ ପାଳିରେ ଶତକ ହାସଲ କରିଥିବା ଅଧିନାୟକ ଅନିଲ ପରିଡ଼ା ୨୪ ଓ ହେମନ୍ତ ନାୟକ ୪ ରନରେ ଅପରାଜିତ ରହିଥିଲେ। ଓମ୍ ଟି ମୁଣ୍ଡେ ୭ ଏବଂ ବିଶ୍ୱ ବିଭବ ମୁଦୁଲି ଓ ଯଜ୍ଞଜିତ୍ ସାହୁ ଖାତା ଖୋଲି ନ ପାରି ଆଉଟ୍ ହୋଇଥିଲେ। ପୂର୍ବରୁ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଆସାମ ପ୍ରଥମ ପାଳିରେ ୨୨୩ ରନରେ ଅଲ୍‌ଆଉଟ୍ ହୋଇଥିଲା। ଓଡ଼ିଶାର ବାଦଲ ବିଶ୍ୱାଳ ୫ ୱିକେଟ୍ ସଫଳତା ପାଇଥିଲେ। ଏହାପରେ ଓଡ଼ିଶା ଅଧିନାୟକ ଅନିଲ (୧୩୬)ଙ୍କ ଶତକ ବଳରେ ୩୭୩ ରନରେ ସୀମିତ ରହିଥିଲା। ମ୍ୟାଚରେ ବାଦଲ ମୋଟ୍ ୧୧ ୱିକେଟ୍ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

# 'ନୂଆ-ଓ' ରାଜ୍ୟସ୍ତରୀୟ କବାଡ଼ି ଉଦ୍‌ଘାଟିତ

ଭୁବନେଶ୍ୱର, ୧୪।୨(ସମିସ)

କଟକସ୍ଥିତ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ବୁଧବାରଠାରୁ 'ନୂଆ-ଓ' ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଯୁଗ୍ମ ସଚିବ ରଞ୍ଜିତ ପରିଡ଼ା, ରାଜ୍ୟ କବାଡ଼ି ସଂଘର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। 'ନୂଆ-ଓ' ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟିତ କରି ମୁଁ ବେଶ୍ ଖୁସି ଅନୁଭବ କରୁଛନ୍ତି। ଅଂଶଗ୍ରହଣକାରୀ ସମସ୍ତ ଦଳର ଖେଳାଳିଙ୍କୁ ସ୍ୱାଗତ କରୁଛି। ଖେଳାଳିମାନେ ପୁରସ୍କାର ପାଇଁ ନୁହେଁ ବଂର କବାଡ଼ିର ଗୌରବ ଓ କ୍ରୀଡ଼ା ମନୋଭାବ ନେଇ ଖେଳନ୍ତୁ। ଏଥିସହ ସମସ୍ତ ଖେଳାଳିଙ୍କ ଶୁଭକାମନା କରୁଛି' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ଏହି ଅବସରରେ କହିଛନ୍ତି।



ପ୍ରଥମେ ବ୍ଲକ ଓ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବାପରେ ଏବେ ଚୂଡ଼ାନ୍ତ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ୩୦ ଜିଲ୍ଲାର ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଚାମ୍ପିଅନ ଦଳକୁ ୨ ଲକ୍ଷ, ରନର୍ସଅପ୍ ଦଳକୁ ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ୩ୟ ଓ ୪ର୍ଥ ସ୍ଥାନରେ ରହିଥିବା ଦଳ ୫୦ ହଜାର ଟଙ୍କା ଲେଖାଏ ପୁରସ୍କାର ପାଇବେ। ଏହାବାଦ୍ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଓଡ଼ିଶା ସରକାରଙ୍କ ପକ୍ଷରୁ ଚାଲିଥିବା ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ୬ଟି ଇଭେଣ୍ଟରୁ ୫ଟି କ୍ରୀଡ଼ା ଶେଷ ହୋଇଯାଇଛି। ଯେଉଁଥିରେ ଫୁଟ୍‌ବଲ, କ୍ରିକେଟ୍, ଖୋ-ଖୋ, ଭଲିବଲ୍, ଚେସ୍ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। କେବଳ କବାଡ଼ି ପ୍ରତିଯୋଗିତାର ରାଜ୍ୟସ୍ତରୀୟ ପ୍ରତିଯୋଗିତା ବାକି ରହିଥିଲା। ଆସନ୍ତା ୧୮ ତାରିଖରେ ଏହା ଉଦ୍‌ଯାପିତ ହେବ।

## ସ୍ୱର୍ଣ୍ଣ ବିଜୟିନୀ ସାଗରିକାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୪।୨ (ସମିସ)

ରାଜସ୍ଥାନରେ ଅନୁଷ୍ଠିତ ଜାତୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ କଟକର ଝାନ୍ସିରାଣୀ ସାଗରିକା ନାୟକ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସେ ବରିଷ୍ଠ ପୁମ୍‌ସି ଇଭେଣ୍ଟରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଏହି ସଫଳତା ଲାଗି ଓଡ଼ିଶା ଟାଏକ୍ୱୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟପକ୍ଷରେ କଟକ ଜିଲ୍ଲା ଟାଏକ୍ୱୋଣ୍ଡୋ ସଭାପତି ନିଶାର ଅହମ୍ମଦ୍, ଉପସଭାପତି ପ୍ରଶାନ୍ତ ସାହୁ, ସମ୍ପାଦକ ଅଭିଷେକ ସାହୁ ଏକ ସ୍ୱତନ୍ତ୍ର ଉତ୍ସବରେ ସାଗରିକାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେ ଅଧିକରୁ ଅଧିକ ପଦକ ଜିତି ଓଡ଼ିଶା ତଥା କଟକର ଗୌରବ ବଢ଼ାଇବାକୁ କର୍ମକର୍ତ୍ତାମାନେ ଆହ୍ୱାନ ଦେଇଛନ୍ତି।



# ଟି-୨୦ ବିଶ୍ୱକପ୍‌ରେ ଭାରତର ନେତୃତ୍ୱ ନେବେ ରୋହିତ

ରାଜକୋଟ, ୧୪।୨(ଏଜେନ୍ସି)

ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ରୋହିତ ଶର୍ମା ଭାରତର ନେତୃତ୍ୱ ନେବେ। ଏ ସମ୍ପର୍କରେ ବିସିସିଆଇ ସମ୍ପାଦକ ଜୟ ଶାହ ଏଠାରେ ଅନୁଷ୍ଠିତ ଏକ ଉତ୍ସବରେ ପ୍ରକାଶ କରିଛନ୍ତି। ଏହା ଫଳରେ ଟି-୨୦ ବିଶ୍ୱକପ୍‌ରେ ଭାରତର ନେତୃତ୍ୱ ନେବା ଲାଗି ଯେଉଁ କଳ୍ପନା ଜଳ୍ପନା ଚାଲିଥିଲା ତାହାର ଅନ୍ତଃଘଟିଛି। ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ଆମେ ୧୦ଟି ମ୍ୟାଚ୍ ଜିତିବା ପରେ ଅହମ୍ମଦାବାଦ୍‌ରେ ଖେଳାଯାଇଥିବା ଫାଇନାଲରେ ପରାଜିତ ହୋଇଥିଲୁ। ମୁଁ ଆପଣମାନଙ୍କ ନିକଟରେ ପ୍ରତିଜ୍ଞା କରୁଛି, ୨୦୨୪ ଜୁନ୍ ୩୦ ତାରିଖ ବାର୍ବାଡୋସ୍‌ରେ ଖେଳାଯିବାକୁ ଥିବା ଟି-୨୦ ଫାଇନାଲରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଟ୍ରଫି ହାସଲ କରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଉତ୍ସବରେ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ରୋହିତ ଶର୍ମା, ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର, ଆଇପିଏଲ୍ ଅଧ୍ୟକ୍ଷ ଅରୁଣ ଧୁମାଲ, କ୍ରିକେଟ କିମ୍ବଦନ୍ତୀ ସୁନୀଲ ଗାଭାସ୍କର, ଅନୀଲ କୁମ୍ବଲେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଦ ଲାଗି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଅନ୍ୟତମ ଦାବିଦାର ରହିଥିଲେ। ଦିନିକିଆ ବିଶ୍ୱକପ୍ ଫାଇନାଲରେ ପରାଜିତ ହେବା ପରେ ରୋହିତ ପ୍ରଥମଥର ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍‌ରେ ଖେଳିଥିଲେ। ଏହା ପରେ ସେ ଭାରତର ନେତୃତ୍ୱ ନେଇଆସୁଛନ୍ତି।

# ଶିଶୁ କ୍ରିକେଟ ପ୍ରତିଭା ଆଦଭିକ୍‌ଙ୍କୁ ଓସିଏର ସ୍ୱତନ୍ତ୍ର ଉପହାର

ଭୁବନେଶ୍ୱର, ୧୪।୨(ସମିସ)

ପୁରୀ ଜିଲ୍ଲାର ଶିଶୁ କ୍ରିକେଟର ଆଦଭିକ୍ ଜେନାଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ତରଫରୁ ଟୋକନ ଅଫ୍ ଆପ୍ରିସିଏସନ ଅର୍ଥାତ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। ୬ ବର୍ଷୀୟ ଆଦଭିକ୍ ନିଜର କଳାତ୍ମକ କ୍ରିକେଟ ପ୍ରତିଭା ପାଇଁ ଇଣ୍ଟରନେଟ୍‌ରେ ଛାଇ ହୋଇଯାଇଛନ୍ତି। ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍ ଓ ୟୁଟ୍ୟୁବ୍‌ରେ ତାଙ୍କ ବ୍ୟାଟିଂ ବେଶ୍ ଭାଇରାଲ ହୋଇଛି। ୟୁଜରମାନେ ତାଙ୍କ ବ୍ୟାଟିଂ କଳାକୌଶଳକୁ ପସନ୍ଦ କରିଛନ୍ତି।



ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓସିଏ ବୈଷୟିକ ନିର୍ଦ୍ଦେଶକ ଭି ଭେଙ୍କଟରମଣ, ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବ୍ରତ ବେହେରା ସମ୍ମାନିତ କରିବା ସହ ତାଙ୍କୁ ଉତ୍ସାହତି କରିବା ପାଇଁ ଏକ କ୍ରିକେଟ କିଟ୍ ପ୍ରଦାନ କରିଥିଲେ। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଆଦଭିକ ଓ ତାଙ୍କ ପିତାଙ୍କ ସହ ପରିଚିତ ହେବା ସହ କଥା ହୋଇଥିଲେ। ତାଙ୍କୁ କ୍ରିକେଟର ଭାବେ ଗଢି ତୋଳିବା ପାଇଁ ଓସିଏ ସବୁପ୍ରକାର ସହୟତା ପ୍ରଦାନ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

## ତୃତୀୟ ଟେଷ୍ଟରେ ପଦାର୍ପଣ କରିବେ ସର୍ଫରାଜ, ଜୁରେଲ

# ଭାରତୀୟ ବ୍ୟାଟର-ଇଂଲଣ୍ଡ ସ୍ପିନର



ଧ୍ରୁବ ଜୁରେଲ



ସର୍ଫରାଜ ଖାନ୍ ଓ ଯଶସ୍ୱୀ ଜୟସ୍ୱାଲ

ରାଜକୋଟ, ୧୪।୨(ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ପରେ ଉଭୟ ଦଳ ୧-୧ ବରାବର ସ୍ଥିତିରେ ରହିଛନ୍ତି। ହାଇଦରାବାଦ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଇଂଲଣ୍ଡ ଓ ବିଶାଖାପାଟଣାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଭାରତ ବିଜୟୀ ହେବା ପରେ ଏହି ସିରିଜ୍‌ରେ ଉତ୍କଣ୍ଠା ବଢ଼ିଯାଇଛି। ଭାରତ ନିକଟରେ ଅଭିଜ୍ଞ ବ୍ୟାଟରଙ୍କ ଅଭାବ ରହିଛି। ଯେଉଁମାନେ ବର୍ତ୍ତମାନ ଦେଶକୁ ପ୍ରତିନିଧିତ୍ୱ କରୁଛନ୍ତି, ସେମାନେ ଏବେ ନୂଆ କରି ଟେଷ୍ଟ କ୍ରିକେଟକୁ ଉପଭୋଗ କରିବା ଆରମ୍ଭ କରିଛନ୍ତି। ତାରକା ବ୍ୟାଟର ବିରାଟ କୋହଲି, ଆହତ ଲୋକେଶ ରାହୁଲ ଓ ଶ୍ରେୟସ ଆୟରଙ୍କ ଅନୁପସ୍ଥିତି ଯୁବ ବ୍ୟାଟରଙ୍କୁ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ଦେଇଛି। ଯାହା ଫଳରେ ସର୍ଫରାଜ ଖାନ୍ ଓ ଧ୍ରୁବ ଜୁରେଲଙ୍କୁ ପଦାର୍ପଣ କରିବା ରାସ୍ତା ପରିଷ୍କାର ହୋଇଯାଇଛି। ସ୍ପିନ ବୋଲିଂକୁ ସହାୟତା ଦେଉଥିବା ରାଜକୋଟର ଏହି ପିଚ୍‌ରେ ଭାରତୀୟ ଯୁବ ବ୍ୟାଟର ଓ ଭାରତରେ ପ୍ରଭାବ ବିସ୍ତାର କରିଥିବା ଇଂଲଣ୍ଡ ସ୍ପିନରଙ୍କ ମଧ୍ୟରେ ଜୋରଦାର ମୁକାବିଲା ହେବା ସ୍ପଷ୍ଟ ହୋଇଛି। ଅବଶ୍ୟ ତୃତୀୟ ଟେଷ୍ଟ ଲାଗି ଜଣେ ସ୍ପିନର ସୋଏବ ବସିରଙ୍କୁ ହଟାଇ ଇଂଲଣ୍ଡ ତାଙ୍କ ସ୍ଥାନରେ ଫାଷ୍ଟ ବୋଲର ମାର୍କ ଉଡ୍‌ଙ୍କୁ ସାମିଲ କରିଛି।

**ଖେଳ ଆରମ୍ଭ: ସକାଳ ୯ଟା୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮ , ଜିଓ ସିନେମା**

ଏହି ଟେଷ୍ଟ ଅନେକ ଖେଳାଳିଙ୍କ ଲାଗି ସ୍ମରଣୀୟ ହୋଇ ରହିବ। ଏଠାରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ନିଜ ଦେଶର ୩୪ତମ ଖେଳାଳି ଭାବେ ୧୦୦ତମ ଟେଷ୍ଟ ମ୍ୟାଚ୍ ଖେଳିବେ। ଏହି ଦଳର ୪୨ ବର୍ଷୀୟ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନ୍ ଆଉ ୫ଟି ୱିକେଟ ନେଲେ ଟେଷ୍ଟ କ୍ରିକେଟରେ ୭୦୦ ୱିକେଟ ପୂରଣ କରିବେ। ସେହିପରି ଭାରତର ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ୫୦୦ ୱିକେଟ କ୍ଲବ୍‌ରେ ସାମିଲ ହେବାକୁ ଆଉ ମାତ୍ର ଗୋଟିଏ ୱିକେଟ ଆବଶ୍ୟକ। ଏହା ଛଡ଼ା ସର୍ଫରାଜ ଖାନ୍ ଓ ୱିକେଟ ରକ୍ଷକ ଧ୍ରୁବ ଜୁରେଲ ଯଦି ଏଠାରେ ଖେଳନ୍ତି, ତେବେ ୨୦୧୨-୧୩ ଅଷ୍ଟ୍ରେଲିଆ ସିରିଜ୍ ପରେ ପ୍ରଥମଥର ଗୋଟିଏ ଟେଷ୍ଟରେ ଭାରତ ପକ୍ଷରୁ ଦୁଇଜଣ ଖେଳାଳି ପଦାର୍ପଣ କରିବାର ସୁଯୋଗ ପାଇବେ। ଏଭଳି ମୁକାବିଲାକୁ ଦୁଇ ଦେଶର ତାରକା ବ୍ୟାଟର ତଥା ଫର୍ମରେ ନ ଥିବା ରୋହିତ ଶର୍ମା ଓ ଜୋ ରୁଟ କିପରି ଅଧିକ ସ୍ମରଣୀୟ କରିପାରିବେ ତାହା ଦେଖିବାକୁ ବାକି ରହିଲା।

### ଜାଡେଜାଙ୍କ ପ୍ରତ୍ୟାବର୍ତ୍ତନରେ ଭାରତକୁ ଫାଇଦା

ଭିନ୍ନି କାରଣରୁ ତାରକା ବ୍ୟାଟରଙ୍କ ଅନୁପସ୍ଥିତିରେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ ଭାରତକୁ ଆଶ୍ୱସ୍ତି ଦେଇଛି। ନିମ୍ନ ମଧ୍ୟଭାଗରେ ଜାଡେଜା ଜଣେ ପ୍ରତିଷ୍ଠିତ ବ୍ୟାଟର। ଆଉ ଏକ ଭଲ କଥା ହେଲା ଏଠାରେ ଅଧିକାଂଶ ଘରୋଇ କ୍ରିକେଟ ଖେଳିଥିବା ଜାଡେଜା ପିଚ୍ ଓ ପରିବେଶ ସହ ବେଶ ପରିଚିତ। ମଧ୍ୟଭାବେ ଅନଭିଜ୍ଞ ଓ ଫର୍ମରେ ନ ଥିବା ବ୍ୟାଟରଙ୍କ ଉପରେ ଭରସା କରାଯାଇ ପାରୁନାହିଁ। ଏଣୁ ଜାଡେଜାଙ୍କ ଉପସ୍ଥିତି ନିଶ୍ଚିତ ଭାବେ ଭାରତକୁ ଫାଇଦାରେ ରଖିବ। ସର୍ଫରାଜ ଖାନ୍‌ଙ୍କ ପଦାର୍ପଣ ନିଶ୍ଚିତ ହୋଇଥିଲାବେଳେ ୱିକେଟ ରକ୍ଷକ ଭାବେ ଶ୍ରୀକର ଭରତଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କର ଖେଳିବା ସମ୍ଭାବନା ଅଧିକ। ଉଭୟ ୱିକେଟରକ୍ଷା ଓ ବ୍ୟାଟିଂରେ ଜୁରେଲ ଭଲ ଫର୍ମରେ ଅଛନ୍ତି। ଏମାନେ ଭଲ ଖେଳିବେ ବୋଲି ଆଶା କରାଯାଉଛି।

### ଭଲ ସ୍ଥିତିରେ ଇଂଲଣ୍ଡ

ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଭ୍ରମଣକାରୀ ଇଂଲଣ୍ଡ ଭଲ ସ୍ଥିତିରେ ରହିଛି। ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱରେ ଦଳ ତାହାର ଆକ୍ରମଣାତ୍ମକ ଖେଳ ଜାରି ରଖିବ ବୋଲି ସ୍ପଷ୍ଟ କରିଛି। ଦଳ ମଧ୍ୟ ଏହି ମ୍ୟାଚ୍ ଲାଗି ଗୋଟିଏ ଦିନ ଆଗରୁ ଚୂଡାନ୍ତ ଏକାଦଶ ଖେଳାଳିଙ୍କ ନାମ ଘୋଷଣା କରିସାରିଛି। ବିଶାଖାପାଟଣାରେ ଖେଳିଥିବା ଦଳରୁ ଅଫ୍ ସ୍ପିନର ସୋଏବ ବସିରଙ୍କ ସ୍ଥାନରେ ଫାଷ୍ଟ ବୋଲର ମାର୍କ ଉଡ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ହାଇଦରାବାଦ୍‌ରେ ଖେଳିଥିବା ଇଂଲଣ୍ଡ ଦଳରେ କେବଳ ଏକମାତ୍ର ପରିବର୍ତ୍ତନ କରାଯାଇଛି।

### ଖେଳାଳି ଦଳ

**ଭାରତ (ସମ୍ଭାବ୍ୟ):** ରୋହିତ ଶର୍ମା (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ୍, ରଜତ ପଟିଦାର, ସର୍ଫରାଜ ଖାନ୍, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ/ ଶ୍ରୀକର ଭରତ (ୱିକେଟରକ୍ଷକ), ରବିଚନ୍ଦ୍ରନ ଅଶ୍ୱିନ, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜ।

**ଇଂଲଣ୍ଡ ଏକାଦଶ:** ବେନ୍ ଷ୍ଟୋକ୍ସ (ଅଧିନାୟକ), ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ଜନ୍ନି ବେୟାରଷ୍ଟୋ, ବେନ୍ ଫୋକ୍ସ (ୱିକେଟରକ୍ଷକ), ରେହାନ ଅହମ୍ମଦଥ, ଟମ୍ ହାର୍ଟଲୀ, ମାର୍କ ଉଡ୍ ଓ ଜେମ୍ସ ଆଣ୍ଡରସନ।

# ପୁଣି ଆନ୍ଦୋଳନ କରିବେ ସାକ୍ଷୀ, ବଜରଙ୍ଗ

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଉପରୁ ୟୁନାଇଟେଡ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ମଙ୍ଗଳବାର ନିଲମ୍ବନ ଉଠାଇଛି। ତେବେ ଏହାକୁ ଅଲିମ୍ପିକ୍ସ ପଦକ ହାସଲ କରିଥିବା କୁସ୍ତିଯୋଦ୍ଧା ସାକ୍ଷୀ ମଲିକ୍ ଓ ବଜରଙ୍ଗ ପୁନିଆ ବିରୋଧ କରିଛନ୍ତି। ଦରକାର ପଡ଼ିଲେ ବିରୋଧ ତଥା ଆନ୍ଦୋଳନ କରିବାକୁ ସେମାନେ ପୁଣି ଧମକ ଦେଇଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ଚତୁରତାର ସହ ଏହି ନିଲମ୍ବନ ଉଠାଇବାରେ ସଫଳ ହୋଇଛି। ଏଥିରେ ଡବ୍ଲ୍ୟୁଏଫ୍‌ଆଇ କପଟତା ଅବଲମ୍ବନ କରିଛି ବୋଲି ଦୁହେଁ ଅଭିଯୋଗ ଆଣିଛନ୍ତି। ୟୁଡବ୍ଲ୍ୟୁଡବ୍ଲ୍ୟୁ ନିଲମ୍ବନ ଉଠାଇବା ସହ କେତୋଟି ସର୍ତ୍ତ ରଖିଥିଲା। ବିରୋଧ ପ୍ରଦର୍ଶନ ଲିପ୍ତଥିବା କୁସ୍ତିଯୋଦ୍ଧା ଯଥା ସାକ୍ଷୀ, ବଜରଙ୍ଗ ଓ ଭିନେଶ ଫୋଗଟଙ୍କ ସହ କୌଣସି ବୈମାତୃକ ମନୋଭାବ ପୋଷଣ ନ କରିବାକୁ ୟୁଡବ୍ଲ୍ୟୁଡବ୍ଲ୍ୟୁ ଡବ୍ଲ୍ୟୁଏଫ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲା।

## ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍: ଲଢ଼େଇ କରି ହାରିଲା ଭାରତ

# ନେଦରଲାଣ୍ଡସ ୧୦ରୁ ୧୦ ବିଜୟ

ରାଉରକେଲା/ଭୁବନେଶ୍ୱର ୧୪।୨(ସମିସ)

ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍‌ର ଏକ ମ୍ୟାଚରେ ଘରୋଇ ଭାରତ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ୧-୦ ଗୋଲରେ



ବିଶ୍ୱର ଏକ ନମ୍ବର ଦଳ ନେଦରଲାଣ୍ଡସ ନିକଟରୁ ପରାସ୍ତ ହୋଇଛି। ଫଳରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ କଳିଙ୍ଗ ଷ୍ଟାଡିୟମ ଓ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳାଯାଇଥିବା ଉଭୟ ମ୍ୟାଚରେ ନେଦରଲାଣ୍ଡସ ନିକଟରୁ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଏଥିପୂର୍ବରୁ ଭାରତୀୟ ମହିଳା ଦଳ ଫେବୃଆରୀ ୪ରେ କଳିଙ୍ଗ ଷ୍ଟାଡିୟମରେ ୩-୧ ଗୋଲରେ ନେଦରଲାଣ୍ଡସ ନିକଟରୁ ହାରିଯାଇଥିଲା। ଅପରପକ୍ଷରେ ନେଦରଲାଣ୍ଡସ ଏହାର ଅପରାଜେୟ ଧାରାକୁ ଜାରି ରଖି ୧୦ମ ମୁକାବିଲାରୁ ୧୦ମ ବିଜୟ ଲାଭ କରିଛି। ଭାରତୀୟ ମହିଳା ଦଳ ପରବର୍ତ୍ତୀ ମ୍ୟାଚରେ ଶନିବାର ଏଠାରେ ଅଷ୍ଟ୍ରେଲିଆକୁ ଭେଟିବ। ରାଉରକେଲାରେ ବୁଧବାର ରାତିରେ ବିଶ୍ୱର ଶୀର୍ଷ ମାନ୍ୟତା ଦଳ ନେଦରଲାଣ୍ଡସକୁ ୯ମ ସ୍ଥାନରେ ଥିବା ଭାରତ ଆରମ୍ଭରୁ କଡ଼ା ଟକ୍କର ଦେଇଥିଲା। ଫଳରେ ପ୍ରଥମ କ୍ୱାର୍ଟରରେ କେହି କାହାରିକୁ ଗୋଲ୍ ଦେଇ ପାରି ନ ଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟରରେ ଶକ୍ତିଶାଳୀ ନେଦରଲାଣ୍ଡସ ଗୋଲ୍‌ସ୍କୋର ଖାତା ଖୋଲିବାରେ ସଫଳ ହୋଇଥିଲା। ମ୍ୟାଚର ୨୭ତମ ମିନିଟ୍‌ରେ ଫେଲିସେ ଆଲ୍‌ବରେସ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ନେଦରଲାଣ୍ଡସକୁ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ ଓ ୪ର୍ଥ କ୍ୱାର୍ଟରରେ ଭାରତୀୟ ମହିଳା ହକି ଦଳ ଆହୁରି ଲଢୁଆ ପ୍ରଦର୍ଶନ କରିଥିଲା। ଫଳରେ ନେଦରଲାଣ୍ଡସ ବଡ଼ ଅଗ୍ରଣୀ ନେବାରେ ବିଫଳ ହୋଇଥିଲା। ଏହି ଦୁଇ କ୍ୱାର୍ଟରରେ ନେଦରଲାଣ୍ଡସ ମୋଟ୍ ୫ଟି ପେନାଲ୍ଟି କର୍ଣ୍ଣର ପାଇଥିଲା। କିନ୍ତୁ ଭାରତୀୟ ଗୋଲ୍‌ରକ୍ଷକଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଗୋଟିଏ ହେଲେ ଗୋଲରେ ରୂପାନ୍ତରିତ କରିପାରି ନ ଥିଲା। ଭାରତ ମଧ୍ୟ ୩ୟ କ୍ୱାର୍ଟରରେ ୫ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଏହାର ଫାଇଦା ଉଠାଇପାରି ନ ଥିଲା। ନେଦରଲାଣ୍ଡସ ୧୦ମ ବିଜୟ ସହ ୩୦ ପଏଣ୍ଟ ପାଇ ଟେବଲରେ ଏକକ ଅଗ୍ରଣୀ ହାସଲ କରିଛି। ସେହିଭଳି ଭାରତ ୬ଷ୍ଠ ମ୍ୟାଚରୁ ୫ମ ପରାଜୟ ଓ ଗୋଟିଏ ବିଜୟ ସହ ୩ ପଏଣ୍ଟ ପାଇ ୫ମ ସ୍ଥାନରେ ରହିଛି।

### ଚୀନକୁ ହରାଇଲା ଅଷ୍ଟ୍ରେଲିଆ

ଏଥିପୂର୍ବରୁ ସନ୍ଧ୍ୟାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଅଷ୍ଟ୍ରେଲିଆ ମହିଳା ଦଳ ୨-୦ ଗୋଲରେ ଚୀନକୁ ହରାଇଦେଇଛି। ଅଷ୍ଟ୍ରେଲିଆର ଏହା ୫ମ ମ୍ୟାଚରୁ ୩ୟ ବିଜୟ ଥିଲା। ଦଳ ୯ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛି। ସେହିଭଳି ଚୀନ ୬ଷ୍ଠ ମ୍ୟାଚରୁ ୪ର୍ଥ ପରାଜୟ ସତ୍ତ୍ୱେ ୧୨ ପଏଣ୍ଟ ପାଇ ୨ୟ ସ୍ଥାନରେ ଅପରିବର୍ତ୍ତିତ ରହିଛି।

### ହୃଦ୍‌ଘାତ୍‌ରେ ପାକିସ୍ତାନ କନିଷ୍ଠ ମହିଳା ଖେଳାଳି ମୃତ

ଇସ୍‌ଲାମାବାଦ୍, ୧୪।୨(ଏଜେନ୍ସି): ଏକ ଆଇଟିଏଫ୍ କନିଷ୍ଠ ଇଭେଣ୍ଟ ଖେଳିବା ଅବସରରେ ଜଣେ ପାକିସ୍ତାନ ସ୍ୱଳ୍ପ ବୟସ୍କ ମହିଳା ଟେନିସ ଖେଳାଳି ମୃତ୍ୟୁବରଣ କରିଛନ୍ତି। ୧୭ ବର୍ଷୀୟା ଜାଇନାବ ଅଲି ନକ୍‌ଭି ନିଜ କୋଠରୀରେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଜାଇନାମ ଜଣେ ପରିଶ୍ରମୀ ତଥା ଉଦୀୟମାନ ଖେଳାଳି ଥିଲେ ବୋଲି ପାକିସ୍ତାନ ଟେନିସ ସଂଘ (ପିଟିଏଫ୍) ତରଫରୁ ସୂଚନା ଦିଆଯାଇଛି। ହୃଦ୍‌ଘାତ ହେବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ପିଟିଏଫ୍ ଅଧ୍ୟକ୍ଷ ଏଇସାମ ଉଲ ହକ୍ କୁରେସି ଜାଇନାବଙ୍କ ପରଲୋକରେ ଶୋକ ଜାହିର କରିଛନ୍ତି।




# ଦ୍ୱିତୀୟ ଟେଷ୍ଟ: ଦକ୍ଷିଣ ଆଫ୍ରିକା ଅଗ୍ରଣୀ

ହାମିଲଟନ, ୧୪।୨(ଏଜେନ୍ସି)

ସ୍ଥାନୀୟ ସେଡନ ପାର୍କରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମ ପାଳିରେ ୯୭.୨ ଓଭରରେ ୨୪୨ ରନକରି ଅଲଆଉଟ ହୋଇଛି। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ପାଳି ଆରମ୍ଭ କରି ବୁଧବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୭୭.୩ ଓଭରରେ ୨୧୧ ରନକରି ଅଲଆଉଟ ହୋଇଛି। ଫଳରେ ଦକ୍ଷିଣ ଆଫ୍ରିକା ୩୧ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଦ୍ୱିତୀୟ ଦିବସରେ ୧୪ଟି ୱିକେଟର ପତନ ହୋଇଥିଲା।

ଅସମାପ୍ତ ପ୍ରଥମ ପାଳି ସ୍କୋର ୨୨୦/୬ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ବୁଧବାର ଅଲଆଉଟ ହୋଇଥିଲା। ଅପରାଜିତ ଥିବା ବ୍ୟାଟର ରୁଆଟ ଡି ସ୍ୱାର୍ଟ ୫୫ରୁ ଖେଳ ଆରମ୍ଭ କରି ୬୪ ଓ ଶନ୍ ଭୋନ ବର୍ଗ ୩୪ରୁ ଖେଳ ଆରମ୍ଭ କରି ୩୮ ରନକରି ୱିଲିୟମ ଓ’ରାଉର୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ଡେନ୍ ପିଟ୍ ୪ ରନ, ଡେନ୍ ପିଟରସନ ଶୂନରେ ଆଉଟ ହୋଇଥିବା ବେଳେ ଶେପୋ ମୋରେକି ୪ ରନକରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ୱିଲିୟମ ଓ’ରାଉର୍କ ସର୍ବାଧିକ ୪, ରଚିନ ରବୀନ୍ଦ୍ର ୩, ଟିମ ସାଉଦି, ମ୍ୟାଟ ହେନେରୀ ଓ ନେଲ ୱାଗନର ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।



ଡେନ୍ ପିଟ୍

### ଡେନ୍ ପିଟ୍‌ଙ୍କୁ ୫, ପିଟରସନଙ୍କୁ ୩ ୱିକେଟ

ଦ୍ୱିତୀୟ ପାଳିରେ ନ୍ୟୁଜିଲାଣ୍ଡ ମାମୁଲି ପ୍ରଦର୍ଶନ କରି ମାତ୍ର ୨୧୧ ରନରେ ଅଲଆଉଟ ହୋଇଥିଲା। ଦଳ ତରଫରୁ ଅଭିଜ୍ଞ କେନ୍ ୱିଲିୟମସନ ୪୩, ଟମ୍ ଲାଥମ ୪୦, ୱିଲ ୟଙ୍ଗ ୩୬, ନେଲ ୱାଗନର ୩୩, ରଚିନ ରବୀନ୍ଦ୍ର ୨୯ ରନକରି ଆଉଟ ହୋଇଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଲେଗ୍ ସ୍ପିନର ଡେନ୍ ପିଟ୍ ସର୍ବାଧିକ ୫ ଓ ଡେନ୍ ପିଟରସନ ୩, ଶେଫା ମୋରେକି ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟରେ ୧୮୧ ରନରେ ବିଜୟୀ ହୋଇ ନ୍ୟୁଜିଲାଣ୍ଡ ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଥିଲା।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର